ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୨୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 23/2025 | Page 16 | ₹ 7.00

୫୧ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 91 | ମୂଲ୍ୟ ₹୭/-

ବିବାହକଲେ ନର୍ଗିସ୍ ଫକ୍ରି

ଅଭିନେତ୍ରୀ ନର୍ଗିସ୍ ଫକ୍ରି ତାଙ୍କ ଦୀର୍ଘ ଦିନର ବୟଫ୍ରେଣ୍ଡ ତଥା ବିଜ୍‌ନେସମ୍ୟାନ ଟୋନି ବେଗ୍‌ଙ୍କୁ ବିବାହ କରିଥିବା ନେଇ ଅନେକ ରିପୋର୍ଟ ପ୍ରକାଶ ପାଇଛି।

୧୧

୧୬

ଦୀପିକାଙ୍କ ଗୋଲ୍‌ରେ ଭାରତ ବିଜୟୀ

ମହିଳା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଦୀପିକାଙ୍କ ଏକମାତ୍ର ଗୋଲ୍ ବଳରେ ଭାରତ ଜର୍ମାନୀକୁ ହରାଇ ଦେଇଛି।

ଋଣର ସୁଧ ଫେରାଇବେ ସରକାର

ଏସ୍‌ଏଚ୍‌ଜି ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

ଭୁବନେଶ୍ୱର ଜନତା ମଇଦାନରେ ଶନିବାର ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ମିଶନ ଶକ୍ତି ବିଭାଗ କମିଶନର ଶାଲିନୀ ପଣ୍ଡିତ।

ଭୁବନେଶ୍ୱର, ୨୨।୨ (ବନ୍ଦନା ସେଠୀ)

ଓଡ଼ିଶାରେ ଭାଜପା କ୍ଷମତାସୀନ ହେବା ପରଠୁ ମହିଳା ସଶକ୍ତୀକରଣ ଦିଗରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇଚାଲିଛନ୍ତି। ଏହି କ୍ରମରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକର ଋଣ ଉପରେ ସୁଧ ଫେରସ୍ତ କରାଯିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ତଦନୁଯାୟୀ ରାଜ୍ୟର ୩ ଲକ୍ଷରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜିକୁ ୧୦ ଲକ୍ଷ ଟଙ୍କାର ଋଣ

- ଦୁଇଗୁଣା ହେଲା ରିଭଲ୍‌ଭିଂ ଫଣ୍ଡ୍, କମ୍ୟୁନିଟି ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ୍ ୬୦ଲକ୍ଷକୁ ବୃଦ୍ଧି
- ସୁଭଦ୍ରା ମେଳା ନାରୀ ଶକ୍ତି ବିକାଶର ପ୍ରତୀକ: ଉପମୁଖ୍ୟମନ୍ତ୍ରୀ

ଉପରେ ସୁଧ ବାବଦରେ ୩୦୦ କୋଟି ଟଙ୍କା ଫେରାଇ ଦିଆଯିବ। ଜନତା ମଇଦାନରେ ସୁଭଦ୍ରା ମା'ମାନଙ୍କ ଅନ୍ତର୍ନିହିତ ଶକ୍ତିର ଜାଗରଣ ପାଇଁ ଉଦ୍ଦିଷ୍ଟ 'ସୁଭଦ୍ରା ଶକ୍ତି ମେଳା'କୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଲକ୍ଷପତି ଦିଦି' ସୃଷ୍ଟି ଅଭିଯାନ ଦ୍ୱାରା ଅନୁପ୍ରାଣିତ ହୋଇ ରାଜ୍ୟ ସରକାର ଏହି ସୁଧ ଫେରସ୍ତ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ୩ ବର୍ଷରେ 'ଲକ୍ଷପତି ଦିଦି ସହାୟିକା ଯୋଜନା'ରେ ୨.୫ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରିବା ☞ପୃଷ୍ଠା-୪

ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ ପ୍ରମୁଖ ସଚିବ ହେଲେ ଶକ୍ତିକାନ୍ତ



ଶକ୍ତିକାନ୍ତ ଦାସ

ନୂଆଦିଲ୍ଲୀ,୨୨।୨(ପି.ଟି.)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ତଥା ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଅଫିସର ଶକ୍ତିକାନ୍ତ ଦାସଙ୍କୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପ୍ରମୁଖ ସଚିବ ନିଯୁକ୍ତ କରାଯାଇଛି। ବର୍ତ୍ତମାନ ଅନ୍ୟତମ ଓଡ଼ିଆ ତଥା ଗୁଜରାଟ କ୍ୟାଡରର ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପି.କେ. ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସରକାରୀ ନିର୍ଦ୍ଦେଶନାମା ☞ପୃଷ୍ଠା-୪



ମୋଦିଙ୍କ ପାଖକୁ ଯାଇଛି ୨୧ ନିୟୁତ ଡଲାର: ଟ୍ରମ୍ପ୍

ଶ୍ୱେତପତ୍ର ଦାବି କଲା କଂଗ୍ରେସ

ନ୍ୟୁୟର୍କ/ନୂଆଦିଲ୍ଲୀ,୨୨।୨ (ଏଜେନ୍ସି/ପିଟି)

ଭାରତରେ ମତଦାନ ହାର ବୃଦ୍ଧି ପାଇଁ ଆମେରିକାରୁ ଆସିଥିବା ୨୧ ନିୟୁତ ଡଲାର (୧୮୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା) ସହାୟତାକୁ ନେଇ ଦେଶରେ ବିବାଦ ମୁଣ୍ଡ ଟେକିଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଏହି ପ୍ରସଙ୍ଗ ଉପରେ ଚତୁର୍ଥ ଥର ମୁହଁ ଖୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ଧରିଛନ୍ତି। ଟ୍ରମ୍ପ୍ କହିଛନ୍ତି, ଭାରତରେ ଭୋଟର ଟର୍ନଆଉଟ୍ ପାଇଁ ଆମେ ୨୧ ନିୟୁତ ଡଲାର ଦେଇଛୁ। ଏହି ଅର୍ଥ ୟୁନାଇଟେଡ୍ ଷ୍ଟେଟ୍ସ

ଡୋନାଲ୍ଡ ଟ୍ରମ୍ପ

ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ୍‌ସ (ୟୁଏସ୍‌ଏଆଇଡି)ରୁ ମୋ ବନ୍ଧୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଯାଇଛି। ଆମେରିକାରେ ମଧ୍ୟ ମତଦାନ ☞ପୃଷ୍ଠା-୧୩

ଅଷ୍ଟ୍ରେଲିଆ-ଇଂଲଣ୍ଡ ମ୍ୟାଚ୍ ପୂର୍ବରୁ ବାଜିଲା 'ଜନ ଗଣ ମନ'

ଆଇସିସି ଚାମ୍ପିୟନ୍ସ ଟ୍ରଫି

ଲାହୋର, ୨୨।୨

ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଦୁବାଇଠାରେ ଭାରତ ବନାମ ପାକିସ୍ତାନ ମୁକାବିଲା ଆଉ ଗୋଟିଏ ଦିନ ବାକିଥିବା ବେଳେ ଶନିବାର ସ୍ଥାନୀୟ ଗଦ୍ଦାଫି ଷ୍ଟାଡିୟମରେ ଅଷ୍ଟ୍ରେଲିଆ-ଇଂଲଣ୍ଡ ଗ୍ରୁପ୍ 'ବି' ମ୍ୟାଚ ପୂର୍ବରୁ ଅଷ୍ଟ୍ରେଲିଆ ବଦଳରେ ଭାରତୀୟ ଜାତୀୟ ସଙ୍ଗୀତ 'ଜନଗଣ ମନ' ବାଜିବା ଦ୍ୱାରା ଆୟୋଜକ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ହାସ୍ୟାସ୍ପଦ ହେବାକୁ ପଡ଼ିଛି। ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ତଥ୍ୟ ଅପେକ୍ଷାରେ

ୱାର୍କଚାର୍ଜଡ, ଠିକା କର୍ମଚାରୀଙ୍କ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରହିଛି

ଓଡ଼ିଶା ସିଭିଲ ସର୍ଭିସ୍ ପେନ୍‌ସନ ରୁଲ୍ ଉପରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୨୨।୨

ଓଡ଼ିଶା ସିଭିଲ୍ ସର୍ଭିସେସ୍ (ପେନ୍‌ସନ) ନିୟମାବଳୀ, ୧୯୯୨ ଅନୁଯାୟୀ ୱାର୍କଚାର୍ଜଡ କର୍ମଚାରୀ ଏବଂ ଠିକା କର୍ମଚାରୀଙ୍କ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରହିଥିବା ସୁପ୍ରିମକୋର୍ଟ କହିଛନ୍ତି। ଓଡ଼ିଶା ହାଇକୋର୍ଟ ଏକ ରିଟ୍ ପଟିଶନକୁ ଖାରଜ କରିଦେଇଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ଓଡ଼ିଶା ସରକାର ଦାଏର କରିଥିବା କେତେଗୁଡ଼ିଏ ସିଭିଲ୍ ଅପିଲ୍‌କୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ରିଟ୍ ପିଟିଶନ ଦାଏରରେ ଅହେତୁକ ବିଳମ୍ବ ପାଇଁ ହାଇକୋର୍ଟ ରିଟ୍ ଅପିଲ୍‌କୁ ଖାରଜ କରିଦେଇଥିଲେ। ଜଷ୍ଟିସ୍ ସୁଧାଂଶୁ ଧୂଳିଆ ଏବଂ ଅହସନୁଦ୍ଦିନ ଅମନୁଲ୍ଲାଙ୍କ ଖଣ୍ଡପୀଠ କହିଛନ୍ତି, ଓଡ଼ିଶା ପେନ୍‌ସନ ନିୟମାବଳୀ, ୧୯୯୨ର ରୁଲ୍ସ ୩ ଏବଂ ରୁଲ୍ସ ୬କୁ ଅବଲୋକନ କଲେ ପାର୍ଥକ୍ୟ ସ୍ପଷ୍ଟ ହୋଇଥାଏ। ସେଥିରେ ଉଲ୍ଲେଖ ରହିଛି ୱାର୍କଚାର୍ଜଡ କର୍ମଚାରୀମାନେ ବିନା ଅବରୋଧରେ ୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ପାଇଁ କାର୍ଯ୍ୟ କରିଥାନ୍ତି। ପରେ ସେମାନେ ଏକ ପେନ୍‌ସନଯୋଗ୍ୟ ପ୍ରତିଷ୍ଠାନରେ ସମାନ କିମ୍ବା ଭିନ୍ନ ପଦବୀରେ ସାମୟିକ କିମ୍ବା ☞ପୃଷ୍ଠା-୪



No. T-

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ (ବଜେଟ ଅଧିବେଶନ) ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା24.02.2025ରିଖ ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0068/2425



A quality product from
PAN BAHAR
ସବୁଆଡ଼େ
ବହାର
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in

ନେପାଳ ଛାତ୍ରୀଛାତ୍ର ଆମ ପିଲା: ମୁଖ୍ୟମନ୍ତ୍ରୀ

- ■ ଦୋଷୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ: ମୋହନ
- ■ ନେପାଳ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କଲେ
- ■ ରାଜ୍ୟ ସରକାର ଶୀଘ୍ର ପଦକ୍ଷେପ ନେଇଛନ୍ତି: ନେପାଳ ଅଧିକାରୀ

ଭୁବନେଶ୍ୱର,୨୨।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ କିଟ୍ ଘଟଣା ସମ୍ପର୍କରେ ଶନିବାର ନେପାଳ ବୈଦେଶିକ ବ୍ୟାପାର ମନ୍ତ୍ରୀ ଆର୍ଜୁ ରାନା ଦେଉବାଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନେପାଳ ଛାତ୍ରୀଛାତ୍ର ହେଉଛନ୍ତି ଆମ ପିଲା। ପୂରା ସମ୍ମାନର ସହ ସେମାନେ ଏଠାରେ ପଢ଼ିବେ। ରାଜ୍ୟ ସରକାର ଘଟଣା ସମ୍ପର୍କରେ ତୀକ୍ଷ୍ଣ ନଜର ରଖି ପଦକ୍ଷେପ ନେଉଛନ୍ତି। ଏହାସହ ଛାତ୍ରୀଛାତ୍ରମାନଙ୍କ ଭରସା ଓ ଆତ୍ମବିଶ୍ୱାସ ଫେରାଇ ଆଣିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏହାପରେ ନେପାଳ ଦୂତାବାସର ଅଧିକାରୀ ନବୀନ ରାଜ୍ ଅଧିକାରୀ ଏବଂ ସଞ୍ଜୀବ ଶର୍ମା ଦାସ ମଧ୍ୟ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଉଭୟ ଅଧିକାରୀଙ୍କୁ କହିଛନ୍ତି, ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ ଘଟଣା ସହ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିଟ୍ ପରିସରରେ ଶିକ୍ଷାର ବାତାବରଣ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ନେପାଳର ଅଧିକାରୀ କହିଛନ୍ତି, ଏହି ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶୀଘ୍ର ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ନେପାଳରୁ ଆସି ପଢୁଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ଏଥିପାଇଁ ନେପାଳ ସରକାରଙ୍କ ପକ୍ଷରୁ ଓଡ଼ିଶା ସରକାରଙ୍କୁ ବିଶେଷକରି ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ଧନ୍ୟବାଦ ଦେଇ କହିଛନ୍ତି, ନେପାଳ ଏବଂ ଓଡ଼ିଶା ମଧ୍ୟରେ ଅତି ପୁରାତନ ସମ୍ପର୍କ ରହିଆସିଛି। ଏହି ସୁସମ୍ପର୍କ କେବେ ବ୍ୟାହତ ହେବ ନାହିଁ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଉପସ୍ଥିତ ଥିଲେ।

କିଟ୍ ଘଟଣା ସମ୍ପର୍କରେ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନେପାଳ ବୈଦେଶିକ ବ୍ୟାପାର ମନ୍ତ୍ରୀ ଆର୍ଜୁ ରାନା ଦେଉବାଙ୍କ ସହ ଫୋନ୍ ଯୋଗେ ଆଲୋଚନା କରୁଛନ୍ତି।

ଚତୁର୍ଥୀ ଦିନ ନବବଧୂ ଧରିଲେ ପ୍ରେମିକ ହାତ

ଶାଶୁଘର, ବାପଘର ଲୋକଙ୍କ ଉପସ୍ଥିତିରେ ଥାନାରେ ହେଲା ଚୁକ୍ତିନାମା

ତାଳଚେର,୨୨।୨(ମନୋଜ ନନ୍ଦ)

ରୀତିନୀତିରେ ମନ୍ଦିରରେ ହୋଇଥିଲା ବିବାହ। ନବବଧୂଙ୍କୁ ଧରି ଘରକୁ ଫେରିଥିଲେ ବର। ଚତୁର୍ଥୀ ପାଇଁ ବରପକ୍ଷ ସମସ୍ତ ଆୟୋଜନ ଶେଷ କରିଥିଲେ। ହେଲେ ଚତୁର୍ଥୀ ପିଣ୍ଡ ପଡ଼ିବା ପୂର୍ବରୁ ନବବଧୂଙ୍କ ଏପରି କିଛି କଥା ମୁଣ୍ଡ ଘୁରାଇଦେଲା ବରପକ୍ଷଙ୍କ। ବିବାହ କରିଥିବା ଯୁବକଙ୍କ ସହ ନୁହେଁ ବରଂ ପୁରୁଣା ପ୍ରେମିକଙ୍କ ସହ ରହିବାକୁ ଜିଦ୍ ଧରିଥିଲେ ନବବଧୂ। ଶେଷରେ ଥାନା ଯାଏ କଥା ଯିବା ପରେ ଶାଶୁଘର, ବାପଘର ଲୋକଙ୍କ ଉପସ୍ଥିତିରେ ଚୁକ୍ତିପତ୍ର ଲେଖି ପୁରୁଣା ପ୍ରେମିକଙ୍କ ହାତ ଧରିଛନ୍ତି ନବବଧୂ। ଅନୁଗୋଳ ଜିଲା ତାଳଚେର ଥାନା ଅଞ୍ଚଳରେ ଶୁକ୍ରବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ତାଳଚେର ଥାନା ଅଞ୍ଚଳର ଜଣେ ଯୁବକଙ୍କ ବିବାହ ବଅଁରପାଳ ବ୍ଲକ ଅଞ୍ଚଳରେ ସମ୍ପନ୍ନ ହୋଇଥିଲା। ମନ୍ଦିରରେ ବିବାହ କାର୍ଯ୍ୟ ଶେଷ ହେବା ପରେ ବଅଁରପାଳ ଅଞ୍ଚଳର କନ୍ୟା ତାଳଚେରସ୍ଥିତ ଶାଶୁଘରକୁ ଆସିଥିଲେ। ୩ ଦିନ ଧରି ନବବଧୂ ଶାଶୁଘରେ ଠିକ୍‌ଠାକ୍ ଥିଲେ। ଶାଶୁଘର ଲୋକଙ୍କୁ ଭଲ ବ୍ୟବହାର ଦେଖାଇଥିଲେ। ଶୁକ୍ରବାର ଚତୁର୍ଥୀ ପିଣ୍ଡ ପଡ଼ିବାର ଥିଲା। ହେଲେ ଏହା ପୂର୍ବରୁ ନବବଧୂ ଜଣକ ଏହି ବିବାହ ତାଙ୍କ ଇଚ୍ଛା ଅନୁସାରେ ହୋଇନାହିଁ ବୋଲି ଶାଶୁଘର ଲୋକଙ୍କୁ କହିଥିଲେ। ତାଙ୍କ ମା' ବାପା ଜୋରଜବରଦସ୍ତ ବିବାହ କରାଇଛନ୍ତି। ଏପରି କି ବିବାହ ନ କଲେ ବାପା ଆତ୍ମହତ୍ୟା କରିଦେବାକୁ ଧମକ ଦେଇଥିଲେ। ତେଣୁ ବାଧ୍ୟବାଧକତାରେ ବିବାହ କରିଥିଲେ ମଧ୍ୟ ସେ ଖୁସି ନାହାନ୍ତି। ସେ କଦାପି ଏହି ବୈବାହିକ ଜୀବନ ଗଢ଼ି ପାରିବେ ନାହିଁ। ତାଙ୍କୁ ଅନୁଗୋଳ ସଦର ଅଞ୍ଚଳର ପ୍ରେମିକଙ୍କ ସହିତ ବିବାହ କରାଇ ଦିଆଯାଉ ବୋଲି ସ୍ୱାମୀ ଓ ଶାଶୁଘର ଲୋକଙ୍କୁ କହିଥିଲେ। ଏପରି କଥା ଶୁଣି ବରପକ୍ଷ ତୁରନ୍ତ ନବବଧୂଙ୍କ ବାପଘର ଲୋକଙ୍କୁ ଖବର ଦେଇଥିଲେ। ପରେ ଉଭୟ ପରିବାର ତାଳଚେର ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ମଧ୍ୟ ନବବଧୂ ଉକ୍ତ କଥା ଦୋହରାଇଥିଲେ। ଅନୁଗୋଳ ସଦର ଅଞ୍ଚଳର ଜଣେ ଯୁବକଙ୍କୁ ସେ ୭/୮ ବର୍ଷ ହେଲା ଭଲ ପାଉଛନ୍ତି। ତେଣୁ ସମ୍ପୃକ୍ତ ପ୍ରେମିକଙ୍କ ପାଖକୁ ଯିବାକୁ ଚାହୁଁଛନ୍ତି ଏବଂ ତାଙ୍କ ସହିତ ବିବାହ କରିବାକୁ ଚାହୁଁଛନ୍ତି ବୋଲି ଜିଦ ଧରିଥିଲେ। ଏହାପରେ ଉଭୟ ପରିବାର, ମୁରବି, ସାହି ପଡ଼ିଶା ଓ ତାଳଚେର ପୋଲିସ ଉପସ୍ଥିତରେ ନବବଧୂ ଏକ ଚୁକ୍ତିନାମା ଲେଖି ତାଙ୍କ ପୁରୁଣା ପ୍ରେମିକଙ୍କ ପାଖକୁ ଚାଲି ଯାଇଥିଲେ।

ମନ୍ଦିରରେ ବିବାହ କରିଥିବା ବର ଓ କନ୍ୟା।

ଜବରଦଖଲ ଜମିକୁ ଅବରୋଧମୁକ୍ତ କରିବାକୁ ସ୍ପେଶାଲ ଡ୍ରାଇଭ ହେବ: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର,୨୨।୨(ସୁନିତ୍ ମିଶ୍ର)

କିଟ୍‌ରେ ନେପାଳ ଛାତ୍ରୀଙ୍କ ମୃତ୍ୟୁ ଘଟଣା ପରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନେକ ଜମି ଦୁର୍ନୀତି କରାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି। ଏହି ଘଟଣାରେ ଶନିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯେଉଁଠି ସବୁ ଜବରଦଖଲ ରହିଛି ସେସବୁ ସ୍ଥାନକୁ ଜବରଦଖଲମୁକ୍ତ କରିବା ସକାଶେ ରାଜସ୍ୱ ଏବଂ ଜିଏ ବିଭାଗ ପକ୍ଷରୁ ଏକ ସ୍ପେଶାଲ ଡ୍ରାଇଭ କରିବାକୁ ଯୋଜନା ହେଉଛି। କିଟ୍‌ଜଙ୍ଗଲ ଜମି ଜବରଦଖଲ ନେଇ ଠୋସ୍ ତଥ୍ୟ ତାଙ୍କ ପାଖରେ ଏ ପର୍ଯ୍ୟନ୍ତ ନାହିଁ। ହେଲେ ଯେଉଁଠାରେ ଜବରଦଖଲ ରହିଛି ରାଜସ୍ୱ ବିଭାଗ ତରଫରୁ ଏହାକୁ ଅବରୋଧମୁକ୍ତ କରାଯିବ। ଜଙ୍ଗଲ ଜମିଗୁଡ଼ିକ ଯେଉଁଠି ଅବରୋଧ କରାଯାଇ କମର୍ସିଆଲ ବ୍ୟବହାର କରାଯାଉଥିବ ତାହା ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

ଉଚ୍ଚସ୍ତରୀୟ ଯାଞ୍ଚ କମିଟି ଯାହା ଅନୁଭବ କରିବ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭୁବନେଶ୍ୱର, ୨୨।୨(ସୁନିତ୍ ମିଶ୍ର)

କିଟ୍ ଘଟଣାକୁ ନେଇ ବିଭିନ୍ନ ଆଡୁ ସମାଲୋଚନା ଚାଲିଥିବା ବେଳେ ଏହାକୁ ନେଇ ରାଜନୀତି ମଧ୍ୟ ଜୋର୍ ଧରିଛି। ଏହି ଘଟଣାରେ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସମେତ ଅନ୍ୟ କେତେଜଣଙ୍କୁ ମଧ୍ୟ ଜେରା କରିଛି। ଏହା ଉପରେ ପ୍ରତିକ୍ରିୟା ରଖି ଶନିବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଉଚ୍ଚସ୍ତରୀୟ କମିଟି କିଟ୍‌ର ଛାତ୍ରୀ ମୃତ୍ୟୁ ଏବଂ ପରବର୍ତ୍ତୀ ସମୟରେ ବିଭିନ୍ନ ଦୁର୍ଭାଗ୍ୟଜନକ ସ୍ଥିତି ଯାହା ରହିଥିଲା ଏହାକୁ ନେଇ ସମନ କରାଯାଇଥିବା ସମସ୍ତଙ୍କ ପାଖରୁ ତଥ୍ୟ ସଂଗ୍ରହ କରାଯାଇଛି। ଉଚ୍ଚସ୍ତରୀୟ ଯାଞ୍ଚ କମିଟି ସମସ୍ତଙ୍କଠାରୁ ସବୁ କଥା ଶୁଣିବା ପରେ ସବୁକିଛି ରେକର୍ଡ କରି ରଖିଛି। ପରବର୍ତ୍ତୀ ସମୟରେ ଏଥିରୁ ଯାହା ନିଷ୍କର୍ଷ ଆସିବ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରିସାରିଛନ୍ତି। ସେଥିରେ ସିକ୍ୟୁରିଟି ଗାର୍ଡ, ଟ୍ରେନର, ବାଉନ୍ସର ଅଛନ୍ତି। ପୋଲିସ ତଦନ୍ତ ଚାଲିଛି, ସିସିଟିଭି ଫୁଟେଜ ସବୁ ଫୋରେନସିକ୍ ଲାବ୍‌କୁ ପଠାଯାଇସାରିଛି। ସବୁ ଦିଗରୁ ଯାଞ୍ଚ ହେଉଛି। ଉଚ୍ଚସ୍ତରୀୟ ଯାଞ୍ଚ କମିଟି ଯାହା ଅନୁଭବ କରିବେ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣାରେ ବାହାରକୁ ଆସିଥିବା ଅଡିଓକୁ ନେଇ ତଦନ୍ତ ଚାଲିଛି । ଆଗକୁ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂର୍ଯ୍ୟବଂଶୀ କହିଛନ୍ତି।

ଗୁଣିଆ ସନ୍ଦେହରେ ଯୁବକଙ୍କୁ ଜିଅନ୍ତା ପୋଡ଼ିଦେବା ଘଟଣା

୬ ଜଣଙ୍କୁ ଆଜୀବନ କାରାଦଣ୍ଡ

ବିଷମକଟକ,୨୨।୨(ପ୍ରସନ୍ନ କୁମାର ପଣ୍ଡା)

ଗୁଣିଗାରେଡ଼ି ସନ୍ଦେହରେ ଜଣଙ୍କୁ ପୋଡ଼ିଦେବା ଘଟଣାରେ ବିଷମକଟକ ଏଡିଜେ ସିଦ୍ଧାର୍ଥ ସାହୁ ୬ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ସିଙ୍ଗାନା କଲାକା, ରବି କଲାକା, ଘନା କୁମୁରିକା, ଧନିଆ ତଇକା, ସୁକୁରୁ କଲକା ଏବଂ ନାଥୁରାମ କଳାକା। ଏହି ଘଟଣାରେ ସମ୍ପୃକ୍ତ ୩ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ସେହିଭଳି ଜଣେ ଅଭିଯୁକ୍ତଙ୍କ ପୂର୍ବରୁ ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି।

ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା ଜିଲା ବିଷମକଟକ ଥାନା ସାହାଡ଼ା ପଞ୍ଚାୟତ ଅଧୀନ କଣାଗାଁ ଗ୍ରାମର ଆଦିବାସୀ ଯୁବକ ଜଗବନ୍ଧୁ କଲାକା ୨୦୧୫ ଜୁଲାଇ ୧୨ରେ ଗାଈ ଚରାଇ ଘରକୁ ଫେରୁଥିଲେ। ସେ ଗୁଣି କରୁଥିବା ସନ୍ଦେହକରି ଅଭିଯୁକ୍ତମାନେ ସଂଘବଦ୍ଧ ଆକ୍ରମଣକରି ତାଙ୍କୁ ଜିଅନ୍ତା ପୋଡ଼ିଦେଇଥିଲେ। ଏହାକୁ ନେଇ ବିଷମକଟକ ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତକରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ ମାମଲା ପରିଚାଳନା କରୁଥିଲେ।

ଯକୃତ ପ୍ରତିରୋପଣ

ଚାଲିଗଲା ଜୀବନ, ଉଦାହରଣ ସାଜିଲା ଦାନ

ଜଣେ ମହିଳାଙ୍କ ଜୀବନ ବଞ୍ଚାଇବା ପାଇଁ ସ୍ୱଇଚ୍ଛାରେ ଆଗକୁ ଆସିଥିଲେ ତାଙ୍କ ବଡ଼ ଯା'। ବିନା ଦ୍ୱିଧାରେ ସାନ ଯା' ପାଇଁ ସେ ଯକୃତ ଦାନ କରିଥିଲେ। କିନ୍ତୁ ଯକୃତ ପ୍ରତିରୋପଣର ମାସେ ନ ବିତୁଣୁ ସାନ ଯା'ଙ୍କ ମୃତ୍ୟୁ ଘଟିଛି। ସମସ୍ତ ଉଦ୍ୟମ ସତ୍ତ୍ୱେ ସାନ ଯା' ବଞ୍ଚିପାରି ନ ଥିଲେ ମଧ୍ୟ ବଡ଼ ଯା'ଙ୍କ ମହାନତା ଉଦାହରଣ ସାଜିଛି। ତାଙ୍କ ତ୍ୟାଗ ସ୍ମରଣୀୟ ହୋଇଛି। ଏହାସହ ଦୁଇ ଯା'ଙ୍କ ମଧ୍ୟରେ ଥିବା ସୁସମ୍ପର୍କ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ସାଧାରଣତଃ କ୍ୱଚିତ୍ ପରିବାରରେ ଯା'ମାନଙ୍କ ମଧ୍ୟରେ ଭଲ ସମ୍ପର୍କ ଦେଖିବାକୁ ମିଳୁଥିବାବେଳେ ଏଥିରେ ସାମିଲ ହୋଇଛି ସମ୍ବଲପୁର ଜିଲା ଝାଙ୍କରପାଲିର ଏକ ପରିବାର।

ବଡ଼ ଯା' ପ୍ରତିମା ପ୍ରଧାନ

ଉମାକାନ୍ତି ପ୍ରଧାନ

ସମ୍ବଲପୁର,୨୨।୨ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଝାଙ୍କରପାଲିର ମହାଦେବ ପ୍ରଧାନଙ୍କ ସ୍ତ୍ରୀ ଉମାକାନ୍ତି ପିତ୍ତକୋଷ ପଥୁରୀ(ଗଲ୍‌ବ୍ଲାଡର ଷ୍ଟୋନ୍) ରୋଗରେ ଆକ୍ରାନ୍ତ ହୋଇଥିଲେ। ୨୦୨୦ରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। କିଛିଦିନ ପରେ ପେଟବ୍ୟଥା ସହ ସେ ଅଧିକ ଅସୁସ୍ଥ ହେବାକୁ ଲାଗିଲେ। ଡାକ୍ତରୀ ପରୀକ୍ଷା ପରେ ଅସ୍ତ୍ରୋପଚାର ସମୟରେ ତାଙ୍କ ପିତ୍ତନଳୀକୁ ଡାକ୍ତର କାଟିଦେଇଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଏହା ଯକୃତକୁ ସଂକ୍ରମିତ କରିଥିଲା। ତେଣୁ ପରିବାର ଲୋକେ ହାଇଦ୍ରାବାଦର ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ। ୨୦୨୪ ଡିସେମ୍ବର ୫ରେ ତାଙ୍କ ଯକୃତ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଥିଲା। ଏଥିଯୋଗୁ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ତେବେ ତାଙ୍କୁ ବଞ୍ଚାଇ ରଖିବା ପାଇଁ ଯକୃତ ପ୍ରତିରୋପଣ ହିଁ ଏକମାତ୍ର ବିକଳ୍ପ ବୋଲି ଚିକିତ୍ସା କରୁଥିବା ଡାକ୍ତର ପରିବାର ଲୋକଙ୍କୁ କହିଥିଲେ। ଏଥିପାଇଁ ଜଣେ ଯକୃତଦାତାଙ୍କ ଆବଶ୍ୟକତା ଥିବାବେଳେ ସ୍ୱାମୀ ମହାଦେବଙ୍କ ରକ୍ତ ବର୍ଗ ଉମାକାନ୍ତିଙ୍କ ରକ୍ତବର୍ଗ ସହ ମେଳ ଖାଇ ନ ଥିଲା। ଫଳରେ ଯକୃତ ଦାନ ପାଇଁ ତାଙ୍କ ବଡ଼ ଯା' ପ୍ରତିମା ପ୍ରଧାନ ଆଗେଇ ଆସିଥିଲେ। ଗତ ଜାନୁଆରୀ ୨୪ରେ ହାଇଦ୍ରାବାଦରେ ଅସ୍ତ୍ରୋପଚାର କରାଯାଇ ବଡ଼ ଯା' ପ୍ରତିମାଙ୍କ ଯକୃତର କିଛି ଅଂଶକୁ ଉମାକାନ୍ତିଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା। ଯକୃତ ଦାନ ପରେ ଫେବୃୟାରୀ ୯ରେ ପ୍ରତିମା ଆଇସିୟୁରୁ ବାହାରିଥିଲେ। ସାନ ଯା' ଉମାକାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା। ତେବେ କିଛିଦିନ ସୁସ୍ଥ ରହିବା ପରେ ଉମାକାନ୍ତି ପୁଣି ଥରେ ଅସୁସ୍ଥ ହୋଇପଡ଼ିଲେ। ପରିବାର ଲୋକେ ପୁଣି ତାଙ୍କୁ ହାଇଦ୍ରାବାଦର ଉକ୍ତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ସଫଳ ପ୍ରତିରୋପଣ ସତ୍ତ୍ୱେ ତାଙ୍କ ଯକୃତ ପୁଣି ସଂକ୍ରମିତ ହୋଇଥିଲା। ଏହା ପରବର୍ତ୍ତୀ ସମୟରେ ସମଗ୍ର ଶରୀରର ବିଭିନ୍ନ ଅଙ୍ଗକୁ ବ୍ୟାପି କ୍ରମଶଃ ସେଗୁଡ଼ିକ ଅକାମୀ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ ବୋଲି ମହାଦେବ କହିଛନ୍ତି। ହାଇଦ୍ରାବାଦରୁ ଉମାକାନ୍ତିଙ୍କ ମୃତଦେହ ଶନିବାର ଅପରାହ୍ନରେ ଝାଙ୍କରପାଲିରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ଟ୍ରକ୍ ପଛରେ ପିଟିହେଲା କାର୍, ୩ ମୃତ

ଯାଁଳା,୨୨।୨(ବୁଲା ବାରିକ)

ଖୋର୍ଦ୍ଧା ଜିଲା ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ନଡ଼ିଆ ଫାର୍ମ ସମ୍ମୁଖରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛରେ କାର୍ ପିଟିହୋଇଯିବାରୁ ୩ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପୁରୀ ଜିଲା ଚନ୍ଦନପୁର ଥାନା ଅଧୀନ ପ୍ରତାପ ପୁରୁଷୋତ୍ତମପୁରର ବିଶ୍ୱ ରଞ୍ଜନ ସେଠୀ(୨୬), ପୁରୀ ସଦର ଥାନା ଗୋପୀନାଥପୁରର ବିଶ୍ୱଚେତନ ମିଶ୍ର (୨୫) ଏବଂ ସାକ୍ଷୀଗୋପାଳର ପ୍ରଶାନ୍ତ ପ୍ରଧାନ।

ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ୨ଟାରେ ବିଶ୍ୱରଞ୍ଜନ, ବିଶ୍ୱଚେତନ ଏବଂ ପ୍ରଶାନ୍ତ ଏକ କାର୍‌ରେ ଭୁବନେଶ୍ୱରରୁ ଖୋର୍ଦ୍ଧାଦେଇ ପୁରୀ ଅଭିମୁଖେ ଯାଉଥିଲେ। ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡ଼ା ନଡ଼ିଆଫାର୍ମ ସମ୍ମୁଖରେ କୌଣସି କାରଣରୁ କାର୍‌ଟି ଭାରସାମ୍ୟ ହରାଇ ଏକ ଅଜଣା ଟ୍ରକ୍ ପଛରେ ପିଟିହୋଇଯାଇଥିଲା। ଫଳରେ କାର୍‌ରୁ ଜଣେ ଯୁବକ ବାହାରକୁ ଛିଟିକି ତଳେ ପଡ଼ିଥିଲେ। ଅନ୍ୟ ଦୁଇଜଣ କାର୍ ଭିତରେ ଚାପି ହୋଇଯାଇଥିଲେ। ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ପଳାଇଥିଲା। କେତେଜଣ ବାଟୋଇ ଦୁର୍ଘଟଣା ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ଇନ୍‌ଫୋଭ୍ୟାଲି ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ତିନିଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ପଠାଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।



ଆଜିର ମନ୍ତବ୍ୟ

ଆମ ସାମଗ୍ରୀ ଉପରେ ଟିକସ ଲଗାଉଥିବା ଭାରତ ଓ ଚାଇନା ଭଳି ଦେଶରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ଖୁବ୍‌ଶୀଘ୍ର ପାରସ୍ପରିକ ଶୁଳ୍କ ଲାଗୁ ହେବ।
–ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୨୫ତମ ରୌପ୍ୟଜୟନ୍ତୀ, ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ୬ଷ୍ଠ ଅନ୍ତର୍ଜାତୀୟ ଧଉଳି ଚିତ୍ରକଳା ଉତ୍ସବ ଉଦ୍‌ଘାଟନୀ, ସ୍ଥାନ: ଧଉଳି କ୍ରାଫ୍ଟ ବଜାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ରଜକ ମହାସଂଘ ପକ୍ଷରୁ ସନ୍ଥ ଗାଡ୍‌ଗେ ବାବାଙ୍କ ୧୪୯ତମ ଜୟନ୍ତୀ ପାଳନ, ସ୍ଥାନ: ବୁଲନ ଭାଇ ସେବା ସଦନ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀ ସମବାୟ ଋଣ ଓ ମିତବ୍ୟୟ ସମିତିର ୧୭ତମ ବାର୍ଷିକ ସାଧାରଣ ସଭା, ସ୍ଥାନ: ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଏନ୍‌ଏଏଫ୍‌ଇଡି ଓ ଭାରତ ବ୍ରାଣ୍ଡ ପ୍ରଡକ୍ଟର ଉଦ୍‌ଘାଟନୀ, ସ୍ଥାନ: ନ୍ୟୁ ଏଜି କଲୋନୀ, କଳିଙ୍ଗ ଷ୍ଟାଡିୟମ ସମ୍ମୁଖ, ସମୟ: ଅପରାହ୍ନ ୩ଟା ୩୦।
- ନ୍ୟାଶନାଲ ହ୍ୟୁମାନ ୱେଲଫେୟାର ବୋର୍ଡ ଟ୍ରଷ୍ଟ ପକ୍ଷରୁ ଆଭାସ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୪ଟା।
- ଲେଖକ ସାମୁଖ୍ୟର ସାଧାରଣ ସଭା, ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ଅପରାହ୍ନ ୫ଟା।

କଟକ

- ଆଧ୍ୟାତ୍ମିକ ସଙ୍ଗଠନ ସନ୍ଥ ନିରଙ୍କାରୀ ମଣ୍ଡଳ ପକ୍ଷରୁ ସ୍ୱଚ୍ଛ ଜଳ ସ୍ୱଚ୍ଛ ମଣିଷ କାର୍ଯ୍ୟକ୍ରମରେ ସଫେଇ, ସ୍ଥାନ: ମହାନଦୀର ଗଡ଼ଗଡ଼ିଆ ଘାଟ, ସମୟ: ସକାଳ ୭ଟା
- ୭୩ତମ ରାଜ୍ୟ ପୋଲିସ ଆଥ୍‌ଲେଟିକ୍ ଚାମ୍ପିୟନ୍‌ଶିପ୍ ୨୦୨୫ର ଦ୍ୱିତୀୟ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସିବଜାର, ସମୟ: ସକାଳ ୮ଟା।
- ୭୧ତମ ଜାତୀୟ ସିନିୟର କବାଡି ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସ, ସ୍ଥାନ: କଟକ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୯ଟା
- ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କଟକ ଜିଲା ଶାଖା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରଘୁନାଥଜୀଉ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଉର୍ଦ୍ଦୀ ପତ୍ରିକାର ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।

ପୁରୀ

- ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଅଳୁଗୁମର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାହି ଭାଇ ଅନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରାଣୀ ସତୀ ଭବନ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଆଦିତ୍ୟ ସମ୍ମାନ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଦି ମୋମେଣ୍ଟ ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅମ୍ଳାନ ସାରସ୍ୱତ ପରିଷଦର ବସନ୍ତ କବିତା ଆସର, ସ୍ଥାନ: ଭକ୍ତ ସାଲବେଗ ପୀଠ, ପୁରୀ, ସମୟ: ଅପରାହ୍ନ ୪ଟା।

ଖୋର୍ଦ୍ଧା

- ବିଦ୍ୟାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କାଇପଦର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- .ଖୋର୍ଦ୍ଧା ଜିଲା ମହୋତ୍ସବ, ପଲ୍ଲିଶ୍ରୀ ଓ ପୁସ୍ତକ ମେଳା, ସ୍ଥାନ: ହାବେଲି ପଡ଼ିଆ, ସମୟ: ଅପରାହ୍ନ ୪ଟା।
- .କଳିଙ୍ଗ ପାଇକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

ବାଲେଶ୍ୱର

- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଓ ସନାତନ ଧର୍ମ ସମ୍ମିଳନୀର ଉଦ୍‌ଯାପନୀ ଦିବସ, ସ୍ଥାନ: ପଶ୍ଚିମ ସିମୁଳିଆ ଶିବମନ୍ଦର ପ୍ରାଙ୍ଗଣ, ରୂପସା, ସମୟ: ଦିବସବ୍ୟାପୀ।
- ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ଜେଡ଼ି ପାଠଶାଳା, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସୋର ଅନନ୍ତପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ମାତୃ ସମ୍ମିଳନୀ, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ସୋର ନାଗରିକ ମଞ୍ଚର ଚତୁର୍ଥ ବାର୍ଷିକ ସମ୍ମିଳନୀ, ସ୍ଥାନ: ଟାଉନ ହଲ, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ଭ୍ରାମ୍ୟମାଣ ସାହିତ୍ୟ ସଭା, ସ୍ଥାନ: ପଞ୍ଚୁପାଲି, ବାଲିଆପାଳ, ସମୟ: ଅପରାହ୍ନ ୩ଟା।

ଭଦ୍ରକ

- ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକୋତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର, ତିହିଡ଼ି, ସମୟ: ସକାଳ ୬ଟା।
- ବିଶ୍ୱଶାନ୍ତି ଯଜ୍ଞ ଓ ବାର୍ଷିକୋତ୍ସବ, ସ୍ଥାନ: ସାବରଙ୍ଗ ତାରାଶୁଣୀ ପୀଠ, ଭଦ୍ରକ, ସମୟ: ସକାଳ ୭ଟା।
- ଇନ୍‌ଟାକ୍ ଭଦ୍ରକ ଶାଖାର ପଞ୍ଚଦଶ ବାର୍ଷିକ ସମାରୋହ, ସ୍ଥାନ: କୁଆଁସ ନିତ୍ୟାନନ୍ଦ ଭବନ, ଭଦ୍ରକ, ସମୟ: ସକାଳ ୯ଟା ୪୫।
- ବିଜେଡିର ଜୋନ୍‌ସ୍ତରୀୟ କର୍ମଶାଳା, ସ୍ଥାନ: ଦଇପୁର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତସ୍ୱର ସାହିତ୍ୟ ସଙ୍ଗୀତ ସାଂସ୍କୃତିକ ସଙ୍ଗଠନର ବାର୍ଷିକୋତ୍ସବ, ସ୍ଥାନ: ଦୀନଦୟାଲ ଭବନ, ତିହିଡ଼ି, ସମୟ: ଅପରାହ୍ନ ୩ଟା।
- ହଂସ ଧ୍ୱନି, ସଙ୍ଗୀତ ଓ ନୃତ୍ୟ ଉତ୍ସବ, ସ୍ଥାନ: ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

କେନ୍ଦୁଝର

- ଅଷ୍ଟମ ପ୍ରହର ଦିବାରାତ୍ର ନାମ ଯଜ୍ଞ, ସ୍ଥାନ : ନାଗାଡୋଟା, ହାଟଡ଼ିହୀ, ସମୟ : ପ୍ରାତଃ ୫ ଟା।
- ବାଲୁଙ୍କେଶ୍ୱର କଳାକାର ସଙ୍ଘର ବାର୍ଷିକ ଉତ୍ସବ, ସ୍ଥାନ: ଫକୀରପୁର, ଛେନାପଦି, ସମୟ: ସକାଳ ୯ ଟା।
- କଇରାଲି କଲେଜ ଅଫ୍ ନର୍ସିଂର ସପଥ ଗ୍ରହଣ ଉତ୍ସବ, ସ୍ଥାନ: କଲେଜ ପରିସର, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ ଟା।
- ସତ୍ୟସାଇ ସମିତି ତରଫରୁ ସାଧନା ଶିବିର, ସ୍ଥାନ : ଡ଼ଅଁର, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ଚିକିରା ହାପି କ୍ଲବ୍‌ର ୫ମ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଚିକିରା ଖେଳ ପଡିଆ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ପାଞ୍ଚପୋଖରୀଆରେ ମାଗେ ପର୍ବ, ସ୍ଥାନ: ପାଞ୍ଚପୋଖରୀଆ, ଚମ୍ପୁଆ, ସମୟ: ଅପରାହ୍ନ ୩ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ଖଇରିମରା, ହାଟଡ଼ିହୀ, ସମୟ : ଅପରାହ୍ନ ୩ ଟା।

ମୟୂରଭଞ୍ଜ

- ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ୧୩୭ତମ ଶୁଭ ଜନ୍ମ ମହୋତ୍ସବ, ସ୍ଥାନ: ବାଙ୍ଗିରିପୋଷି ସତ୍‌ସଙ୍ଗ କେନ୍ଦ୍ର, ସମୟ: ସକାଳ ୯ଟା।
- କ୍ରିକେଟ ମ୍ୟାଚ୍, ସ୍ଥାନ: ବାରିପଦା ଷ୍ଟାଡିୟମ୍ ପଡ଼ିଆ, ସମୟ: ସକାଳ ୯ଟା।
- ଶ୍ରୀରାମଚନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ସଂଘ, ବାରିପଦା, ସମୟ: ଅପରାହ୍ନ ୨ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

ଗଞ୍ଜାମ

- ସାଇ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସାଇ ସରସ୍ୱତୀ ଶିଶୁମନ୍ଦିର ପରିସର ବୁଗୁଡ଼ା, ସମୟ: ଅପରାହ୍ନ ୪ ଟା।
- ସରକାରୀ ଚାରୁଲାରୁ କଳା ମହାବିଦ୍ୟାଳୟରେ ବାର୍ଷିକ ପ୍ରଦର୍ଶନୀ, ସ୍ଥାନ: ଖଲ୍ଲିକୋଟ ଆର୍ଟ କଲେଜ ପରିସର ଖଲିକୋଟ, ସମୟ: ଅପରାହ୍ନ ୫ଟା।
- ବିବେକାନନ୍ଦ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ଛତ୍ରପୁର ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୬ ଟା।

କନ୍ଧମାଳ

- ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବିଜୁ କଲ୍ୟାଣ ମଣ୍ଡପ ଫୁଲବାଣୀ, ସମୟ: ସକାଳ ୯ଟା ୩୦।

ଢେଙ୍କାନାଳ

- ଫରେଷ୍ଟ ପାର୍କ ଉଦ୍‌ଘାଟନ, ସ୍ଥାନ: ସିଟି ଏବଂ ଜିଏସ୍‌ଟି କାର୍ଯ୍ୟାଳୟ ପାଖ, ସମୟ: ସକାଳ ୯ଟା।
- କପିଳାସ କାଜୁ କ୍ଲଷ୍ଟର ଉଦ୍‌ଘାଟନ, ସ୍ଥାନ: ଲମ୍ବୋଦରପୁର, ସଦର ବ୍ଲକ ଢେଙ୍କାନାଳ, ସମୟ: ସକାଳ ୯ଟା୩୦।
- ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ ଫାଇନାଲ ମ୍ୟାଚ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା୩୦।

ଜଗତ୍‌ସିଂହପୁର

- ମହାକାଳେଶ୍ୱର ଶୈବପିଠରେ ଗାୟତ୍ରୀ ଯଜ୍ଞ ଓ କଳସ ଯାତ୍ରା, ସ୍ଥାନ: ହରିବୋଲିଆ ମଠ, ନୂଆବଜାର ପାରାଦୀପ, ସମୟ: ପ୍ରାତଃ ୫ଟା।
- ଏନାଜିକ୍ କମ୍ପାନୀ ପକ୍ଷରୁ କନଜେନ ପାଣି ସମ୍ପର୍କିତ କର୍ମଶାଳା, ସ୍ଥାନ: ଦୋଛକିସ୍ଥିତ ଏକ ହୋଟେଲ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ମହୁଲିଆ, ରାଜନଗର, ସମୟ: ସକାଳ ୬ଟା।
- ଆଜାଦ କ୍ଲବ ପକ୍ଷରୁ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲ ଖେଳ ପଡିଆ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୫ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶ୍ରୀ ବିଶ୍ୱେଶ୍ୱର ମହାଦେବ ମନ୍ଦିର ନିକଟ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

ଜୟାଗଡ଼

- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ୧୬ତମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା।
- ରାମ ଚରିତ ମାନସ ନବାହ୍ନ ପାରାୟଣର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ , ସମୟ: ସକାଳ ୮ଟା।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍, ଅନୁଗୋଳ ବନାମ ଜଟଣୀ, ସ୍ଥାନ: ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।

କୋରାପୁଟ

- ସାଉଥ ଜୋନ୍ ନାଟକ ଉତ୍ସବ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ : କୋରାପୁଟ ସାଂସ୍କୃତିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।

ନବରଙ୍ଗପୁର

- ନବରଙ୍ଗପୁର ଏମ୍‌ପିଙ୍କ ବ୍ଲକ ପରିଦର୍ଶନ, ସ୍ଥାନ: ତେନ୍ତୁଳିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା ଏମ୍‌ପି ବଳଭଦ୍ର ମାଝୀଙ୍କ ପରିଦର୍ଶନ ଓ ସମୀକ୍ଷା, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

ମାଲକାନଗିରି

- କେନ୍ଦୁପତ୍ର ବୁସ୍‌କଟିଂକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ମାଥିଲି, ସମୟ: ଅପରାହ୍ନ ୧ଟା ।

ସମ୍ବଲପୁର

- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ୧୩ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୮ଟା ୩୦।
- କଲମ ପରିବାର ଆୟୋଜିତ ସାହିତ୍ୟ ସଭା, ସ୍ଥାନ : ଜିଏମୟୁ ସ୍ଥିତ ପ୍ରେକ୍ଷାଳୟ, ସମୟ ସକାଳ ୯ଟା ୩୦।
- ୮୯ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା।
- ସରସତିଆ ଦିନ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୧ଟା।
- କୁଲତା ସମାଜର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ : ଦାନିପାଲି ସ୍ଥିତ ରାମଚଣ୍ଡି ସେବା ସଦନ, ସମୟ : ଅପରାହ୍ନ ୪ଟା।
- ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୁର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଫାଇନାଲ ମ୍ୟାଚ । ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ : ଅପରାହ୍ନ ୩ଟା।
- ପଣ୍ଡା ସୁପର ମାଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଚିତ୍ରଗୁପ୍ତ ଛକ, ସମୟ : ଅପରାହ୍ନ ୪ଟା ୩୦।
- ଜବାନୀ ଏ–ହିନ୍ଦ କ୍ଲବ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ସଭାକକ୍ଷ, ସମୟ : ସନ୍ଧ୍ୟା ୬ଟା ୩୦।

ବଲାଙ୍ଗୀର

- ରାଜ୍ୟସ୍ତରୀୟ ମହିଳା ଟି–୨୦ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ସୂଚନା ଅଧିକାର ଅଭିଯାନର ଜିଲାସ୍ତରୀୟ ମହାସମ୍ମିଳନୀସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ୧୫ ତମ ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ଲାଠୋର ଖେଳପଡିଆ, ଖପ୍ରାଖୋଲ ବ୍ଲକ, ସମୟ: ଅପରାହ୍ନ ୧ ଟା।

ରାଉରକେଲା

- ବିଷ୍ଣୁ ମହାଯଜ୍ଞ, ଅଷ୍ଟପ୍ରହର ଓ ମହାଶିବରାତ୍ରି, ସ୍ଥାନ: ସେକ୍ଟର–୧୯, ସମୟ: ସକାଳ ୬ଟା।
- ବାର୍ଷିକ କ୍ରୀଡ଼ା ତାଲିମ ଶିବିରର ୩ୟ ଦିବସ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- କାଲୋକୁଦର ଗ୍ରାମବାସୀଙ୍କ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ବେଲଡିହି, ସମୟ: ସକାଳ ୭ଟା ୩୦।
- ପଣ୍ଡା–ସମଦଗାର, ସିହ୍ନା ମେମୋରିଆଲ୍ ଲେକ୍ଚର ସିରିଜର ୩ୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ବନ୍ଧୁମିଳନ, ସ୍ଥାନ: ସେକ୍ଟର–୧୩ କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ସୌମ୍ୟଜିତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆମେ ଓଡିଆ ରାଉରକେଲା ଶାଖା ସମ୍ମିଳନୀ, ସ୍ଥାନ: ଖଡ୍‌ଗ ଭବନ, ସେକ୍ଟର–୩, ସମୟ: ପୂର୍ବାହ୍ନ ୧୧ଟା।

ସୁନ୍ଦରଗଡ଼

- ସପ୍ତାହ ବ୍ୟାପୀ ଶ୍ରୀମଦ ଭାଗବତ କଥାମୃତ, ସତ୍‌ସଙ୍ଗ କାର୍ଯ୍ୟକ୍ରମର ୬ଷ୍ଠତମ ସନ୍ଧ୍ୟା,ସ୍ଥାନ:ଇବ ନଗର ଆଇଆର ଆଇଟି କଲୋନୀ ଶିବ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ରୁ ୯ଟା।

ବରଗଡ଼

- ଜୀରା ବଞ୍ଚାଅ ଆନ୍ଦୋଳନ,ସ୍ଥାନ:ଜୀରାନଦୀ କୂଳ, ବରଗଡ଼,ସମୟ: ସକାଳ ୯ଟା।
- ସ୍ୱାସ୍ଥ୍ୟ, ଚକ୍ଷୁ ଚିକିତ୍ସା ଶିବିର,ସ୍ଥାନ: ଗଙ୍ଗାଧର ମେହେର ହାଇସ୍କୁଲ, ଖୁଣ୍ଟପାଲି, ବରଗଡ଼,ସମୟ: ସକାଳ ୯ଟା।
- ସ୍ୱରାଜ ସଙ୍ଗମ ସର୍ବୋଦୟ ଶିବିର,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।

କଳାହାଣ୍ଡି

- କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ପ୍ରଥମ କବିତା ସଂକଳନ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ବ୍ରଜ ବିହାର, ସମୟ: ଅପରାହ୍ନ ୩ଟା।
- ଫଗୁ ମହୋତ୍ସବ ବୃତ୍ତାନ୍ତ ବୈଠକ, ସ୍ଥାନ: ନୂଆଗୁଡା, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ନ ୫ଟା।

ବୌଦ୍ଧ

- ଦ୍ୱିତୀୟ ସେବା ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁବୁଡା, ହରଭଙ୍ଗା, ସମୟ: ସକାଳ ୯ଟା।

ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗରକୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବନି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ଗୁଦୁଗୁଦା,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୮ଟା।
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।

ନୂଆପଡ଼ା

- ଯୋଗେଶ୍ୱର ମହୋତ୍ସବ ୨୦୨୫ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପଟୋରା ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

ମେଷ

ଆ

ରାଜ୍ୟ ବାହାରକୁ ରୋଗୀ ଚାଲାଣ ଅଭିଯୋଗରେ ମହିଳା ଅଟକ

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଆଟଗାଁ ଅଞ୍ଚଳରୁ ରାଜ୍ୟ ବାହାରକୁ ରୋଗୀ ଚାଲାଣ ହେଉଥିବା ଅଭିଯୋଗ ପରେ ପୋଲିସ ଜଣେ ମହିଳାଙ୍କ ସହ ଡ୍ରାଇଭରଙ୍କୁ ଶନିବାର ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି। ଆଟଗାଁ ଅଞ୍ଚଳରୁ ୧୨ ଜଣ ରୋଗୀଙ୍କୁ ଏକ ଗାଡ଼ିରେ ଛତିଶଗଡ଼ର ରାୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ନାଁରେ ଚାଲାଣ କରାଯାଉଥିବା ଖବର ପାଇ ଜିଲା ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ ପୋଲିସକୁ ଜଣାଇଥିଲେ। ପୋଲିସ ଟିମ୍ ସମ୍ପୃକ୍ତ ମହିଳାଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସମ୍ପୃକ୍ତ ମହିଳା ଜଣକ ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର ବୋଲି ଜଣାପଡିଛି। ତାଙ୍କୁ ପୋଲିସ ପଚରାଉଚରା କରୁଛି।

‘ଆଧ୍ୟାତ୍ମିକତା ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରେ’

ସୁଖ ଶାନ୍ତି ସରୋବର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୨୨।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ପ୍ରଜାପିତା ବ୍ରହ୍ମାକୁମାରୀ ଶାଖାର ପୁରୁଣା ବଜାରଠାରେ ନବନିର୍ମିତ କାର୍ଯ୍ୟାଳୟ ସୁଖ ଶାନ୍ତି ସରୋବରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ,ଏହା ଭବ୍ୟ ନୂତନ କୋଠାର ଉଦ୍‌ଘାଟନ ନୁହେଁ, ବରଂ ସାରା ବିଶ୍ୱରେ ଶାନ୍ତି, ପ୍ରେମ ଏବଂ ଆଧ୍ୟାତ୍ମିକ ଜ୍ଞାନ ପ୍ରସାର କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିପାଦନ କରିବ। ଆଧ୍ୟାତ୍ମିକ ଜୀବନଶୈଳୀ ଆମକୁ ସରଳ, ନିରାଡ଼ମ୍ବର ଏବଂ ମିତବ୍ୟୟୀ ହେବାକୁ ପ୍ରେରଣା ଦେଉଛି। ଆଧ୍ୟାତ୍ମିକ ଜୀବନଶୈଳୀ ଆମର ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ ବୋଲି ସେ କହିଥିଲେ।

ଆହୁରି କହିଥିଲେ, ଆଜିର ଏଆଇ ଯୁଗରେ ସମସ୍ତେ କର୍ମବ୍ୟସ୍ତତା ଭିତରେ କାହା ସହିତ ପଦେ ମନଭରି କଥା ହେବା ପାଇଁ ମଧ୍ୟ ଆମର ବେଳ ନ ଥିବାରୁ ପାରିବାରିକ ଓ ସାମାଜିକ ସମ୍ପର୍କ ଅବକ୍ଷୟଗାମୀ ହେଉଛି। ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ନୀତି ନିଷ୍ଠା ପ୍ରଚେଷ୍ଟା ପୁନର୍ବାର ସେହି ପ୍ରେମ, ଶାନ୍ତି ଓ ସୌହାର୍ଦ୍ଦ୍ୟ ଫେରାଇ ଆଣିବ ବୋଲି ଆଶା ବ୍ୟକ୍ତ କରିଥିଲେ। ସୁଖ ଶାନ୍ତି ସରୋବର କୋଠା କେବଳ ଇଟା ଏବଂ ସିମେଣ୍ଟ ନୁହେଁ ବରଂ ଏହା ଜ୍ଞାନ ଏବଂ କରୁଣାର ଏକ ପବିତ୍ର ସ୍ଥାନ। ଏଠାରେ ବ୍ୟକ୍ତିମାନେ ଆଧ୍ୟାତ୍ମିକ ସଶକ୍ତୀକରଣ ମାଧ୍ୟମରେ ଶିଖିବା, ବୃଦ୍ଧି ପାଇବା ଏବଂ ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିବା ପାଇଁ ଏକାଠି ହେବେ। ୨୦୪୭ରେ ଯେତେବେଳେ ସମଗ୍ର ଭାରତବର୍ଷ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରୁଥିବ, ବିକଶିତ ଭାରତର ଅଜେୟ ଗାଥାରେ, ଅର୍ଥନୀତି, ରାଜନୀତି, ସାମାଜିକ ବିଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଭଳି ଆଧ୍ୟାତ୍ମିକତା ମଧ୍ୟ ଅନନ୍ୟ ବ୍ୟାଖ୍ୟା ବହନ କରୁଥିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ଜିଲା ପରିଷଦ ଅଧ୍ୟକ୍ଷ ସାଗରିକା ସାହୁ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ବ୍ରହ୍ମାକୁମାରୀ କଟକ ସବ୍-ଜୋନ୍ ନିର୍ଦ୍ଦେଶିକା କମଲେଶ ଦିଦିଜୀ, ବ୍ରହ୍ମାକୁମାରୀ ସଂସ୍ଥାର ଅତିରିକ୍ତ ମୁଖ୍ୟ ଜୟନ୍ତୀ ଦିଦିଜୀ ପ୍ରମୁଖ ଉପସ୍ଥିତ ଥିଲେ।

ମହାକୁମ୍ଭରେ ବୁଡ଼ ପକାଇବାକୁ ଆଜି ୟୁପି ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାରଠାରୁ ୩ ଦିନିଆ ଉତ୍ତର ପ୍ରଦେଶ ଗସ୍ତରେ ଯାଉଛନ୍ତି। ମହାକୁମ୍ଭରେ ବୁଡ଼ ପକାଇବା ଲାଗି ସେ ଏହି ଗସ୍ତ କରୁଛନ୍ତି। ବୁଡ଼ ପକାଇବା ପରେ ସେ ଅଯୋଧ୍ୟାରେ ରାମମନ୍ଦିର ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେ ରବିବାର ସକାଳ ୮ଟାରେ ଯାଇ ଆସନ୍ତା ୨୫ ତାରିଖରେ ଓଡ଼ିଶା ଫେରିବା କାର୍ଯ୍ୟକ୍ରମ ଅଛି। ତେବେ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ କାର୍ଯ୍ୟକ୍ରମ କ'ଣ ରହିଛି ସେନେଇ କିଛି ଜଣାପଡ଼ି ନାହିଁ।

ଗରିବ ଘରର ଝିଅ ବାହାଘର ପାଇଁ ବଜେଟରେ ଯୋଜନା କରିଛନ୍ତି ସରକାର

ଭୁବନେଶ୍ୱର,୨୨।୨(ସୁନିତ୍ ମିଶ୍ର)

ଓଡ଼ିଶାର ଯେଉଁ ବିବାହ ପ୍ରଥା ରହିଛି ତାକୁ ନେଇ ପରିବାରର ଲୋକମାନେ ଝିଅ ବାହାକରିବା ବେଳେ ବହୁ ସମସ୍ୟା ଭୋଗିଥାଆନ୍ତି। ସାଧାରଣ ଲୋକଟିଏ ଯେତେବେଳେ ନିଜ ଝିଅକୁ ଏକ ଭଲ ଘରେ ବିବାହ ଦେବାକୁ ଚିନ୍ତା କରନ୍ତି ସେତେବେଳେ ସେମାନେ ଚିନ୍ତାରେ ପଡ଼ନ୍ତି। କେମିତି ରୋଶଣି ଅଣାଯିବ, ଟେଣ୍ଟ ଲଗାଯିବ ଆଦି କଥା ଚିନ୍ତାକରି କଷ୍ଟ ପାଇଥାଆନ୍ତି। ଏକଥାକୁ ଦୃଷ୍ଟିରେ ରଖି ସେହିଭଳି ସାଧାରଣ ପରିବାରର ଲୋକଙ୍କ ସମସ୍ୟା ଦୂରକରିବା ଲାଗି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କରିଛନ୍ତି। ଏଥିଲାଗି ରାଜ୍ୟ ସରକାର ଏହି ଯୋଜନା କରିଛନ୍ତି। ପଛୁଆ ପରିବାରକୁ ଶସକ୍ତ କରିବାକୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଗରିବ ପରିବାରକୁ ସାହାଯ୍ୟ କରିବାକୁ ସରକାର ଚିନ୍ତା କରିଛନ୍ତି। ବଜେଟରେ ଉକ୍ତ ଯୋଜନା ଲାଗି ବ୍ୟବସ୍ଥା କରାଯାଇଛି।

ନ୍ୟୁ ଜଲପାଇଗୁଡ଼ି ଏକ୍ସପ୍ରେସ୍‌ରୁ ବ୍ୟାଟେରି ଖସିଲା

ସୋର, ୨୨।୨ (କହ୍ନେଜୟ ମିଶ୍ର)

ଇଞ୍ଜିନ ମରାମତି କରାଯାଉଛି।

ବାଲେଶ୍ୱର ଜିଲା ସୋର ଷ୍ଟେଶନର କିଛି ଦୂର ବେଲସାବିରା ଗ୍ରାମ ନିକଟରେ ନ୍ୟୁ ଜଲପାଇଗୁଡ଼ି ଏକ୍ସପ୍ରେସ ଟ୍ରେନରୁ ବ୍ୟାଟେରି ଖସିପଡ଼ିଥିଲା। ଲୋକୋ ପାଇଲଟ ଉପସ୍ଥିତ ବୁଦ୍ଧି ଖଟାଇ ଟ୍ରେନକୁ ଅଟକାଇ ଦେଇଥିଲେ। ଫଳରେ ଟ୍ରେନ ଏକ ବଡ଼ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଏଥିରେ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ଶନିବାର ନ୍ୟୁ ଜଲପାଇଗୁଡି ଏକ୍ସପ୍ରେସ (୨୨୬୧୨) ଅଫ୍‌ଲାଇନରେ ପଶ୍ଚିମବଙ୍ଗର ନ୍ୟୁଜଲପାଇଗୁଡିଠାରୁ ଚେନ୍ନାଇ ସେଣ୍ଟ୍ରାଲ ଅଭିମୁଖେ ବାହାରିଥିଲା। ଅପରାହ୍ନ ପ୍ରାୟ ୩ଟାରେ ୧୫ରେ ଟ୍ରେନ ଦ୍ରୁତଗତିରେ ଯାଉଥିବା ବେଳେ ବେଲସାବିରା ଗ୍ରାମ ନିକଟରେ ରେଳଧାରଣା କାର୍ଯ୍ୟ ଚାଲୁଥିବାରୁ ସେଠାରେ ଲାଗିଥିବା ସ୍ଲିପର ଉଠିରହିଥିଲା। ଏଥିରେ ଟ୍ରେନ ଇଞ୍ଜିନରେ ବାଜିବାରୁ ଏହାର ବ୍ୟାଟେରି ଓ ମୋଟର ସେଟ୍ ଭାଙ୍ଗି ଖସିପଡ଼ିଥିଲା। ଖବରପାଇ ଆରପିଏଫ୍, ଜିଆରପି, ସୋର ତହସିଲଦାର ସେକ ସାଗିର ଏବଂ ସୋର ପୋଲିସ ସମେତ ଉପରିସ୍ଥ ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଇଞ୍ଜିନରୁ ଖସିପଡିଥିବା ବ୍ୟାଟେରି ଏବଂ ମୋଟରକୁ ଏକ ପୋକଲିନ ସହାୟତାରେ ବାହାର କରାଯାଇଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଭଦ୍ରକରୁ ଅନ୍ୟ ଏକ ଇଞ୍ଜିନ ସେଠାରେ ପହଞ୍ଚିଥିବା ବେଳେ ଟ୍ରେନ ଗନ୍ତବ୍ୟସ୍ଥଳକୁ ପଠାଇବା ପାଇଁ ଉଦ୍ୟମ ଚାଲିଥିଲା। ଘଟଣାକୁ ଯୋଗୁ ଉକ୍ତ ଲାଇନରେ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି।

ମୋ ବସ୍‌ରେ ନିଆଁ

ମଙ୍ଗୁଳି-ଜଗତପୁର,୨୨।୨(ମାନସ ସାମଲ)

ମୋ ବସ୍ ଭିତରୁ ଜଣେ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଉଛି।

କଟକ ଜିଲା ଜଗତପୁର ଥାନା ଅଧୀନ ବିରୂପା ବ୍ୟାରେଜ ନିକଟରେ ଶନିବାର ଅପରାହ୍ନରେ ମୋ ବସ୍‌ରେ ଅଚାନକ ନିଆଁ ଲାଗିଯାଇଥିଲା। ଏହି ସମୟରେ ବସ୍‌ର ଗେଟ୍ ଲକ୍ ପଡିଯିବାରୁ ତାହା ଖୋଲି ନ ଥିଲା। ଫଳରେ ବସ୍ ଭିତରେ ଥିବା ଯାତ୍ରୀମାନେ ଧୂଆଁରେ ଅଣନିଃଶ୍ୱାସୀ ହୋଇ ଜୀବନ ବଞ୍ଚାଇବା ପାଇଁ ଝରକା ବାଟେ ବାହାରି ଆସିଥିଲେ। ସୂଚନା ମୁତାବକ, ମୋ ବସ୍ (ନଂ. ଓଡିଶୀ୩୩୨-୬୫୨୪)ଟି ଚୌଦ୍ୱାର ଥାନା ଅଧୀନ ଆଗ୍ରାହାଟରୁ ବାହାରି ଚୁଡାଖିଆ, କଳିଙ୍ଗ ଛକ ଓ ଗାନ୍ଧୀଛକରୁ ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଉଠାଇ କଟକ ଅଭିମୁଖେ ଯାଉଥିଲା। ବିରୂପା ନଦୀ ଅତିକ୍ରମ କରିସାରିବା ପରେ ହଠାତ୍ ଗାଡିରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଯାତ୍ରୀମାନେ ଚିତ୍କାର କରିବାରୁ ଚାଳକ ଗାଡ଼ିକୁ ରାସ୍ତାପାର୍ଶ୍ୱରେ ଅଟକାଇଥିଲେ।

ଓଡ଼ିଶା ସମେତ ୭ ରାଜ୍ୟକୁ ଆଷ୍ଟେରଏଡ୍ ଭୟ

୨୦୩୨ରେ ପୃଥିବୀ ସହ ଧକ୍କା ହୋଇପାରେ

ୱାଶିଂଟନ୍, ୨୨।୨

୧୩୦ରୁ ୩୦୦ ଫୁଟ ଲମ୍ବା ଆଷ୍ଟେରଏଡ୍ 'ୱାଇଆର୍‌୪' ସମ୍ପ୍ରତି ପୃଥିବୀ ଆଡ଼କୁ ମାଡ଼ିଆସୁଛି। ୨୦୩୨ରେ ଏହି ଆଷ୍ଟେରଏଡ୍ ପୃଥିବୀ ସହ ଧକ୍କା ହେବା ନେଇ ଜ୍ୟୋତିର୍ବିଜ୍ଞାନୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଏହାଦ୍ୱାରା ମହାରାଷ୍ଟ୍ର, ଉତ୍ତର ତେଲଙ୍ଗାନା, ଦକ୍ଷିଣ ମଧ୍ୟପ୍ରଦେଶ, ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟର ବିଭିନ୍ନ ସହରକୁ ବିପଦ ଥିବା ନେଇ ଆକଳନ କରାଯାଇଛି। ତେବେ କେଉଁ ଅଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହେବ ତାହା ଆଷ୍ଟେରଏଡର ଗତି, କୋଣ ଏବଂ ବାୟୁମଣ୍ଡଳୀୟ ପ୍ରଭାବ ଉପରେ ନିର୍ଭର କରିବ। ସେହିପରି ଏହାର ପ୍ରଭାବ ବୋଗୋଟା, କଲମ୍ବିଆ, ନାଇଜେରିଆ ପରି ଦେଶରେ ମଧ୍ୟ ପଡ଼ିପାରେ ବୋଲି ଜ୍ୟୋତର୍ବିଜ୍ଞାନୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସମ୍ପ୍ରତି ଏହି ଆଷ୍ଟେରଏଡ୍ ପୃଥିବୀକୁ ଧକ୍କା ଦେବାର ଆଶଙ୍କାକୁ ଆମେରିକୀୟ ମହାକାଶ ସଂସ୍ଥା ନାସା କମାଇ ୧.୫% କରିଛି। ଜ୍ୟୋତିର୍ବିଜ୍ଞାନୀଙ୍କ ଆକଳନ ଅନୁଯାୟୀ, ପୃଥିବୀ ସହ ଧକ୍କା ହେବା ସମୟରେ ଏହି ଆଷ୍ଟେରଏଡ୍‌ଟି ୪୦ ହଜାର ମାଇଲ ପ୍ରତି ଘଣ୍ଟା ବେଗରେ ଗତି କରୁଥିବ। ଫଳରେ ଏହା ହିରୋଶିମା ବୋମା ଅପେକ୍ଷା ୫୦୦ ଗୁଣା ଅଧିକ ଶକ୍ତିଶାଳୀ ଶକ୍ତି ପ୍ରବାହ ଉତ୍ପାଦନ କରିପାରେ। ଏପରି ବିସ୍ଫୋରଣ ପୂରା ସହରକୁ ବିନାଶ କରିପାରେ। ଅନ୍ୟପକ୍ଷରେ 'ୱାଇଆର୍‌୪' ଆଷ୍ଟେରଏଡ କେଉଁଠାରେ ପଡ଼ିବ ତାହା ଏଯାବତ୍ ସ୍ପଷ୍ଟ ହୋଇନାହିଁ। ଭାରତ ସହ ଏହି ଆଷ୍ଟେରଏଡ୍ ଧକ୍କା ହେବାର ଆଶଙ୍କା ୧% ଥିବା ବେଳେ ଓଡ଼ିଶାରେ ଏହା ପଡ଼ିବାର ସମ୍ଭାବନା ଖୁବ୍ କମ୍ ବୋଲି ଓଡ଼ିଶାର ବରିଷ୍ଠ ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ । ପ୍ରତି ମୁହୂର୍ତ୍ତରେ ଅଚେତନ ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁ ଥାଅ– ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା– ଏବଂ ସବୁଠାରୁ ବଡ କଥା ମଧ୍ୟ ହେଲା – ତୁମର ଚରମ ନିଷ୍ଠାପରତା । –ଶ୍ରୀମା

ତଥ୍ୟ ଅପେକ୍ଷାରେ

ଆକାର ପଟେଲ

କେନ୍ଦ୍ର ସରକାର କହନ୍ତି, ଭାରତର ଜନଗଣନା ହେଉଛି ବିଭିନ୍ନ ପରିସଂଖ୍ୟାନ ତଥ୍ୟର ସବୁଠୁ ବଡ଼ ଉତ୍ସ । ଏହି ତଥ୍ୟ ଭାରତୀୟଙ୍କ ବିଭିନ୍ନ ବିଶେଷତା ଉପରେ ଆଧାରିତ । ୧୩୦ ବର୍ଷରୁ ଊର୍ଦ୍ଧ୍ୱ ଇତିହାସ ଥିବା ଏହି ଭରସାଯୋଗ୍ୟ ଜନଗଣନା ପ୍ରତି ୧୦ ବର୍ଷରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆଣିଥାଏ । ଜନଗଣନା ୧୮୭୨ରେ ଆରମ୍ଭ ହୋଇଥିଲା ଏବଂ ଏହା ଜନସାଂଖ୍ୟିକ, ଅର୍ଥନୀତି, ମାନବବିଜ୍ଞାନ, ସାମାଜିକ ବିଜ୍ଞାନ, ପରିସଂଖ୍ୟାନ ଏବଂ ଅନ୍ୟ କେତେକ କ୍ଷେତ୍ରରେ ଛାତ୍ରୀଛାତ୍ର ଓ ଗବେଷକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ଆସିଛି । ଶେଷ ଥର ପାଇଁ ୨୦୧୧ରେ ଜନଗଣନା ହୋଇଥିଲା । ଏହାପରେ ଆମ ପାଖରେ ଅନେକ ବିଷୟର ଉତ୍ତମ ତଥ୍ୟ ନାହିଁ । ଦି ହ୍ୟୁମାନ୍ ଡେଭଲପ୍‌ମେଣ୍ଟ ଇଣ୍ଡେକ୍ସ (ଏଚ୍‌ଡିଆଇ) ବା ମାନବ ବିକାଶର ପ୍ରମୁଖ କ୍ଷେତ୍ରର ହାରାହାରି ସଫଳତାର ଏକ ମାପାଙ୍କ । ଏଥିରେ ଦୀର୍ଘସ୍ୱାସ୍ଥ୍ୟପ୍ରଦ ଜୀବନ ସହ ଏକ ଉତ୍ତମ ଜୀବନମାନର ତଥ୍ୟ ଥାଏ । ତେବେ ଏଚ୍‌ଡିଆଇରେ ଜାତିସଂଘ ଜଣେ ନବଜାତ ଶିଶୁର ହାରାହାରି ଆୟୁଷ ଆଧାରରେ ସ୍ୱାସ୍ଥ୍ୟଗତ ଦିଗକୁ ଆକଳନ କରିଥାଏ । ସେହିଭଳି ସ୍କୁଲରେ ପଢୁଥିବା ଓ ନାମ ଲେଖାଉଥିବା ପିଲାମାନେ କେତେ ବର୍ଷ ପଢ଼ିବାର ସମ୍ଭାବନା ରହିଛି ତାହାକୁ ନେଇ ଶିକ୍ଷା କ୍ଷେତ୍ରର ଆକଳନ କରାଯାଇଥାଏ । ମାନବ ଜୀବନ ସ୍ତର ବା ମାନକୁ ଦେଶର ବାର୍ଷିକ ମୁଣ୍ଡପିଛା ଆୟ ଆଧାରରେ ଆକଳନ କରାଯାଏ । ତେବେ ମୁଣ୍ଡପିଛା ଜିଏନ୍‌ଆଇ(ମୋଟ ଜାତୀୟ ଆୟ)ର ସମାନ ସ୍ତରରେ ଥିବା ଦୁଇଟି ଦେଶରେ କିପରି ମାନବ ବିକାଶ ପରିଣାମରେ ଭିନ୍ନତା ସରକାରଙ୍କ ନୀତି ପ୍ରାଥମିକତା ଉପରେ ବିତର୍କ ସୃଷ୍ଟି କରିଛି । ଭାରତ ଏଚ୍‌ଡିଆଇରେ ୦.୬୪୪ ଅଙ୍କ ପାଇ ଇରାକ (୦.୬୭୩) ବୋଟ୍ସୱାନ (୦.୭୦୮) ଏବଂ ବାଂଲାଦେଶ(୦.୬୭୦) ତଳେ ରହିଛି । ଉଲ୍ଲେଖନୀୟ ଯେ, ଏହା ବୈଶ୍ୱିକ ହାରାହାରି (୦.୭୭୫)ର ନିମ୍ନରେ ଅଛି । କିନ୍ତୁ କେରଳ ୦.୭୭୫ ଅଙ୍କ ପାଇ ମେକ୍ସିକୋ (୦.୭୮୧), କ୍ୟୁବା (୦.୭୬୪) ଏବଂ ଚାଇନା (୦.୭୮୮) ଗୋଷ୍ଠୀରେ ରହିଛି । ଅନ୍ୟପଟେ ୩୦ କୋଟି ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଉତ୍ତରପ୍ରଦେଶର ଏଚ୍‌ଡିଆଇ ୦.୫୯୨ ଏବଂ ବିହାରର ୦.୫୫୧ ରହିଛି, ଯାହା ସେମାନଙ୍କୁ ଜିମ୍ବାୱେ (୦.୫୫୦) ଏବଂ ପାକିସ୍ତାନ (୦.୫୪୦) ଗ୍ରୁପରେ ସ୍ଥାନିତ କରିଛି । ଯଦି ସେମାନଙ୍କୁ ପୃଥକ ଭାବେ ସ୍ଥାନିତ କରାଯାଏ ତେବେ ତାମିଲନାଡୁ (୦.୭୩୮) ବିହରଠାରୁ ୫୦ଟି ର୍ୟାଙ୍କ ଉପରେ ରହିବ । ଆମ ଦେଶରେ ଅବଶିଷ୍ଟ ରାଜ୍ୟରେ ବି ସମାନ କଥା ଦେଖିବାକୁ ମିଳେ । ପାକିସ୍ତାନରେ ମଧ୍ୟ ବିଭିନ୍ନ ରାଜ୍ୟ ମଧ୍ୟରେ ଅତ୍ୟଧିକ ପ୍ରଭେଦ ଲକ୍ଷ୍ୟ କରାଯାଏ । ପାକିସ୍ତାନର ଏକ ଆଭ୍ୟନ୍ତରୀଣ ସର୍ଭେ ଯାହା ଦର୍ଶାଏ ତାହା ବୈଶ୍ୱିକ ସର୍ଭେ ସ୍ପଷ୍ଟ କରିଥିବା ପଞ୍ଜାବର (୦.୭୩୨), ବେଲୁଚିସ୍ତାନ(୦.୪୨୧) ଏବଂ ଖିବର ପାଖତୁନ୍‌ଖୱା (୦.୨୧୬)ର ଏଚ୍‌ଡିଆଇ ର୍ୟାଙ୍କ ସହ ତୁଳନୀୟ ନୁହେଁ ।

ଜୁଲାଇ ୨୦୨୩ରେ ଭାରତର ପରିସଂଖ୍ୟାନ ଓ ଯୋଜନା କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ମୁଣ୍ଡପିଛା ଆୟ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲା । ତେଲଙ୍ଗାନାର ଏହା ବାର୍ଷିକ ୩.୦୮ ଲକ୍ଷ କିମ୍ବା ମାସିକ ୨୫,୦୦୦ ଟଙ୍କା ଥିଲା । ଏହା ମଧ୍ୟପ୍ରଦେଶ(୧.୪ ଲକ୍ଷ ଟଙ୍କା)ଠାରୁ ଦୁଇଗୁଣ, ଉତ୍ତରପ୍ରଦେଶ(୨୦୨୨ରେ ୭୦,୦୦୦ ଟଙ୍କା)ଠାରୁ ୪ଗୁଣ ଏବଂ ବିହାର(୨୦୨୨ରେ ୪୯,୦୦୦ ଟଙ୍କା)ଠାରୁ ୬ଗୁଣ ବେଶି । ପାକିସ୍ତାନର ମୁଣ୍ଡପିଛା ଆୟ ବାର୍ଷିକ ୧.୨ ଲକ୍ଷ ଟଙ୍କା ଏବଂ ବାଂଲାଦେଶର ଏହା ଥିଲା ୨.୧ ଲକ୍ଷ । ପଞ୍ଜାବରେ ପାକିସ୍ତାନ ଜନସଂଖ୍ୟାର ଅଧାରୁ ଅଧିକ ରହୁଛନ୍ତି । ଦେଖିବାକୁ ଗଲେ ସେମାନେ ଭାରତର ପଞ୍ଜାବ (ବାର୍ଷିକ ମୁଣ୍ଡପିଛା ଆୟ ସହ ପ୍ରାୟ ୧.୭ ଲକ୍ଷ ଟଙ୍କା) ସହ ସମାନ । ନୀଳକଣ୍ଠନ ଆରଏସ୍ ତାଙ୍କ ପୁସ୍ତକ 'ସାଉଥ୍ ଭର୍ସେସ ନର୍ଥ'ରେ ଜଣଙ୍କ ଜନ୍ମସ୍ଥାନର ପାରିପାର୍ଶ୍ୱିକ ପରିସ୍ଥିତିକୁ ଆଧାରରେ ହୋଇଥିବା ଭାରତୀୟଙ୍କ ମାନବ ବିକାଶରେ ଥିବା ଭିନ୍ନତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଦେଢ ଦଶନ୍ଧି ହେଲା ଆମର ଜନଗଣନା ହୋଇନାହିଁ । କିନ୍ତୁ ଉପଲବ୍ଧ ତଥ୍ୟ ଆଧାରରେ ସେ ଲେଖିଛନ୍ତି ଯେ, ଉତ୍ତରାଖଣ୍ଡରେ ଜନ୍ମିତ ଜଣେ ବ୍ୟକ୍ତିଙ୍କ ତୁଳନାରେ ମଧ୍ୟପ୍ରଦେଶରେ ଜଣେ ଜନ୍ମିତ ବ୍ୟକ୍ତି ୮ ବର୍ଷ କମ୍ ବଞ୍ଚିପାରେ । ଉତ୍ତରାଖଣ୍ଡରେ ଏହା ୭୨ ବର୍ଷ ହେଲେ ମଧ୍ୟପ୍ରଦେଶର ୬୪ । କେରଳ ତୁଳନାରେ ଉତ୍ତରପ୍ରଦେଶର ଜନ୍ମ ମୃତ୍ୟୁହାର (୧୦୦୦ ଜନ୍ମିତ ଶିଶୁଙ୍କ ମଧ୍ୟରେ) ୬ଗୁଣ ଅଧିକ । ଶିଶୁ ଜନ୍ମ ସମୟରେ ମାତୃ ମୃତ୍ୟୁହାର ମହାରାଷ୍ଟ୍ର ତୁଳନାରେ ଆସାମରେ ୪ଗୁଣ ବେଶି । ପଞ୍ଜାବର ମୋଟ ପିଲାଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ ଏବଂ ବିହାରର ଅଧା ପିଲାଙ୍କର ଷ୍ଟଣ୍ଟିଂ (ବୟସ ତୁଳନାରେ କମ୍ ଉଚ୍ଚତା) ସମସ୍ୟା ରହିଛି । ୧ ଲକ୍ଷ ଲୋକରେ ହସ୍ପିଟାଲ ବେଡ୍ ସଂଖ୍ୟାକୁ ଦେଖିଲେ କର୍ନାଟକରେ ଏହା ବିହାରଠାରୁ ୧୦ ଗୁଣ ଅଧିକ । ଏହାସହ ୧ ଲକ୍ଷ ଲୋକରେ ମହାରାଷ୍ଟ୍ରର ଡାକ୍ତରଙ୍କ ସଂଖ୍ୟା ଓଡ଼ିଶାଠାରୁ ୮ଗୁଣ ବେଶି । ଗୁଜରାଟୀଙ୍କ ତୁଳନାରେ ହିମାଚଳର ଲୋକମାନେ ଉଚ୍ଚଶିକ୍ଷାରେ ଦୁଇଗୁଣ ବେଶି ନାମ ଲେଖାଇବାର ସମ୍ଭାବନା ରହିଛି । ନୀଳକଣ୍ଠନ ସୂଚିତ କରିଛନ୍ତି ଯେ, ମଧ୍ୟପ୍ରଦେଶର ଆର୍ଥିକ ଉତ୍ପାଦରେ କୃଷିର ଅଂଶଧନ ତାମିଲନାଡୁଠାରୁ ପାଞ୍ଚଗୁଣ ବେଶି । ଅନ୍ୟପକ୍ଷରେ ଜିଡିପିରେ ମାନୁଫାକଚିଂର ଅଂଶଧନକୁ ଦେଖିଲେ ଗୁଜରାଟରେ ଏହା ଆନ୍ଧ୍ରପ୍ରଦେଶଠାରୁ ୩ଗୁଣ ଅଧିକ । ଶ୍ରମଶକ୍ତି କ୍ଷେତ୍ରରେ ହିମାଚଳ ପ୍ରଦେଶରେ ମହିଳାଙ୍କ ଭାଗୀଦାରି ବିହାର ତୁଳନାରେ ୧୨ ଗୁଣ ଏବଂ ଉତ୍ତରପ୍ରଦେଶ ତୁଳନାରେ ଚଣ୍ଡିଗଡ଼ରେ ଏହା ୩ଗୁଣ ଅଧିକ । ୨୦୨୧ ସରକାରୀ ତଥ୍ୟରୁ ଜଣାପଡ଼େ, ଆନ୍ଧ୍ରରେ ଚାର୍ଜଶିଟର ହାର ବିଚାର ପ୍ରକ୍ରିୟା ଆରମ୍ଭକୁ ୯୨ ପ୍ରତିଶତ ତ୍ୱରାନ୍ୱିତ କରୁଥିଲା ବେଳେ ମଣିପୁରରେ ଏହା ମାତ୍ର ୧୪ ପ୍ରତିଶତ । ୧ ଲକ୍ଷ ନାଗରିକରେ କେରଳରେ ଅପରାଧ ପଞ୍ଜୀକରଣ ହାର କର୍ନାଟକ ତୁଳନାରେ ୧୨ ଗୁଣ ବେଶି (୧୦୭୫/୭୧) । ଭାରତରେ କେରଳରେ ହତ୍ୟା ହାର ସବୁଠୁ କମ୍ (ଲକ୍ଷେ ଲୋକରେ ୦.୯ ଘଟଣା) ଏବଂ ଆନ୍ଧ୍ରପ୍ରଦେଶ ତୁଳନାରେ ଅଧା(୧.୮) । ଏହା ଗୁଜରାଟ(୧.୪), ଓଡ଼ିଶା(୩.୦) ଏବଂ ଝାଡ଼ଖଣ୍ଡ(୪.୦) ଠାରୁ ମଧ୍ୟ କମ୍। ବିମୁଦ୍ରୀକରଣ ଓ କୋଭିଡ୍ ଦ୍ୱିତୀୟ ଲହରଠାରୁ ଆରମ୍ଭ କରି ଜନ୍ମହାର ହ୍ରାସ ଓ କୃଷିଶ୍ରମିକ ବୃଦ୍ଧି ପର୍ଯ୍ୟନ୍ତ ଘଟଣାରେ,ବିଗତ ଦେଢ଼ ଦଶନ୍ଧି ମଧ୍ୟରେ, ରେକର୍ଡ କରାଯାଇଥିବା ପରିବର୍ତ୍ତନକୁ ଲକ୍ଷ୍ୟ କଲେ ଆଶ୍ଚର୍ଯ୍ୟ ଲାଗେ । ହେଲେ ଜନଗଣନା ହେଲେ ହିଁ ତଥ୍ୟର ବାସ୍ତବତା ଆମେ ଜାଣିପାରିବା ।

Email:aakar.patel@gmail.com

ଆଚାର, ବିଚାର, ସଂସାର

ଉପେନ୍ଦ୍ର ବିଶ୍ୱାଳ

ଗତ ବର୍ଷ ଡିସେମ୍ବର ମଧ୍ୟଭାଗରେ ଗଣମାଧ୍ୟମରେ ଚର୍ଚ୍ଚିତ ଦୁଇଟି ଲୋମହର୍ଷଣକାରୀ ଘଟଣା ଏମିତି ଥିଲା ଯେ, ଯାହା ବାଧ୍ୟ କରିଥିଲା ସାଂସାରିକ ଜୀବନକୁ ନେଇ କିଛି ଲେଖିବାକୁ । ପ୍ରଥମ ଘଟଣାଟି ଇସ୍ନାତ ନଗରୀ ରାଉରକେଲାର । ବିବାହର ବର୍ଷଟିଏ ବି ଯାଇନାହିଁ ସାତମାସର ଗର୍ଭବତୀ ତରୁଣୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହତ୍ୟାର ଶିକାର ହୁଏ । ସେମିତି ବେଙ୍ଗାଲୁରୁର ଜଣେ ଯୁବ ଇଞ୍ଜିନିୟର ଆତ୍ମହତ୍ୟାକୁ ଆପଣାଇ ନିଏ, ଦିନକୁ ଦିନ ସ୍ତ୍ରୀ ନିର୍ଯାତନା ଅସହ୍ୟ ହେବାରୁ । 'ଗୃହମେବ ସର୍ବତ୍ର, ସର୍ବଦା, ସର୍ବଥା ସନ୍ତୋଷଦାୟକଂ ।' ଅର୍ଥାତ୍ ନୀଡ଼ ବା ଗୃହ ବା ପରିବାର ସବୁସ୍ଥାନରେ, ସବୁବେଳେ, ସବୁମତେ ସନ୍ତୋଷଦାୟକ ହୋଇଥାଏ । ସାମାନ୍ୟ ଚଢ଼େଇ କଥା ବି ଧରାଯାଉ । ଆହାର ସନ୍ଧାନରେ ଯେତେଦୂର ଯାଇଥିଲେ ବି ସନ୍ଧ୍ୟା ହେଲେ ଫେରି ଆସିଥାଏ ତା' ଟିକି ଘରକୁ । କାରଣ ତା'ପାଇଁ ସେଇ ଛୋଟ ବସା ହିଁ ସବୁଠୁ ଆରାମ ଦାୟକ ଓ ନିରାପଦ । ଗୃହ ଅଗଣାରେ ନିଜ ଆତ୍ମୀୟଜନଙ୍କ ଗହଣରେ ଆମକୁ ଯେଉଁ ଶାନ୍ତି ଓ ସନ୍ତୋଷଭାବ ମିଳିଥାଏ, ତାହା ଦୁନିଆରେ ଆଉ କେଉଁଠି ମିଳି ନ ଥାଏ । ସେଥିପାଇଁ ଆମ ଶାସ୍ତ୍ରରେ ଉଲ୍ଲେଖ ଅଛି, ''ପରିଜନା: ସର୍ବେଷାମ ଶ୍ରେଷ୍ଠ:।'' ଆହୁରି ବି କୁହାଯାଇଛି, କୁଟୁମ୍ବମ ସର୍ବ ଅସ୍ତି । ପରିବାର ହେଉଛି ସବୁକିଛି । ଅର୍ଥାତ୍ ପରିବାର ହିଁ ଆମର ଶକ୍ତି । ପରିବାର ହିଁ ଆମର ସମ୍ପଦ । ଗୃହ ହେଉଛି ବ୍ୟକ୍ତିର ପ୍ରଥମ ପାଠଶାଳା । ପରିବାର ପରି ଉତ୍ତମ ଶିକ୍ଷକ ଆଉ କେଉଁଠି ମିଳି ନ ପାରେ । କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ବସ୍ତୁବାଦୀ ଦୁନିଆ ପ୍ରତି ମୋହଗ୍ରସ୍ତ ମଣିଷ ବୁଝେନା ଗୃହର ଗୁରୁତ୍ୱ, ପରିବାରର ମହତ୍ତ୍ୱ ଓ ମହକ । ଏପରିକି ଆଜିକାର ଆଣ୍ଡ୍ରଏଡ୍ ଯୁଗର ଯୁବପିଢ଼ି ପରିବାର ବା ସଂସାରଟିଏ ଗଢ଼ିବାକୁ ବି ଅମଙ୍ଗ । ବିଶେଷକରି ଝିଅମାନେ ବେଶି ବିମୁଖ ହେଉଛନ୍ତି ସଂସାର ରଚିବାକୁ । ବ୍ୟାସକବିଙ୍କ ଭାଷାରେ, ''ଯହିଁ ନାରୀ ତହିଁ ଲକ୍ଷ୍ମୀ, ତହିଁ ସ୍ୱର୍ଗଧାମ/ ଶ୍ମଶାନ ସେ ଗୃହ, ଯହିଁ ନାହିଁ ନାରୀ ନାମ ।'' ଅର୍ଥାତ୍ ନାରୀ ହିଁ ପରିବାରର କେନ୍ଦ୍ରବିନ୍ଦୁ । ନାରୀ ହିଁ ଅସଲ ଆଧାର ସଂସାର ରଚିବା ନିମିତ୍ତ । ନାରୀ ବିନା ଘର ବି ଘର ଭଳି ଲାଗେନାହିଁ । ଶୃଙ୍ଖଳ ଓ ଶୃଙ୍ଖଳାହୀନ ଜୀବନ ପାଇଁ ହେଉ ଅବା ନିଜ ଇଚ୍ଛାର ମାଲିକ ହେବା ପାଇଁ ଅବା ସଂସାରକୁ ଜଞ୍ଜାଳ ଓ ଯନ୍ତ୍ରଣାର କାରଣ ବୋଲି ଭାବୁଥିବା ଯୋଗୁ ହେଉ, ଯେଉଁମାନେ ସଂସାର ରଚିବାକୁ ନାପସନ୍ଦ କରୁଛନ୍ତି, ସେମାନେ କିନ୍ତୁ ସମାଜ ପ୍ରତି ପ୍ରତାରଣା କରୁଛନ୍ତି

ବୋଲି ମନେହୁଏ । କାରଣ ମଣିଷ ହେଉଛି ଏକ ସାମାଜିକ ପ୍ରାଣୀ । ସାମାଜିକ ପ୍ରାଣୀ ବୋଲି ମଣିଷ ସେତେବେଳେ ବିବେଚିତ ହୁଏ, ଯେତେବେଳେ ସେ ସମାଜ ବ୍ୟବସ୍ଥା, ସାମାଜିକ ବନ୍ଧନକୁ ସ୍ୱୀକୃତି ଦିଏ । ବିବାହ ହେଉଛି ସାମାଜିକ ବନ୍ଧନର ଆଦ୍ୟ ଆଧାର । ମନୁଷ୍ୟ ଜୀବନର ପୂର୍ଣ୍ଣତାର ପ୍ରାରମ୍ଭ ପାଣିଗ୍ରହଣ ସଂସ୍କାର ପରେ ହିଁ ହୋଇଥାଏ । ଯେମିତି ବିଦ୍ୟାଳୟ ହେଉଛି ମହାବିଦ୍ୟାଳୟର ପ୍ରବେଶ ଦ୍ୱାର, ଠିକ୍ ସେମିତି ବିବାହ ହେଉଛି ଗୃହସ୍ଥାଶ୍ରମ ମହାବିଦ୍ୟାଳୟର ପ୍ରବେଶ ଦ୍ୱାର । ସଂସାର ରଚନା ଏକ ସାଧନା । ଅପରପକ୍ଷେ ଯେଉଁମାନେ (କୌଣସି କାରଣରୁ ବି ହେଉ) ବିବାହ କରୁନାହାନ୍ତି, ସେମାନଙ୍କ ମଧ୍ୟରୁ ବହୁଳାଂଶ ଭୀଷଣ ମନସ୍ତାପରେ କାଳାତିପାତ କରୁଥା'ନ୍ତି ଜୀବନର ସାୟାହ୍ନରେ । ବୃତ୍ତିଗତ ଜୀବନରୁ ଅବସର ନେବା ପରେ ନିଃସଙ୍ଗ, ଏକାକିତ୍ୱ ଜୀବନରେ ଟିକିଏ ସୁଖ–ଦୁଃଖ ବାଣ୍ଟିବାକୁ, ଭଲ–ମନ୍ଦ ବୁଝିବାକୁ ପାଖରେ ନିଜର ବୋଲି କେହି ନ ଥା'ନ୍ତି । ସାମାନ୍ୟ ଦୁଃସ୍ଥିତିରେ ଭାରାକ୍ରାନ୍ତ ହୋଇପଡ଼େ ମନ । ବୋଝ ଭଳି ମନେହୁଏ ଜୀବନ ।

ବିବାହ ଅର୍ଥ ବିଶେଷ ଭାବେ ବହନ କରିବା । ପରସ୍ପରର ଦାୟିତ୍ୱ ନିର୍ବାହ କରିବା । ପାଣିଗ୍ରହଣ କରିବା ଅର୍ଥ ସୁଖଦ ଦାମ୍ପତ୍ୟ ଜୀବନ ପାଇଁ ପରସ୍ପର ପ୍ରତିଶ୍ରୁତିବଦ୍ଧ ହେବା । ସେଥିପାଇଁ ବିବାହବେଦିରେ ବର ଘୋଷଣା କରେ, ''ହେ ପ୍ରିୟତମା! ଜୀବନର ଏହି ପୁଣ୍ୟ ପର୍ବରେ ସବୁ ଦେବତାଙ୍କୁ ସାକ୍ଷୀ ରଖି ମୁଁ ତୁମର ପାଣିଗ୍ରହଣ କରୁଛି । ହେ ସୁହାଗିନୀ! ତୁମେ ଚିରକାଳ ମୋ ସହିତ ସୌଭାଗ୍ୟଶାଳିନୀ ହୋଇ ରହିଥାଅ । ମୁଁ ନିଜର ଗୃହ ସଞ୍ଚାଳନ ଦାୟିତ୍ୱ ତୁମକୁ ଅର୍ପଣ କରୁଛି । ତୁମେ ସୁଖ ପୂର୍ବକ ଏହାକୁ ନିର୍ବାହ କର ।'' ଜୀବନର ଶେଷ ପର୍ଯ୍ୟନ୍ତ କନ୍ୟା ପ୍ରତି ସ୍ନେହଶୀଳ ହୋଇ ତାକୁ ସୁଖ ଶାନ୍ତିରେ ରଖିବାକୁ ସର୍ବ ସମ୍ମୁଖରେ ବର ପ୍ରତିଜ୍ଞା କରିଥାଏ । ପତି ପ୍ରତି ସମର୍ପଣ ଭାବ ନେଇ ଧର୍ମପତ୍ନୀ ମଧ୍ୟ ସେଠାରେ ପ୍ରତିଜ୍ଞା କରେ, ''ମୁଁ ପତି ବିନା ସୁଖ ଚାହେଁ ନାହିଁ, ପତି ବିନା ମୋର ସ୍ୱର୍ଗ ଆବଶ୍ୟକ ନାହିଁ, ପତି ବିନା ଧନ–ସମ୍ପଦର କିଛି ମୂଲ୍ୟ ନାହିଁ, ପତି ବିନା ମୁଁ ବଞ୍ଚିବାକୁ ଚାହେଁ ନାହିଁ ।'' ସଂସାର ଚଳେଇବା ଏକ ଦୁର୍ବିଷହ, କଷ୍ଟକର ବ୍ୟାପାର ବୋଲି ବିଚାରୁଥିବା ଝିଅପୁଅମାନେ ଯଦି 'ଆଚାର'ର ବୈଶିଷ୍ଟ୍ୟକୁ ସାମାନ୍ୟମାତ୍ର ଅନୁଧ୍ୟାନ ଏବଂ ଅନୁଶୀଳନ କରନ୍ତେ, ତେବେ ବୁଝିପାରନ୍ତେ ସୁଖ–ସଂସାର ରଚନାର ସରଳ ସୂତ୍ରକୁ । ଉତ୍ତରମେରୁ – ଦକ୍ଷିଣମେରୁ ମଧ୍ୟରେ ସମ୍ପର୍କ ପରି ଖଟା ଓ ମିଠାର ସମ୍ପର୍କ । ଲବଣ ଓ କଷାର ଦୂରତା ମଧ୍ୟ ଅବନୀ ଓ ଅମ୍ବରର ଦୂରତା ପରି । ରାଗ ସହିତ ଏହି ଚିଜଗୁଡିକର ସମ୍ପର୍କର ଦୂରତା ତ ସଭିଙ୍କୁ ଜଣା । ତଥାପି ଏ ସବୁ ସାମଗ୍ରୀ ସ୍ୱ ସ୍ୱ ମଧ୍ୟେ ସୁସାମଞ୍ଜସ୍ୟ ବଜାୟ ରଖି ଏକାଠି ରହି ସଭିଙ୍କର ଆଦର ଲାଭ କରିଥା'ନ୍ତି; ଯାହାକୁ ଆମେ ଆଚାର ବୋଲି କହୁ । ସ୍ୱାଦରେ ଆମ୍ବ ଖଟା, ଶର୍କରା ଥାଏ ମିଠା । ସେମିତି ବି ମେଥି, ସୋରିଷ କଷା ଜାତୀୟ । ମାତ୍ର ଖଟା, ମଧୁରତା, କଷା, ଲବଣତା, ରାଗ ମଧ୍ୟରେ ଏତେ ସୁନ୍ଦର ସାମଯୋଜନ, ବୁଝାମଣା ରହିଥାଏ ଯେ ସେଗୁଡ଼ିକର ସମ୍ମିଶ୍ରଣରେ ତିଆରି ଆଚାରଟି ସଭିଙ୍କ ଗ୍ରହଣୀୟ ଏବଂ ଆଦରଣୀୟ ହୋଇଯାଏ । ଗୋଟିଏ ପାତ୍ର/ପରିସରରେ ରହିଥିଲେ ବି ନିଜ ନିଜର ସତ୍ତା ଲୋପ ପାଏନାହିଁ । ବରଂ ନିଜ ନିଜର ଅସ୍ତିତ୍ୱକୁ ଅକ୍ଷୁଣ୍ଣ ରଖି ସଭିଏ ସମ୍ମାନର ସହିତ ନିଜ ଉପସ୍ଥିତି ଜାହିର କରିଥାନ୍ତି । ଆଚାର ଏତେ ସୁସ୍ୱାଦୁ ବା ଆଦରଣୀୟ ହୋଇଥାଏ ଏଇଥିପାଇଁ, ଯେହେତୁ ମିଶ୍ରିତ ସାମଗ୍ରୀଗୁଡ଼ିକ ପରସ୍ପରକୁ ଅଗ୍ରାହ୍ୟ ନ କରି ସ୍ୱୀକୃତି ପ୍ରଦାନ କରିଥା'ନ୍ତି । କିନ୍ତୁ ସେମାନେ ଯଦି ନିଜ ନିଜ ବଡ଼ିମା ବା ଜିଦିପଣ ବଜାୟ ରଖିଥା'ନ୍ତେ, ତେବେ ସେମାନେ କ'ଣ ଏତେ ଆଦରଣୀୟ ହୋଇପାରନ୍ତେ ? ଆମ୍ବ ଯଦି କୁହେ ମୁଁ ମୋ ସ୍ୱଭାବ ବା ଖଟାପଣକୁ ଟିକିଏ ବି ହ୍ରାସ କରିବାକୁ ଦେବିନାହିଁ, ଲଙ୍କା ଯଦି କୁହେ ମୁଁ କଦାପି ମୋ ରାଗପଣ କମେଇବି ନାହିଁ, ଶର୍କରା ଯଦି କୁହେ ମୁଁ ଆଦୌ ନରମିବି ନାହିଁ ବା ମଧୁରତା ହ୍ରାସ ହେବାକୁ ଦେବି ନାହିଁ, ତେବେ ଆଚାର କଦାପି ସ୍ୱାଦିଷ୍ଟ ହେବ ନାହିଁ କି ସଭିଙ୍କର ଆଦରଣୀୟ ହୋଇପାରିବ ନାହିଁ । ଅର୍ଥାତ୍ ଭିନ୍ନ ବା ଅଲଗା ହେବାକୁ ଚେଷ୍ଟା କଲେ ସୌନ୍ଦର୍ଯ୍ୟ ନଷ୍ଟ ହେବ । ଏଣୁ ନିଜର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ, ଗୁଣାବଳୀ, ଗରିମା ବଜାୟ ରଖିବାକୁ ହେଲେ ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷା, ଅଯଥା ଜିଦିପଣ ପରିହାର କରିବାକୁ ହେବ । ସେମିତି ଗୃହ ଅଗଣାରେ ରହି ଜଣେ ଅନ୍ୟର ଗୁଣ ବା ପ୍ରକୃତିକୁ ବିରୋଧ ନ କରି ଟିକେ ଗ୍ରହଣ କରିନେଲେ ଗୃହର ମର୍ଯ୍ୟାଦା ବୃଦ୍ଧିପାଇବା ସହିତ ଆମେ ସୁଖ ଓ ଶାନ୍ତିରେ ଜୀବନ ନିର୍ବାହ କରିପାରନ୍ତୁ । ଅନ୍ୟ ଏକ ଅର୍ଥରେ ଚଳଣି ଓ ଚରିତ୍ରକୁ ଫୁଟେଇ ତୋଳିବାର ଅର୍ଥ ହେଉଛି ଆଚାର । ଠିକ୍ ଏହି କଥା ହିଁ କହିଥାଏ ସ୍ୱାଦଯୁକ୍ତ ଦ୍ରବ୍ୟ ଆଚାର । ଚଳଣି ଓ ଚରିତ୍ରରେ ଚମକ ଖେଳିଲେ, ସ୍ୱର୍ଗ ସମ ମନେହେବ ସଂସାର । ସେଥିପାଇଁ ତ କୁହାଯାଇଛି, ''ବୈକୁଣ୍ଠ ସମାନ ଆହା ଅଟେ ସେହି ଘର/ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।''

ମୋ: ୯୪୩୭୪୩୬୦୭୩

ଛାତ୍ରନେତ୍ରୀରୁ ମୁଖ୍ୟମନ୍ତ୍ରୀ

ଛାତ୍ର ଜୀବନରେ ରାଜନୀତି କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ କମ୍ ବାସ୍ତବ ରାଜନୀତିର ଶୀର୍ଷରେ ପହଞ୍ଚିଥାଆନ୍ତି । ପୁଣି ଯିଏ କ୍ଷମତା ରାଜନୀତିରେ ତିଷ୍ଠି ଯାଆନ୍ତି ଓ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରନ୍ତି, ସେମାନେ ଅନ୍ୟମାନଙ୍କ ସକାଶେ ଉଦାହରଣ ପାଲଟିବା ସହ କେତେକଙ୍କ ଲାଗି ଈର୍ଷଣୀୟ ସ୍ତରରେ ପହଞ୍ଚିବାର ଗୌରବ ଅର୍ଜନ କରନ୍ତି । ଭାରତୀୟ ରାଜନୀତିରେ ଦେଶର ରାଜଧାନୀ ଦିଲ୍ଲୀ ଯେଭଳି କେନ୍ଦ୍ରବିନ୍ଦୁ ରହିଆସିଛି, ସମଭାବରେ ଦେଖିଲେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ର ରାଜନୀତିରେ ନିଜକୁ ସାମିଲ କରିଥିବା ସଫଳ ଶିକ୍ଷାର୍ଥୀଙ୍କ ପ୍ରଭାବ ସର୍ବଭାରତୀୟ ଆକର୍ଷଣର

ଏନ୍‌ଇପିର ୩ ଭାଷା ନୀତିରୁ ବିବାଦ

କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)-୨୦୨୦ରେ ବିଦ୍ୟାଳୟଗୁଡ଼ିକରେ ୩ ଭାଷା ନୀତି ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ରାଜ୍ୟରେ ମାତୃଭାଷା କିମ୍ବା ଆଞ୍ଚଳିକ ଭାଷାକୁ ପ୍ରଥମ ଭାଷା ଭାବେ ପରିଗଣିତ କରାଯାଉଥିବାବେଳେ ୨ୟ ଭାଷା ଭାବେ ହିନ୍ଦୀଭାଷୀ ରାଜ୍ୟରେ ଇଂଲିଶ କିମ୍ବା ଅନ୍ୟ ଯେକୌଣସି ଆଧୁନିକ ଭାରତୀୟ ଭାଷା ଏବଂ ଅଣହିନ୍ଦୀ ଭାଷୀ ରାଜ୍ୟରେ ଇଂଲିଶ କିମ୍ବା ହିନ୍ଦୀକୁ ଗ୍ରହଣ କରାଯିବ। ସେହିପରି ତୃତୀୟ ଭାଷା ଭାବେ ଉଭୟ ହିନ୍ଦୀ ଭାଷୀ ଏବଂ ଅଣହିନ୍ଦୀଭାଷୀ ରାଜ୍ୟରେ ଇଂଲିଶ କିମ୍ବା ଯେକୌଣସି ଆଧୁନିକ ଭାରତୀୟ ଭାଷାକୁ ପିଲାମାନେ ପଢ଼ିପାରିବେ। ତେବେ ତାମିଲନାଡୁ ପରି ଅଣହିନ୍ଦୀ ରାଜ୍ୟ ୨ଭାଷା ଉପରେ ଗୁରୁତ୍ୱ ଦେଉଥିବାବେଳେ ୩ୟ ଭାଷାକୁ ଗ୍ରହଣ କରିପାରୁ ନାହିଁ। ଏପରି କି କେନ୍ଦ୍ର ସରକାର ୩ୟ ଭାଷା ଭାବେ ହିନ୍ଦୀକୁ ଲଦି ଦେବାକୁ ଚାହୁଁଛନ୍ତି ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେଠାରେ ଏକପ୍ରକାର ଭାଷା ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ହରିୟାଣା, ରାଜସ୍ଥାନ, ହିମାଚଳପ୍ରଦେଶ ଭଳି ହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ତୃତୀୟ ଭାଷା କ'ଣ ରହିବ ଏବଂ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୩ୟ ଭାଷା ନୀତି ଦେଶର ସଂହତି ରକ୍ଷା କରିବାରେ କେତେଦୂର ସହଯୋଗୀ ହେବ, ତାକୁ ନେଇ ମଧ୍ୟ ବିଭିନ୍ନ ମତ ପ୍ରକାଶ ପାଉଛି।

୩ ଭାଷାର ବ୍ୟବହାର ଜରୁରୀ

ସାଧାରଣତଃ ଆମେ ୩ଟି ଭାଷା ବ୍ୟବହାର କରୁଛୁ। ପ୍ରଥମତଃ ମାତୃଭାଷା, ଦ୍ୱିତୀୟରେ ରାଜଭାଷା ହିନ୍ଦୀ ଏବଂ ତୃତୀୟରେ ଅନ୍ତର୍ଜାତୀୟ ଭାଷା, ଯାହାକି ଇଂଲିଶ। ଏହି ତିନୋଟି ଭାଷାର ଆବଶ୍ୟକତା ରହିଛି। ହିନ୍ଦୀକୁ ଖୁବ୍ ସହଜରେ ବୁଝି ହେଉଥିବାରୁ ଏବଂ କହି ହେଉଥିବାରୁ ଲୋକମାନେ ସହଜରେ ଏହାକୁ ଗ୍ରହଣ କରିଥାନ୍ତି। ତେଣୁ ଅଣହିନ୍ଦୀ ରାଜ୍ୟରେ ସାଧାରଣତଃ ହିନ୍ଦୀକୁ ତୃତୀୟ ଭାଷା ଭାବେ ଛାତ୍ରୀଛାତ୍ରମାନେ ବାଛିଥାନ୍ତି। ତେବେ ଓଡ଼ିଆକୁ ଅନ୍ୟ କୌଣସି ରାଜ୍ୟରେ ତୃତୀୟ ଭାଷା ଭାବେ ଗ୍ରହଣ କରିଥିବାର ସେପରି ନଜିର ନାହିଁ। ଏଯାବତ୍ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସେଭଳି ହୋଇପାରି ନାହିଁ।

-ପ୍ରତିଭା ରାୟ, ସାହିତ୍ୟିକା

ତୃତୀୟ ଭାଷା କାର୍ଯ୍ୟକାରିତା କଷ୍ଟକର ହେବ

ଏନ୍‌ଇପି ପକ୍ଷରୁ ସମଗ୍ର ଦେଶରେ ତ୍ରିଭାଷୀ ସୂତ୍ର ଲାଗୁ କରାଯାଇଛି, ଯାହାକି ନିହାତି ପକ୍ଷେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ନୂଆ ଭାଷା ଶିଖିବାର ସୁଯୋଗ ପାଇ ପାରିବେ। ଓଡ଼ିଶା, ଉତ୍ତରପ୍ରଦେଶ ତଥା ଅନ୍ୟ କିଛି ଅଣହିନ୍ଦୀ ରାଜ୍ୟରେ ସାଧାରଣତଃ ଓଡ଼ିଆ ଏବଂ ଇଂଲିଶ ପରେ ତୃତୀୟ ଭାଷା ଭାବେ ସଂସ୍କୃତକୁ ବାଛିଥାନ୍ତି। ତେବେ ସଂସ୍କୃତକୁ ବାଛିବାର କାରଣ ଭାଷା ଶିକ୍ଷା ବା ସାହିତ୍ୟ ଶିକ୍ଷା ନୁହେଁ, ବରଂ ପରୀକ୍ଷାରେ ନମ୍ବର ପାଇବାର ଏହା ଏକ ଉତ୍କୃଷ୍ଟ ମାଧ୍ୟମ। ମାତ୍ର ତୃତୀୟଭାଷାକୁ ସବୁବେଳେ ଏକ ନୂଆ ଭାଷା ଶିକ୍ଷା କରିବା ଲକ୍ଷ୍ୟରେ ଏହାକୁ ବାଛିବା ଦରକାର। ସେହିପରି ଅଣହିନ୍ଦୀ ରାଜ୍ୟଗୁଡ଼ିକରେ ଅଣହିନ୍ଦୀ ବିଶେଷକରି ଦକ୍ଷିଣଭାଷାକୁ ତୃତୀୟ ଭାଷା ଭାବେ ବାଛିବା ଦରକାର। ତେବେ ଏଥିପାଇଁ ଯେଭଳି ବ୍ୟବସ୍ଥା ହେବା କଥା ତାହା ଏଯାବତ୍ ହୋଇପାରି ନାହିଁ। ଯଦିଓ ନୂଆ ଶିକ୍ଷା ନୀତିରେ ଏନେଇ ଉଲ୍ଲେଖ ରହିଛି ତଥାପି ତାହାକୁ କାର୍ଯ୍ୟରେ ପରିପାଳନ କରିବା କଷ୍ଟକର। ତାମିଲନାଡୁରେ ଯଦି ଜଣେ ବଙ୍ଗଳା ବା ଓଡ଼ିଆ ପିଲା ଥିବ, ତେବେ ସେ ତା'ର ମାତୃଭାଷାକୁ ତୃତୀୟ ଭାଷା ଭାବେ ନେବାକୁ ଚାହିଁବ। ମାତ୍ର ଜଣେ ଦୁଇଜଣ ପିଲାଙ୍କ ପାଇଁ ଶିକ୍ଷକ ନିଯୁକ୍ତିଠାରୁ ଆରମ୍ଭ କରି ପାଠ୍ୟଉପକରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇବା କଷ୍ଟକର ହୋଇ ପଡ଼ିବ। ସେହିପରି ଅନ୍‌ଲାଇନ୍‌ରେ ପାଠ ପଢ଼ିବା ଅଫ୍‌ଲାଇନ୍ ଭଳି ଲାଭଦାୟକ ହୋଇପାରିବ ନାହିଁ।

- ପ୍ରୀତୀଶ ଆଚାର୍ଯ୍ୟ, ଅବସରପ୍ରାପ୍ତ ଅଧ୍ୟାପକ

ହିନ୍ଦୀ ଜାଣିଲେ ଭାଷା ଭାବନା ଆହୁରି ସମୃଦ୍ଧ ହେବ

ଭାରତବର୍ଷରେ ବିଭିନ୍ନ ଭାଷାର ପ୍ରଚଳନ ରହିଛି। ତେବେ ହିନ୍ଦୀକୁ ନେଇ ଉତ୍ତର ଏବଂ ଦକ୍ଷିଣ ଭାରତ ମଧ୍ୟରେ ମତପାର୍ଥକ୍ୟ ରହିଛି। ହିନ୍ଦୀ ଏକ ବହୁଳ ପ୍ରଚଳିତ ଭାଷା। ପ୍ରାୟ ସବୁ ପ୍ରଦେଶର ବାସିନ୍ଦା ଉଣାଧିକେ ହିନ୍ଦୀ କହିବା ସହ ବୁଝିପାରନ୍ତି। ବିଭିନ୍ନ ପ୍ରଦେଶର ବାସିନ୍ଦାଙ୍କ ମଧ୍ୟରେ ହିନ୍ଦୀ ଏକ ସେତୁ ଭଳି କାର୍ଯ୍ୟ କରିଥାଏ। ସମ୍ବିଧାନରେ ହିନ୍ଦୀକୁ ରାଜଭାଷାର ମାନ୍ୟତା ଦିଆଯାଇଛି। ଜାତୀୟ ଶିକ୍ଷାନୀତି ଅନ୍ତର୍ଗତ ତ୍ରିଭାଷୀ ନୀତି ସ୍ୱାଗତଯୋଗ୍ୟ। ଜଣେ ଭାରତୀୟ ନାଗରିକ ମାତୃଭାଷା ସହ ଇଂଲିଶ ଓ ହିନ୍ଦୀ ଜାଣିବା ଆବଶ୍ୟକ। ତେବେ ସର୍ବୋପରି ମାତୃଭାଷାକୁ ହୀନମନ୍ୟତା ଭିତରେ ରଖିବା ଉଚିତ ନୁହେଁ। ତାମିଲନାଡୁ ବାସିନ୍ଦା ନିଜ ମାତୃଭାଷା ତାମିଲକୁ ନେଇ ଗର୍ବ କରନ୍ତି ଏବଂ ସେମାନେ ଭଲ ଇଂଲିଶ ମଧ୍ୟ କୁହନ୍ତି ଓ ଲେଖନ୍ତି। ଏଥିସହ ସେମାନେ ହିନ୍ଦୀ ଜାଣିଲେ ଏହା ସେମାନଙ୍କ ଭାଷା ଭାବନାକୁ ଆହୁରି ସମୃଦ୍ଧ କରିବ। ଏହାକୁ ରାଜନୈତିକ ଦୃଷ୍ଟିକୋଣରୁ ଟାଣି ତାମିଲନାଡୁ ସରକାର ଅଯଥା ବିବାଦ କରିବା ଅନୁଚିତ।

- ସତ୍ୟବାଦୀ ବଳିୟାରସିଂହ, ସଭାପତି, ଭାଷା ସୁରକ୍ଷା ସମ୍ମିଳନୀ, ଖୋର୍ଦ୍ଧା

ଆଞ୍ଚଳିକ ଭାଷା ତୁଳନାରେ ହିନ୍ଦୀ ଭାଷା ବ୍ୟବହାର ବଢ଼ିବ

ଜାତୀୟ ଶିକ୍ଷାନୀତିରେ ତୃତୀୟ ଭାଷାକୁ ନେଇ ଲାଗୁହେବାକୁ ଥିବା ନିୟମ କାର୍ଯ୍ୟକାରୀ କରିବା ସହଜ ନୁହେଁ। ହିନ୍ଦୀ ଭାଷାଭାଷୀ ରାଜ୍ୟରେ ଓଡ଼ିଶାର ପିଲାମାନେ ପଢୁଛନ୍ତି ସେମାନେ ତୃତୀୟ ଭାଷା ଭାବେ ଓଡ଼ିଆ ଭାଷା ନେବାକୁ ଚାହିଁଲେ ତାହା କେତେଦୂର କାର୍ଯ୍ୟକାରୀ ହେବ ତାହା ଏକ ପ୍ରଶ୍ନବାଚୀ। ବାଧ୍ୟ ହୋଇ ଓଡ଼ିଆ ପିଲାମାନେ ହିନ୍ଦୀ ନେବେ। ଯଦି ବି ଏହି ନିୟମ ସବୁ ରାଜ୍ୟରେ କାର୍ଯ୍ୟକାରୀ ହୁଏ ତେବେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା କଷ୍ଟକର ହୋଇପଡ଼ିବ। ଅଣହିନ୍ଦୀ ରାଜ୍ୟଗୁଡ଼ିକରେ ଯଦି ପିଲାମାନେ ଅନ୍ୟ ଭାଷା ଚୟନ କରନ୍ତି ଏବଂ ସେଠାରେ ସେହି ଭାଷାର ଶିକ୍ଷକ ନ ରୁହନ୍ତି ତେବେ ଉକ୍ତ ରାଜ୍ୟଗୁଡ଼ିକରେ ମଧ୍ୟ ହିନ୍ଦୀ ଭାଷା ହିଁ ବାଛିବାକୁ ପଡ଼ିବ। ତେଣୁ ମୋଟାମୋଟି ଭାବେ ଦେଖିବାକୁ ଗଲେ ଓଡ଼ିଆ ଭଳି ଅନ୍ୟ ଆଞ୍ଚଳିକ ଭାଷା ତୁଳନାରେ ହିନ୍ଦୀ ଭାଷା ସବୁ ରାଜ୍ୟରେ ବ୍ୟବହାର ହେବ।

-ଅଭିଜିତ୍ ମିଶ୍ର, କଣ୍ଠଶିଳ୍ପୀ

ସ୍ଥାନ, ପରିସ୍ଥିତିକୁ ଦେଖି ତୃତୀୟ ଭାଷା ବାଛିବା ଜରୁରୀ

ଭାରତ ଏକ ବହୁଭାଷୀ ଦେଶ। ଏଠାରେ ଓଡ଼ିଆ, ଇଂଲିଶ ଠାରୁ ଆରମ୍ଭ କରି ବିଭିନ୍ନ ଭାଷା ରହିଛି। ଏଥିସହ ବିଭିନ୍ନ ରାଜ୍ୟର ନିଜର ଭାଷା ରହିଛି। ତେଣୁ ମୋଟାମୋଟି ଭାବେ ଇଂଲିଶ ଭାଷା ସମସ୍ତଙ୍କଦ୍ୱାରା ଗ୍ରହଣୀୟ ହୋଇଛି। ଏପରିକି ବିଭିନ୍ନ ସରକାରୀ କାଗଜପତ୍ର, କୋର୍ଟ କଚେରିରେ ଇଂଲିଶ ଭାଷା ସହିତ ସ୍ଥାନୀୟ ଭାଷାକୁ ବ୍ୟବହାର କରାଯାଉଛି। ଦକ୍ଷିଣ ଭାରତରେ ହିନ୍ଦୀ ଜାଣନ୍ତି ନାହିଁ, ତେଣୁ ସେଠାରେ ହିନ୍ଦୀକୁ ତୃତୀୟ ଭାଷା ଭାବେ ବାଛିବା ଦରକାର। ସେହିପରି ଉତ୍ତର ଭାରତରେ ହିନ୍ଦୀ ଦ୍ୱିତୀୟ ଭାଷା ଭାବେ ବ୍ୟବହାର ହେଉଥିବାରୁ ଏହାକୁ ଛାଡି ଅନ୍ୟ ଯେ କୌଣସି ଭାଷାକୁ ତୃତୀୟ ଭାଷା ଭାବେ ବଛାଯାଇ ପାରିବ। ଅପରପକ୍ଷେ ଝାଡ଼ଖଣ୍ଡରେ ତୃତୀୟ ଭାଷା ଭାବେ ଛାତ୍ରୀଛାତ୍ରମାନେ ଓଡ଼ିଆ ପଢୁଛନ୍ତି। ସମଗ୍ର ଦେଶ ପାଇଁ ଗୋଟିଏ ଭାଷା ବ୍ୟବହାର କରିବାର ପଲିସି କରାଯାଇ ପାରିବ ନାହିଁ। ତେଣୁ ସ୍ଥାନ ଏବଂ ପରିସ୍ଥିତିକୁ ଦେଖି ତୃତୀୟ ଭାଷା ବାଛିବା ଆବଶ୍ୟକ।

- ରଞ୍ଜନ ଦାସ, ପୂର୍ବତନ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ନିଦେଶକ

ପ୍ରଥମ ଭାଷା ମାତୃଭାଷା, ତୃତୀୟ ଭାଷା ସଂସ୍କୃତ ହେଉ

ପ୍ରଥମ ଭାଷାକୁ ମାତୃଭାଷା ଭାବେ ଗ୍ରହଣ କରିବା ଭଲ କଥା। ଦ୍ୱିତୀୟ ଭାଷା ଭାବରେ ଇଂଲିଶ ଭାଷା ନେଲେ ଦେଶ ଓ ଦେଶ ବାହାରେ ଯୋଗାଯୋଗ ପାଇଁ ସୁବିଧା ହେବ। ମାତ୍ର ତୃତୀୟ ଭାଷା ଭାବେ ହିନ୍ଦୀ ବଦଳରେ ସଂସ୍କୃତକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ଟିଭି, ମୋବାଇଲ, ଖୋଲିଲେ ଲୋକ ହିନ୍ଦୀ ଭାଷା ଶିଖିଯିବେ ମାତ୍ର ଏ ଯେଉଁ ନିୟମ ଲାଗୁ ହୋଇଛି ସେଥିରେ ହିନ୍ଦୀ ପ୍ରତି ପିଲା ଢଳିବେ। ସଂସ୍କୃତ ଭାଷାରେ ସାରା ଦେଶରେ ମନ୍ତ୍ରପାଠ କରାଯାଉଛି। ତେଣୁ ସମଗ୍ର ଭାରତରେ ବିଶେଷ କରି ଓଡ଼ିଶାରେ ସଂସ୍କୃତକୁ ଏକ ବାଧ୍ୟତାମୂଳକ ବିଷୟ ଭାବେ ରଖାଯିବା ଉଚିତ୍।

-ପ୍ରଶାନ୍ତ ନନ୍ଦ, ଅଭିନେତା

'ବାହାର ରାଜ୍ୟରେ ପିଲାମାନେ ଓଡ଼ିଆ ପଢ଼ିବାର ସୁଯୋଗ ପାଇବେ'

ଏହି ଶିକ୍ଷାନୀତି ଯଦି ବାସ୍ତବିକ କାର୍ଯ୍ୟ ହୁଏ, ତେବେ ଓଡ଼ିଆ ପିଲାମାନେ ବାହାର ରାଜ୍ୟରେ ତୃତୀୟ ଭାଷା ଭାବେ ଓଡ଼ିଆ ପଢ଼ିବାର ସୁଯୋଗ ପାଇବେ। ଓଡ଼ିଶା ଭଳି ଅଣହିନ୍ଦୀ ରାଜ୍ୟର ପିଲାମାନେ ବାସ୍ତବିକ ତୃତୀୟ ଭାଷାରେ ହିନ୍ଦୀ ଭାଷା ବାଛିବେ। ଏକାଧିକ ଭାଷାରେ ପାଠପଢ଼ିବା ଏକ ଭଲ କଥା। ଯେତେ ଅଧିକ ଭାଷାକୁ ପିଲାମାନେ ଚୟନ କରିବେ ସେହି ଅନୁସାରେ ଆହ୍ୱାନ ମଧ୍ୟ ସୃଷ୍ଟି ହେବ ଏହାର ସମାଧାନର ବାଟ ମଧ୍ୟ ଫିଟିବ। କରୋନା କାଳରେ ଅନ୍‌ଲାଇନ୍ ପାଠପଢ଼ା ଯେମିତି ସମ୍ଭବ ହେଉଥିଲା ଆବଶ୍ୟକସ୍ଥଳେ ସେପରି ପାଠପଢ଼ା ହେବ।

- ସୁସ୍ମିତା ଦାଶ, କଣ୍ଠଶିଳ୍ପୀ

ଆନୁଷଙ୍ଗିକ ବ୍ୟବସ୍ଥା ହେବା ଜରୁରୀ

ଓଡ଼ିଶାରେ ବିଶେଷତଃ ହିନ୍ଦୀକୁ ତୃତୀୟ ଭାଷା ଭାବେ ବ୍ୟବହାର କରାଯାଉଛି। ମାତ୍ର ଏନ୍‌ଇପି-୨୦୨୦ ଲାଗୁ ହେବା ପରେ ପିଲାଙ୍କ ପାଖରେ ବିଭିନ୍ନ ଭାଷାକୁ ପଢ଼ିବାର ସୁଯୋଗ ମିଳିବ। ସେହିପରି ଝାଡ଼ଖଣ୍ଡରେ ଛାତ୍ରୀଛାତ୍ରମାନେ ଓଡ଼ିଆକୁ ତୃତୀୟ ଭାଷା ଭାବେ ଅଧ୍ୟୟନ କରୁଛନ୍ତି। ମାତ୍ର ସରକାରଙ୍କ ପକ୍ଷରୁ ସେଠାକୁ ପାଠ୍ୟଉପକରଣ ପଠାଯାଉ ନ ଥିବାରୁ ଠିକ୍ ଭାବେ ପଢ଼ା ହେଉନାହିଁ। ଆନ୍ଧ୍ରରେ ତେଲୁଗୁ ସହିତ ଉର୍ଦ୍ଦୁ ଦ୍ୱିତୀୟ ଭାଷା ଭାବେ ଅଧ୍ୟୟନ କରାଯାଉଛି। ସେହିପରି ହିନ୍ଦୀଭାଷୀ ରାଜ୍ୟଗୁଡିକ ପାଇଁ ଉର୍ଦ୍ଦୁ କିମ୍ବା ଅନ୍ୟ କୌଣସି ଭାଷା ତୃତୀୟ ଭାଷା ଭାବେ ବାଛିପାରିବେ। ମାତ୍ର ଏଥିପାଇଁ ପ୍ରଥମେ ଆନୁଷଙ୍ଗିକ ବ୍ୟବସ୍ଥା ହେବା ଦରକାର।

- ସହଦେବ ସାହୁ, ପୂର୍ବତନ ମୁଖ୍ୟ ଶାସନ ସଚିବ

ଭାଷାକୁ ବାଛିବା ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ନିଷ୍ପତ୍ତି ହେବା ଦରକାର

ଏନ୍‌ଇପିରେ ତୃତୀୟ ଭାଷାକୁ ନେଇ ଯେଉଁ ବ୍ୟବସ୍ଥା ଲାଗୁ ହୋଇଛି, ତାହାକୁ କାର୍ଯ୍ୟକାରୀ କରିବା କଷ୍ଟକର ହେବ। ଏହି ନିୟମଦ୍ୱାରା ମୂଳତଃ ରାଜ୍ୟ ବାହାରେ ରହି ପଢୁଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ ମାତୃଭାଷାକୁ ତୃତୀୟ ଭାଷା ଭାବେ ପଢ଼ିବାର ସୁଯୋଗ ପାଇବେ। ଭାରତ ଏକ ବହୁଭାଷୀ ରାଷ୍ଟ୍ର। ତେଣୁ ତୃତୀୟ ଭାଷାଭାବେ ଅନ୍ୟ ରାଜ୍ୟର ଭାଷାକୁ ଶିଖିବା ଦେଶର ଏକୀକରଣରେ ଖୁବ୍ ସହାୟକ ହେବ। ତେବେ ତୃତୀୟ ଭାଷା ଭାବେ କୌଣସି ଭାଷାକୁ ବାଛିବା ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ନିଷ୍ପତ୍ତି ହେବା ଦରକାର। -ଲକ୍ଷ୍ମୀକାନ୍ତ ପାଲିତ, କଣ୍ଠଶିଳ୍ପୀ

ଓଡିଶାରେ ହିନ୍ଦୀକୁ ପ୍ରାଧାନ୍ୟ ଦିଆଯାଉ

ଓଡ଼ିଶାରେ ହିନ୍ଦୀ ଭାଷାକୁ ତୃତୀୟ ଲାଙ୍ଗୁଏଜ ଭାବେ ରଖାଯାଉ। ଭାରତରେ ଇଂରାଜୀ ପଢ଼ିବା ସହିତ କହିବାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। କିନ୍ତୁ ହିନ୍ଦୀ ଭାଷା ପରିବର୍ତ୍ତେ ଅନ୍ୟ ଭାଷାକୁ କ'ଣ ପାଇଁ ଗୁରୁତ୍ୱ ଦିଆଯାଉଛି। ହିନ୍ଦୀ ଏମିତି ଏକ ଭାଷା ଯଦ୍ୱାରା ଭାରତ ଭିତରେ ବାର୍ତ୍ତାଳାପ କରିବା ସମ୍ଭବ ହୋଇପାରୁଛି। ମାତୃଭାଷା ଭଳି ହିନ୍ଦୀକୁ ଘରେ ଘରେ ଲୋକ ସହଜରେ ଆପଣାଇ ପାରୁଛନ୍ତି। ବିଦ୍ୟାଳୟଗୁଡିକରେ ହିନ୍ଦୀ ବଦଳରେ ଯଦି ଅନ୍ୟ ଭାଷା ରଖାଯାଏ ତେବେ କାର୍ଯ୍ୟକାରିତା କରିବା ସମ୍ଭବ ହେବ ନାହିଁ। ଆମ ଓଡିଶାରେ ବିଦ୍ୟାଳୟଗୁଡିକରେ ଯେମିତି ୩ଗୋଟି ଭାଷା ରହିଛି ତାକୁ ସେମିତି ରହିବାକୁ ଦିଆଯାଉ। ଯେଉଁମାନେ ଚାହିଁବେ ବ୍ୟକ୍ତିଗତ ଭାବେ ବିଭିନ୍ନ ଭାଷାକୁ ଶିଖି ପାରିବେ।

- ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି

ନିଜ ପସନ୍ଦରେ ତୃତୀୟ ଭାଷା ବାଛନ୍ତୁ

ଭାରତ ଭଳି ଗୋଟିଏ ବହୁଭାଷୀ ବିଶାଳ ଦେଶରେ ରାଷ୍ଟ୍ରର ଭାଷାନୀତି ବହୁଭାଷୀୟ-ତ୍ରିଭାଷୀ ହେବାର ଆବଶ୍ୟକତା ରହିଛି। କାହା ଉପରେ ତୃତୀୟ ଭାଷା ଲଦି ନ ଦିଆଯାଇ ସ୍ୱେଚ୍ଛାକୃତ ଭାବେ ବାଛିବାର ସୁଯୋଗ ଦିଆଯାଉ। ହିନ୍ଦୀ ଭାଷା ସହିତ ଲୋକମାନେ ନିଜ ମନ ପସନ୍ଦର ଭାଷାକୁ ବାଛିପାରିବେ। ଭାରତର ଅଣହିନ୍ଦୀ ପ୍ରଦେଶରେ ତୃତୀୟ ଭାଷା ଭାବରେ ହିନ୍ଦୀ ସ୍ୱାଭାବିକ ଭାବରେ ଆସିଯିବ। ଏହା ତ୍ରିଭାଷୀ ସୂତ୍ର ମାଧ୍ୟମରେ ସରକାର ଏକ ଉତ୍ତମ ପଦକ୍ଷେପ ଗ୍ରହଣ କରୁଛନ୍ତି। ତୃତୀୟଭାଷାକୁ ସବୁବେଳେ ଏକ ନୂଆ ଭାଷା ଶିଖିବାର ଲକ୍ଷ୍ୟରେ ବାଛିବା ଉଚିତ।

- ହରପ୍ରସାଦ ଦାସ, ସାହିତ୍ୟିକ

ବହୁଭାଷା ଦ୍ୱାରା ଜାତୀୟତାବାଦ କ୍ଷୁଣ୍ଣ ହେବ

ଭାଷା କେବଳ ଭାବ ପ୍ରକାଶର ମାଧ୍ୟମ ନୁହେଁ, ଏହା ଗୋଟିଏ ଜାତିର ଐତିହ୍ୟ, ପରମ୍ପରା ଓ ଅସ୍ମିତାକୁ ପ୍ରତିନିଧିତ୍ୱ କରିଥାଏ। ଭାରତବର୍ଷର ଭାଷା ବିବିଧତା ସମଗ୍ର ବିଶ୍ୱରେ ଅନନ୍ୟ। ଏହାକୁ ଦୃଷ୍ଟିରେ ରଖି ନୂତନ ଶିକ୍ଷାନୀତିରେ ତିନୋଟି ଭାଷା ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ହିନ୍ଦୀ ଭାଷା ଭାରତୀୟଙ୍କ ମଞ୍ଚରେ ଭାରତୀୟ ସଂସ୍କୃତି ଓ ଜ୍ଞାନ ପରମ୍ପରାକୁ ସଫଳ ଭାବରେ ନୂତନ ପିଢ଼ି ନିକଟରେ ପହଞ୍ଚାଇପାରୁଛି। ଭାରତବର୍ଷରେ ଆଞ୍ଚଳିକସ୍ତରରେ ୨ହଜାର ସ୍ୱକୀୟଭାଷା ରହିଛି। ବହୁଭାଷୀ ଭାଷା ପାଠ୍ୟକ୍ରମରେ ସାମିଲ କରିବା ସମ୍ଭବ ନୁହେଁ। ଏହାଦ୍ୱାରା ଜାତୀୟତାବାଦ କ୍ଷୁଣ୍ଣ ହେବ। ଏଣୁ ଜାତୀୟସ୍ତରରେ ବହୁ ଲୋକଙ୍କ ଦ୍ୱାରା କଥିତ ଭାଷାକୁ ପାଠ୍ୟକ୍ରମରେ ସାମିଲ କରାଯାଉ।

- ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା, ସାହିତ୍ୟିକ

ଛାତ୍ରୀଛାତ୍ରଙ୍କ ଉପରେ ଅଧିକ ଚାପ ବଢ଼ିବ

ତ୍ରିଭାଷୀ ସୂତ୍ରର ଲକ୍ଷ୍ୟ ଦ୍ୱାରା ବହୁଭାଷୀ ଶିକ୍ଷା ପ୍ରଦାନ ତଥା ଜାତୀୟ ଭାଷାକୁ ପ୍ରୋତ୍ସାହନ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ପାଠ୍ୟକ୍ରମରେ ପିଲାମାନେ ଅଧ୍ୟୟନ କରିବାରେ ସମସ୍ୟା ସୃଷ୍ଟି ହେବ। ସବୁ ରାଜ୍ୟରେ ପ୍ରଶିକ୍ଷିତ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଓଡ଼ିଶାରେ ପିଲାଙ୍କୁ ପଢ଼ାଇବା ପାଇଁ ଭିନ୍ନ ଭାଷାର ପ୍ରଶିକ୍ଷିତ ଶିକ୍ଷକଙ୍କ ଅଭାବ ରହିଛି। ବହୁଭାଷୀ ସାମିଲ ହେଲେ ଛାତ୍ରୀଛାତ୍ରଙ୍କ ଉପରେ ଅଧିକ ଚାପ ବଢ଼ିଯିବା ସହିତ ଦକ୍ଷିଣାତ୍ୟ ରାଜ୍ୟଗୁଡ଼ିକରେ ହିନ୍ଦୀ ପାଠ୍ୟକୁ ଲଦି ଦିଆଯାଉଛି। କେନ୍ଦ୍ର ସରକାର ଏନେଇ ଆବଶ୍ୟକ ସମ୍ବଳ ଯୋଗାଇଦେବାର ଆବଶ୍ୟକତା ରହିଛି।

- ମାନସ ବେହେରା , ଶିକ୍ଷାବିତ୍

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଜ୍ୟୋତ୍ସ୍ନା

@ ପ୍ରଦୀପ

@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଗୋବର୍ଦ୍ଧନ ପୀଠ ଗୋଶାଳା ପରିଦର୍ଶନ କଲେ ମନ୍ତ୍ରୀ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶନିବାର ପୁରୀ ଗସ୍ତରେ ଆସି ଶ୍ରୀମ

ସଂକ୍ଷେପରେ

ଛାତରୁ ଖସି ମହିଳା ମୃତ

ବାରଙ୍ଗ,୨୨।୨(ଲିଙ୍ଗରାଜ ରାଉତ): ଗୋଡ଼ିସାହି ଫାଣ୍ଡି ଅଧୀନ ଅରିଲୋ ଗ୍ରାମରେ ଶନିବାର ଘର ଛାତରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ଜଣକ ହେଲେ ସଂସାର ରାଉତଙ୍କ ସ୍ତ୍ରୀ ବିନତୀ ରାଉତ (୪୧)। ସକାଳ ସମୟରେ ଅରିଲୋ ଗ୍ରାମର ବିନତୀ ଘର ଛାତ ଉପରେ ଲୁଗା ଶୁଖାଇ ଫେରୁଥିବା ସମୟରେ ଶିଡ଼ିରୁ ତାଙ୍କ ଗୋଡ଼ ଖସି ଯାଇଥିଲା। ସେ ଛାତ ଉପରୁ ତଳକୁ ଖସି ପଡ଼ିବାରୁ ତାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପରିବାରଲୋକ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ବର ଗାଡ଼ି ଭାଙ୍ଗି ୨ ଗିରଫ

ବାରଙ୍ଗ,୨୨।୨(ଲିଙ୍ଗରାଜ ରାଉତ): ବରକୁ ନେଇ ଆସିଥିବା ଏକ କାର୍‌କୁ ବାଡ଼େଇ ଭାଙ୍ଗିବା ଓ ଟେକାପଥର, ମାଡ଼ ମାରିବାରୁ ୨ ଜଣ ଆହତ ହେବା ଘଟଣାରେ ନନ୍ଦନକାନନ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମରିଗିଆ ଗ୍ରାମର ସିଲୁ ପରିଡ଼ା (୨୮) ଓ ଦିଲୀପ କୁମାର ରାଉତ(୪୧)। ପୋଲିସ ସେମାନଙ୍କଠାରୁ ଏକ ମୋବାଇଲ ଓ ଏକ ଏଲେକ୍ଟ୍ରିକ ସ୍କୁଟି ଜବତ କରିଛି। ଶୁକ୍ରବାର ସନ୍ଧ୍ୟାରେ ସୌମ୍ୟରଞ୍ଜନ ସାହୁ ତାଙ୍କ କାର୍ ଯୋଗେ ଏକ ବିବାହ ପାଇଁ ଗଣ୍ଡରପୁର ଗ୍ରାମରୁ ବର ନେଇ ମରିଗିଆ ଗ୍ରାମକୁ ଆସିଥିଲେ। ଗଣ୍ଡରପୁରରୁ ଆସିଥିବା ବର ବରଯାତ୍ରୀ ସହ ରୋଶଣି କରି ଗାଁ ଭିତରେ ଯାଉଥିଲା। ଏହି ସମୟରେ ପୂର୍ବ ବିବାଦକୁ କେନ୍ଦ୍ରକରି ସିଲୁ, ଦିଲୀପ ଓ ତାଙ୍କ ୪ ଜଣ ସହଯୋଗୀ ବରଯାତ୍ରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସୌମ୍ୟରଞ୍ଜନ ଚଳାଉଥିବା ବରଗାଡ଼ିକୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଏପରି କି ଟେକାପଥର ମାଡ଼ କରିବା ସହ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏହି ଆକ୍ରମଣରେ ସୌମ୍ୟରଞ୍ଜନଙ୍କ ସମେତ ଆଶୁତୋଷ ପଢିଆରୀଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଏନେଇ ସୌମ୍ୟରଞ୍ଜନ ଶନିବାର ନନ୍ଦନକାନନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ୬୦/୨୫ରେ ଏକ ମାମଲା ରୁଜୁ କରି ଚଢ଼ାଉ କରି ସିଲୁ ଓ ଦିଲୀପଙ୍କୁ ଗିରଫ କରିଛି।

ଆପରାଧିକ କାର୍ଯ୍ୟରେ ଲାଗୁଛି ଚୋରା ବାଇକ୍

ରାଜଧାନୀରେ ର୍ୟାକେଟ ସକ୍ରିୟ

- ୪ ବର୍ଷରେ ୩ ହଜାର ମାମଲା, ୧୩୦୦ ବାଇକ୍ ଜବତ
- ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହେବ - ଡିସିପି

ଭୁବନେଶ୍ୱର,୨୨।୨(ସୂର୍ଯ୍ୟକାନ୍ତ ବେହେରା)

ଆପରାଧିକ କାର୍ଯ୍ୟରେ ବ୍ୟବହାର ହେଉଛି ଚୋରା ବାଇକ। ବିଗତ ଦିନରେ ଘଟିଥିବା ଅନେକ ହତ୍ୟା, ଚୋରି, ଲୁଟ୍ ଆଦି ଘଟଣାରେ ଅପରାଧୀମାନେ ଧରା ନ ପଡିବା ଲାଗି ଚୋରା ବାଇକ ବ୍ୟବହାର କରିଥିବା ନଜିର ରହିଛି। ତେବେ ଅପରାଧୀଙ୍କୁ ଚୋରା ବାଇକ ଯୋଗାଣ ଲାଗି ରାଜଧାନୀରେ ଏକାଧିକ ବାଇକ୍ ଚୋରି ର୍ୟାକେଟ ସକ୍ରିୟ ଥିବା ଜଣାପଡିଛି। ଭୁବନେଶ୍ୱରର ବିଭିନ୍ନ ପାର୍କ, ହାଟ, ବଜାର ଓ ଜନଗହଳିପୂର୍ଣ୍ଣ ସ୍ଥାନରୁ ଭିନ୍ନ ଭିନ୍ନ ତରିକାରେ ଆଖିପିଛୁଳାକେ ବାଇକ୍ ଚୋରି ହେଉଛି। ଚୋରମାନେ କେତେବେଳେ ଭଦ୍ର ଲୋକ ବେଶରେ ଆସି ତ ଆଉ କେତେବେଳେ ଗାଡି ମାଲିକ ଭଳି ଆସି ଚୋରି କରି ଫେରାର ହୋଇଯାଉଛନ୍ତି। ମାଷ୍ଟର ଚାବି ଦ୍ୱାରା କିମ୍ବା ଲକ୍ ଭଙ୍ଗାଯାଇ ଅଧିକାଂଶ ବାଇକ ଚୋରି ହେଉଛି। ଚୋରି ପରେ ବାଇକର ନମ୍ବର ପ୍ଲେଟ୍ ଓ ରଙ୍ଗ ବଦଳାଇ କମ୍ ଦାମ୍‌ରେ ବିକ୍ରି କରାଯାଉଛି। ଏପରିକି କିଛି ଗାଡିର ଇଞ୍ଜିନ ଓ ଅନ୍ୟ ପାର୍ଟ୍ସ ବିକ୍ରି କରାଯିବା ପରେ ଅବଶିଷ୍ଟାଂଶ କବାଡିଆକୁ ଭଙ୍ଗାଲୁହା ଦରରେ ଦେଉଛନ୍ତି। ଏସବୁ ଇଞ୍ଜିନ ମୋଟରଚାଳିତ ବୋଟ ଓ ଅନ୍ୟ କାମରେ ଲାଗୁଥିବା ତଦନ୍ତବେଳେ ଜଣାପଡିଛି। ବାଇକ୍ ଚୋରି କରିବା, ଲୁଚାଇବା, ରଙ୍ଗ ଓ ନମ୍ବର ପ୍ଲେଟ୍ ବଦଳାଇବା, ବିକ୍ରି ପାଇଁ ଗ୍ରାହକ ଯୋଗାଡ଼ କରିବା ଆଦି ଲାଗି ଗ୍ୟାଙ୍ଗର ସଦସ୍ୟଙ୍କୁ ଅଲଗା ଅଲଗା ଦାୟିତ୍ୱ ଦିଆଯାଉଛି। ପୁଣି କିଛି ଗୋଷ୍ଠୀ ପୋଲିସ ଉପରେ ନଜର ରଖୁଛନ୍ତି। ତେବେ ଅନେକ ସମୟରେ ପୋଲିସ ଏଭଳି ର୍ୟାକେଟକୁ ଠାବ କରି ଚୋରା ବାଇକ୍ ଜବତ କରୁଥିଲେ ମଧ୍ୟ ନୂଆ ନୂଆ ଚୋର ଗ୍ୟାଙ୍ଗ ଗଢ଼ି ଉଠୁଥିବାରୁ ଚିନ୍ତା ବଢ଼ିଛି। ପୁଣି ଜବତ ବାଇକ୍‌ଗୁଡିକର ଚେହେରା ବଦଳିଯାଇଥିବାରୁ ପ୍ରକୃତ ମାଲିକଙ୍କୁ ଚିହ୍ନଟ କରି ହସ୍ତାନ୍ତର କରିବା ପୋଲିସ ପାଇଁ କଷ୍ଟକର ହୋଇପଡୁଛି। ଫଳରେ ବିଭିନ୍ନ ଥାନାରେ ଏବେ ଜବତ ଚୋରା ବାଇକ୍ ଗଦା ହୋଇପଡିଛି।

ଗତ ୪ ବର୍ଷ ଭିତରେ ଭୁବନେଶ୍ୱରର କମିଶନରେଟ ପୋଲିସର ବିଭିନ୍ନ ଥାନାରେ ୩ ହଜାର ୨୬୭ ବାଇକ ଚୋରି ମାମଲା ରୁଜୁ ହୋଇଛି। ୨୦୨୧ରେ ୯୫୩ ବାଇକ ଚୋରି ହୋଇଥିବା ବେଳେ ୨୦୨୨ରେ ୮୧୭, ୨୦୨୩ରେ ୮୦୬ ଓ ୨୦୨୪ରେ ୬୯୧ ଚୋରି ହୋଇଥିବା ନେଇ ଥାନାରେ ରିପୋର୍ଟ ହୋଇଛି। ତେବେ ୪ ବର୍ଷରେ ହୋଇଥିବା ଏସବୁ ମାମଲାରେ ମାତ୍ର ୧୩୦୦ ବାଇକ ପୋଲିସ ଜବତ କରିଛି। ଏନେଇ ଡିସିପି ପିନାକ ମିଶ୍ର କହିଛନ୍ତି, ଲୁଟେରାମାନଙ୍କୁ କାବୁ କରିବା ପାଇଁ ପୋଲିସ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯିବ। କାରଣ ଲୁଟେରାମାନେ ପ୍ରଥମେ ବାଇକ ଚୋରି କରିବା ପରେ ଉକ୍ତ ବାଇକରେ ଆପରାଧିକ କାର୍ଯ୍ୟ କରୁଥିବାର ନଜରକୁ ଆସୁଛନ୍ତି। ନିକଟରେ ଏନ୍‌କାଉଣ୍ଟରର ଶିକାର ହୋଇଥିବା ଅର୍ଜୁନ ଅନାରେଙ୍କଠାରୁ ଚୋରି ବାଇକ ଜବତ ହୋଇଥିଲା। ଉକ୍ତ ବାଇକଟି ପୁରୀ ଅଞ୍ଚଳର ବୋଲି ଜଣାପଡିଥିବା ସେ କରିଛନ୍ତି।

ବାଇକ ଚୋରି କରୁଥିଲେ ଗାଡ଼ି ମେକାନିକ, ବି.ଟେକ ଛାତ୍ର

୯ ବାଇକ୍ ଜବତ

ଭୁବନେଶ୍ୱର,୨୨।୨(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ସକ୍ରିୟ ଥିବା ଗାଡି ଚୋରି ର୍ୟାକେଟ୍‌ରେ ଗାଡି ମେକାନିକ, ଉଚ୍ଚଶିକ୍ଷିତ ଯୁବକ ସାମଲ ଅଛନ୍ତି। ଏମ୍‌ସ ଭୁବନେଶ୍ୱରର ପାର୍କିଂ ସ୍ଥଳରୁ ବାଇକ ଚୋରି ମାମଲାର ତଦନ୍ତବେଳେ ଖଣ୍ଡଗିରି ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିବା ପରେ ଏହା ଜଣାପଡିଛି। ଅଭିଯୁକ୍ତଦ୍ୱୟ ହେଲେ ନୟାଗଡ ଓଡଗାଁ ଥାନା ଅଞ୍ଚଳର ବସନ୍ତ କୁମାର ରାଉତ ଓ ଅଙ୍କିତ କୁମାର ରାଉତ। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୯ଟି ବାଇକ ଜବତ ହୋଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବସନ୍ତ ଡିପ୍ଲୋମା ପଢ଼ିଥିବାବେଳେ ଏକ ଗ୍ୟାରେଜ କରି ଗାଡି ମେକାନିକ ଭାବେ କାର୍ଯ୍ୟ କରୁଛନ୍ତି। ସେହିଭଳି ଅନ୍ୟତମ ଅଭିଯୁକ୍ତ ଅଙ୍କିତ ଜଣେ ବି.ଟେକ ଛାତ୍ର ହୋଇଥିବା ଡିସିପି ପିନାକ ମିଶ୍ର ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗାଡି ମାଲିକ ପ୍ରମୋଦ କୁମାର ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ସୂଚନାନୁସାରେ, ପ୍ରମୋଦ ଜାନୁୟାରୀ ୫ରେ ତାଙ୍କ ବାପାଙ୍କ ଚିକିତ୍ସା ପାଇଁ ଏମ୍‌ସକୁ ଯାଇଥିଲେ। ନିଜ ବାଇକକୁ ପାର୍କିଂ ସ୍ଥଳରେ ରଖିଥିଲେ। ବାପାଙ୍କର ଆଡ୍‌ମିଶନ ପରେ ସେଠାରେ ଚିକିତ୍ସା ଚାଲିଥିବାରୁ ପ୍ରମୋଦ ସେଠାରେ ରହିଥିଲେ। ହେଲେ ୬ ତାରିଖରେ ତାଙ୍କ ଗାଡି ପାର୍କିଂସ୍ଥଳରେ ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ବାଇକ୍।

ବିଶ୍ୱହିନ୍ଦୁ ପରିଷଦର ପ୍ରବନ୍ଧ ସମିତି ବୈଠକ

ଭୁବନେଶ୍ୱର,୨୨।୨ (ସୌମ୍ୟରଞ୍ଜନ ରାଉତ)

ବିଶ୍ୱହିନ୍ଦୁ ପରିଷଦର ଦୁଇଦିନିଆ ପ୍ରବନ୍ଧ ସମିତି ବୈଠକ ୟୁନିଟ-୩ ସରସତୀ ଶିଶୁ ବିଦ୍ୟାମନ୍ଦିରଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟକ ଭାବେ ପୂଜ୍ୟ ସ୍ୱାମୀ ଶ୍ରଦ୍ଧାନନ୍ଦ ସ୍ୱରସତୀ ଓ ମୁଖ୍ୟ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମନ୍ତ୍ରୀ ଡ. ବସନ୍ତ କୁମାର ରଥ, ସମ୍ମାନିତ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ ଓଡିଶା (ପୂର୍ବ)ର ରାଜ୍ୟ ସଭାପତି ପ୍ରଫେସର ପ୍ରଫୁଲ୍ଲ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ପବିତ୍ର କୁମାର ସ୍ୱାଇଁ ଏବଂ ମୁଖ୍ୟବକ୍ତା ଭାବେ ସମ୍ପାଦକ ପଣ୍ଡିତ ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସାମାଜିକ ସମରସତା, ଧର୍ମାନ୍ତରଣମୁକ୍ତ ସମାଜ, ସଂସ୍କାର ଯୁକ୍ତ ଯୁବ ସମାଜ ଗଠନକୁ ଗୁରୁତ୍ୱ ଦେବା ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୈଠକରେ ପରିଷଦ ଉପସଭାପତି ଶିଶିର ସାହୁ, ଦୁର୍ଗା ବାହିନୀର ସଂଯୋଜିକା ସିପ୍ରା ରାଉତ, ସହ ସଂଯୋଜିକା ଟୁକୁନି ବାରିକ, ମାତୃଶକ୍ତି କ୍ଷେତ୍ରୀୟ ସଂଜୋଜିକା ଝରଣା ଜେନା, ମାତୃଶକ୍ତି ସହ ସଂଯୋଜିକା ପ୍ରଣତୀ ସାହୁ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ଅରୁଣ ପାଢ଼ୀ, ଶାନ୍ତନୁ କୁମାର ସ୍ୱାଇଁ, କୋଷାଧକ୍ଷ ସଞ୍ଜୟ ଅଗ୍ରୱାଲ, ବଜରଙ୍ଗ ଦଳର ପ୍ରାନ୍ତ ସହସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀ ଓ ରାଜିବ ନେତ୍ର ଖାଡ଼ଙ୍ଗାଙ୍କ ସହ ହିନ୍ଦୁ ପରିଷର ଓଡ଼ିଶା(ପୂର୍ବ)ର ସଂଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧୋତ୍ସବରେ ପାୱାର ହାଉସ୍ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଲୋପାମୁଦ୍ରା ଜେନାଙ୍କୁ ବିଦୁଷ ଭାରତୀ ସମ୍ମାନ

ଭୁବନେଶ୍ୱର,୨୧।୨ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ଭାରତୀ ବିଦୁଷ ସଭାର ବାର୍ଷିକ ଉତ୍ସବ ଶୁକ୍ରବାର ଗୀତ ଗୋବିନ୍ଦ ସଦନଠାରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଇଂ. ବିଚିତ୍ରାନନ୍ଦ ମୁନି, ଜଷ୍ଟିସ ଦୁର୍ଗା ପ୍ରସନ ଚୈଧୁରୀ, ସମ୍ବାଦ ଅଧକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଶିକ୍ଷାବିତ୍ ଓ ସମାଜ ସେବୀ ଶଶଧର ପଣ୍ଡା ଯୋଗଦେଇଥିଲେ। କବି ସରୋଜ ଶତପଥୀ, ଉଷାରାଣୀ ମହାନ୍ତି, ଜୟନୀ ଜେନା, ଡ. ଲୋପାମୁଦ୍ରା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଲୋପାମୁଦ୍ରା ଜେନାଙ୍କୁ ଗୀତି କବିତା ପାଇଁ ବିଦୁଷ ଭାରତୀ ସମ୍ମାନ ଦିଆଯାଇଥିଲା। ବିଦୁଷ ସଭାର ପ୍ରତିଷ୍ଠାତା କବି କଣ୍ଟୁରୀ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡିଏମ୍‌ରେ ଏଆଇ କୋଡିଂ ପ୍ରୋଗ୍ରାମର ଶୁଭାରମ୍ଭ



ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ ପକ୍ଷରୁ ପାଠ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

ଭୁବନେଶ୍ୱର,୨୨।୨ (ଅନୁରାଧା ମହାରଣା)

ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ସୃଜନଶୀଳତା ବଢ଼ାଇବା ଉଦ୍ଦେଶ୍ୟରେ ଓଡିଏମ୍ ଶିକ୍ଷା ପ୍ରତିଷ୍ଠାନ ଏହାର ବିଦ୍ୟାଳୟଗୁଡ଼ିକରେ ବିସ୍ତୃତ କୋଡିଂ ଏବଂ କୃତ୍ରିମ ବୁଦ୍ଧିମତ୍ତା ପାଠ୍ୟକ୍ରମର ଶୁଭାରମ୍ଭ କରିଛି। ଏହି ଅବସରରେ ଓଡିଏମ୍ ବ୍ରିଟେନ୍‌ର ସାଇବର ସ୍କୋୟାର ସହିତ ସହଭାଗିତା ଘୋଷଣା କରିଛି। ଏହି ପାଠ୍ୟକ୍ରମ ମାଧ୍ୟମରେ ପାରମ୍ପରିକ କମ୍ପ୍ୟୁଟର ସାକ୍ଷରତାରୁ ବହୁ ଊର୍ଦ୍ଧ୍ୱକୁ ନେଇ ଛାତ୍ରୀଛାତ୍ରମାନଙ୍କୁ ବିଶ୍ୱରେ ପ୍ରତିଷ୍ଠିତ ହେବା ପାଇଁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି । ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କହିଛନ୍ତି, 'ଆମର ଦୃଢ଼ ବିଶ୍ୱାସ ଯେ ଶିଶୁ ଓ କିଶୋର ଅବସ୍ଥାରୁ ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟର, କୃତ୍ରିମ ବୁଦ୍ଧିମତ୍ତା, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ପଢ଼ାଗଲେ ଭବିଷ୍ୟତ ସୁଦୃଢ଼, ସଫଳ ଓ ବିକଶିତ କରିବ ତଥା ସେମାନଙ୍କୁ ବୈଷୟିକ ଓ ବୃତ୍ତିଗତ କ୍ଷେତ୍ରରେ ଉଚ୍ଚ ସ୍ଥାନରେ ପ୍ରତିଷ୍ଠିତ କରିବ। ଏହି ଐତିହାସିକ ପ୍ରଚେଷ୍ଟା ଦ୍ୱାରା ଆମେରିକା, କାନାଡା ଓ ବ୍ରିଟେନ୍‌ର ଛାତ୍ରୀଛାତ୍ରମାନଙ୍କ ପରି ଆମ ଦେଶର ପିଲାମାନେ ମଧ୍ୟ ଆଗକୁ ବଢ଼ିପାରିବେ। ୩ ମାସର ପର୍ଯ୍ୟବେକ୍ଷଣ ଓ ମୂଲ୍ୟାଙ୍କନ ପରେ ପ୍ରସ୍ତୁତ ହୋଇଥିବା ଏହି କାର୍ଯ୍ୟକ୍ରମଟି ଏକ ଇଣ୍ଟରାକ୍ଟିଭ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ କୋଡିଂ ତଥା ଏଆଇକୁ ପାଠ୍ୟକ୍ରମରେ ବିଧିବଦ୍ଧ ସମ୍ମିଳିତ କରିବ । ଡିଜିଟାଲ ଶିକ୍ଷା କ୍ଷେତ୍ରରେ ଏକ ଦଶନ୍ଧିରୁ ଅଧିକ ଅଭିଜ୍ଞତା ଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡଧାରୀ ସାଇବର ସ୍କୋୟାର ଏହି କାର୍ଯ୍ୟକାରିତାକୁ ଆଗେଇନେବ । ଓଡିଏମ୍ ଶିକ୍ଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ଏହି କାର୍ଯ୍ୟକ୍ରମ ସାଧାରଣ କମ୍ପ୍ୟୁଟର ଦକ୍ଷତାରୁ ପିଲାମାନଙ୍କୁ ବହୁ ଆଗକୁ ନେଇ ତାଙ୍କୁ ସୃଜନଶୀଳ, ନବାଚାରୀ ଆବିଷ୍କାରକ ତଥା ଉଦ୍ଭାବକ କରିବା ଦିଗରେ ବିକଶିତ କରିବ । ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ (ଏନ୍‌ଇପି-୨୦୨୦) ଷଷ୍ଠ ଶ୍ରେଣୀରୁ ଏହି କୋଡିଂ ଓ ଏଆଇ ଶିକ୍ଷାକୁ ବାଧ୍ୟତାମୂଳକ କରୁଥିବାବେଳେ ଓଡିଏମ୍‌ର ପ୍ରଥମ ଶ୍ରେଣୀରୁ ଆରମ୍ଭକରି ଛାତ୍ରୀଛାତ୍ରମାନଙ୍କୁ ଏହି କ୍ଷେତ୍ରରେ ଦକ୍ଷ କରିବ । ଓଡିଏମ୍ ଗ୍ଲୋବାଲ ସ୍କୁଲର ଛାତ୍ରୀ ଶ୍ରୁତି ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମର ପ୍ରଭାବ ଉପରେ ଆଲୋକପାତ କରିଥିଲେ।

ଭାଜପା ଭୁବନେଶ୍ୱରର ନବନିର୍ବାଚିତ କର୍ମକର୍ତ୍ତା ସମ୍ବର୍ଦ୍ଧିତ

ଭାଜପା ଭୁବନେଶ୍ୱର ସାଙ୍ଗଠନିକ ଜିଲାର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲିଅନ୍ତା,୨୨।୨(ନୀଳମାଧବ ସାହୁ)

ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ଭାଜପା ପକ୍ଷରୁ ଭୁବନେଶ୍ୱରର ସାଙ୍ଗଠନିକ ଜିଲାର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ସମ୍ବର୍ଦ୍ଧନା ସଭା ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ତଥା ଭାଜପା ସେବକ ପ୍ରିୟଦର୍ଶୀ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ଏକାମ୍ର ବିଧାୟକ ବାବୁ ସିଂ ଓ ଭୁବନେଶ୍ୱର ମଧ୍ୟର ଭାଜପା ନେତା ଜଗନ୍ନାଥ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ନବ ନିର୍ବାଚିତ ସଭାପତି ନିରଞ୍ଜନ ମିଶ୍ର ଓ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି ଓ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ନିରଞ୍ଜନ ରାଉତରାୟ ପରିଚାଳନା କରିଥିଲେ। କର୍ପୋରେଟର ଯଶୋଧାରା ପ୍ରଧାନ ଧନ୍ୟବାଦ ଦେଇଥିଲେ।

କୃଷି କ୍ଷେତ୍ରରେ ଶିକ୍ଷିତ ଯୁବଗୋଷ୍ଠୀ ହେବେ ଆତ୍ମନିର୍ଭରଶୀଳ

ବାରଙ୍ଗ,୨୨।୨(ଲିଙ୍ଗରାଜ ରାଉତ)

କୃଷକ ସହଯୋଗୀ ମେଳା

ଉଚ୍ଚଶିକ୍ଷିତ ଯୁବଗୋଷ୍ଠୀ ବିଶ୍ୱବିଦ୍ୟାଳୟରୁ ଉଚ୍ଚତର ଡିଗ୍ରୀ ହାସଲ କରି ଚାକିରି ପଛରେ ଧାଉଁଛନ୍ତି। କିନ୍ତୁ ପାଠ ପଢ଼ିବାର ଲକ୍ଷ୍ୟ କେବଳ ଚାକିରି କରିବାରେ ସୀମିତ ରହିବା ଉଚିତ ନୁହେଁ। କୃଷି ଏଭଳି ଏକ କ୍ଷେତ୍ର, ଯେଉଁଥିରେ ଛାତ୍ରୀଛାତ୍ର ଜ୍ଞାନ ଆହରଣ କରିବା ସାଙ୍ଗକୁ ଚାକିରି ପଛରେ ନ ଗୋଡ଼ାଇ ଆତ୍ମନିର୍ଭରଶୀଳ ହୋଇପାରିବେ। ଏଥିସହ ବ୍ୟାପକ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିପାରିବେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ କଟକ ଜିଲା ଆଠଗଡ଼ ବ୍ଲକ ଅଧୀନ ଧୁରୁଷିଆ ପଞ୍ଚାୟତ ଜେନାପୁର କ୍ରିକେଟ୍ ପଡ଼ିଆରେ ଶନିବାର ଆୟୋଜିତ 'କୃଷକ ସହଯୋଗୀ ମେଳା'ରେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ତେଜ ପ୍ରତାପ ଏହା କହିଥିଲେ। କୃଷକମାନେ କୃଷି ସେବା ଏବଂ ସ୍ଥାୟୀ କୃଷି ପ୍ରକ୍ରିୟାଗୁଡ଼ିକୁ ଅନୁସରଣ କରିବାକୁ ସହାୟତା କରିବା ଏହି ମେଳାର ଉଦ୍ଦେଶ୍ୟ ଥିଲା। ଉକ୍ତ ମେଳାକୁ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମେଳାରେ ସୋଆର ପୂର୍ବତନ କୁଳପତି ବିଜୟ କୁମାର ସାହୁ, ଓଡ଼ିଶା କୃଷି ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ସଚ୍ଚିଦାନନ୍ଦ ପଣ୍ଡା, ଡିନ୍ ପ୍ରଫେସର ଏସ୍. କୁମାର ସ୍ୱାମୀ, ଆଠଗଡ଼ ବ୍ଲକ କୃଷି ଅଧିକାରୀ ପ୍ରିୟନାଥ ପାତ୍ର,

ପାଇକ ସ୍ମାରକୀ କାର୍ଯ୍ୟ ତ୍ୱରାନ୍ୱିତ, ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଦାବି

'ଖୋର୍ଦ୍ଧା ଇତିହାସର ପୃଷ୍ଠଭୂମି' ଶୀର୍ଷକ ଆଲୋଚନାଚକ୍ର

ଖୋର୍ଦ୍ଧା,୨୨।୨(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ଇତିହାସରେ ଖୋର୍ଦ୍ଧାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଏହାର ଦୁଇଟି ଇତିହାସ ପ୍ରସିଦ୍ଧ ଘଟଣା ଗୋଟିଏ ଖୋର୍ଦ୍ଧାଗଡ଼ ପ୍ରତିଷ୍ଠା, ଚାରି ପ୍ରଗଣା ଫେରିପାଇବା ପାଇଁ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ବ୍ରିଟିଶ୍ ସରକାରଙ୍କ ସହ ସଂଘର୍ଷ ଏବଂ ୧୮୧୭ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଐତିହାସିକ ଗଣବିପ୍ଳବ ପାଇକ ବିଦ୍ରୋହ। ଯେତେବେଳେ ବ୍ରିଟିଶ୍‌ର ରଣକୌଶଳ ଆଗରେ ଅନ୍ୟମାନେ ନୀରବୀ ଯାଇଥିଲେ, ସେହି ସମୟରେ ଖୋର୍ଦ୍ଧାର ବୀର ପାଇକ ପୁଅମାନଙ୍କ ଶୌର୍ଯ୍ୟ, ତ୍ୟାଗ, ବୀରତ୍ୱର ଗାଥା ଜାତୀୟସ୍ତରରେ ବିଦ୍ରୋହର ସ୍ୱର ଉଠିଥିଲା। ଏହି ଦୃଷ୍ଟିରୁ ଦେଖିଲେ, ଖୋର୍ଦ୍ଧାର ସ୍ଥାନ ଇତିହାସରେ ସ୍ୱତନ୍ତ୍ର ବୋଲି ହାବେଳି ପଡ଼ିଆରେ ଚାଲିଥିବା ଜିଲା ମହୋତ୍ସବ, ପୁସ୍ତକ ଓ ପଲ୍ଲିଶ୍ରୀ ମେଳାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଷ୍ଟଲ୍‌ରେ ଶନିବାର ଆୟୋଜିତ 'ଖୋର୍ଦ୍ଧା ଇତିହାସର ପୃଷ୍ଠଭୂମି' ଶୀର୍ଷକ ଆଲୋଚନାଚକ୍ରରେ ଉପରୋକ୍ତ ମତପ୍ରକାଶ ପାଇଛି।

କଳିଙ୍ଗ ପାଇକ ସଙ୍ଗଠନ ସଭାପତି ତଥା ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଗବେଷକ ସତ୍ୟବାଦୀ ବଳିୟାରସିଂହ ଯୋଗଦେଇ କହିଥିଲେ, ୧୫୬୮ରେ

ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ରାମଚନ୍ଦ୍ର ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଖୁରୁଧା ରାଜବଂଶ ପ୍ରାୟ ୨୩୪ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିଲେ। ମୋଗଲ ଏବଂ ମରାଠା ରାଜତ୍ୱକାଳରେ ଖୁରୁଧା ରାଜା ଠାକୁରରାଜା ଭାବେ ପରିଚିତ ଥିଲେ। ଜଗନ୍ନାଥ ମନ୍ଦିର ସଙ୍ଗେ ଖୁରୁଧା ରାଜାଙ୍କ ନିବିଡ଼ ସମ୍ପର୍କ ଅର୍ଥାତ୍ ମନ୍ଦିର ନୀତିକାନ୍ତି, ପର୍ବପର୍ବାଣିରେ ପରୋକ୍ଷ ପ୍ରତ୍ୟକ୍ଷ ଭାବେ ରାଜା ତଦାରଖ କରୁଥିଲେ। ତେବେ ଜଗନ୍ନାଥଙ୍କୁ କେନ୍ଦ୍ରକରି ମରାଠା ଶାସକଙ୍କ ଖୁରୁଧା ରାଜାଙ୍କ ଅସନ୍ତୋଷ ରହିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଦୁଇଟି ପ୍ରସିଦ୍ଧ ଘଟଣା ୧୮୦୪ରେ ଜୟୀଙ୍କ ନେତୃତ୍ୱରେ ବ୍ରିଟିଶ୍ ବିରୋଧୀ ଯୁଦ୍ଧ ଏବଂ ବକ୍ସିଙ୍କ ନେତୃତ୍ୱରେ ବ୍ରିଟିଶ୍ ବିରୋଧରେ ଯୁଦ୍ଧମ୍ ଡାକରା ଦେଇଥିଲେ ପାଇକ ବୀର। ଏହା ଏକ ଗଣବିପ୍ଳବ ଥିଲା, ଲକ୍ଷ୍ୟ ଥିଲା ଓଡ଼ିଶାକୁ ବ୍ରିଟିଶ କୁଶାସନରୁ ମୁକ୍ତ କରିବା। ଉଭୟ ସଂଗ୍ରାମ ଓଡ଼ିଶା ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନକରେ। ଏହି ସଂଗ୍ରାମରେ ଅନେକ ଗଡ଼ ସହଯୋଗ କରିଥିଲେ। ସେହିପରି ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର କହିଥିଲେ, ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। ଇତିହାସରେ ଏହାକୁ ଠିକ୍‌ଭାବେ ସ୍ଥାନ ଦିଆଯାଇନାହିଁ। ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା। ପାଇକମାନଙ୍କ ଅନୁଡ଼ିଶାଳ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଜରୁରୀ। ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବରିଷ୍ଠ ସାହିତ୍ୟିକ ଜ୍ଞାନରଞ୍ଜନ ଦାଶ, ତ୍ରିଲୋଚନ ମହାପାତ୍ର, ବଂଶୀଧର ଦାସ ପ୍ରମୁଖ କହିଥିଲେ, ପାଇକ ବିଦ୍ରୋହ ସହ ଖୋର୍ଦ୍ଧାଗଡ଼ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଏହାର ପୁନରୁଦ୍ଧାର କରାଗଲେ ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ, ପରାକ୍ରମକୁ ଆଗାମୀ ପିଢ଼ି ଜାଣିବାର ସୁଯୋଗ ପାଇବ। ସେହିଭଳି ବରିଷ୍ଠ ଅଧିବକ୍ତା ବସନ୍ତ ଦାଶ, ଜୟକୃଷ୍ଣ ଶତପଥୀ, କୈଳାସ ଚନ୍ଦ୍ର ପୃଷ୍ଟି, କୈଳାସ ଚନ୍ଦ୍ର ପ୍ରଧାନ, ନୀଳାଦ୍ରି ଜଗଦ୍ଦେବ ପ୍ରମୁଖ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ସହ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ପାଇଁ ଦାବି କରିଥିଲେ। ଭଏସ୍ ଅଫ୍ ମିଡିଆର ରାଜ୍ୟ ସଭାପତି ପ୍ରଭାତ ମିଶ୍ର, ଉତ୍କଳ ସାମ୍ବାଦିକ ସଂଘ ଜିଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, କବି ଶଙ୍କର ସାହୁ, ବରିଷ୍ଠ ବୁଦ୍ଧିଜୀବୀ ବୈକୁଣ୍ଠନାଥ ମହାପାତ୍ର, କୈଳାସ ଚନ୍ଦ୍ର ବେହେରା, ମଧୁସୂଦନ ଦାସ, ନବକିଶୋର ମହାପାତ୍ର, ନାରାୟଣ ସାହୁ, ରତ୍ନାକର ରଣସିଂହ, ପ୍ରଫୁଲ୍ଲ ଛୋଟରାୟ, ନଗେନ୍ଦ୍ର ଦତ୍ତ ପ୍ରମୁଖ ଖୋର୍ଦ୍ଧାର ବରପୁତ୍ର, ସ୍ୱାଧୀନତା ଇତିହାସକୁ ପାଠ୍ୟପୁସ୍ତକରେ ସ୍ଥାନ ଦେବାକୁ ଦାବି କରିଥିଲେ। ଏହି ଅବସରରେ ବରିଷ୍ଠ କବି, ଲେଖକ ଦିବ୍ୟଲୋଚନ ଭାରିମଲ୍ଲ ଏବଂ କବି ବିକ୍ରମ ଚମ୍ପତିରାୟ ଖୋର୍ଦ୍ଧାମାଟିର ଗାଥା କବିତା ପାଠ କରିଥିଲେ। କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ଜିଲା ପ୍ରତିନିଧି (ଧରିତ୍ରୀ) ପ୍ରଭାତ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଦୀପକ ସାମନ୍ତରାୟ, ପ୍ରସାର ବିଭାଗର ବିଜୟ କୁମାର ଧଳ ସହଯୋଗ କରିଥିଲେ।

ମାଟିପାତ୍ର ସାମଗ୍ରୀର ରହିଛି ଚାହିଦା

ମେଳାରେ ବଲାଙ୍ଗୀର ମାଲମୁଣ୍ଡା ଗ୍ରାମର କଟେଜ୍ ଉତ୍ପାଦକ ଗୋଷ୍ଠୀର ମାଟିରେ ନିର୍ମିତ ସାମଗ୍ରୀ ପ୍ରତି ଗ୍ରାହକଙ୍କ ଆଗ୍ରହ ରହିଛି। ଏଠାରେ ଛୋଟବଡ଼ ମାଟିପାତ୍ର ପାଣି ସୋରେଇର ବେଶ୍ ଚାହିଦା ରହିଥିବା ବେଳେ ଘରୋଇ ସାଜସଜ୍ଜା, ବିଭିନ୍ନ ପଶୁପକ୍ଷୀ, ଦେବଦେବୀଙ୍କ କଳାକୃତି ରହିଛି। ୫ଟଙ୍କାରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ରହିଛି। ମାଟିନିର୍ମିତ ରୋଷେଇ ଲାଗି ଛୋଟବଡ଼ ହାଣ୍ଡି, ତାୱା, ପ୍ରେସରକୁକର, ପାଣିବୋତଲ, ହଟ୍‌କେସ୍, କଡ଼େଇ ଆଦି ରହିଛି। ଏହି ଗ୍ରୁପ୍‌ର ଶ୍ୟାମସୁନ୍ଦର ରାଣା କୁହନ୍ତି, ୨୦୦୬ ମସିହାରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଆରମ୍ଭ ହୋଇଥିଲା। ଏଥିରେ ୩୦ରୁ ଊର୍ଦ୍ଧ୍ୱ ମହିଳା ରହିଥିବା ବେଳେ ମାଟିପାତ୍ର ବ୍ୟବସାୟ ତାଙ୍କୁ ଆତ୍ମନିର୍ଭରଶୀଳ ଏବଂ ସ୍ୱତନ୍ତ୍ର ପରିଚୟ ଦେଇଛି। ଓର୍‌ମାସ ଦ୍ୱାରା ଓଡ଼ିଶା ସମେତ ବାହାର ରାଜ୍ୟରେ ବିକ୍ରି ଚାଲିଥିବା ବେଳେ ବିଭିନ୍ନ ସ୍ଥାନରେ ଲୋକଙ୍କ ଚାହିଦା ଅନୁସାରେ ସାମଗ୍ରୀ ପଠାଯାଉଛି।

ଆକର୍ଷଣ ସାଜିଛି କାଠନିର୍ମିତ କଳାକୃତି

କାଠରେ ପ୍ରସ୍ତୁତ ବିଭିନ୍ନ ଦେବଦେବୀ, ପଶୁପକ୍ଷୀ, ଘରୋଇ ସାଜସଜ୍ଜା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ବରଗଡ଼ କୋଢ଼ାହଳ ଗ୍ରାମର ପ୍ରେରଣା ଗ୍ରୁପ୍ ଦ୍ୱାରା କାଷ୍ଠରୁ ପ୍ରସ୍ତୁତ ହସ୍ତଶିଳ୍ପ ଲୋକଙ୍କୁ ଆକୃଷ୍ଟ କରିଛି। ଏହି ଗ୍ରାମର ୧୫ଜଣ ମହାରଣା କାରିଗରଙ୍କୁ ନେଇ ୨୦୦୬ରେ ଗଠିତ ଏହି ଗ୍ରୁପ୍ ଏବେ ରାଜ୍ୟ ତଥା ରାଜ୍ୟ ବାହାରେ ନିଆରା କଳାକୃତି ପାଇଁ ପ୍ରଶଂସା ସାଉଁଟିଥିବା ସଞ୍ଜୀବ ମହାରଣା କହିଛନ୍ତି। ଶାଗୁଆନ, ଗମ୍ଭାରୀ, ନିମ୍ବରୁ ଘରୋଇ ସାଜସଜ୍ଜା, ଦେବଦେବୀଙ୍କ ପ୍ରତିମୂର୍ତ୍ତିର ବେଶ୍ ଚାହିଦା ରହିଛି। ଓର୍‌ମାସ, ଉତ୍କଳିକା ପକ୍ଷରୁ ଆୟୋଜିତ ମେଳାରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିଛନ୍ତି।

ଗ୍ରାମୀଣ ଶିଳ୍ପ ଉଦ୍ୟାନ

ମେଳାର ମୁଖ୍ୟ ଆକର୍ଷଣ ହେଉଛି ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ସାଲତରା ଗ୍ରାମର ଯାଜ୍ଞସେନୀ ଉତ୍ପାଦକ ଗୋଷ୍ଠୀର ଗ୍ରାମୀଣ ଶିଳ୍ପ ଉଦ୍ୟାନ। ଅନୁଷ୍ଠାନ ପକ୍ଷରୁ ଗ୍ରାମୀଣ ଶିଳ୍ପ ଉଦ୍ୟୋଗ ଏକ ପ୍ରଦର୍ଶନୀ ସ୍ଥାନ ପାଇଛି। ୮ଟି କୋଠରିବିଶିଷ୍ଟ ଏହି ଶିଳ୍ପ ଉଦ୍ୟାନରେ ଧାନକଳ, ଚାଉଳ କଳ, ଡାଲି କଳ, ଅଟାକଳ, ମୁଢ଼ି ମିଲ୍, ଡବଲ ଫିଲ୍ଟର ଚାଉଳ ସହିତ ବିଭିନ୍ନ ପ୍ରକାର ଧୂପକାଠି ପ୍ରସ୍ତୁତ କରାଯାଉଛି। ଆଗକୁ ବ୍ୟାପକ ପାଇଁ ଲକ୍ଷ୍ୟ ରଖିଥିବା ଲାଇଭ୍‌ଲିହୁଡ୍ ସପୋର୍ଟ ପରସନ(ଏଲ୍‌ଏସ୍‌ପି) ଜୟନ୍ତ ତ୍ରିପାଠୀ କହିଛନ୍ତି। ମା' ଭବାନୀ ମହିଳା ମଣ୍ଡଳ, ମା' ତାରିଣୀ ଏବଂ ମା' ବାଉଡି ଏସ୍‌ଏଚ୍‌ଜିଙ୍କୁ ନେଇ ଏହି ଉତ୍ପାଦକ ଗୋଷ୍ଠୀରେ ୩୦ରୁ ଊର୍ଦ୍ଧ୍ୱ ମହିଳା ଏହି କାର୍ଯ୍ୟରେ ଲାଗିଛନ୍ତି। ମହିଳାମାନେ ଏବେ ରୋଜଗାରକ୍ଷମ ହେବା ସହ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

ଜୀବିକା ମିଶନର ପୁଷ୍ଟି ବଗିଚା

ଜିଲା ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳାର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ଜିଲା ପ୍ରଶାସନ ଜୀବିକା ମିଶନ ଦ୍ୱାରା ଆୟୋଜିତ ପୁଷ୍ଟି ବଗିଚା। ଜୈବିକ ପଦ୍ଧତିରେ କିପରି ଗ୍ରାମାଞ୍ଚଳରେ ଲୋକମାନେ ବାରିରେ ପନିପରିବା ପାଇପାରିବେ, ଜୀବିକା ମିଶନର ଏହା ଏକ ଅଭିନବ ପ୍ରୟାସ। ମେଳାରେ ଏହାର ଏକ ପ୍ରଦର୍ଶନୀ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଜୀବିକା ମିଶନ ପକ୍ଷରୁ ପଞ୍ଚାୟତସ୍ତରରେ ଲାଇଭ୍‌ଲିହୁଡ ସପୋର୍ଟମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନେ ଗ୍ରାମାଞ୍ଚଳରେ ଲୋକଙ୍କୁ ପନିପରିବା ଆଦାୟ ପାଇଁ ପରାମର୍ଶ ଦେଉଛନ୍ତି। ୩୬/୨୨ ଫୁଟରେ ୭ଟି ବେଡରେ ବାଇଗଣ, ଭେଣ୍ଡି, ଶାଗ ପଟାଳି, କାକୁଡି, କଲରା, ଲଙ୍କା, ଧନିଆ, ପୁଦିନା, କଖାରୁ, ଅମୃତଭଣ୍ଡା କଳଦୀ, ଲେମ୍ବୁ ଆଦାୟ କରାଯାଇପାରିବ। ଏପରିକି ଘର ଛାତ ଉପରେ ମାଟିପାତ୍ର, ଅଖାରେ ମାଟି ପକାଇ ମଧ୍ୟ ଫଳ ଆଦାୟ କରାଯାଇପାରିବ। ମିଶନ ପକ୍ଷରୁ ଲୋକଙ୍କୁ ମଞ୍ଜି ଯୋଗାଇ ଦିଆଯାଉଛି। ଫସଲ ଆଦାୟ ପରେ ବାହାରୁଥିବା ପତ୍ରକୁ ନେଇ ଜୈବିକ କମ୍ପୋଷ୍ଟ ଏବଂ ବର୍ଷାଜଳ ସଂରକ୍ଷଣ କିପରି କରିବେ ସେ ଦିଗରେ ଲୋକଙ୍କୁ ବୁଝାଉଛନ୍ତି। ଲୋକେ କିପରି ହାତପାଆନ୍ତାରେ ପନିପରିବା ପାଇପାରିବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ବେଗୁନିଆ ବ୍ଲକରେ କାର୍ଯ୍ୟରତ ଲାଇଭଲିହୁଡ ସପୋର୍ଟ ବିପିନ ବେହେରା, ସୁରେଶ ବେହେରା, ଲୋକନାଥ ବେହେରା, ଅରୁଣ ଛୋଟରାୟ ପ୍ରମୁଖ ଲୋକଙ୍କୁ ବୁଝାଉଛନ୍ତି।

ଟ୍ରକ୍ ପଛରେ ପିଟିହେଲା ପିକ୍‌ଅପ୍ ଭ୍ୟାନ, ଡ୍ରାଇଭର ମୃତ

ବୋଲଗଡ଼,୨୨।୨(ଦେବବ୍ରତ ହୋତା):

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ଅଧୀନ ରେଳ ଓଭରବ୍ରିଜ୍ ଉପରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛରେ ପିକ୍‌ଅପ୍ ଭ୍ୟାନ୍ ପିଟିହୋଇଯିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ସିକ୍ରିଡ଼ା ଗ୍ରାମର ମୁନା ରାଉତ(୨୯)। ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ୧୨ଟାରେ ବୌଦ୍ଧରୁ ଡ୍ରେସ୍ କପଡ଼ା ଲୋଡ୍‌କରି ରାଜସୁନାଖଲା ଅଭିମୁଖେ ଆସୁଥିବା ପିକ୍‌ଅପ୍ ଭ୍ୟାନ୍(ଓଡି ୦୨ ସିୱାଇ ୩୭୩୯)ଟି ବୋଲଗଡ଼ ଉପକଣ୍ଠ ରେଳ ଓଭରବ୍ରିଜ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଟକିଥିବା ଧାନ ବୋଝେଇ ଟ୍ରକ୍(ଓଆର୍ ୦୨ ଏଲ୍ ୨୬୨୧)କୁ ପଛକୁ ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ୍ ଡ୍ରାଇଭର ମୁନା ଗାଡ଼ି ଭିତରେ ଚାପିହୋଇଯାଇଥିଲେ। ଖବରପାଇ ବୋଲଗଡ଼ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୁନାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବୋଲଗଡ଼ ଥାନାରେ ଏକ ମାମଲା ରୁଜୁହେବା ସହ ଉଭୟ ଗାଡ଼ିକୁ ଜବତ କରାଯାଇଛି ବୋଲି ଏସ୍‌ଆଇ ଲିଲି ପାଢ଼ୀ କହିଛନ୍ତି।

ଆକର୍ଷଣ ସାଜିଲା ପାଇକ ଆଖଡ଼ା

ଖୋର୍ଦ୍ଧା,୨୨।୨(ପ୍ରଭାତ ପାଣିଗ୍ରାହୀ)

ଦ୍ୱିତୀୟ ଦିନ ସୁଦ୍ଧା ୪୨.୭୬ ଲକ୍ଷ ବେପାର

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ (ଓର୍‌ମାସ) ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ହାବେଳି ପଡ଼ିଆରେ ଚାଲିଛି ଜିଲା ମହୋତ୍ସବ ଏବଂ ରାଜ୍ୟସ୍ତରୀୟ ହସ୍ତତନ୍ତ ପଲ୍ଲିଶ୍ରୀ ମେଳା ଓ ପୁସ୍ତକ ମେଳା। ଦ୍ୱିତୀୟ ଦିନରେ ପଲ୍ଲିଶ୍ରୀ ଏବଂ ପୁସ୍ତକ ମେଳା ସହିତ ଖାଦ୍ୟମେଳାରେ ପ୍ରାୟ ୨୮ଲକ୍ଷ ୩୬ ହଜାର ବେପାର ହୋଇଥିବା ଓର୍‌ମାସ ଉପନିର୍ଦ୍ଦେଶକ ରାଜକିଶୋର ଦାସ କହିଛନ୍ତି। ପ୍ରଥମ ଏବଂ ଦ୍ୱିତୀୟ ଦିନରେ ମୋଟ୍ ୪୨ଲକ୍ଷ ୭୬ ହଜାର ଟଙ୍କା ବିକ୍ରି ହୋଇଥିବା ଜଣାପଡ଼ିଛି। ଶନିବାର ମେଳାର ତୃତୀୟ ସନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଥମ ଅର୍ଘ୍ୟରେ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ପରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ମା' ଦୁର୍ଗାଙ୍କ ମହିଷାସୁର ମର୍ଦ୍ଦିନୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ଆକୃଷ୍ଟ କରିଥିଲେ। ଅନନ୍ୟା କଳା ଦର୍ପଣ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ଫ୍ୟୁଜନ ବାରମାସୀ ନୃତ୍ୟ ଏବଂ ମୋ ଓଡ଼ିଶା ନୃତ୍ୟ ପରିବେଷଣରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ଖୋର୍ଦ୍ଧାର ସମରକଳା ପାଇକ ଆଖଡ଼ାରେ ପାଇକଙ୍କ ବୀରତ୍ୱର ଗାଥାକୁ ବଖାଣିଥିଲେ ଦୁର୍ଗାଚରଣ ବାରିକ ଏବଂ ତାଙ୍କ ଟିମ୍। ବୀରବାଦ୍ୟର ତାଳେ ତାଳେ କଳାକାରମାନେ ପାଇକ ଆଖଡ଼ା ପ୍ରଦର୍ଶନ କରି ପାଇକଙ୍କ ବୀରତ୍ୱକୁ ମନେପକାଇଥିଲେ। ପରେ ବିଦ୍ୟା କନକ ସୃଜନ ଅନୁଷ୍ଠାନ ଭୁବନେଶ୍ୱର କଳାକାରମାନେ ମାଗୁଣିର ଶଗଡ଼ ନୃତ୍ୟ ପରିବେଷଣ କରିଥିବା ବେଳେ ୩ୟ ସନ୍ଧ୍ୟାର ଆକର୍ଷଣ ଥିଲା ଆଇକନିକ୍ ଡ୍ୟାନ୍ସ ଗ୍ରୁପ୍ ଭୁବନେଶ୍ୱର ଷ୍ଟାର ନାଇଟ୍। ସତ୍ୟଜିତ୍ ପ୍ରଧାନ, ଭାଗ୍ୟଶ୍ରୀ ମହାନ୍ତି, କୁମାର ଦେବାନନ୍ଦ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପରିଚାଳନା କରିଥିବା ବେଳେ ଗୀତାଞ୍ଜଳି ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଖୋର୍ଦ୍ଧା ଜିଲା ମହୋତ୍ସବ, ପଲ୍ଲିଶ୍ରୀ ଏବଂ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଶନିବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଜଟଣୀ,୨୨।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀସ୍ଥିତ ଖୋର୍ଦ୍ଧାରୋଡ ରେଲ୍‌ୱେ ଷ୍ଟେଶନର ୬ନମ୍ବର ପ୍ଲାଟଫର୍ମର ରେଳଧାରଣାରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲା ବାମ୍ଭେରୀ ଅଞ୍ଚଳର ଶିବଲ ସମଡ଼। ସୂଚନା ମୁତାବକ, ସକାଳ ପ୍ରାୟ ସାଢେ ୭ଟାରେ ଉକ୍ତ ଷ୍ଟେଶନର ୬ନମ୍ବର ପ୍ଲାଟଫର୍ମର ରେଳଧାରଣାରୁ ରେଲୱେ ପୋଲିସ ଶିବଲଙ୍କ ମୃତଦେହ ଜବତ କରିଥିଲା। ପୋଲିସ ତାଙ୍କ ମୋବାଇଲରୁ ପରିଚୟ ପାଇବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାରଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏନେଇ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୫)ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ଡିଭାଇଡରରେ ପିଟିହେଲା ବାଇକ୍: ଜଣେ ମୃତ, ଜଣେ ଗୁରୁତର

ଟାଙ୍ଗୀ,୨୨।୨(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱର ନିକଟରେ ଏକ ବାଇକ୍ ଡିଭାଇଡରରେ ପିଟିହୋଇଯିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୁହୁଡ଼ି ଗ୍ରାମର କାଳିଆ ପ୍ରଧାନ (୨୩)। ଗୁରୁତର ଓମ୍‌ପ୍ରକାଶ ଶଡ୍ଡୁଶଲ୍ୟ(୧୯)ଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, କାଳିଆ ଏବଂ ଓମ୍‌ପ୍ରକାଶ ଏକ ବାଇକ୍‌ରେ କୁହୁଡ଼ିରୁ ଟାଙ୍ଗୀ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚାନ୍ଦପୁ

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)- ପୋଲିସର ଜରୁରୀ ଓ ତ୍ୱରିତ କାର୍ଯ୍ୟରେ ନିୟୋଜିତ ହୋଇ କାର୍ଯ୍ୟ କରିବା ନିମନ୍ତେ ନିମାପଡ଼ା ଥାନାରେ ନୂତନ ୧୧୨ ପୋଲିସ ଭ୍ୟାନ ଆସିଛି। ଏହି ଭ୍ୟାନ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ, ଅପରାଧୀଙ୍କୁ ଧରିବା ଦିଗରେ ବହୁଳ ଭାବେ ସହାୟକ ହେବ ବୋଲି ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି। ଯେଉଁଠାରେ ଯେକୌଣସି ଅପରାଧିକ କାର୍ଯ୍ୟ ହେଉଥିବାର ସୂଚନା ମିଳିଲେ, ଜନସାଧାରଣ ତୁରନ୍ତ ଏହି ୧୧୨ ନମ୍ବରକୁ ଫୋନ କରି ଜଣାଇଲେ, ଭ୍ୟାନ ତ୍ୱରିତ ଘଟଣାସ୍ଥଳରେ ପହଞ୍ଚି ସହାୟତା ଯୋଗାଇବ। ଏହି ଅଞ୍ଚଳରେ ପ୍ରତ୍ୟେକ ଜନସାଧାରଣ ଏହି ଭ୍ୟାନର ସହାୟତା, ସୁବିଧା ନେବାକୁ ଆଇଆଇସି ସ୍ୱାଇଁ କହିଛନ୍ତି। ଏହି ଭ୍ୟାନ ଦ୍ୱାରା ଲୋକେ ପୋଲିସ ସେବା ଓ ସହାୟତା ପାଇବା ଦିଗରେ ବହୁଳ ଭାବେ ଉପକୃତ ହୋଇପାରିବେ।

୨୨।୨।୨୦୨୫

୫,୮୦,୨୦୧ ଟଙ୍କା	
ସୁନା	ମିଳିନାହିଁ
ରୁପା	୫୨.୨୦୦ ଗ୍ରାମ୍

ସଂକ୍ଷେପରେ

ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତିକଲେ ମହିଳା ସବ୍‌ଇନ୍ସପେକ୍ଟର

ଗୋପ,୨୨।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-କୋଣାର୍କ ରାସ୍ତାର ଶାରଡ଼ା ଛକ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ଯୁବତୀ, ଯୁବକଙ୍କୁ ଉଦ୍ଧାରକରି ଜଣେ ମହିଳା ସବ୍‌ଇନ୍ସପେକ୍ଟର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କର ଏପରି ମହନୀୟତାକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏକ ବାଇକ୍‌ରେ ଯୁବତୀ ଯୁବକ ଚାରିଛକ ଆଡ଼କୁ ଆସୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସେହି ବାଟ ଦେଇ କୋଣାର୍କରୁ ଚାରିଛକ ଫେରୁଥିବା ଚାରିଛକ ଥାନା ମହିଳା ସବ୍‌ଇନ୍ସପେକ୍ଟର ମମତା ବିଶ୍ୱାଳ ଦୁର୍ଘଟଣାଗ୍ରସ୍ତ ୨ ଜଣଙ୍କୁ ଦେଖି ନିଜ ଗାଡ଼ିରେ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଯୁବକ ଜଣକ ଖଣ୍ଡିଆଖାବରା ହୋଇଥିବାବେଳେ ଯୁବତୀଙ୍କ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପ୍ରାଥମିକ ଚିକିତ୍ସା କରାଇ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଯୁବକଙ୍କ ଘର ଚାରିଛକ ଥାନା ମାଧବ ଅଞ୍ଚଳରେ ହୋଇଥିବାବେଳେ ଯୁବତୀଙ୍କ ଘର ଭଦ୍ରକ ଥାନା ଅଗରପଡ଼ା ଗ୍ରାମ ବୋଲି ଜଣାପଡ଼ିଛି। ଗୋପ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

ମାତୃଭାଷା ଗୋଟିଏ ଜାତିର ପରିଚୟ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ମାତୃଭାଷା ଗୋଟିଏ ଜାତିର ପରିଚୟ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ପୁରୀ ଆନୁକୂଲ୍ୟରେ ପରିସରର ନିର୍ଦ୍ଦେଶକ ବନମାଳୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପରିସରର ଛାତ୍ର ରୁଦ୍ର ପ୍ରସାଦ ରଥଙ୍କ ଦ୍ୱାରା ପବିତ୍ର ବେଦଧ୍ୱନିରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଡ. ନୃସିଂହ ଚରଣ ସାହୁ, ମୁଖ୍ୟବକ୍ତା ଭାବେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବିଭାଗ ମୁଖ୍ୟ ତଥା ସୁସାହିତ୍ୟିକ ଦିଲୀପ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପରିସରର ଧର୍ମଶାସ୍ତ୍ର ବିଭାଗର ବିଭାଗ ମୁଖ୍ୟ ଲଳିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ସ୍ୱାଗତିକା ମହାନ୍ତି ଏବଂ ସହ-ସଂଯୋଜକ ଅଧ୍ୟାପକ ଡ. ରୁଦ୍ରପ୍ରସାଦ ମିଶ୍ର ସଂଯୋଜନା ଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ।

ପାନପତ୍ରକୁ ଜାତୀୟ ପତ୍ର ଘୋଷଣା ଦାବିରେ ଜାତୀୟ ସମ୍ମିଳନୀ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ସମ୍ମିଳନୀରେ ଅଖିଳ ଭାରତ ପାନ ଚାଷୀ ସଂଘର କର୍ମକର୍ତ୍ତାମାନେ ।

ଅଖିଳ ଭାରତ ପାନ ଚାଷୀ ସଂଘର ସର୍ବଭାରତୀୟ ସମ୍ମିଳନୀ ଶନିବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ କୃଷକ ସଭା ଜାତୀୟ ସଭାପତି ରାଜନ କ୍ଷୀରସାଗର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ଶ୍ରୀକୁମାର ମୁଖାର୍ଜୀ, ଜାତୀୟ ଉପସଭାପତି ଆଶିଷ କାନୁନ୍‌ଗୋ, ଶଶିଭୂଷଣ ସ୍ୱାଇଁ, କ୍ଷୀରୋଦ ପ୍ରସାଦ ସିଂଦେଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦେଶର ୮ଟି ରାଜ୍ୟରେ ପାନ ଉତ୍ପାଦନ ହେଉଥିଲା ବେଳେ କେନ୍ଦ୍ର ସରକାର କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ କରୁଛନ୍ତି। ମାତ୍ର ପାନ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ ସରକାରୀ ପ୍ରୋତ୍ସାହନ ଅଭାବ ରହିଛି। ପାନ ପତ୍ରକୁ ଖୁବ୍ କମ୍ ଜାଗାରେ ଉତ୍ପାଦନ କରି ଗୋଟିଏ ପରିବାର ଗୁଜୁରାଣ ମେଣ୍ଟାଇପାରୁଛି।

ପାନପତ୍ରରୁ ପାନୀୟ ପ୍ରସ୍ତୁତ କରାଗଲେ ଲକ୍ଷାଧିକ ପାନଚାଷୀ ଉପକୃତ ହୋଇପାରିବେ। ମାତ୍ର ସରକାର ଏ ଦିଗରେ ଗବେଷଣା କରନ୍ତୁ ବୋଲି ବକ୍ତାମାନେ ଦାବି କରିଥିଲେ। ପାନପତ୍ରକୁ ଜାତୀୟ ପତ୍ର ଘୋଷଣା କରିବା, ବିନା ସୁଧରେ ଚାଷୀଙ୍କୁ ୫୦ ହଜାର ଟଙ୍କା ଋଣ ଦେବା, ପାନର ସର୍ବନିମ୍ନ ଦର ଧାର୍ଯ୍ୟ କରିବା, ପାନ ଉପରୁ ଜିଏସ୍‌ଟି ଉଠାଇ ବ୍ୟବସାୟୀଙ୍କୁ ଚାଷୀଙ୍କଠାରୁ ପାନ କିଣିବା ପାଇଁ ଉତ୍ସାହିତ କରିବା, ସ୍ୱତନ୍ତ୍ର ରେଳ ବ୍ୟବସ୍ଥା କରିବା ଉପରେ ଆଲୋଚନା କରାଯାଇଥିଲା। ଏ ସବୁ ଦାବି ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯିବା ସହ ପାନଚାଷୀ ଆନ୍ଦୋଳନକୁ ସଂଗଠିତ ମଧ୍ୟ କରାଯିବା ପାଇଁ ସମ୍ମିଳନୀରେ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇ ପୁରୀ ସହରର ଐତିହାସିକ ଭୂମିକା ଉପରେ ଆଲୋକପାତ କରିଥିଲେ। ପଶ୍ଚିମବଙ୍ଗର ଡ. କୋଏଲ ପାନପତ୍ର ଉପରେ ଗବେଷଣା କରୁଥିବାରୁ ଏହାର ଔଷଧୀୟ ଗୁଣ ଓ ଏଥିରୁ କିପରି ପାନୀୟ ପ୍ରସ୍ତୁତ କରାଯାଇପାରିବ ତାହା ଉପରେ ଆଲୋଚନା କରିଥିଲେ। ସମ୍ମିଳନୀକୁ ଅଶ୍ୱିନୀ ଜାନା, ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ, ସମ୍ମିଳନୀ ରବିବାର ଉଦ୍‌ଯାପିତ ହେବ।

ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ

ଓମ୍ ଫାଇଟର ଚାମ୍ପିୟନ

ବଳଙ୍ଗା,୨୨।୨(କେଦାରେଶ୍ୱର ନନ୍ଦ)

ଚାମ୍ପିୟନ ଟ୍ରଫି ସହ ବିଜେତା ଦଳର ଖେଳାଳିମାନେ ।

ବଳଙ୍ଗା ଥାନା ଅନ୍ତର୍ଗତ ବଡ଼ନିନିଗାଁ ଛକଠାରେ ଚକାଡୋଳା କ୍ରିକେଟ୍ କ୍ଲବ ପକ୍ଷରୁ ଗ୍ରାମରେ ଥିବା ସ୍କୁଲ ପଡ଼ିଆରେ ୩ ଦିନିଆ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ନିନିଗାଁ, ସାଇ ବ୍ଲାଷ୍ଟର, ରାଇଜିଂ କିଙ୍ଗ, ଏମ୍.ଜେ.ସିସି କ୍ଲବ, ଓମ୍ ଫାଇଟର, ପଣ୍ଡା ଟାଇଗର, ବି.ଏନ୍, ୱାରିୟର, ଭଳି ୮ଟି ଦଳ ଭାଗ ନେଇଥିବାବେଳେ ୫ ପଞ୍ଚାୟତରୁ ପ୍ରାୟ ୨୦୦ ଜଣ ଖେଳାଳି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଖେଳ ସମ୍ପୂର୍ଣ୍ଣ ଆଇପିଏଲ୍ ଢାଞ୍ଚାରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବଡ଼ନିନିଗାଁକୁ ହରାଇ ଓମ୍ ଫାଇଟର ଚାମ୍ପିୟନ ହୋଇଥିଲା। ଓମ୍ ଫାଇଟର ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୩୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଓମ୍ ଫାଇଟର ୩୨ ରନ୍ କରି ବିଜୟୀ ହୋଇଥିଲା। ମିଲନ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଏହି ଅବସରରେ ମ୍ୟାଚ୍‌ରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ୧୮ନଂ. ଜୋନ୍‌ର ଭାଜପା ମଣ୍ଡଳ ସଭାପତି ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଅକ୍ଷୟ ବେହେରା, ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ଦୀପକ ଦାସ, କାଳନ୍ଦୀ ଛାଟୋଇ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଅମ୍ପାୟର ଭାବେ କେ. ମହାପାତ୍ର, ମନୋରଞ୍ଜନ ଜେନା, ଅଜିତ୍ ରଞ୍ଜନ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସୁମନ ବେହେରା, ସଂଗ୍ରାମ ପ୍ରଧାନ, ବିକାଶ ନାୟକ, ରାମଚନ୍ଦ୍ର ବରାଳ ପ୍ରମୁଖ ସ୍କୋରିଂ ତୁଲାଇବା ସହ ସହଯୋଗ କରିଥିଲେ।

ଜିଲା ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ତଦନ୍ତ ଆରମ୍ଭ

କୁଶଭଦ୍ରା ନଦୀବନ୍ଧ କଡ଼ରେ ମଲା କୁକୁଡ଼ା ପଡ଼ିବା ଘଟଣା

ଗୋପ,୨୨।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଦୁଇଦିନ ହେବ ଗୋପ ବ୍ଲକ ଅଧୀନ ନାଗପୁର ପଞ୍ଚାୟତ ଅନ୍ତର୍ଗତ ନେତପୁର-ବାଲି କପିଳେଶ୍ୱର କୁଶଭଦ୍ରା ନଦୀବନ୍ଧ କଡ଼ରେ ଶହ ଶହ ମଲା କୁକୁଡ଼ା ପଡ଼ିବା ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଜିଲା ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଶନିବାର ତଦନ୍ତ ଆରମ୍ଭ ହୋଇଛି। ଜିଲା ପ୍ରାଣୀ ଚିକିତ୍ସାଳୟର ମୁଖ୍ୟ ଅତିରିକ୍ତ ଚିକିତ୍ସାଧିକାରୀ ଡ. ସତ୍ୟବ୍ରତ ସାହୁ, ଗୋପ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରଞ୍ଜନ କୁମାର ସାହୁ ଓ ଚିତ୍ତରଞ୍ଜନ ସେଠୀ କୁକୁଡ଼ା ପଡ଼ିଥିବା ସ୍ଥାନରେ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହ କେତେକ କୁକୁଡ଼ା ଫାର୍ମ ବୁଲି ଦେଖି ସେଠାରୁ କୁକୁଡ଼ାଙ୍କ ରକ୍ତ ନମୁନା ନେଇଥିବା ଜଣାପଡ଼ିଛି। ଏପରିକି ନଦୀବନ୍ଧ କଡ଼ରେ ପଚିଯାଇଥିବା କୁକୁଡ଼ାଙ୍କ କିଛି ଅଂଶ ମଧ୍ୟ ବିଭାଗ ପକ୍ଷରୁ ନିଆଯାଇଛି। ମଲାକୁକୁଡ଼ା ପଡ଼ିବା ଓ ଦୁର୍ଗନ୍ଧମୟ ପରିସ୍ଥିତି ସୃଷ୍ଟିହେବା ଅଭିଯୋଗ ପରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଥିଲେ। ରକ୍ତ ନମୁନା ପରୀକ୍ଷା ହେବା ପରେ କାରଣ ଜଣାପଡ଼ିବ ବୋଲି ସାହୁ କହିଛନ୍ତି।

କିଶୋରୀମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା ଉଚିତ

ସାକ୍ଷୀଗୋପାଳ,୨୨।୨(ଭରତ ରାଉତ)

ମେଳାରେ ଉପସ୍ଥିତ ଅତିଥି ଓ କିଶୋରୀମାନେ ।

ସତ୍ୟବାଦୀ ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ନରେନ୍ଦ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର କିଶୋରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସନ୍ଧ୍ୟାରାଣୀ ଘଟୁଆରୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଶିକ୍ଷକ ଲକ୍ଷ୍ମୀପ୍ରସାଦ ପାଣି, ମୁଖ୍ୟବକ୍ତା ଯୋଗ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ, ଶିଶୁ ବିକାଶ ବିଭାଗ ପରିଦର୍ଶିକା ପୀୟୂଷମୟୀ ପଣ୍ଡା ମଞ୍ଚାସୀନ ଥିଲେ। କିଶୋରୀଙ୍କୁ ସଚେତନତା ଉଦ୍ଦେଶ୍ୟରେ ନିଜ ଅଭିଭାଷଣରେ ଅତିଥିମାନେ ରକ୍ତଜନିତ ସମସ୍ୟା ଦୂରୀକରଣ, ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ସର୍ବୋପରି ବାଲ୍ୟବିବାହ ଉପରେ ଜାଗ୍ରତ କରିଥିଲେ। ସରକାର କିଶୋରୀଙ୍କୁ ମାନସିକସ୍ତରରେ ସୁଦୃଢ଼ କରିବା, ନିଜ ପ୍ରତିଭାକୁ ପରିବେଷ୍ଟିତ କରିବା ଓ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ନରେନ୍ଦ୍ରପୁର, ନୂଆସୋମେଶ୍ୱରପୁର ଗ୍ରାମପଞ୍ଚାୟତର ଅଙ୍ଗନୱାଡି, ଆଶା, ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ କିଶୋରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଚ, ଯୋଗ, ଗୀତ ସହ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁଟିଖେଳରେ ପ୍ରଥମ ନିବେଦିତା ମହାପାତ୍ର, ଦଉଡ଼ି ଡିଆଁରେ ପ୍ରଥମ ସନ୍ତୋଷୀ ଜେନା, ରଚନାରେ ମୀରା ପ୍ରିୟଦର୍ଶିନୀ ଜେନା ପ୍ରମୁଖ ଉତ୍ତୀର୍ଣ୍ଣ କିଶୋରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ୧୫ରୁ ୧୯ ବର୍ଷୀୟା କିଶୋରୀ ଭାଗ ନେଇଥିଲେ। ଶେଷରେ ବିଜୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ନୃତ୍ୟଗୁରୁ ପଦ୍ମଶ୍ରୀ ମାୟାଧର ରାଉତଙ୍କ ପରଲୋକ

ଭୁବନେଶ୍ୱର,୨୨।୨ (ସୌମ୍ୟରଞ୍ଜନ ରାଉତ)

ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତାଙ୍କ ଶୋକ



ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ମାୟାଧର ରାଉତଙ୍କର ଶନିବାର ଦିଲ୍ଲୀ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ବର୍ଷ ବୟସ ହୋଇଥିଲା। ସକାଳେ ସେ ନାତିନାତୁଣୀ ଓ ପରିବାରର ଅନ୍ୟ ସଦସ୍ୟଙ୍କ ଗହଣରେ ଖିଆପିଆ କରିଥିଲେ। ପରେ ହଠାତ୍ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର କୌଣସି ରୋଗ ନ ଥିଲା ଓ ବାର୍ଦ୍ଧକ୍ୟ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଲୋଧି ରୋଡ୍ ଶ୍ମଶାନରେ ମାୟାଧରଙ୍କର ଅନ୍ତିମ ସତ୍କାର କରାଯାଇଛି।

ମାୟାଧର ୧୯୩୦ ଜୁଲାଇ ୬ରେ କଟକରେ ଜନ୍ମଗ୍ରହଣ କରିଥିଲେ। ୭ ବର୍ଷ ବୟସରୁ 'ଗୋଟିପୁଅ' ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ୧୯୪୪ରେ ସେ ପ୍ରଥମ ବ୍ୟକ୍ତି ଭାବେ ମଞ୍ଚରେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ସେ ଓଡ଼ିଶୀ ନୃତ୍ୟ ଶିକ୍ଷା କରିବା ସହ ଏହାର ପ୍ରଚାର, ପ୍ରସାର ଲାଗି କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶୀ ନୃତ୍ୟକୁ 'ଶାସ୍ତ୍ର ଭିତ୍ତିକ ଶାସ୍ତ୍ରୀୟ ନୃତ୍ୟ'ର ମାନ୍ୟତା ଦେବା ପାଇଁ ଏହାର ପୁନର୍ଗଠନ ସହ ଆବଶ୍ୟକ ପଦକ୍ଷେପ ଲାଗି ଉଦ୍ୟମ କରି ୧୯୫୦ରେ ସଫଳ ହୋଇଥିଲେ। ୧୯୫୨ ମସିହାରେ କଟକ କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟ ହେବା ସହ ପ୍ରଥମ ଓଡ଼ିଶୀ ଗୁରୁ ଭାବେ ଯୋଗଦେଇ ଓଡ଼ିଶୀ ଶିକ୍ଷା ଦେଇଥିଲେ। ସହଯୋଗୀଙ୍କ ସହ ମିଶି ସେ ୧୯୫୯ରେ ଜୟନ୍ତୀକା ଆସୋସିଏଶନ ପ୍ରତିଷ୍ଠା କରି ଓଡ଼ିଶୀ ନୃତ୍ୟର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏଥିସହ ଓଡ଼ିଶୀକୁ ଶାସ୍ତ୍ରୀୟ ଢାଞ୍ଚା ପ୍ରଦାନ କରିବା ସହ ଏହାର ଅଭିନୟରେ ମୌଳିକ ବିଜ୍ଞାନକୁ ଅନ୍ତର୍ଭୁକ୍ତ କରି ଏହାର ଶବ୍ଦଭଣ୍ଡାରକୁ ସମୃଦ୍ଧ କରିଥିଲେ। ଓଡିଶୀ ନୃତ୍ୟ ପ୍ରତି ତାଙ୍କର ବିଶେଷ ଅବଦାନ ପାଇଁ ମାୟାଧରଙ୍କୁ ପଦ୍ମଶ୍ରୀ ସମ୍ମାନ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ଭଳି ବହୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ମାୟାଧରଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି ଯେ, ମାୟାଧରଙ୍କ ବିୟୋଗ ଓଡ଼ିଶୀ ନୃତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରଭିତ୍ତିକ ଜ୍ଞାନରେ ଆହୁରି ସମୃଦ୍ଧ କରିବା ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟର ଗରିମା ବୃଦ୍ଧି କରିବାରେ ତାଙ୍କ ଜୀବନବ୍ୟାପୀ ଅବଦାନ ଚିର ସ୍ମରଣୀୟ ହୋଇରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି, ମାୟାଧରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଶୀ ନୃତ୍ୟକୁ ସମୃଦ୍ଧ କରିବା ଦିଗରେ ସେ ସମର୍ପିତ କରିଥିଲେ। ତାଙ୍କ କାର୍ଯ୍ୟ ସର୍ବଦା ପ୍ରେରଣାର ଉତ୍ସ ହୋଇରହିବ।

ସମ୍ମାନ, ପୁରସ୍କାର

- ➤ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ (୧୯୭୭ ମସିହା)
- ➤ସାହିତ୍ୟ କଳା ପରିଷଦ ସମ୍ମାନ (୧୯୮୪)
- ➤ଉତ୍କଳ ପ୍ରତିଭା ପୁରସ୍କାର (୧୯୮୪)
- ➤କେନ୍ଦ୍ର ସଙ୍ଗୀତ

'ରାଜ୍ୟ ସରକାର ସବୁକ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି'

ବଜେଟ ପ୍ରତ୍ୟେକ ବର୍ଗକୁ ସନ୍ତୁଷ୍ଟ କରିପାରିଛି: ଏମ୍‌ପି ଅପରାଜିତା

ଭାଜପା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ

■ ପ୍ରତିଶ୍ରୁତି ମୁତାବକ ବଜେଟ ପ୍ରସ୍ତୁତ ହୋଇଛି: ମନ୍ତ୍ରୀ ହରିଚନ୍ଦନ

କଟକ,୨୨।୨(ଶିଳ୍ପା ପ୍ରିୟଦର୍ଶିନୀ)

ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି ଚଳିତବର୍ଷର ବଜେଟ ପ୍ରସ୍ତୁତ କରାଯାଇଛି। ଏହା କେବଳ ୨୦୨୫-୨୬ର ବଜେଟ ନୁହେଁ ବରଂ କେନ୍ଦ୍ର ସରକାରଙ୍କ ସୁଶାସନର ଗତ ୧୦ ବର୍ଷର ରିପୋର୍ଟ କାର୍ଡ। କେନ୍ଦ୍ର ପରି ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେରୋଜଗାରି ଭଳି ସମସ୍ତ କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଭାଜପା ସରକାର ୭ଟି ନୂଆ ମେଡିକାଲ କଲେଜ ତିଆରି କରିଥିବାବେଳେ ୫ ବର୍ଷ ଭିତରେ ଓଡ଼ିଶାର ସବୁ ଜିଲାରେ ମେଡିକାଲ କଲେଜ ଖୋଲିବାକୁ ଯୋଜନା ରଖିଛି। ସେହିପର ୬ଟ ବନ୍ଦେ ଭାରତ ଟ୍ରେନ୍, ଗୋଟିଏ ଅମୃତ ଭାରତ ଟ୍ରେନ୍ ଓଡ଼ିଶା ପାଇଁ ଦିଆଯାଇଛି ବୋଲି ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ତଥା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। କଟକ ଭାଜପା ପକ୍ଷରୁ ସ୍ଥାନୀୟ ନିଶାମଣି କନ୍‌ଭେନ୍‌ସନ୍ ହଲ୍‌ଠାରେ ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ ସମ୍ପର୍କିତ ବୁଦ୍ଧିଜୀବୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ସୁକାନ୍ତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଏମ୍‌ପି ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ଆସନ୍ତା ୫ ବର୍ଷ ମଧ୍ୟରେ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୮୬୩ ଅଟଳ ଟିଙ୍କରିଂ ଲ୍ୟାବ୍ ଖୋଲିବା ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି। ସମ୍ମାନିତ ଅତିଥି ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଚଳିତବର୍ଷ ଓଡ଼ିଆ ଅସ୍ମିତା ଓ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ବଜେଟ ପ୍ରସ୍ତୁତ କରାଯାଇଛି। ବିରୋଧୀ ଏହି ବଜେଟକୁ ନେଇ ସମାଲୋଚନା କରିଛନ୍ତି। ଚଳିତବର୍ଷ ବଜେଟରୁ ପ୍ରାୟ ୯୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୫୦ ବର୍ଷର ବିକାଶକୁ ଦୃଷ୍ଟିରେ ରଖି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇ କାମ କରାଯାଉଛି। ଚଳିତ ଆର୍ଥିକବର୍ଷ ଶେଷସୁଦ୍ଧା ୨.୭୭ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତି ସବ୍‌ଡିଭିଜନରେ ଆଳୁ ଗଚ୍ଛିତ ରଖିବା ପାଇ ଶୀତଳଭଣ୍ଡାର ବ୍ୟବସ୍ଥା ଏବଂ ୪୮୦ କିଲୋମିଟର ସମୁଦ୍ରତଟର ବିକାଶ କରାଯିବ। ସେହିପରି ୬୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ୩ ହଜାର ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଥିବା ବ୍ୟକ୍ତିଙ୍କୁ ସାଢ଼େ ୩ ହଜାର ଟଙ୍କା ପ୍ରଦାନ କରାଯିବ। ସହରରେ ବିଭିନ୍ନ ଯୋଜନାରେ ଅଟକିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି। ବିଶେଷକରି କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଓ ପୁରୀ ସହରର ଉନ୍ନତୀକରଣ ଦିଗରେ କାର୍ଯ୍ୟ କରାଯିବ ବୋଲି ହରିଚନ୍ଦନ କହିଛନ୍ତି। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଅନ୍ୟତମ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି, ରାମ ନାରାୟଣ ମହାନ୍ତି ଯୋଗଦେଇଥିଲେ। ଏଥିସହ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

ବୁଦ୍ଧିଜୀବୀ ସମ୍ମିଳନୀରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟ ଅତିଥିବୃନ୍ଦ।

କଟକ,୨୨।୨(ଶିଳ୍ପା ପ୍ରିୟଦର୍ଶିନୀ)

ବିକଶିତ ଭାରତକୁ ନଜରରେ ରଖି କେନ୍ଦ୍ର ଓ ରାଜ୍ୟରେ ବଜେଟ ପ୍ରସ୍ତୁତ କରାଯାଇଛି। ଏହି ବଜେଟ ପ୍ରତ୍ୟେକ ବର୍ଗକୁ ସନ୍ତୁଷ୍ଟ କରିଛି। ଏହା ଏକ ଲୋକାଭିମୁଖୀ ବଜେଟ ବୋଲି କଟକ ଲିଙ୍କ୍‌ରୋଡ୍‌ସ୍ଥିତ ନିଶାମଣି କନ୍‌ଭେନ୍‌ସନ୍ ହଲ୍‌ରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ତଥା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ସେ ଆହୁରି କହିଛନ୍ତି, ଗୋଟିଏ ଦେଶର ସରକାରୀ ନୀତିନିୟମ, ସଂସ୍କୃତି ଓ ସନ୍ଦେଶକୁ ନେଇ ବଜେଟ ପ୍ରସ୍ତୁତି କରାଯାଇଥାଏ। ୨୦୧୭-୧୮ ମସିହାରେ ଦେଶରେ ବେରୋଜଗାରି ସଂଖ୍ୟା ୬ ପ୍ରତିଶତ ଥିଲାବେଳେ ଏବେ ତାହା ୩.୨ ପ୍ରତିଶତରେ ପହଞ୍ଚିଛି। ଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ରାଜ୍ୟର ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନେକ ସଂସ୍ଥାରେ କାମ କରିବା ପାଇଁ ନିଯୁକ୍ତିପତ୍ର ଦେଇଛନ୍ତି। ଚଳିତବର୍ଷର ବଜେଟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିକାଶ, ରପ୍ତାନି, ନିବେଶ, ଭିତ୍ତିଭୂମି ବିକାଶ, ପ୍ରଯୁକ୍ତିବିଦ୍ୟା ଓ ମଧ୍ୟମ ବର୍ଗ ଲୋକଙ୍କ ପାଇଁ ଗୁରୁତ୍ୱ ଦିଆଯାଇଛି। କୌଣସି ବ୍ୟକ୍ତିଙ୍କ ବାର୍ଷିକ ଆୟ ୧୨ଲକ୍ଷ ୭୫ ହଜାର ଟଙ୍କା ଥିଲେ ସେମାନଙ୍କୁ ଟ୍ୟାକ୍ସ ଦେବାକୁ ପଡ଼ିବ ନାହିଁ। ଓଡ଼ିଶାର ୭୬ ହଜାର ଘରକୁ ଜଳଯୋଗାଣ କରାଯାଇଛି। କୃଷି ଉପରେ ନିର୍ଭରଶୀଳ ଥିବା ଦେଶର ୪୩% ଲୋକଙ୍କୁ ସମସ୍ତ ସାହାଯ୍ୟ ଓ ସହଯୋଗ ଯୋଗାଇଦିଆଯିବା ସହ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡେ' କେୟାର ସେଣ୍ଟର ଖୋଲାଯିବା ସହ ଅନ୍ୟାନ୍ୟ ଦିଗରେ ଗୁରୁତ୍ୱ ଦିଆଯାଇଛି। ଚଳିତ ବଜେଟକୁ ନେଇ ବିରୋଧୀ ଦଳ ସମାଲୋଚନା କରିଛି। କିନ୍ତୁ ଭାଜପା ସରକାର ସମସ୍ତ ପ୍ରତିଶ୍ରୁତିକୁ କାମରେ କରି ଦେଖାଇ ବିରୋଧୀଙ୍କୁ ଚୁପ୍ କରାଇବ। କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ଓଡ଼ିଶାର ବିକାଶ ପାଇ ଅର୍ଥ ଯୋଗାଇ ଦେଉଛନ୍ତି। ପୂର୍ବରୁ ତାହାକୁ ଠିକ୍ ଭାବେ ବିନିଯୋଗ କରାଯାଇନାହିଁ। ହେଲେ ଏବେ ଭାଜପା ସରକାର ସମୟରେ କେବଳ ବିକାଶ ଦିଗରେ କାର୍ଯ୍ୟ କରାଯିବ। କୌଣସି ରାଜ୍ୟକୁ ନେଇ ପାତରଅନ୍ତର କରାଯିବ ନାହିଁ। ସକାରାତ୍ମକ ଦୃଷ୍ଟିକୋଣରୁ ଏହି ବଜେଟ କରାଯାଇଛି ବୋଲି ଷଡ଼ଙ୍ଗୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା କଟକ ଜିଲା ସଭାପତି ସୁକାନ୍ତ କୁମାର ବିଶ୍ୱାଳ, ବରିଷ୍ଠ ନେତା ନୟନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସଂକ୍ଷେପରେ

ଛାତରୁ ଖସି ମହିଳା ମୃତ

ବାରଙ୍ଗ,୨୨।୨(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ଅଧୀନ ଅରିଲୋ ଗ୍ରାମରେ ଶନିବାର ଘର ଛାତରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ଜଣକ ହେଲେ ସଂସାର ରାଉତଙ୍କ ସ୍ତ୍ରୀ ବିନତୀ ରାଉତ (୪୧)। ସକାଳ ସମୟରେ ଅରିଲୋ ଗ୍ରାମର ବିନତୀ ଘର ଛାତ ଉପରେ ଲୁଗା ଶୁଖାଇ ଫେରୁଥିବା ସମୟରେ ଶିଡ଼ିରୁ ତାଙ୍କ ଗୋଡ଼ ଖସି ଯାଇଥିଲା। ସେ ଛାତ ଉପରୁ ତଳକୁ ଖସି ପଡ଼ିବାରୁ ତାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପରିବାରଲୋକ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୫/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଛତ୍ରବଜାର କାର୍ତ୍ତିକେଶ୍ୱର ପୂଜା କମିଟି ସଭ୍ୟଙ୍କ ପରଲୋକ

କଟକ,୨୨।୨(କାର୍ତ୍ତିକ ସାହୁ)

କଟକ ଛତ୍ରବଜାର କାର୍ତ୍ତିକେଶ୍ୱର ପୂଜା କମିଟିର ବରିଷ୍ଠ ସଭ୍ୟ ବିଶ୍ୱନାଥ ଖୁଣ୍ଟିଆ (୮୨)ଙ୍କ ରଶଙ୍କରପୁରସ୍ଥିତ ବାସଭବନରେ ଶନିବାର ପରଲୋକ ହୋଇଯାଇଛି। ସେ ଜଣାଶୁଣା ବ୍ୟବସାୟୀ ଫଗୁମଣି ଖୁଣ୍ଟିଆଙ୍କ ଜ୍ୟେଷ୍ଠ ପୁତ୍ର ତଥା ଆକାଶବାଣୀର ଗାୟିକା ଏବଂ ଗୀତିକାର ଗୀତା ଖୁଣ୍ଟିଆଙ୍କ ସ୍ୱାମୀ। ତାଙ୍କ ବିୟୋଗରେ ଛତ୍ରବଜାର ବ୍ୟବସାୟୀ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖାଯାଇଥିଲା। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ସୁଦୀପ୍ତ ମୁଖାଗ୍ନି ଦେଇଥିଲେ।

କଟକ ଖ୍ରୀଷ୍ଟ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଶନିବାର ଉଦ୍‌ଯାପନୀ ସମାରୋହରେ ପ୍ରମାଣପତ୍ର ହାସଲ କରିଥିବା ଛାତ୍ରୀଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

ଆତ୍ମରକ୍ଷା କୌଶଳ ଶିଖିଲେ ଛାତ୍ରୀ

କଟକ,୨୨।୨(କାର୍ତ୍ତିକ ସାହୁ)

ଖ୍ରୀଷ୍ଟ କଲେଜରେ ଛାତ୍ରୀମାନେ ନିଜ ସୁରକ୍ଷା ପାଇଁ ୮ ଦିନ ଧରି ଆତ୍ମରକ୍ଷା କୌଶଳ ଶିଖିଛନ୍ତି। ଶନିବାର ଉଦ୍‌ଯାପନୀ ଉତ୍ସବରେ ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ସଭାପତିତ୍ୱ କରି କହିଥିଲେ, ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖିବା ନିତାନ୍ତ ଆବଶ୍ୟକ। ସେମାନେ ନିରାପଦରେ ବଞ୍ଚିବା ପାଇଁ ଏଭଳି ପ୍ରଶିକ୍ଷଣ ଶିବିରରେ ଭାଗନେବାକୁ ଆଗେଇ ଆସିବା ଦରକାର। ଆତ୍ମରକ୍ଷା କ୍ଲବ୍‌ର ସଂଯୋଜିକା ଡ. କବିତା ଜେନା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶିକ୍ଷିକା ସୃଷ୍ଟି ମିଶ୍ର ଓ ପ୍ରିୟଦର୍ଶିନୀ ଦାସ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ବିଷୟରେ ତାଲିମ ଦେଇଥିଲେ। ସୁଶ୍ରୀ ତୃପ୍ତି ଗୋୟଲ ଆତ୍ମରକ୍ଷା ତାଲିମର ଅନୁଭୂତି ବର୍ଣ୍ଣନା କରିବା ସହ ରୁକ୍‌ସାନା ପର୍‌ବିନ୍ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ତାଲିମ୍‌ପ୍ରାପ୍ତ ଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଡ. ସଞ୍ଜୁ ଶର୍ମା ଧନ୍ୟବାଦ ଦେଇଥିଲେ। ଆତ୍ମରକ୍ଷା କମିଟି ସଦସ୍ୟ ଡ. ମିତାଲି ମିଶ୍ର, ଅଧ୍ୟାପିକା ମିତାଲି ଜେଠୀ, ସସ୍ମିତା ରଣସିଂହ, ବିଶ୍ୱରୂପା ମହାନ୍ତି ଓ କ୍ରୀଡ଼ା ଶିକ୍ଷକ ଶୁଭମ୍ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସ୍ୱାସ୍ଥ୍ୟସେବା ଶିବିର

ଚୌଦ୍ୱାର,୨୨।୨(ଆଶୁତୋଷ ଦାସ)

ଇମ୍ପାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେଶନ ଆନୁକୂଲ୍ୟରେ ଶନିବାର ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଁଷାଲଣ୍ଡା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସରପଞ୍ଚ କଲ୍ୟାଣୀ ରାଉତ, ଇମ୍ପାର ସାଧାରଣ ପ୍ରବନ୍ଧକ ସୁଜିତ୍ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ଇମ୍ପାର ସଞ୍ଜୀବ ଗୁପ୍ତା, ନିରଞ୍ଜନ ସାହୁ, ସରୋଜ ସାହୁ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁନୀଲ କ୍ରୀଷ୍ଣା ଦାସ, ପ୍ରଦୀପ୍ତ ସାହୁ, ଅଶାନ୍ତ ବେହେରା, ରଞ୍ଜିତ୍ ବେହେରା, ଅଭିଷେକ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଇମ୍ପାର ମାନସ ରଞ୍ଜନ ପ୍ରଧାନ, ବିଆଇପିଏଫ୍‌ର ସ୍ଥିତପ୍ରଜ୍ଞା ଦାସ, ପିଙ୍କି ସାହୁ, ମନୋଜ ମହାପାତ୍ର, ସୌଭାଗ୍ୟ ପ୍ରଧାନ ଓ ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

'ସାହିତ୍ୟ ସହ ଅନୁଷ୍ଠାନର ବିକାଶ ଗୁରୁତ୍ୱପୂର୍ଣ୍ଣ'

ଦି ୟୁନିଭର୍ସର ବାର୍ଷିକ ଉତ୍ସବ

କଟକ,୨୨।୨(କାର୍ତ୍ତିକ ସାହୁ)

ସାମାଜିକ କର୍ମୀ ଗିରିଜା ଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ବାରବାଟୀ ଷ୍ଟାଡିୟମ ନିକଟ ମୈତ୍ରୀସରଣୀଠାରେ ସ୍ଥାପିତ ଦି ୟୁନିଭର୍ସର ୫୧ତମ ବାର୍ଷିକ ଉତ୍ସବ ଶନିବାର କଟକ ସାରଳା ଭବନରେ ପାଳିତ ହୋଇଯାଇଛି। ଦି ୟୁନିଭର୍ସର ସଭାପତି ଡ. ପ୍ରମୋଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଅନୁଷ୍ଠାନର ସୃଷ୍ଟିକର୍ତ୍ତା ଗିରିଜାବାବୁ ଜଣେ ବିଚକ୍ଷଣ ବ୍ୟକ୍ତିତ୍ୱ ଥିଲେ। ରାଜ୍ୟର କଳା, ସଂସ୍କୃତି, ନୃତ୍ୟକୁ ପୃଥିବୀର ବିଭିନ୍ନ ଅଞ୍ଚଳରେ ପ୍ରସାର କରିବାରେ ତାଙ୍କର ପ୍ରମୁଖ ଅବଦାନ ଥିଲା। ସମ୍ମାନିତ ଅତିଥି ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଥିଲେ, କଟକ ସହର ତଥା ଓଡ଼ିଶାକୁ ବାହାର ଦେଶର ପର୍ଯ୍ୟଟକମାନେ ଅଧିକ ସଂଖ୍ୟାରେ ଆସିବା ଦିଗରେ ଚିନ୍ତା କରିବାର ବେଳ ଆସିଛି। ମୁଖ୍ୟବକ୍ତା ପ୍ରଫେସର ଯତୀନ୍ଦ୍ର କୁମାର ନାୟକ କହିଥିଲେ, ବର୍ତ୍ତମାନ ଆମ ସାହିତ୍ୟର ବିକାଶ ସହ ଅନୁଷ୍ଠାନର ବିକାଶ କଥା ଚିନ୍ତା କରିବା ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥି ପଦ୍ମଶ୍ରୀ ପ୍ରିୟମ୍ବଦା ହେଜମାଦି କହିଥିଲେ, ଗିରିଜାବାବୁଙ୍କ ନିଷ୍ଠାପର ଉଦ୍ୟମ ମାଧ୍ୟମରେ ଆମ ରାଜ୍ୟର କଳା, ସଂସ୍କୃତିର ପ୍ରଚାର ଓ ପ୍ରସାର ସମ୍ଭବ ହୋଇଛି। ଅନ୍ୟତମ ଅତିଥି ସୁଧିରଞ୍ଜନ ମିଶ୍ର, ଡ. ପ୍ରଭାକର ସ୍ୱାଇଁ ଓ ବିନୋଦ ଦାସ ବକ୍ତବ୍ୟ ଦେଇଥିଲେ। ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୟ ମଲ୍ଲ, ପ୍ରଜ୍ଞା ମିଶ୍ର ଓ ଲିପିକା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଶନିବାର ଏସ୍‌ସିବି ମେଡିକାଲ ପରିସରରେ ଥିବା ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ସର୍ବନିମ୍ନ ପେନ୍‌ସନ୍ ବ୍ୟବସ୍ଥା ତୁରନ୍ତ କରାଯାଉ

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ସଂଘର ସମାବେଶ

ଖୁଣ୍ଟୁଣୀ,୨୨।୨(ସଚ୍ଚିଦାନନ୍ଦ ପଣ୍ଡା)

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ବ୍ଲକସ୍ତରୀୟ ସମାବେଶ ଖୁଣ୍ଟୁଣୀଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବ୍ଲକ ସଭାପତି ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ଉପସଭାପତି ତଥା ଓଡ଼ିଶା ରାଜ୍ୟ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଯୋଗଦେଇ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ କେନ୍ଦ୍ର ସରକାର ତୁରନ୍ତ କାର୍ଯ୍ୟକାରୀ କରି ସର୍ବନିମ୍ନ ପେନ୍‌ସନ୍ ୯ ହଜାର ଟଙ୍କା କରିବା ଦାବିକୁ ଦୋହରାଇଥିଲେ। ସମ୍ମାନିତ ଅତିଥି ଜିଲା ସଭାପତି ଅଗାଧୁ ଚରଣ ପ୍ରଧାନ, ସମ୍ପାଦକ ବିନୋଦ ବେହେରା ଯୋଗଦେଇ ସର୍ବନିମ୍ନ ପେନ୍‌ସନ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଏହି ଅବସରରେ ଆଠଗଡ଼ ଓ ବଡ଼ମ୍ବା ବ୍ଲକ୍ ସଦସ୍ୟମାନଙ୍କୁ ନେଇ ବ୍ଲକସ୍ତରୀୟ ୧୫ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ରଞ୍ଜନ କୁମାର ଦାସ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ନାୟକ, ନଗେନ୍ଦ୍ର ବେହେରା, ପ୍ରସନ୍ନ ବେହେରା, ଶରତ ଚନ୍ଦ୍ର ନାୟକ, ବିରଞ୍ଚି ବେହେରା, ନାରାୟଣ ବେହେରା, ଅଭିରାମ ସ୍ୱାଇଁ, ମାୟାଧର ନାୟକ, ଶ୍ରମିକନେତା କେଦାରନାଥ ମଲ୍ଲିକ, ରବିନାରାୟଣ ସେଠୀ, ପ୍ରମୋଦ ମହାନ୍ତି, ଅଧିବାସ ସାହୁ, ପ୍ରଶାନ୍ତ ସ୍ୱାଇଁ ଓ ସାଧୁଚରଣ ସାହୁ ପ୍ରମୁଖ ରହିଛନ୍ତି। ଏଥିରେ ବିଭିନ୍ନ ଅଞ୍ଚଳର ଶତାଧିକ ପେନ୍‌ସନଭୋଗୀ ଉପଭୋକ୍ତା ଯୋଗଦେଇଥିଲେ। ଆଠଗଡ଼ ବ୍ଲକ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବାଲୁଙ୍କେଶ୍ୱର ପରିଡ଼ା, ଗଣେଶ ସ୍ୱାଇଁ ଓ ଗଣେଶ୍ୱର ରଣା ପ୍ରମୁଖ ସହଯୋଗ କରିଥିଲେ।

'ସେବା ମନୋଭାବ ନେଇ ଦିବ୍ୟାଙ୍ଗଙ୍କ ଚିକିତ୍ସା କରନ୍ତୁ'

ଏସ୍‌ଭି ନିର୍‌ତାରର ପ୍ରତିଷ୍ଠା ଦିବସ

ନୃତ୍ୟଗୁରୁ ପଦ୍ମଶ୍ରୀ ମାୟାଧର ରାଉତଙ୍କ ପରଲୋକ

ଭୁବନେଶ୍ୱର,୨୨।୨ (ସୌମ୍ୟରଞ୍ଜନ ରାଉତ)

ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତାଙ୍କ ଶୋକ

ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ମାୟାଧର ରାଉତଙ୍କର ଶନିବାର ଦିଲ୍ଲୀ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ବର୍ଷ ବୟସ ହୋଇଥିଲା। ସକାଳେ ସେ ନାତିନାତୁଣୀ ଓ ପରିବାରର ଅନ୍ୟ ସଦସ୍ୟଙ୍କ ଗହଣରେ ଖିଆପିଆ କରିଥିଲେ। ପରେ ହଠାତ୍ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର କୌଣସି ରୋଗ ନ ଥିଲା ଓ ବାର୍ଦ୍ଧକ୍ୟ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଲୋଧି ରୋଡ୍ ଶ୍ମଶାନରେ ମାୟାଧରଙ୍କର ଅନ୍ତିମ ସତ୍କାର କରାଯାଇଛି।

ମାୟାଧର ୧୯୩୦ ଜୁଲାଇ ୬ରେ କଟକରେ ଜନ୍ମଗ୍ରହଣ କରିଥିଲେ। ୭ ବର୍ଷ ବୟସରୁ 'ଗୋଟିପୁଅ' ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ୧୯୪୪ରେ ସେ ପ୍ରଥମ ବ୍ୟକ୍ତି ଭାବେ ମଞ୍ଚରେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ସେ ଓଡ଼ିଶୀ ନୃତ୍ୟ ଶିକ୍ଷା କରିବା ସହ ଏହାର ପ୍ରଚାର, ପ୍ରସାର ଲାଗି କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶୀ ନୃତ୍ୟକୁ 'ଶାସ୍ତ୍ର ଭିତ୍ତିକ ଶାସ୍ତ୍ରୀୟ ନୃତ୍ୟ'ର ମାନ୍ୟତା ଦେବା ପାଇଁ ଏହାର ପୁନର୍ଗଠନ ସହ ଆବଶ୍ୟକ ପଦକ୍ଷେପ ଲାଗି ଉଦ୍ୟମ କରି ୧୯୫୦ରେ ସଫଳ ହୋଇଥିଲେ। ୧୯୫୨ ମସିହାରେ କଟକ କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟ ହେବା ସହ ପ୍ରଥମ ଓଡ଼ିଶୀ ଗୁରୁ ଭାବେ ଯୋଗଦେଇ ଓଡ଼ିଶୀ ଶିକ୍ଷା ଦେଇଥିଲେ। ସହଯୋଗୀଙ୍କ ସହ ମିଶି ସେ ୧୯୫୯ରେ ଜୟନ୍ତୀକା ଆସୋସିଏଶନ ପ୍ରତିଷ୍ଠା କରି ଓଡ଼ିଶୀ ନୃତ୍ୟର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏଥିସହ ଓଡ଼ିଶୀକୁ ଶାସ୍ତ୍ରୀୟ ଢାଞ୍ଚା ପ୍ରଦାନ କରିବା ସହ ଏହାର ଅଭିନୟରେ ମୌଳିକ ବିଜ୍ଞାନକୁ ଅନ୍ତର୍ଭୁକ୍ତ କରି ଏହାର ଶବ୍ଦଭଣ୍ଡାରକୁ ସମୃଦ୍ଧ କରିଥିଲେ। ଓଡିଶୀ ନୃତ୍ୟ ପ୍ରତି ତାଙ୍କର ବିଶେଷ ଅବଦାନ ପାଇଁ ମାୟାଧରଙ୍କୁ ପଦ୍ମଶ୍ରୀ ସମ୍ମାନ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ଭଳି ବହୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ମାୟାଧରଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି ଯେ, ମାୟାଧରଙ୍କ ବିୟୋଗ ଓଡ଼ିଶୀ ନୃତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରଭିତ୍ତିକ ଜ୍ଞାନରେ ଆହୁରି ସମୃଦ୍ଧ କରିବା ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟର ଗରିମା ବୃଦ୍ଧି କରିବାରେ ତାଙ୍କ ଜୀବନବ୍ୟାପୀ ଅବଦାନ ଚିର ସ୍ମରଣୀୟ ହୋଇରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି, ମାୟାଧରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଶୀ ନୃତ୍ୟକୁ ସମୃଦ୍ଧ କରିବା ଦିଗରେ ସେ ସମର୍ପିତ କରିଥିଲେ। ତାଙ୍କ କାର୍ଯ୍ୟ ସର୍ବଦା ପ୍ରେରଣାର ଉତ୍ସ ହୋଇରହିବ।

ସମ୍ମାନ, ପୁରସ୍କାର

- ➤ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ (୧୯୭୭ ମସିହା)
- ➤ସାହିତ୍ୟ କଳା ପରିଷଦ ସମ୍ମାନ (୧୯୮୪)
- ➤ଉତ୍କଳ ପ୍ରତିଭା ପୁରସ୍କାର (୧୯୮୪)
- ➤କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର (୧୯୮୫)
- ➤ବିଜୁ ପଟ୍ଟନାୟକ ସମ୍ମାନ (୧୯୯୩)
- ➤ରାଜୀବ ଗାନ୍ଧୀ ସଦ୍‌ଭାବନା ଆୱାର୍ଡ (୨୦୦୩)
- ➤କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ (୨୦୦୪)
- ➤ପଦ୍ମଶ୍ରୀ (୨୦୧୦)
- ➤ସଙ୍ଗୀତ ନାଟକ ଏକାଡେମୀ ଟାଗୋର ରତ୍ନ (୨୦୧୧)

ଏମ୍‌ସରେ ଯକୃତ ପ୍ରତିରୋପଣ କ୍ଲିନିକ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୨ (ସୌମ୍ୟରଞ୍ଜନ ରାଉତ)

କ୍ଲିନିକ୍ ଉଦ୍‌ଘାନ ଅବସରରେ ଏମ୍‌ସ ଅଧ୍ୟକ୍ଷ ଡ. ଶୈଳେଶ କୁମାର ଓ ଅନ୍ୟମାନେ।

ଯକୃତ(ଲିଭର) ଚିକିତ୍ସା ସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏମ୍‌ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ଯକୃତ ପ୍ରତିରୋପଣ କ୍ଲିନିକ ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡ଼ାଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ଡ. ଶୈଳେଶ କୁମାର ଏହି କ୍ଲିନିକ୍ ଉଦ୍‌ଘାଟନ କରିଥିଲେ। ଏହି କ୍ଲିନିକ୍ ଉନ୍ନତ ଯକୃତ ଯତ୍ନ କ୍ଷେତ୍ରରେ ଏକ ବିଶେଷ ସମ୍ଭାବନା ସୃଷ୍ଟି କରିଛି। ଯକୃତ ଯତ୍ନ ପାଇଁ ଏକ ସଂରଚିତ ତଥା ବହୁବିଧ ଦୃଷ୍ଟିକୋଣ ସୁନିଶ୍ଚିତ କରି ଯକୃତ ପ୍ରତିରୋପଣ ଆବଶ୍ୟକ କରୁଥିବା ରୋଗୀଙ୍କ ମୂଲ୍ୟାଙ୍କନ, ତାଲିକାଭୁକ୍ତୀକରଣ ଏବଂ ଅସ୍ତ୍ରୋପଚାର ପୂର୍ବର ବିଭିନ୍ନ ଆବଶ୍ୟକତା ପୂରଣ ଦିଗରେ ବିଶେଷ ସହାୟକ ହେବ। ଏହି ପଦକ୍ଷେପ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଏବଂ ଓଡ଼ିଶା ତଥା ବାହାର ରାଜ୍ୟର ଯକୃତ ପ୍ରତିରୋପଣର ବର୍ଦ୍ଧିତ ଆବଶ୍ୟକତାକୁ ସମାଧାନ କରିବା ପ୍ରତି ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି ବୋଲି ଡ. ବିଶ୍ୱାସ କହିଛନ୍ତି।

ଯକୃତ ପ୍ରତିରୋପଣ କ୍ଲିନିକ୍ ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଶିଶୁ ଶଲ୍ୟଚିକିତ୍ସା ଏବଂ ଶିଶୁ ରୋଗ ବିଭାଗ ଦ୍ୱାରା ମିଳିତ ଭାବରେ ପରିଚାଳିତ ହେବ। ଜଣେ ଉତ୍ସର୍ଗୀକୃତ ଯକୃତ ପ୍ରତିରୋପଣ ସଂଯୋଜକ ଏବଂ ପୁଷ୍ଟିସାଧନ ବିଶେଷଜ୍ଞ ମଧ୍ୟ କ୍ଲିନିକ ସହିତ ସାମିଲ ହୋଇ ରୋଗୀ ଓ ସେମାନଙ୍କ ପରିବାର ପାଇଁ ସାମଗ୍ରିକ ଯତ୍ନ ସୁନିଶ୍ଚିତ କରିବେ। ଏହାର ପ୍ରାଥମିକ କାର୍ଯ୍ୟ ମଧ୍ୟରେ ଯକୃତ ପ୍ରତିରୋପଣ ପାଇଁ ରୋଗୀଙ୍କ ମୂଲ୍ୟାଙ୍କନ, ପ୍ରତିରୋପଣ ପାଇଁ ରୋଗୀଙ୍କ ତାଲିକାଭୁକ୍ତ କରିବା, ଦାତା ଏବଂ ଗ୍ରହୀତା ଉଭୟଙ୍କ ପାଇଁ ପୂର୍ବ ଅସ୍ତ୍ରୋପଚାର ପ୍ରସ୍ତୁତି, ପୁଷ୍ଟିକର ଏବଂ ପ୍ରତିରୋପଣ ପରାମର୍ଶ ଏବଂ ଯକୃତ ପ୍ରତିରୋପଣର ବିପଦ ଏବଂ ଲାଭ ବିଷୟରେ ସୂଚନା ପ୍ରଦାନ କରିବ। ପ୍ରତି ମଙ୍ଗଳବାର ଅପରାହ୍ନ ୨ଟା ୩୦ରୁ ୪ଟା ୩୦ ପର୍ଯ୍ୟନ୍ତ ଗ୍ୟାଷ୍ଟ୍ରୋ ଓପିଡି କମ୍ପ୍ଲେକ୍ସର କୋଠରି ନମ୍ବର ୨୨୨ରେ ଏହା କାର୍ଯ୍ୟ କରିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ମୁଖ୍ୟ ମାନସ ପାଣିଗ୍ରାହୀ, ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକ,ବର୍ନସ ଆଣ୍ଡ୍ ପ୍ଲାଷ୍ଟିକ ସର୍ଜରି ବିଭାଗର ମୁଖ୍ୟ ଡ. ସଞ୍ଜୟ ଗିରି, ଶିଶୁ ଶଲ୍ୟଚିକିତ୍ସା ବିଭାଗର ଡ. ସୁବ୍ରତ ସାହୁ , ରେଡିଓଲୋଜି ବିଭାଗର ଡ. ତାରାପ୍ରସାଦ ତ୍ରିପାଠୀ ଏବଂ ଡ. ରଞ୍ଜନ ପଟେଲଙ୍କ ସମେତ ଅଧ୍ୟାପିକାଅଧ୍ୟାପକ, ନର୍ସିଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ରବି ରାୟଙ୍କ ଶ୍ରାଦ୍ଧ ଦିବସ ପାଇଁ ପ୍ରସ୍ତୁତି

ବାଲିପାଟଣା,୨୨।୨(ଅଭିମନ୍ୟୁ ନାୟକ)

ସାମ୍ୟବାଦୀ ନେତା ତଥା ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ଶ୍ରାଦ୍ଧ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ରବି ରାୟ ସ୍ମୃତିସଂସଦ ପକ୍ଷରୁ ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସଭାପତି ଅଭିମନ୍ୟୁ ନାୟକ ସଭାପତିତ୍ୱ କରିଥିଲେ। ଆସନ୍ତା ମାର୍ଚ୍ଚ ୬ରେ ତାଙ୍କ ଜନ୍ମସ୍ଥାନ ଭଞ୍ଚରା ନିଜିଗଡ଼ଠାରେ ଶ୍ରାଦ୍ଧଦିବସ ପାଳନ ହେବ। ଏଥିସହ ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଖରେ ଦାବି ରଖାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଉକ୍ତ ଦିବସରେ ଶିଶୁ ଅନନ୍ତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ କେ.କେ. ରାୟମହାପାତ୍ର ମୁଖ୍ୟ ଅତିଥି, ପୂର୍ବତନ ପ୍ରାଧ୍ୟାପକ ଭାରତ ଭୂଷଣ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁଭାବେ ସମ୍ପାଦନ କରିବାକୁ କମିଟି ସ୍ଥିର କରିଛି ବୋଲି ସମ୍ପାଦକ ଭଗବାନ୍ ସାହୁ କହିଛନ୍ତି। ସେହିପରି ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ସାମ୍ୟବାଦୀ ଚେତନାର ଅନୁଗାମୀ ଏବଂ ବୁଦ୍ଧିଜୀବୀମାନେ ଯୋଗଦେବାକୁ ଉପଦେଷ୍ଟା ମନୋରଞ୍ଜନ ରାୟ ନିବେଦନ କରିଛନ୍ତି।

ଫରେଷ୍ଟ ଗାର୍ଡ ମେଧା ତାଲିକାରୁ ୩୩୭ ବାଦ୍

ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ କରୁଛନ୍ତି।

ଭୁବନେଶ୍ୱର,୨୨।୨(ସୁଚିସ୍ମିତା ସାହୁ)

ପରୀକ୍ଷା ଦୁର୍ନୀତି, ଚାକିରି ବିକ୍ରିର ପ୍ରମାଣ ପେଲା ଛାତ୍ର ସଙ୍ଗଠନ

ପରୀକ୍ଷା ପରିଚାଳନା କରୁଥିବା ଠିକା ସଂସ୍ଥା, ସମ୍ପୃକ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ

ଆର୍‌ଆଇ, ଅମିନ, ଫରେଷ୍ଟର, ଫରେଷ୍ଟ ଗାର୍ଡ ନିଯୁକ୍ତି ପରୀକ୍ଷାରେ ପୁଣି ଦୁର୍ନୀତି ଅଭିଯୋଗ ଆଣିଲା ଷ୍ଟୁଡେଣ୍ଟସ ଏଗ୍‌ନେଷ୍ଟ କରପ୍‌ଶନ। ଏଥିସହ ରାଜ୍ୟରେ ଚାକିରି ବିକ୍ରି ହେଉଥିବାର ପ୍ରମାଣ ରଖିଛି ସଙ୍ଗଠନ। ଏହାର ଆବାହକ ବିଭୂତି ଭୂଷଣ ମହାପାତ୍ର ଶନିବାର ଖବରଦାତା ସମ୍ମିଳନୀରେ ଏପରି ସଙ୍ଗିନ ଅଭିଯୋଗ ଆଣିବା ସହ ଆବଶ୍ୟକ ପ୍ରମାଣ ଗଣମାଧ୍ୟମକୁ ଦେଖାଇଛନ୍ତି। ସେ କହିଛନ୍ତି, ଓଏସ୍‌ଏସ୍‌ଏସ୍‌ସି ପୁରୁଣା ମେଧା ତାଲିକା ବାତିଲ କରିବା ସହ ନୂଆ ମେଧା ତାଲିକା ଜାରି କରିଛି। ନୂଆ ତାଲିକାରେ ୩୩୭ଜଣଙ୍କୁ ବାଦ୍ ଦିଆଯାଇଥିବାବେଳେ ସମ୍ପୃକ୍ତ ଚାକିରି ଆଶାୟୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥିରୁ ଚାକିରିରେ ଦୁର୍ନୀତି ହେଉଥିବା ପ୍ରମାଣିତ ହେଉଛି। କିପରି ଓ କେଉଁ ଅସାଧୁ ଉପାୟରେ ବାଦ୍ ପଡ଼ିଥିବା ଚାକିରି ଆଶାୟୀମାନେ ମେଧା ତାଲିକାରେ ସ୍ଥାନ ପାଇଥିଲେ। ଏହି ନିଯୁକ୍ତି ପଛରେ କେଉଁ କେଉଁ ବଡ଼ବାବୁ ଓ ଅଧିକାରୀମାନେ ସାମିଲ ଅଛନ୍ତି। ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ହିଁ ଏହି ଦୁର୍ନୀତିରେ ସାମିଲ ଅଛି। ତା'ର ତଦନ୍ତକରି ନୂଆ ଆଇନ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମହାପାତ୍ର ଦାବି କରିଛନ୍ତି। ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ସହିତ ନକଲି ସେଣ୍ଟର ମାଲିକଙ୍କୁ ଗିରଫ କରାଯାଉ। ଏଥିସହ କଳା ତାଲିକାଭୁକ୍ତ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯିବା ଓ ପରୀକ୍ଷା ସମୟସୀମା ପରେ ସମାନ ପ୍ରଶ୍ନ ପତ୍ରରେ ପରୀକ୍ଷା କରାଯିବା ପରୀକ୍ଷା ବାତିଲ ପାଇଁ ଯଥେଷ୍ଟ କାରଣ ନୁହେଁ କି ବୋଲି ପ୍ରଶ୍ନ କରି ସେ ପରୀକ୍ଷା ବାତିଲ କରିବାକୁ ଦାବି କରିଛନ୍ତି।

ଲିଙ୍ଗରାଜ ମନ୍ଦିରରେ ୩ ବିଦେଶୀ ପର୍ଯ୍ୟଟକ

ପୁରୁଣା ଭୁବନେଶ୍ୱର,୨୨।୨(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ଶନିବାର ସର୍ବସାଧାରଣ ଦର୍ଶନ ବନ୍ଦ ହୋଇସାରିଥିବା ପରେ ୩ଜଣ ବିଦେଶୀ ପର୍ଯ୍ୟଟକ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଜଗମୋହନ ହୁଣ୍ଡିନିକଟରେ ସେମାନଙ୍କୁ ମନ୍ଦିର ଫାଣ୍ଡି ପୋଲିସ ଦେଖି ଅଟକାଇବା ସହ ବାହାରକୁ ଆଣିଥିଲା। ବିଦେଶୀ ପର୍ଯ୍ୟଟକ ମନ୍ଦିର ଭିତରକୁ ପଶିବା ଯୋଗୁ ଠାକୁରଙ୍କ ବିଭିନ୍ନ ନୀତିକାନ୍ତି, ଭୋଗ, ରୋଷଦ୍ରବ୍ୟ ମାରା ହୋଇଥିଲା। ଏହା ପରେ ମନ୍ଦିରକୁ ବଡ଼ଧୋକାଳ କରାଯାଇଥିଲା। ପରେ ରୋଷହୋମ କରାଯାଇ ନୀତି ପୁଣି ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ମନ୍ଦିର ସମ୍ମୁଖ ଦ୍ୱାର ନିକଟରେ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ବିଦେଶୀ ପର୍ଯ୍ୟଟକ କିପରି ଭିତରକୁ ଗଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହ ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ବିଗତ ଦିନରେ ମଧ୍ୟ ମନ୍ଦିର ଭିତରକୁ ବିଦେଶୀ ପର୍ଯ୍ୟଟକ ପଶିଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ନଜିର ରହିଛି।

କିଶୋରୀକିଶୋରଙ୍କ ମାନସିକ ବିକାଶକୁ ଗୁରୁତ୍ୱ

କର୍ମଶାଳାରେ ରୋଟାରିଆନ ଜିଲା ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ରଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୨।୨ (ଅନୁରାଧା ମହାରଣା)

ରୋଟାରି କ୍ଲବ୍ ଭୁବନେଶ୍ୱର ୟୁନିକ୍ ପକ୍ଷରୁ ଚେତନା ଅନୁଷ୍ଠାନ ସହଯୋଗରେ 'କୈଶୋର ଜୀବନ ଶକ୍ତି' ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ମ ବାଟାଲିଆନ ଉଚ୍ଚ ବିଦ୍ୟାଳୟର ୫୦ରୁ ଅଧିକ କିଶୋର ବାଳକ ଏବଂ ବାଳିକା ଯୋଗଦେଇଥିଲେ। କିଶୋରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରୋଟାରିଆନ ଜିଲା ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର ଯୋଗଦେଇ ଏହା ଏକ ସମୟୋଚିତ ପଦକ୍ଷେପ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡ. ଯଶୋବନ୍ତ ମହାପାତ୍ର ଯୋଗଦେଇ କିଶୋରଙ୍କ ମାନସିକ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍ଯ୍ୟ କୁମାରୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡ. ବିନୟ ଭୂଷଣ ମହାପାତ୍ର ପରିଚାଳନା କରିଥିଲେ। ଡ. ନାରାୟଣ ଚନ୍ଦ୍ର ପତି ସ୍ୱାଗତ ଭାଷଣ ଦେଇଥିଲେ। କ୍ଲବ୍ ସମ୍ପାଦକ ଦେବୀଦତ୍ତ ଦାସ ଧନ୍ୟବାଦ ଦେଇଥିଲେ। ପରେ ଡ. ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡ. ବିଚିତ୍ରାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ସଭାପତି ଲକ୍ଷ୍ମୀକାନ୍ତ ପାଲିତ, ମିନତୀ ମହାପାତ୍ର, ଦିବ୍ୟରଞ୍ଜନ ଦାଶ, ବୃନ୍ଦାବନ ମଲ୍ଲିକ, ନିରଜ ନୟନ ଦତ୍ତ, ଅନନ୍ତ କିଶୋର ଜେନା, ଅସୀମା ପଣ୍ଡା ପ୍ରମୁଖ ରୋଟାରିଆନ ଉପସ୍ଥିତ ରହି କିଶୋରକିଶୋରୀଙ୍କୁ ଉତ୍ସାହିତ କରିଥିଲେ। ରୋଟାରି ୟୁନିକ୍‌ର ଉପାଧ୍ୟକ୍ଷ ଲଲାଟେନ୍ଦୁ କର ମଧ୍ୟ ଉପସ୍ଥିତ ଥିଲେ।

ଓସ୍‌ୱାସ୍ ବ୍ୟବସ୍ଥାରେ ଯୋଡିହେବେ ପୌରସଂସ୍ଥା

ଭୁବନେଶ୍ୱର,୨୨।୨ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟର ସମସ୍ତ ପୌରସଂସ୍ଥା ଓଡିଶା ଷ୍ଟେଟ୍ ୱାର୍କଫ୍ଲୋ ଅଟୋମେଶନ ସିଷ୍ଟମ (ଓସୱାସ୍)ରେ ଯୋଡିହେବେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ସମ୍ପୃକ୍ତ ପୌରସଂସ୍ଥାଙ୍କୁ ଅବଗତ କରାଯାଇଛି। ପୌରସଂସ୍ଥାରେ ଓସ୍‌ୱାସ କାର୍ଯ୍ୟକାରୀ ହେଲେ ପ୍ରଶାସନିକ କାର୍ଯ୍ୟ ସୁରୁଖୁରୁରେ ଚାଲିବ। ଏଥିପାଇଁ ଓଡିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)କୁ ଅନୁରୋଧ କରାଯାଇଛି। ଏଥିରେ ଓସୱାସ ବ୍ୟବହାର ପାଇଁ ପ୍ରତ୍ୟେକ ପୌରସଂସ୍ଥାକୁ ଡେସ୍କଟପ, ଲାପଟପ, ସ୍କାନର ଏବଂ ଲାନ ଯୋଗାଣ ପାଇଁ କୁହାଯାଇଛି। ଡେସ୍କଟପ୍ କମ୍ପ୍ୟୁଟରରେ ଅତି କମ୍‌ରେ ୱିଣ୍ଡୋ-୧୦ ସଫ୍ଟୱେୟାର୍ ଆଣ୍ଟିଭାଇରସ୍ ଏବଂ ଲାନ ବ୍ୟବସ୍ଥା ସହ ଓସୱାନକୁ ସଂଯୋଗ କରାଯିବା ଆବଶ୍ୟକ। ପ୍ରତ୍ୟେକ ପୌରାଞ୍ଚଳରେ ଡାଟା ପରିଚାଳନା କରୁଥିବା କର୍ମଚାରୀଙ୍କ ସହିତ ଟିସିଏସ୍ ଟିମ୍ ଏବଂ ଓସ୍‌ୱାସର ପିଏମ୍‌ୟୁ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ଏଥିସହିତ ସମ୍ପ୍ରସାରିତ ବ୍ୟାଣ୍ଡୱିଥ୍ ପାଇଁ ସେମାନଙ୍କୁ ପାଣ୍ଠି ପାଇଁ ପ୍ରସ୍ତାବ ଦେବାକୁ କୁହାଯାଇଛି। ଏପ୍ରିଲ ପହିଲା ସୁଦ୍ଧା ଏହି ଯୋଜନା ଯେଭଳି କାର୍ଯ୍ୟକାରୀ ହୋଇପାରିବ ସେଥିପାଇଁ ଓସ୍‌ୱାସ୍ ଓ ଟିସିଏସ୍ ଟିମ୍‌କୁ ସହାୟତା ଯୋଗାଇଦେବାକୁ ସମସ୍ତ ପୌରସଂସ୍ଥାଗୁଡିକୁ କୁହାଯାଇଛି। ପୌରସଂସ୍ଥାଗୁଡିକ ସେମାନଙ୍କ ନିଜସ୍ୱ ପାଣ୍ଠିରେ ନେଟ୍‌ୱାର୍କିଂ ଭିତ୍ତିଭୂମି ବିକାଶ କରିବା ସହି

ସଂକ୍ଷେପରେ

ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ବାଙ୍କୀ,୨୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସରସ୍ୱତୀ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଶିଶୁ ଶିକ୍ଷାର ଭାରତୀୟ ଓ ପାଶ୍ଚାତ୍ୟ ସଂକଳ୍ପନା ସମ୍ପର୍କିତ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ତାପସ କୁମାର ଦାସ ଅତିଥି ପରିଚୟ ଦେବା ସହ ଶିଶୁ ଶିକ୍ଷାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଗୁରୁକୁଳ ଶିକ୍ଷା, ନୈତିକ ଶିକ୍ଷା ଓ ମୂଲ୍ୟବୋଧ ଶିକ୍ଷା ଉପରେ ବହୁ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ନରେଶ କୁମାର ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଗୁରୁମା' ବୈଦେହୀ ସାହୁ, ସବିତା ଗୁରୁମା ଓ ଉଷା ଗୁରୁମା ସଭା ପରିଚାଳନା କରିଥିଲେ।

ମଣ୍ଡିରେ ଧାନ ଦେଇ ନ ପାରିବାରୁ ଚାଷୀଙ୍କ ଧାରଣା

- ପୂର୍ବରୁ ମଣ୍ଡିରୁ ଫେରିଥିଲେ
- ସ୍କାନ ନ ହେବାରୁ ଉତ୍ତେଜନା ପ୍ରକାଶ ପାଇଛି

ସାଲେପୁର,୨୨।୨(ଅରବିନ୍ଦ ଭୂୟାଁ):

ସମିତି ସଭାପତି ଓ ମିଲରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଶତାଧିକ କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଛି। ଚାଷୀମାନେ ଟୋକନ୍ ପାଇଥିଲେ ମଧ୍ୟ ସେମାନଙ୍କ ଧାନକୁ ମିଲ୍ ମାଲିକ ନେଉନାହାନ୍ତି। ଏଭଳି ଅଭିଯୋଗ କରି ଶନିବାର ଚାଷୀମାନେ ସମଓତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ସାଲେପୁର ବ୍ଲକ ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତର ସେବା ସମବାୟ ସମିତିରେ ଜାନୁଆରୀ ୨୪ରେ ଧାନ ଦେବାପାଇ ଚାଷୀମାନେ ଟୋକନ୍ ପାଇଥିଲେ। ମାତ୍ର ଉକ୍ତ ଦିନ ଚାଷୀଙ୍କର ଧାନ ନିଆଯାଇପାରି ନ ଥିବାରୁ ଫେବୃଆରୀ ୨୨ରେ ସେମାନଙ୍କ ଧାନ ନେବାକୁ କୁହାଯାଇଥିଲା। ସମିତିର ପ୍ରତିଶ୍ରୁତି ଅନୁଯାୟୀ ପ୍ରାୟ ୭୫ଜଣ ଚାଷୀ ଧାନ ଦେବାକୁ ମଣ୍ଡିରେ ପହଞ୍ଚିଲେ। ମାତ୍ର ସ୍କାନ ହୋଇ ନ ପାରିବାରୁ ସେମାନେ ଧାନ ଦେବାରୁ ବଞ୍ଚିତ ହୋଇଥିଲେ। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ଧାନ ନେବାକୁ ଦାବି କରି ସମ୍ପୃକ୍ତ ଚାଷୀମାନେ ଧାରଣାରେ ବସିଥିଲେ। ଖବର ପାଇ ଜପକୁଦ ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ଚାଷୀମାନଙ୍କୁ ନୂତନ ତାରିଖରେ ଧାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି।

ଚାଷୀଙ୍କ ସହ ପୋଲିସ ଓ ବିଭାଗୀୟ ଅଧିକାରୀ ଆଲୋଚନା କରୁଛନ୍ତି।

ବର ଗାଡ଼ି ଭାଙ୍ଗି ୨ ଗିରଫ

ବାରଙ୍ଗ,୨୨।୨(ଲିଙ୍ଗରାଜ ରାଉତ)

ବରକୁ ନେଇ ଆସିଥିବା ଏକ କାର୍‌କୁ ବାଡ଼େଇ ଭାଙ୍ଗିବା ଓ ଟେକୋପଥର, ମାଡ଼ ମାରିବାରୁ ୨ ଜଣ ଆହତ ହେବା ଘଟଣାରେ ନନ୍ଦନକାନନ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମରିଚିଆ ଗ୍ରାମର ସିଲୁ ପରିଡ଼ା (୨୮) ଓ ଦିଲୀପ କୁମାର ରାଉତ(୪୧)। ପୋଲିସ ସେମାନଙ୍କଠାରୁ ଏକ ମୋବାଇଲ ଓ ଏକ ଏଲେକ୍ଟ୍ରିକ ସ୍କୁଟି ଜବତ କରିଛି।

ଶୁକ୍ରବାର ସନ୍ଧ୍ୟାରେ ସୌମ୍ୟରଞ୍ଜନ ସାହୁ ତାଙ୍କ କାର୍ ଯୋଗେ ଏକ ବିବାହ ପାଇଁ ଗଣ୍ଡରପୁର ଗ୍ରାମରୁ ବର ନେଇ ମରିଚିଆ ଗ୍ରାମକୁ ଆସିଥିଲେ। ଗଣ୍ଡରପୁରରୁ ଆସିଥିବା ବର ବରଯାତ୍ରୀ ସହ ରୋଶଣି କରି ଗାଁ ଭିତରେ ଯାଉଥିଲା। ଏହି ସମୟରେ ପୂର୍ବ ବିବାଦକୁ କେନ୍ଦ୍ରକରି ସିଲୁ, ଦିଲୀପ ଓ ତାଙ୍କ ୪ ଜଣ ସହଯୋଗୀ ବରଯାତ୍ରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଳଜ କରିବା ସହ ସୌମ୍ୟରଞ୍ଜନ ଚଳାଉଥିବା ବରଗାଡ଼ିକୁ ବାଡ଼େଇ ଭାଙ୍ଗିଦେଇଥିଲେ। ଏପରି କି ଟେକୋପଥର ମାଡ଼ କରିବା ସହ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏହି ଆକ୍ରମଣରେ ସୌମ୍ୟରଞ୍ଜନଙ୍କ ସମେତ ଆଶୁତୋଷ ପଢିଆରୀଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଏନେଇ ସୌମ୍ୟରଞ୍ଜନ ଶନିବାର ନନ୍ଦନକାନନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ୬୦/୨୫ରେ ଏକ ମାମଲା ରୁଜୁ କରି ଚଢ଼ାଉ କରି ସିଲୁ ଓ ଦିଲୀପଙ୍କୁ ଗିରଫ କରିଛି।

ବ୍ଲକ କାର୍ଯ୍ୟାଳୟରେ ଆକ୍ରମଣ ଘଟଣା: ୨ ଗିରଫ

ନିଶ୍ଚିନ୍ତକୋଇଲି, ୨୨।୨ (ଅଶୋକ କୁମାର ମହାପାତ୍ର):

ଗିରଫ ୨ ଅଭିଯୁକ୍ତ।

ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ୨୦ ତାରିଖରେ ପଞ୍ଚାୟତ ସମିତି ସଭ୍ୟ ଓ ବିଧାୟକଙ୍କ ସମର୍ଥକ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ହାତାହାତି ହୋଇଥିଲା। ଏପରିକି ପୋଲିସ ଏସ୍‌ଡିପି ମଧ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ଶନିବାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଜଳେଶ୍ୱରପୁର ଗ୍ରାମର ନିର୍ମଳ କୁମାର ପ୍ରଧାନ ଓରଫ ବଣୁଆ ଏବଂ ନୃତାଙ୍ଗ ଗ୍ରାମର ଚକ୍ରଧର ପରମାଣିକ ଓରଫ ଷଣ୍ଢ। ଏନେଇ ଥାନାରେ ମାମଲା (ନଂ. ୪୮/୨୦୨୫) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସିସିଟିଭି ଫୁଟେଜ ଆଧାରରେ ଉଭୟ ଅଭିଯୁକ୍ତ ଧରାପଡ଼ିଥିଲେ। ଏହି ଘଟଣାରେ ୫ଜଣ ଅଭିଯୁକ୍ତ ଥଲାବେଳେ ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଆଇଆଇସି ତପନ କୁମାର ରାଉତ କହିଛନ୍ତି। ମାହାଙ୍ଗାର ବିଭିନ୍ନ ସମସ୍ୟା ନେଇ ବ୍ଲକ ଅଧ୍ୟକ୍ଷାଙ୍କ ସମେତ ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚମାନେ ୧୯ତାରିଖରୁ ବ୍ଲକ କାର୍ଯ୍ୟାଳୟରେ ପାଳଟାଣି ଧାରଣା ଦେଇଥିଲେ। ସେମାନଙ୍କୁ ବିରୋଧ କରି ସ୍ୱାଧୀନ ବିଧାୟକ ଶରଦା ପ୍ରସାଦ ପ୍ରଧାନଙ୍କ ସମର୍ଥିତ ଗୋଷ୍ଠୀ ୨୦ ତାରିଖରେ ସେଠାରେ ଚେୟାର ପକାଇ ଧାରଣା ଦେଇଥିଲେ। ଏନେଇ ଉଭୟ ଗୋଷ୍ଠୀ ବ୍ଲକ କାର୍ଯ୍ୟାଳୟ ପରିସରରେ ହାତାହାତି ହୋଇ ପରସ୍ପରକୁ ଚେୟାର ଫୋପାଡ଼ି ଥିଲେ। ସାଲେପୁର ଏସ୍‌ଡିପିଓ ବିରଞ୍ଚିଙ୍କ ସମେତ ବହୁ ପୋଲିସ ଅଧିକାରୀ ସେଠାରେ ପହଞ୍ଚି ଘଟଣାକୁ ପ୍ରଶମିତ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସାଲେପୁର ଏସ୍‌ଡିପିଓ ବିରଞ୍ଚିଙ୍କ ମୁହଁରେ ଆଘାତ ଲାଗି ରକ୍ତ ବାହାରିଥିଲା। ଏହି ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି।

କୃଷି ହିଁ ମାନବ ସମାଜକୁ ସ୍ୱାବଲମ୍ବୀ କରେ

କୃଷକ ସହଯୋଗୀ ମେଳାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥି।

ଆଠଗଡ଼,୨୨।୨(ସତ୍ୟପ୍ରସାଦ ରଥ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଗୋଡ଼ିସାହି କଟକର କୃଷି ବିଜ୍ଞାନ ବିଭାଗ ପକ୍ଷରୁ ଆଠଗଡ଼ ବ୍ଲକ ଧୁରୁଷିଆ ଗ୍ରାମପଞ୍ଚାୟତ ଜେନାପୁର କ୍ରିକେଟ୍ ପଡ଼ିଆରେ ଶନିବାର କୃଷକ ସହଯୋଗୀ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରାଧ୍ୟାପକ ଡ. ତେଜ ପ୍ରତାପ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ରୂପେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରାଧ୍ୟାପକ ଡ. ବିଜୟ ସାହୁ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ଏସ୍. କୁମାର ସ୍ୱାମୀ, କଟକ କୃଷି ବିଭାଗ ଉପନିର୍ଦ୍ଦେଶକ ସଚ୍ଚିଦାନନ୍ଦ ପଣ୍ଡା, ଆଠଗଡ଼ ବ୍ଲକ କୃଷି ଅଧିକାରୀ ପ୍ରିୟନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ବିଶ୍ୱବିଦ୍ୟାଳୟ କୃଷି ବିଜ୍ଞାନ ପକ୍ଷରୁ ପ୍ରସ୍ତୁତ ଜୈବିକ ସାର, ଔଷଧ ଓ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଆଦି ସମ୍ବନ୍ଧରେ ମାର୍ଗଦର୍ଶନ ଦିଆଯାଇଥିଲା। ଏହାଛଡ଼ା ପାରମ୍ପାରିକ ଶସ୍ୟ ଓ ପନିପରିବା ଚାଷ ସହିତ ଅର୍ଥକରୀ ଫସଲ ଯଥା ଛତୁ, ମହୁ ଚାଷ, ପଶୁପାଳନ ଆଦି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସମଗ୍ର ବିଶ୍ୱ ଖାଦ୍ୟ ଓ ବେକାରି ସମସ୍ୟାରେ କବଳିତ ଥିବାବେଳେ କୃଷି ହିଁ ମାନବ ସମାଜକୁ ଅର୍ଥନୈତିକ ସ୍ତରରେ ସ୍ୱାବଲମ୍ବୀ କରେ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ଅଧ୍ୟାପିକା ମୈତ୍ରୀ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ୨ଟି ସେସନରେ ଏହି କାର୍ଯ୍ୟକ୍ରମ ଦ୍ୱିତୀୟ ଅଧ୍ୟାୟରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ବିଶେଷଜ୍ଞ ଓ ଛାତ୍ରୀଛାତ୍ର ଏବଂ କୃଷକଙ୍କ ଦ୍ୱାରା ଆଲୋଚନା ହୋଇ କୃଷକଙ୍କ ସମସ୍ତ ସନ୍ଦେହକୁ ସମାଧାନ କରାଯାଇଥିଲା।

ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ରୋକ୍ ଅବଧି ବୃଦ୍ଧି

ସାଲେପୁର,୨୨।୨(ଅରବିନ୍ଦ ଭୂୟାଁ):

କଟକ-ଚାନ୍ଦବାଲି ରାସ୍ତାର ଜଗତପୁରଠାରୁ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଉପରେ ଥିବା ରୋକ୍ ଅବଧିକୁ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ପୁନଶ୍ଚ ବୃଦ୍ଧି କରିଛନ୍ତି। କଟକ-ଚାନ୍ଦବାଲି ରାସ୍ତାରେ ଜଗତପୁରଠାରୁ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ ନିୟମିତ ଭାରିଯାନ ଚଳାଚଳ କରିବାରୁ ସାଲେପୁର, ନିଶ୍ଚିନ୍ତକୋଇଲି ମଧ୍ୟରେ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇଯାଇଛି। ଏଥିସହ ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଖରାପ ହୋଇଯାଉଛି। ଅନେକ ସମୟରେ ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ଏହାକୁ ଆଖିଆଗରେ ରଖି ଜିଲାପାଳ ସିନ୍ଧେ ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୨୨ତାରିଖ ଠାରୁ ଫେବୃଆରୀ ୨୧ତାରିଖ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଇଥିଲେ। ଶନିବାର ପୁଣି ଏହି ଅବଧିକୁ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫଳରେ ଏହି ରାସ୍ତା ଦେଇ ଚଚକିଆ ୧୮.୫ଟନ୍‌ରୁ ଊର୍ଦ୍ଧ୍ୱ ଓଜନର ଆଇରନ୍, ମାଙ୍ଗାନିଜ, କ୍ରୋମ୍, ମାଇନର ମିନେରାଲ, କୋଇଲା ବୋଝେଇ ଗାଡ଼ିଗୁଡିକ ଚଳାଚଳ କରିପାରିବ ନାହିଁ। ଯଦି କୌଣସି ଗାଡ଼ି ଚାଳକ ବା ମାଲିକ ଏହି ନିୟମକୁ ବେଖାତିର କରି ଉକ୍ତ ରାସ୍ତା ଦେଇ ଟ୍ୟାକ୍ସ ଫାଙ୍କିବା ଉଦ୍ଦେଶ୍ୟରେ ଯାତୟାତ କରନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

୨୦ ପଞ୍ଚାୟତରେ ସ୍ୱତନ୍ତ୍ର ପ୍ରକଳ୍ପ ଅନୁମୋଦନ

ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ

ବାଙ୍କୀ,୨୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ପଞ୍ଚାୟତ ସମିତି ସଭାଗୃହରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଜିଲା ପରିଷଦ ସଦସ୍ୟ ସଞ୍ଜୟ ପାତ୍ର, ରଶ୍ମିରେଖା ପଣ୍ଡା , ରଶ୍ମିତା ସାହୁ, ବିଡିଓ ସଂଗ୍ରାମ ଭୋଳ, ଉପାଧ୍ୟକ୍ଷା ଜୟନ୍ତୀ ବଳ, ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ ବେଉରା, ଗ୍ରାମପଞ୍ଚାୟତ ଅଫିସର ଦୀପାଞ୍ଜଳି ଜେନା, ସହକାରୀ ନିର୍ବାହୀ ଅଧିକାରୀ ଅଂଶୁମାନ ଜେନା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୨୦ଟି ପଞ୍ଚାୟତରେ ୫ ବର୍ଷ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପଗୁଡ଼ିକ ଅନୁମୋଦନ କରାଯାଇଥିଲା।

ଶିବିରରେ ୨୨ ୟୁନିଟ୍ ରକ୍ତ ସଂଗ୍ରହ

ବାଙ୍କୀ,୨୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଏନ୍‌ଏସି ଅଧୀନ ଶିଶୁଆ ଗ୍ରାମସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ଶିଶୁଆ ଯୁବକ ସଂଘ ଓ ଆଦର୍ଶ ଯୁବ ପରିଷଦ ଆନୁକୂଲ୍ୟରେ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସାମାଜିକ କର୍ମୀ ମେଘନାଦ ରାଉତ, ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ପଣ୍ଡିତ ମନୋଜ କୁମାର ରାଉତ, ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ, କିଶୋର ରାଉତ, ବିକଳ ମହାପାତ୍ର, ବିପିନ ବେହେରା, ବିମ୍ବାଧର ବାରିକ, ଚିନ୍ମୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କଟକ କେନ୍ଦ୍ରୀୟ ରକ୍ତ ଭଣ୍ଡାରର ଡାକ୍ତର କିଶୋର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଭାଗ୍ୟଧର ସାହୁ, ରଞ୍ଜନ ଦାସ, ପ୍ରଶାନ୍ତ ବାରିକ ଓ ସଞ୍ଜୟ ପାତ୍ର ପ୍ରମୁଖ ଉପସ୍ଥିତ ରହି ୨୨ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।

ନୃତ୍ୟ ଗୁରୁ ପଦ୍ମଶ୍ରୀ ମାୟାଧର ରାଉତଙ୍କ ପରଲୋକ

ଭୁବନେଶ୍ୱର,୨୨।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ମାୟାଧର ରାଉତଙ୍କର ଶନିବାର ଦିଲ୍ଲୀ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ବର୍ଷ ବୟସ ହୋଇଥିଲା। ସକାଳେ ସେ ନାତିନାତୁଣୀ ଓ ପରିବାରର ଅନ୍ୟ ସଦସ୍ୟଙ୍କ ଗହଣରେ ଖିଆପିଆ କରିଥିଲେ। ପରେ ହଠାତ୍ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର କୌଣସି ରୋଗ ନ ଥିଲା ଓ ବାର୍ଦ୍ଧକ୍ୟ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଲୋଧି ରୋଡ୍ ଶ୍ମଶାନରେ ମାୟାଧରଙ୍କର ଅନ୍ତିମ ସତ୍କାର କରାଯାଇଛି।

ମାୟାଧର ୧୯୩୦ ଜୁଲାଇ ୬ରେ କଟକରେ ଜନ୍ମଗ୍ରହଣ କରିଥିଲେ। ୭ ବର୍ଷ ବୟସରୁ 'ଗୋଟିପୁଅ' ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ୧୯୪୪ରେ ସେ ପ୍ରଥମ ବ୍ୟକ୍ତି ଭାବେ ମଞ୍ଚରେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ସେ ଓଡ଼ିଶୀ ନୃତ୍ୟ ଶିକ୍ଷା କରିବା ସହ ଏହାର ପ୍ରଚାର, ପ୍ରସାର ଲାଗି କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶୀ ନୃତ୍ୟକୁ 'ଶାସ୍ତ୍ର ଭିତ୍ତିକ ଶାସ୍ତ୍ରୀୟ ନୃତ୍ୟ'ର ମାନ୍ୟତା ଦେବା ପାଇଁ ଏହାର ପୁନର୍ଗଠନ ସହ ଆବଶ୍ୟକ ପଦକ୍ଷେପ ଲାଗି ଉଦ୍ୟମ କରି ୧୯୫୦ରେ ସଫଳ ହୋଇଥିଲେ। ୧୯୫୨ ମସିହାରେ କଟକ କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟ ହେବା ସହ ପ୍ରଥମ ଓଡ଼ିଶୀ ଗୁରୁ ଭାବେ ଯୋଗଦେଇ ଓଡ଼ିଶୀ ଶିକ୍ଷା ଦେଇଥିଲେ। ସହଯୋଗୀଙ୍କ ସହ ମିଶି ସେ ୧୯୫୯ରେ ଜୟନ୍ତୀକା ଆସୋସିଏଶନ ପ୍ରତିଷ୍ଠା କରି ଓଡ଼ିଶୀ ନୃତ୍ୟର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏଥିସହ ଓଡ଼ିଶୀକୁ ଶାସ୍ତ୍ରୀୟ ଢାଞ୍ଚା ପ୍ରଦାନ କରିବା ସହ ଏହାର ଅଭିନୟରେ ମୌଳିକ ବିଜ୍ଞାନକୁ ଅନ୍ତର୍ଭୁକ୍ତ କରି ଏହାର ଶବ୍ଦଭଣ୍ଡାରକୁ ସମୃଦ୍ଧ କରିଥିଲେ। ଓଡିଶୀ ନୃତ୍ୟ ପ୍ରତି ତାଙ୍କର ବିଶେଷ ଅବଦାନ ପାଇଁ ମାୟାଧରଙ୍କୁ ପଦ୍ମଶ୍ରୀ ସମ୍ମାନ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ଭଳି ବହୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ମାୟାଧରଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି ଯେ, ମାୟାଧରଙ୍କ ବିୟୋଗ ଓଡ଼ିଶୀ ନୃତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରଭିତ୍ତିକ ଜ୍ଞାନରେ ଆହୁରି ସମୃଦ୍ଧ କରିବା ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟର ଗରିମା ବୃଦ୍ଧି କରିବାରେ ତାଙ୍କ ଜୀବନବ୍ୟାପୀ ଅବଦାନ ଚିର ସ୍ମରଣୀୟ ହୋଇରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି, ମାୟାଧରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଶୀ ନୃତ୍ୟକୁ ସମୃଦ୍ଧ କରିବା ଦିଗରେ ସେ ସମର୍ପିତ କରିଥିଲେ। ତାଙ୍କ କାର୍ଯ୍ୟ ସର୍ବଦା ପ୍ରେରଣାର ଉତ୍ସ ହୋଇରହିବ।

ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତାଙ୍କ ଶୋକ



ସମ୍ମାନ, ପୁରସ୍କାର

- ➤ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ (୧୯୭୭ ମସିହ

ଦେଶୀମଦ, ବାଇକ୍ ଜବତ: ଜଣେ ଗିରଫ

ବାଲୁଗାଁ/ବାଣପୁର, (ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ): ବାଲୁଗାଁ ଏବଂ ଟାଙ୍ଗୀ ଅବକାରୀ ବିଭାଗୀୟ ମିଳିତ ଟିମ୍ ଶନିବାର ଚଢ଼ାଉ କରି ୧୦୦ ଲିଟର ଦେଶୀମଦ, ବାଇକ୍, ମୋବାଇଲ ଫୋନ ଏବଂ ୭ଶହ ଟଙ୍କା ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ରତନପୁର ଗ୍ରାମର ଜିତେନ୍ଦ୍ର ବେହେରା (୨୩)। ଏନେଇ ବିଭାଗ ପକ୍ଷରୁ ଏକ ମାମଲା (ନଂ.୨୫୬/୨୫) ରୁଜୁ ହୋଇଛି। ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ତତ୍ତ୍ୱାବଧାନରେ ଏଏସ୍ଆଇ ସଞ୍ଜୟ କୁମାର ସୁବୁଦ୍ଧି, ତୁଷାରକାନ୍ତ ଚମ୍ପତି, ଅନ୍ତର୍ଯ୍ୟାମୀ ସାହୁ, ସୁନିତା ମହାରଣା, କାଳୁ ପ୍ରଧାନ, ମନୋଜ ଜୟସିଂହ ପ୍ରମୁଖ ସାମିଲ ହୋଇଥିଲେ।

ନୃତ୍ୟ ଗୁରୁ ପଦ୍ମଶ୍ରୀ ମାୟାଧର ରାଉତଙ୍କ ପରଲୋକ

ଭୁବନେଶ୍ୱର,୨୨।୨
(ସୌମ୍ୟରଞ୍ଜନ ରାଉତ)

ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତାଙ୍କ ଶୋକ

ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ମାୟାଧର ରାଉତଙ୍କର ଶନିବାର ଦିଲ୍ଲୀ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ବର୍ଷ ବୟସ ହୋଇଥିଲା। ସକାଳେ ସେ ନାତିନାତୁଣୀ ଓ ପରିବାରର ଅନ୍ୟ ସଦସ୍ୟଙ୍କ ଗହଣରେ ଖିଆପିଆ କରିଥିଲେ। ପରେ ହଠାତ୍ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର କୌଣସି ରୋଗ ନ ଥିଲା ଓ ବାର୍ଦ୍ଧକ୍ୟ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଲୋଧି ରୋଡ୍ ଶ୍ମଶାନରେ ମାୟାଧରଙ୍କର ଅନ୍ତିମ ସତ୍କାର କରାଯାଇଛି।

ମାୟାଧର ୧୯୩୦ ଜୁଲାଇ ୬ରେ କଟକରେ ଜନ୍ମଗ୍ରହଣ କରିଥିଲେ। ୭ ବର୍ଷ ବୟସରୁ 'ଗୋଟିପୁଅ' ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ୧୯୪୪ରେ ସେ ପ୍ରଥମ ବ୍ୟକ୍ତି ଭାବେ ମଞ୍ଚରେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ସେ ଓଡ଼ିଶୀ ନୃତ୍ୟ ଶିକ୍ଷା କରିବା ସହ ଏହାର ପ୍ରଚାର, ପ୍ରସାର ଲାଗି କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶୀ ନୃତ୍ୟକୁ 'ଶାସ୍ତ୍ର ଭିତ୍ତିକ ଶାସ୍ତ୍ରୀୟ ନୃତ୍ୟ'ର ମାନ୍ୟତା ଦେବା ପାଇଁ ଏହାର ପୁନର୍ଗଠନ ସହ ଆବଶ୍ୟକ ପଦକ୍ଷେପ ଲାଗି ଉଦ୍ୟମ କରି ୧୯୫୦ରେ ସଫଳ ହୋଇଥିଲେ। ୧୯୫୨ ମସିହାରେ କଟକ କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟ ହେବା ସହ ପ୍ରଥମ ଓଡ଼ିଶୀ ଗୁରୁ ଭାବେ ଯୋଗଦେଇ ଓଡ଼ିଶୀ ଶିକ୍ଷା ଦେଇଥିଲେ। ସହଯୋଗୀଙ୍କ ସହ ମିଶି ସେ ୧୯୫୯ରେ ଜୟନ୍ତୀକା ଆସୋସିଏଶନ ପ୍ରତିଷ୍ଠା କରି ଓଡ଼ିଶୀ ନୃତ୍ୟର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏଥିସହ ଓଡ଼ିଶୀକୁ ଶାସ୍ତ୍ରୀୟ ଢାଞ୍ଚା ପ୍ରଦାନ କରିବା ସହ ଏହାର ଅଭିନୟରେ ମୌଳିକ ବିଜ୍ଞାନକୁ ଅନ୍ତର୍ଭୁକ୍ତ କରି ଏହାର ଶବ୍ଦଭଣ୍ଡାରକୁ ସମୃଦ୍ଧ କରିଥିଲେ। ଓଡିଶୀ ନୃତ୍ୟ ପ୍ରତି ତାଙ୍କର ବିଶେଷ ଅବଦାନ ପାଇଁ ମାୟାଧରଙ୍କୁ ପଦ୍ମଶ୍ରୀ ସମ୍ମାନ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ଭଳି ବହୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ମାୟାଧରଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି ଯେ, ମାୟାଧରଙ୍କ ବିୟୋଗ ଓଡ଼ିଶୀ ନୃତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରଭିତ୍ତିକ ଜ୍ଞାନରେ ଆହୁରି ସମୃଦ୍ଧ କରିବା ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟର ଗରିମା ବୃଦ୍ଧି କରିବାରେ ତାଙ୍କ ଜୀବନବ୍ୟାପୀ ଅବଦାନ ଚିର ସ୍ମରଣୀୟ ହୋଇରହିବ। ସେହିପରି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି, ମାୟାଧରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଶୀ ନୃତ୍ୟକୁ ସମୃଦ୍ଧ କରିବା ଦିଗରେ ସେ ସମର୍ପିତ କରିଥିଲେ।

ସମ୍ମାନ, ପୁରସ୍କାର

- ➤ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ (୧୯୭୭ ମସିହା)
- ➤ସାହିତ୍ୟ କଳା ପରିଷଦ ସମ୍ମାନ (୧୯୮୪)
- ➤ଉତ୍କଳ ପ୍ରତିଭା ପୁରସ୍କାର (୧୯୮୪)
- ➤କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର (୧୯୮୫)
- ➤ବିଜୁ ପଟ୍ଟନାୟକ ସମ୍ମାନ (୧୯୯୩)
- ➤ରାଜୀବ ଗାନ୍ଧୀ ସଦ୍‌ଭାବନା ଆୱାର୍ଡ (୨୦୦୩)
- ➤କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ (୨୦୦୪)
- ➤ପଦ୍ମଶ୍ରୀ (୨୦୧୦)
- ➤ସଙ୍ଗୀତ ନାଟକ ଏକାଡେମୀ ଟାଗୋର ରତ୍ନ (୨୦୧୧)

ମାତୃଭାଷା ଆମ ପରିଚୟ, ମୂଳଦୁଆ

ବେଗୁନିଆ,୨୨।୨
(ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ ଆଦର୍ଶ କ୍ଲବ ସଭାଗୃହ ପରିସରରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବାଣିଶ୍ରୀ କଳାନିକେତନ ଆନୁକୂଲ୍ୟରେ ଆୟୋଜିତ ସଭାରେ ଅନୁଷ୍ଠାନର ଉପଦେଷ୍ଟା ସୁଧାକର ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ମଙ୍ଗଳାଚରଣ ପାଠ କରିବା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ସଭାପତି ସମସ୍ତଙ୍କୁ ମାତୃଭାଷାର ସୁରକ୍ଷା ପାଇଁ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଏଥିରେ ସଂସ୍କୃତ ଭାଷାବିତ୍ ପ୍ରାଧ୍ୟାପକ ଡ. ଅଖିଳେଶ ପ୍ରସାଦ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗବେଷକ ଡା. ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ, ମାତୃଭାଷା ମନର ଭାବକୁ ବିଶ୍ୱ ଦରବାରରେ ପ୍ରତିଟି ମୁହୂର୍ତ୍ତରେ ଉଦ୍‌ବୁଦ୍ଧ କରିବା ପାଇଁ ପ୍ରତିଶ୍ରୁତି ଦେବା ଜରୁରୀ। ଆମେ ଓଡ଼ିଆ, ଆମ ମାତୃଭାଷାର ସ୍ୱାଭିମାନ ବଞ୍ଚାଇବା ଦିଗରେ ସଭିଙ୍କ ଏକାନ୍ତ ଉଦ୍ୟମ ଆବଶ୍ୟକ। କାର୍ଯ୍ୟକ୍ରମରେ କବିକେତନ ଗୌରଚରଣ ଅଧିକାରୀ, ଶିକ୍ଷାବିତ୍ ଶରତ କୁମାର ପଣ୍ଡା, ଭାଗୀରଥି ପରିଡ଼ା, ବିଜୟ କୁମାର ପ୍ରଧାନ, କୈଳାସ ନାଥ ସୁବୁଦ୍ଧି, ଦୀନବନ୍ଧୁ ଦାଶ, ଗୀତିକାର ଲକ୍ଷ୍ମୀଧର ମହାରଣା, କବୟିତ୍ରୀ ମାନସୀ ଦାସ, ସୁରେନ୍ଦ୍ର ପାଲଟାସିଂହ, ମେହେଫୁଜ ଅଲ୍ଲୀ, କୈଳାସ ନାଥ ପଟ୍ଟନାୟକ, ଡା. ପ୍ରମୋଦ କୁମାର କହଲସିଂହ, ଭାଗବତ ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ, ରାଜକିଶୋର ସାହୁ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, ଭଗବାନ ସାହୁ, ବସନ୍ତ କୁମାର ସାହୁ, ବାଲୁଙ୍କେଶ୍ୱର ସାହୁ, ଶୈଳ ସାହୁଙ୍କ ସମେତ ବହୁ ଭାଷାପ୍ରେମୀ ଓ ସାହିତ୍ୟାନୁରାଗୀ ଅଂଶଗ୍ରହଣ କରିଥିଲେ। ଶେଷରେ ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

କଣ୍ଟାବାଡ଼ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ଶିକ୍ଷକ ବଂଶୀଧର ପାଣିଗ୍ରାହୀ, ଶିକ୍ଷୟିତ୍ରୀ ଉମା ବେହେରା, ସୌମ୍ୟରଞ୍ଜନ ଦୀକ୍ଷିତ, ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମାତୃଭାଷା ବିନା ସମାଜରେ ଉନ୍ନତି ଅସମ୍ଭବ ବୋଲି କହିଥିଲେ। ପ୍ରାରମ୍ଭରେ ଶପଥ ପାଠ କରିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ର ଭୋଳେଶ୍ୱର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାତୃଭାଷା ଦିବସ ପାଳନ ହୋଇଥିଲା।

ଶ୍ରୀରାମ ଚରିତ ମାନସ, ପ୍ରବଚନ ଜ୍ଞାନଯଜ୍ଞ

ବେଗୁନିଆ,୨୨।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥିତ ରାଧାକାନ୍ତ ଦେବ ମଠ ପରିସରରେ ଆୟୋଜିତ ନବ ଦିନାତ୍ମକ ନାବାହ୍ନ ପାରାୟଣ ଶ୍ରୀରାମଚରିତ ମାନସ ଓ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୪ତାରିଖରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କଥାମୃତ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତ୍ୟେହ ରାମଚରିତ ମାନସ, ହନୁମାନ ଚାଳିଶା ପାଠ ସହିତ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ବ୍ୟାସ ପଣ୍ଡିତ ପ୍ରଦୀପ୍ତ କୁମାର ବାହିନୀପତୀ, ଉପବ୍ୟାସ ବନମାଳି ପଣ୍ଡା, ଜଗନ୍ନାଥ ପଣ୍ଡା, ବ୍ରଜବନ୍ଧୁ ବେହେରା, ସରୋଜ ମହାପାତ୍ର, କର୍ମାଚାର୍ଯ୍ୟ ପଣ୍ଡିତ ଭକ୍ତବନ୍ଧୁ ତ୍ରିପାଠୀ, ପଣ୍ଡିତ ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ଉପସ୍ଥିତ ରାମଚରିତ ମାନସ ପାଠ କରିଥଲେ। ପଣ୍ଡିତ କୈଳାଶ ପଣ୍ଡା, ଗବେଷକ ଡ.ଗଣେଶ୍ୱର ସ୍ୱାଇଁ, ଶିବପ୍ରସାଦ ମହାପାତ୍ର, ଶ୍ୟାମସୁନ୍ଦର ତ୍ରିପାଠୀ, ହୃଷିକେଶ ପଣ୍ଡା ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ।

ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା, ଅଭିଯୁକ୍ତଙ୍କ ଗିରଫ ଦାବି

ଖୋର୍ଦ୍ଧା,୨୨।୨(ପ୍ରଭାତ ପାଣିଗ୍ରାହୀ)



ଏସ୍‌ପିଙ୍କ ଉଦ୍ଦେଶ୍ୟରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦୈନିକ ଓଡ଼ିଆ ଖବର କାଗଜର ଜିଲ୍ଲା ପ୍ରତିନିଧି ଆକାଶ କୁମାର ବିଶ୍ୱାଳ ଖଣିରୁ ଚୋରାଚାଲାଣ ସଂକ୍ରାନ୍ତୀୟ ଖବର ପରିବେଷଣ କରିବାରୁ ଆକ୍ରମଣର ଶିକାର ହୋଇଛନ୍ତି। ଏନେଇ ଶିଳ୍ପାଞ୍ଚଳ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ତେବେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଳମ୍ବକୁ ନେଇ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଶନିବାର ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଖବର ପରିବେଷଣକୁ ନେଇ ସାମ୍ବାଦିକମାନେ ଆକ୍ରୋଶର ଶିକାର ହେଉଛନ୍ତି। କର୍ତ୍ତବ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସୁରକ୍ଷା ଦାବି ନେଇ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ, ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ସମେତ ଶତାଧିକ ଗଣମାଧ୍ୟମ ପ୍ରତିନିଧି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ ସହ ଅଭିଯୋଗ ତଦନ୍ତ କରାଯିବ ବୋଲି ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି।

ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଜଟଣୀ,୨୨।୨(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ ରେଲ୍‌ୱେ ଷ୍ଟେଶନର ୬ନମ୍ବର ପ୍ଲାଟଫର୍ମର ରେଳଧାରଣାରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲା ବାମେରୀ ଅଞ୍ଚଳର ଶିବଲ ସମଡ଼। ରେଲ୍‌ୱେ ପୋଲିସ ତାଙ୍କ ମୋବାଇଲରୁ ପରିଚୟ ପାଇବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାରଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏନେଇ ଜିଆରପି ପୋଲିସ ଏକ ମାମଲା(ନଂ.୧୩/୨୫)ରୁଜୁ କରି ତଦନ୍ତ ଚଳାଇଛି।

ଆଜିଠୁ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ

ଯାଁଳା,୨୨।୨(ବୁଲା ବାରିକ)

ତମାଣ୍ଡୋ କ୍ରିକେଟ କ୍ଲବ ପକ୍ଷରୁ ରବିବାରଠାରୁ ୭ମ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ତମାଣ୍ଡୋ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହେବ। ଏଥିରେ ୮ଟି ଟିମ୍ ଅଂଶଗ୍ରହଣ କରିବେ। ଚାମ୍ପିୟନ ଟିମକୁ କପ୍ ସହ ୧ଲକ୍ଷ ୫୦ହଜାର ଟଙ୍କା ଓ ରନର୍ସଅପ ଟିମ୍‌କୁ କପ୍ ସହିତ ୧ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏଥିସହ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯିବ ବୋଲି କ୍ଲବର ସମ୍ପାଦକ ଅମୂଲ୍ୟ ଜେନା କହିଛନ୍ତି।

OFFICE OF THE PRINCIPAL
MAHARAJA PURNA CHANDRA H.S. SCHOOL
BARIPADA, MAYURBHANJ, ODISHA, PIN - 757001
Website: www.mpchsschool.in, E-mail id: mpcjuniorcollege@gmail.com
Tel/FAX No.: 06792-252214, 253314, UDISE Code: 21072700602
Notice No. 270/MPC (H.S.S.)//2025 Date: 21.02.2025

TENDER CALL NOTICE

No. n-182: Selected tenders are invited from reputed manufacturer (OEM)/Authorised Distributor/Dealer/Authorised Agency having valid GST Registration Certificate and PAN for supply, installation and commissioning of Silent Diesel Generator for our HS School use only. The interested parties may submit their quotation. The tender/quotation should reach to the undersigned within 07 days from the date of publication of the same.
The details information about the tender is available in School's website i.e. www.mpchsschool.in.
The authority reserved the right to cancel the quotation or any part without any reason assigning thereof.
Sd./- Principal
OIPR-11046/11/0003/2425 MPC Higher Secondary School, Baripada

ହାଓଡା ଫ୍ରେଣ୍ଡ୍ସ କ୍ଲବ୍ ଫାଇନାଲରେ

ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ବେଗୁନିଆ,୨୨।୨(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

କୁଶୁପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ବେଗୁନିଆ ବ୍ଲକ ଅଧୀନ କୁଶୁପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ହାଓଡା ଫ୍ରେଣ୍ଡ୍ସ କ୍ଲବ୍ ଏବଂ କାମାକ୍ଷା ସ୍ପୋର୍ଟ୍ସ କ୍ଲବ୍ ବିହାର ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୧-୦ ଗୋଲରେ ହାଓଡା ଫ୍ରେଣ୍ଡ୍ସ କ୍ଲବ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ପରିଚାଳକ ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ପ୍ରସନ୍ନ କୁମାର ନାୟକ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଥିଲେ। ପ୍ରଫୁଲ୍ଲ ବେହେରା, ସାଇରାମ କିସ୍କୋ ଏବଂ ସୌକତ୍ ଅଲ୍ଲୀ ଲାଇନ୍‌ରେ ସହଯୋଗ କରିଥିଲେ। ଫୈଜଲ ହୁସେନ୍ ଖାନ୍ ଭାଷ୍ୟକାର ଦାୟିତ୍ୱ ତୁଲାଇଥିବା ବେଳେ ଅମ୍‌ଜାଦ ଖାନ୍ ଏବଂ ଏସ୍.କେ ରମ୍‌ଜାନ ତାଙ୍କୁ ସହଯୋଗ କରିଥିଲେ। ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପ୍ରେସିଡେଣ୍ଟ ୟାସିର ନଓ୍ୱାଜ, ମହମ୍ମଦ ମହିୟୁଦ୍ଦିନ ଅହମ୍ମଦ, ନୀହାର ରଞ୍ଜନ ବେହେରା, ଅବସରପ୍ରାପ୍ତ ଖେଳଶିକ୍ଷକ ସୂର୍ଯ୍ୟମଣି ମାଝୀ, ଅଧ୍ୟାପକ ନବକିଶୋର ବିଶୋୟୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଅନ୍ତିମ ମ୍ୟାଚ୍ ଘାଟିକିଆ ବଜରଙ୍ଗବାଲୀ ଫୁଟ୍‌ବଲ କ୍ଲବ୍ ଏବଂ ହାଓଡା ଫ୍ରେଣ୍ଡ୍ସ କ୍ଲବ୍ ମଧ୍ୟରେ ହେବ ବୋଲି ଆୟୋଜକ କ୍ଲବ୍ ପକ୍ଷରୁ କୁହାଯାଇଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, BALANGIR
WOMEN'S COLLEGE CHOWK, PALACE LINE, DIST.- BALANGIR, PIN- 767001
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: P163533)
No.A-1100
REQUEST FOR BIDS (RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No.OIIPCRA-W2-BGR-1/2024-25 Date 20.02.2025

Name of work	:	Renovation to Distribution System of Mathanpala MIP in Titilagarh Block of Balangir District under OIIPCRA for the year 2024-25, under M.I. Division, Balangir
No. of works	:	01 Minor Irrigation Tank
Estimated cost	:	Rs.699.19 Lakh Approx (Total estimated cost of 01 tank Rs.699.19 Lakh)
Cost of bid document	:	Free of cost
Period of completion	:	As per DTCN
Availability of bid documents	:	From 25.02.2025 from 10.00 hrs. to 26.03.2025 upto 15.00 hrs. in the e-procurment website (https://tendersodisha.gov.in)
Date of Pre-bid Meeting	:	04.03.2025 as per Para-7 of DTCN
Last date & time of receipt of bid	:	Upto 26.03.2025, 15.00 hrs. through online
Period of receipt of bid security	:	To be paid online along with the bid. Bank gurantees also acceptable subject to verification
Date of opening of technical bid	:	On dt.26.03.2025 at 15.30 hrs.
Date of opening of financial bid	:	To be intimated online after off-line evaluation of Technical Bid
Digital signature certificate of bidder	:	The bidder must possess compatible digital signature certificate (DSC) Class-II or III
The detail tender call notice can also be seen in the DOWR website	:	https://dowrodisha.gov.in https://octdms.in
Name & address of the OIT	:	Superintending Engineer, M.I. Division, Balangir, Women's College Chowk, Palace Line, Dist.- Balangir, Pin- 767001, E-Mail: mid_balangir@yahoo.co.in
Further details can be seen from the e-Procurement market place in	:	https://tendersodisha.gov.in

ସବୁ ବିଭାଗର ସମୀକ୍ଷା କଲେ ନୀତି ଆୟୋଗ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ପର୍ଯ୍ୟଟକଙ୍କ ସୁବିଧା ଓ ସୁରକ୍ଷା ପାଇଁ ବିଭିନ୍ନ ଜିଲାର ପର୍ଯ୍ୟଟନସ୍ଥଳକୁ ନେଇ ସଫାରି ସର୍କିଟ୍‌ର ବ୍ୟବସ୍ଥା ଓ ଟୁରିଜିମ୍ ଜୋନ ବ୍ୟବସ୍ଥା ପାଇଁ ନୀତି ଆୟୋଗ ମତ ଦେଇଛନ୍ତି। ଏହି ସଫାରି ସର୍କିଟରେ କଟକ, ଖୋର୍ଦ୍ଧା, ପୁରୀ ଓ ପାରାଦୀପକୁ ସାମିଲ କରାଯିବ ବୋଲି ଚିନ୍ତା କରାଯାଉଛି।

ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଶନିବାର ଅପରାହ୍ନରେ ସିଟି ଆଣ୍ଡ୍ ଗ୍ରୋଥ ହବ୍ ବା ସହରାଞ୍ଚଳର ବିକାଶ ସମ୍ପର୍କରେ ନୀତି ଆୟୋଗର ପ୍ରତିନିଧିମଣ୍ଡଳୀ ଜିଲାର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମକୁ ସମୀକ୍ଷା କରିଛନ୍ତି। ଏଥିରେ ଅଧ୍ୟକ୍ଷତା କରି ଆୟୋଗର ପ୍ରମୁଖ ଅର୍ଥ ପରାମର୍ଶଦାତା ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଅନା ରଏ ବିଭିନ୍ନ ବିଭାଗର ଯୋଜନାଗୁଡ଼ିକ ମଧ୍ୟରେ ବିଶେଷତ୍ୱ କ'ଣ ରହିଛି ଓ କେଉଁ କେଉଁ କ୍ଷେତ୍ରରେ ଅଧିକ ଫୋକସ୍ କରାଯାଇପାରିବ, ତାହାର ବଜାର ବ୍ୟବସ୍ଥା କରାଯାଇପାରିବ, ବ୍ୟକ୍ତି ବା ଗୋଷ୍ଠୀଙ୍କୁ ସାମିଲ କରାଯାଇପାରିବ, ଲୋକଙ୍କୁ ଜୀବିକା ଯୋଗାଇ ଦିଆଯାଇ ପାରିବ ବୋଲି ମତ ଦେଇଥିଲେ। ଫଳରେ ନୀତି ଆୟୋଗ ସେ ସମ୍ପର୍କରେ ଅନୁଧ୍ୟାନ ସହ ଆର୍ଥିକ ସହାୟତା, ବୈଷୟିକ ପରାମର୍ଶ ଓ ବିବିଧ ସହଯୋଗ ଯୋଗାଇବାରେ ସକ୍ଷମ ହୋଇପାରିବ। ଉଦ୍ୟାନ କୃଷି, ଛତୁ ଚାଷ, ଫୁଲ ଚାଷ, କୁକୁଡ଼ା ଚାଷ, ମତ୍ସ୍ୟ ଚାଷ, ପର୍ଯ୍ୟଟନ ଇତ୍ୟାଦି ଗୁଡ଼ିକରେ ଅଧିକ ଦୃଷ୍ଟି ଦିଆଯାଇ ପାରିବ ବୋଲି ରଏ ସୂଚନା ଦେଇଥିଲେ। ନୀତି ଆୟୋଗ ଓ ଜିଲା ପ୍ରଶାସନର ବିସ୍ତୃତ ଅନୁଧ୍ୟାନ ଓ ଆଲୋଚନା ପରେ ପ୍ରସ୍ତାବ ବୃତ୍ତାନ୍ତ କରାଯିବ ବୋଲି ସେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲାର ସ୍ଥିତି, ବିଭିନ୍ନ ଯୋଜନାର ରୂପରେଖ, ସଫଳତା, ଆବଶ୍ୟକତା ଓ ନୂତନ ସମ୍ଭାବନା ଉପସ୍ଥାପନ କରିଥିଲେ।

ବୈଠକରେ ନୀତି ଆୟୋଗର ଅର୍ଥ ପରାମର୍ଶଦାତା ଅନା ରଏ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଅନ୍ୟମାନେ ।

୩୪୭୯ ବର୍ଗ କି.ମି. ପରିମିତ ପୁରୀ ଜିଲାର ଲୋକ ସଂଖ୍ୟା ୧୬ ଲକ୍ଷ ୯୮,୭୩୯। ଜିଲାରେ ଗୋଟିଏ ସବ୍‌ଡିଭିଜନ,୧୧ଟି ଲେଖାଏ ବ୍ଲକ ଓ ତହସିଲ, ୧୨୨ଟି ରାଜସ୍ୱ ସର୍କଲ, ଗୋଟିଏ ମ୍ୟୁନିସିପାଲିଟି, ୩ଟି ଏନ୍‌ଏସି, ୨୬୮ ପଞ୍ଚାୟତ, ୧୭୭୨ ରାଜସ୍ୱ ଗ୍ରାମ ଓ ୩୦ଟି ପୋଲିସ ଷ୍ଟେଶନ ରହିଛି। ଜିଲାରେ ୧,୮୮,୧୮୩ ହେକ୍ଟର ଚାଷଜମି ରହିଥିବା ବେଳେ ୧,୦୪,୭୪୧ ଜଳସେଚିତ ଓ ୧୪,୨୨୫ ହେକ୍ଟର ଜଙ୍ଗଲ ଜମି ରହିଛି। ଜିଲାରେ ମୁଖ୍ୟତଃ ଧାନ, ବିରି, ମୁଗ, ଆଖୁ ଚିନାବାଦାମ ଇତ୍ୟାଦି ଚାଷ ହୋଇଥାଏ ବୋଲି ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ପାୱାର ପ୍ରେଜେଣ୍ଟେଶନରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ବିବେକ କୁମାର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ୍) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଆୟୋଗର ଲିଆସନିଂ ଅଧିକାରୀ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଆୟୋଗର ସଦସ୍ୟ ପରାମର୍ଶଦାତା କୌସ୍ତୁଭ ଶ୍ରୀବାସ୍ତବ, ଅଞ୍ଚଳ ସାକ୍ସେନା, ସ୍ୱାତୀ ପ୍ରଧାନ, ଅକ୍ଷତ ଠାକ୍‌ରେ, ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବେଦାନ୍ତର ଚେୟାରମ୍ୟାନ ଅନିଲ ଅଗ୍ରୱାଲ ମହାପ୍ରଭୁଙ୍କ ଦର୍ଶନ କରି ଫେରୁଛନ୍ତି ।

ପରିବେଶ ସୁରକ୍ଷାରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଇକୋ କ୍ଲବ୍ ତରଫରୁ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର୍ ଦୋଳ ଗୋବିନ୍ଦ ମିଶ୍ର, ସମ୍ମାନିତ ଅତିଥି ଭାବେ ତ୍ରିଲୋଚନ ଦାଶ, ଗୀତାଞ୍ଜଳି ସେନାପତି, ପରିଚାଳନା ସମିତିର ସଭାପତି ସନାତନ ସ୍ୱାଇଁ, ସମ୍ପାଦକ ଦୀନବନ୍ଧୁ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ବିଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ଭାବେ ପରିଚିତ କୃଷ୍ଣଚନ୍ଦ୍ର ସାହୁ ସଭାରେ ସଭାପତିତ୍ୱ କରିବା ସହ ସଭା ପରିଚାଳନା ଓ ସଂଯୋଜନା କରିଥିଲେ। ଅତିଥିମାନେ ପରିବେଶ ସୁରକ୍ଷାରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପରିବେଶ ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରିବେଶ ସମ୍ବନ୍ଧୀୟ ଲୋକନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଶେଷରେ ବିଦ୍ୟାମନ୍ଦିର ପରିସରରେ ଅତିଥି ଓ ଛାତ୍ରୀଛାତ୍ରମାନେ ଆମ୍ବ, ପଣସ, ବେଲ ଚାରା ରୋପଣ କରିଥିଲେ। ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପରିବେଶ ଶିକ୍ଷା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ।

ନୂଆ ମଠ ପୀଠରେ ପ୍ରାଚୀ ପରିକ୍ରମା ଦଳ

ଯୋଗେଶ୍ୱରପୁର,୨୨।୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ନୂଆ ମଠ ସର୍ବଧର୍ମ ସମନ୍ୱୟ ପୀଠ ପରିସରରେ ଶନିବାର ପ୍ରାଚୀ ପରିକ୍ରମା ପଦଯାତ୍ରାର ସାଧୁସନ୍ଥ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଶ୍ରୀ ଶ୍ରୀ ଗୁରୁଦେବଙ୍କ ମନ୍ଦିରରେ ସ୍ୱତନ୍ତ୍ର ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଚୀ ପରିକ୍ରମା ପଦଯାତ୍ରାର ମାର୍ଗଦର୍ଶକ ପ୍ରଜ୍ଞାନାନନ୍ଦ ମହାରାଜ, ସ୍ୱାମୀ ସୁଧାନନ୍ଦ ଗିରି, ମହନ୍ତ ଚିନ୍ତାମଣି ପର୍ବତ, ବାବାଜୀ ଦାମୋଦର ଦାସ, ମହନ୍ତ ରାମକୃଷ୍ଣ ଦାସ, ବାବାଜୀ ରାମ ଦାସ, ମହନ୍ତ ଦିବ୍ୟ କୃଷ୍ଣ ଦାସ, ବାବାଜୀ ସତ୍ୟାନନ୍ଦ ଦାସଙ୍କ ସମେତ ବିଦେଶୀରୁ ବହୁ ସାଧୁସନ୍ଥ, ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଯାତ୍ରୀଙ୍କୁ ଆଶ୍ରମ ପକ୍ଷରୁ ସେବିକା, ସେବକ, ବାବାଜୀ ଅକ୍ଷୟ କୁମାର ଦାସ, ଶକୁନ୍ତଳା ଦାସ, ସବିତା ଦାସ, ଅନୁ ମା', ରମା ମା', ହର୍ଷ ମା', ପ୍ରୀତିରଞ୍ଜନ ଦାସ, କୃଷ୍ଣଚନ୍ଦ୍ର ଓଝା, ରବୀନ୍ଦ୍ର ଦାସ, ଶଶିକାନ୍ତ ଖୁଣ୍ଟିଆ ପ୍ରମୁଖ ସେମାନଙ୍କୁ ପ୍ରଥମେ ସମ୍ବର୍ଦ୍ଧନା ସହ ବନ୍ଦାପନା କରିଥିଲେ। ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ଲିଖିତ ପ୍ରାଚୀର ମହତ୍ତ୍ୱ ବନ୍ଦନା ବାବାଜୀ ଦାମୋଦର ଦାସ ପରିବେଷଣ କରିଥିଲେ। ପୁଣ୍ୟତୋୟା ପ୍ରାଚୀ ସରସ୍ୱତୀ ଉତ୍କଳର କଳା, ଧାର୍ମିକ ତଥା ସାଂସ୍କୃତିକ ପରମ୍ପରାକୁ ସ୍ମୃତିଚାରଣ ସହ ଧର୍ମକୁ ଜାଗ୍ରତ କରିବା, ସ୍ମୃତିପୀଠଗୁଡ଼ିକର ପୁନରୁଦ୍ଧାର, ଅପସଂସ୍କୃତି ବିରୋଧରେ ଜନସଚେତନା ସୃଷ୍ଟି କରିବା, ପ୍ରାଚୀ ମାତାଙ୍କ ପବିତ୍ରତା ରକ୍ଷା କରିବା ଇତ୍ୟାଦି ଲକ୍ଷ୍ୟ ନେଇ ଏହି ପଦଯାତ୍ରାର ୧୪ତମ ବାର୍ଷିକୀ ପାଳିତ ହେଉଛି ବୋଲି ମହାରାଜ ପ୍ରକାଶ କରିଥିଲେ। ସମସ୍ତ ଭକ୍ତ ମହାପ୍ରସାଦ ସେବନ କରିଥିଲେ। ଆଶ୍ରମରେ ସମସ୍ତେ ରାତ୍ର ବିଶ୍ରାମ କରିଥିଲେ। ଏହି ପରିକ୍ରମା ଚଳିତ ୧୮ ତାରିଖରୁ ଆରମ୍ଭ ହୋଇ ଶନିବାର ପଞ୍ଚମ ଦିନରେ ପହଞ୍ଚିଛି।

ଯୁଗ୍ମ ନିର୍ଦ୍ଦେଶକଙ୍କ ଜନ ଶିକ୍ଷଣ ସଂସ୍ଥାନ କାର୍ଯ୍ୟାଳୟ ପରିଦର୍ଶନ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ତରଫରୁ ଉଭୟ ଯୁଗ୍ମ ସଚିବ ସଇଲ ମାଲଗେ ଓ ଜନ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଇନ୍ଦୁ ଭୂଷଣ ଲେଙ୍କା ଜନ ଶିକ୍ଷଣ ସଂସ୍ଥାନର ପୁରୀ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଅନୁଷ୍ଠାନ ତରଫରୁ ଅନୁଷ୍ଠାନର ୧୮୫ ପ୍ରଶିକ୍ଷାର୍ଥୀ ଓ ଅଧ୍ୟକ୍ଷ କଣ୍ଟୁରୀ ଚରଣ ଚମ୍ପତି ଅଧିକାରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ପରେ ଉଭୟ ଅଧିକାରୀ ପରିସରରେ ଥିବା ୩ ଗୋଟି ପ୍ରଶିକ୍ଷଣ କେନ୍ଦ୍ର ଯଥା ପୋଷାକ ପ୍ରସ୍ତୁତ, ବିଉଟିପାର୍ଲର ଓ ଖାଦ୍ୟ ପ୍ରକ୍ରିୟାକରଣ ପ୍ରଶିକ୍ଷଣ କେନ୍ଦ୍ରମାନ ପରିଦର୍ଶନ କରିବା ସହ ଉକ୍ତ ତାଲିମ ଓ ଉତ୍ପାଦକଗୁଡ଼ିକ ବିଷୟରେ ପଚାରି ବୁଝିଥିଲେ। ଉଦ୍ୟୋଗୀ ପଞ୍ଜୀକରଣରେ ସମସ୍ତ ତାଲିମପ୍ରାପ୍ତ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ଜନ ଶିକ୍ଷଣ ସଂସ୍ଥାନ ପୁରୀର ସମସ୍ତ କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୁଗ୍ମ ସଚିବ ଓ ନିର୍ଦ୍ଦେଶକ ତାଲିମପ୍ରାପ୍ତ ହିତାଧିକାରୀମାନେ କିପରି ନିଯୁକ୍ତି ସୁଯୋଗ ପାଇପାରିବେ, ସେ ବିଷୟରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜନଶିକ୍ଷଣ ସଂସ୍ଥାନ, ପୁରୀ ତରଫରୁ ନିର୍ଦ୍ଦେଶକ ଜ୍ଞାନ ବିକାଶ ଗଜେନ୍ଦ୍ର, ପଦ୍ମଚରଣ ସେଠୀ, ରଶ୍ମିରଞ୍ଜନ ମିଶ୍ର, ଦିଲୀପ କୁମାର ନାୟକ, ପ୍ରସାଦ ଦ୍ୱିବେଦୀ, ଜୀବନଜିତା ଦାସ, ଧରିତ୍ରୀ ମହାପାତ୍ର, ରୂପାଲି ପାଢ଼ୀ, ସରିତା ମିଶ୍ର, ହରପ୍ରିୟା ପ୍ରଧାନ, ବିଜୟଲକ୍ଷ୍ମୀ ରଥ, ବାଦଲ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ବେଙ୍ଗଲ ଫୁଡ୍ ଫେଷ୍ଟିଭାଲର ମଜା ନେଉଛନ୍ତି ପର୍ଯ୍ୟଟକ

ପୁରୀର ପ୍ରମୋଦ କନ୍‌ଭେନ୍‌ଶନ ଆଣ୍ଡ ବିଚ୍ ରିସର୍ଟ୍ସରେ ପର୍ଯ୍ୟଟକମାନେ ସୁସ୍ୱାଦୁ ଖାଦ୍ୟର ମଜା ନେଉଛନ୍ତି ।

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ପୁରୀର ପ୍ରମୋଦ କନ୍‌ଭେନ୍‌ଶନ ଆଣ୍ଡ ବିଚ୍ ରିସର୍ଟ୍ସ ପକ୍ଷରୁ ପ୍ରଥମ ଥର ପାଇଁ ବଙ୍ଗୀୟ ପର୍ଯ୍ୟଟକ ଏବଂ ପୁରୀବାସୀଙ୍କୁ ସୁସ୍ୱାଦୁ ଖାଦ୍ୟ ପରଷି ଦେବା ଲକ୍ଷ୍ୟରେ ବେଙ୍ଗଲ ଫୁଡ୍ ଫେଷ୍ଟିଭାଲ 'ବଙ୍ଗୀୟ ଆହାର' ଫେଷ୍ଟିଭାଲ ଆୟୋଜନ କରାଯାଇଛି। ସେହିପରି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ଲାଗି ହୋଟେଲକୁ ବେଙ୍ଗଲୀ ପରିବେଶ ମଧ୍ୟରେ ସଜେଇ ଦିଆଯାଇଛି। ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ଲାଗି ସମ୍ମୁଖରେ ପୂର୍ଣ୍ଣକୁମ୍ଭ ଏବଂ କଦଳୀ ଗଛ ସହ ବେଙ୍ଗଲ୍ ପରମ୍ପରାକୁ ସ୍ଥାନିତ କରାଯାଇଛି। ଫୁଡ୍ ଫେଷ୍ଟିଭାଲ ସମ୍ପର୍କରେ ପ୍ରମୋଦ ହୋଟେଲର ଜେନେରାଲ ମ୍ୟାନେଜର ଗୌତମ ରେଡ୍ଡୀ, ଫୁଡ୍ ଆଣ୍ଡ ବିଭ୍‌ରେଜସ ମ୍ୟାନେଜର୍ ସୁଶାନ୍ତ ସ୍ୱାଇଁ, ମ୍ୟାନେଜର ସୁବୋଧ ମିଶ୍ର ଏବଂ ସେପ୍ ଏକମତ ଖାନ୍ ସୂଚନା ଦେଇ କହିଛନ୍ତି, ହୋଟେଲ ପକ୍ଷରୁ ପ୍ରଥମଥର ପାଇଁ ଏପରି ବେଙ୍ଗଲ୍ ଫୁଡ୍ ଫେଷ୍ଟିଭାଲ ଆୟୋଜନ କରାଯାଇଛି। ପୁରୀ ବାସିନ୍ଦାଙ୍କଠାରୁ ଆରମ୍ଭ କରି ପୁରୀକୁ ଆସୁଥିବା ପର୍ଯ୍ୟଟକମାନେ ହୋଟେଲ୍‌କୁ ଆସନ୍ତୁ ଏବଂ ନୂଆ ଅନୁଭୂତି ଲାଭ କରନ୍ତୁ।

ରାଜ୍ୟରେ ୩ଟି ସ୍ଥାନ ଯଥା ପ୍ରମୋଦ ଗୋପାଳପୁର, ପ୍ରମୋଦ କଟକ ଏବଂ ପ୍ରମୋଦ ପୁରୀରେ ଫୁଡ୍ ଫେଷ୍ଟିଭାଲ ଆୟୋଜନ କରାଯାଇଛି। ପୁରୀରେ ଫେବୃଆରୀ ୨୧ ତାରିଖଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖଯାଏ ଚାଲିବ। ଗ୍ରାହକଙ୍କୁ ୪୨ରୁ ୫୦ ପ୍ରକାର ସୁସ୍ୱାଦୁ ଖାଦ୍ୟ ପରଷିଦେବା ପାଇଁ ପ୍ରଥମଥର ଏହି ଫେଷ୍ଟିଭାଲ ଆୟୋଜନ କରାଯାଇଛି। ଏହି ଖାଦ୍ୟ ଉତ୍ସବରେ ମାତ୍ର ୧,୨୯୯ ଟଙ୍କାରେ ପର୍ଯ୍ୟଟକମାନେ ବିଭିନ୍ନ ପ୍ରକାର ଆମିଷ ଯେପରିକି ଚିକେନ, ମଟନ, ମାଛ, ଚିଙ୍ଗୁଡ଼ି, କଙ୍କଡ଼ା, ବାବା ଇଲିସ୍ ମାଛ ଆଦି ବିଭିନ୍ନ ବଙ୍ଗୀୟ ଖାଦ୍ୟର ମଜା ନେଇପାରିବେ ପର୍ଯ୍ୟଟକ। ଓଡ଼ିଆ ଏବଂ ବେଙ୍ଗଲୀମାନଙ୍କ ଖାଦ୍ୟର ରୁଚିକୁ ନେଇ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ସେହିପରି ଫେଷ୍ଟିଭାଲ୍‌କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ବେଙ୍ଗଲୀ ଷ୍ଟାଇଲ୍‌ର ଥିମ୍ ଦିଆଯାଉଛି। କର୍ମଚାରୀମାନେ ବେଙ୍ଗଲୀ ପୋଷାକ ପରିଧାନ କରି ଗ୍ରାହକମାନଙ୍କୁ ସେବା ଯୋଗାଇ ଦେଉଛନ୍ତି। ସେହିପରି ଟେବୁଲ୍‌ରେ ମାଟିର ପାତ୍ର, କଦଳୀପତ୍ରର ବ୍ୟବହାର କରାଯାଉଥିବା ବେଳେ ୱେଲ୍‌କମ୍ ଡ୍ରିଙ୍କ୍ସ, ଷ୍ଟାର୍ଟର ସମେତ ସ୍ୱତନ୍ତ୍ର ଭାବେ ପଶ୍ଚିମବଙ୍ଗର କିଛି ଖାଦ୍ୟ ରହିଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ରହିବ। ସେହିଭଳି ୱିକ୍‌ଏଣ୍ଡରେ ଦିନ ୧୨ଟାରୁ ଅପରାହ୍ନ ୩ଟା ଯାଏଁ ରହିବ ବୋଲି ହୋଟେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଶୃଙ୍ଖଳିତ ସମାପନ ପାଇଁ ଗୁରୁତ୍ୱ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରାକୁ ନେଇ ପୋଲିସ ପ୍ରଶାସନର ପ୍ରସ୍ତୁତି ବୈଠକ

ଜୁନ୍ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଜୁନ୍ ୧୧ରେ ସ୍ନାନଯାତ୍ରା ଅନୁଷ୍ଠିତ ହେବ। ତେଣୁ ମହାପ୍ରଭୁଙ୍କ ସ୍ନାନଯାତ୍ରା ସହ ଘୋଷଯାତ୍ରାରେ ସାମିଲ ହେବା ନିମନ୍ତେ ଶ୍ରୀକ୍ଷେତ୍ରରେ ଭକ୍ତ, ପର୍ଯ୍ୟଟକ, ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେବ। ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ସହ ଭକ୍ତଙ୍କ ଶୃଙ୍ଖଳିତ ଯାତାୟାତକୁ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଆରକ୍ଷୀ ଅଧୀକ୍ଷକ ଭିନୀତ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧିକାରୀମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡ଼ିକ ସୁଚାରୁରୂପେ କିପରି କାର୍ଯ୍ୟକାରୀ କରିବେ ସେ ନେଇ ମାର୍ଚ୍ଚ ୩ ତାରିଖ ମଧ୍ୟରେ ଏସ୍‌ପିଙ୍କ ନିକଟରେ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଚଳିତବର୍ଷ ଘୋଷଯାତ୍ରା ଯେପରି ସୁରୁଖୁରୁରେ ହେବ ସେ ନେଇ ଆଲୋଚନା କରାଯାଇଥିଲା। ସେହିପରି ୨୦୨୪ ରଥଯାତ୍ରାରେ ଯେଉଁ ସମସ୍ୟା ସୃଷ୍ଟି ହୋଇଥିଲା, ଚଳିତବର୍ଷ ଯେପରି ସେହି ସମସ୍ୟା ସୃଷ୍ଟି ନ ହୁଏ ସେ ନେଇ ବୈଠକରେ ଆଲୋଚନା କରାଯିବା ସହ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର, ଦେବଦତ୍ତ ଚକ୍ର, ବିଷ୍ଣୁ ଚରଣ ପତି, ଅତିରିକ୍ତ ଏସ୍‌ପି ଡିଆଇବି ପ୍ରତାପ ଦେବ, ସଦର ଡିଏସ୍‌ପି ରବି ନାରାୟଣ ଭଞ୍ଜ, କଳ୍ପନା କାଉଁରୀ, ତିଳୋତ୍ତମା ରାଉତ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଘନଶ୍ୟାମ ହେମ୍ବ୍ରମ୍‌ଙ୍କ ସହ ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, BALANGIR
WOMEN'S COLLEGE CHOWK, PALACE LINE, DIST.- BALANGIR, PIN- 767001
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: P163533)
No.A-1100
REQUEST FOR BIDS (RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No.OIIPCRA-W2-BGR-1/2024-25 Date 20.02.2025

Name of work	:	Renovation to Distribution System of Mathanpala MIP in Titilagarh Block of Balangir District under OIIPCRA for the year 2024-25, under M.I. Division, Balangir
No. of works	:	01 Minor Irrigation Tank
Estimated cost	:	Rs.699.19 Lakh Approx (Total estimated cost of 01 tank Rs.699.19 Lakh)
Cost of bid document	:	Free of cost
Period of completion	:	As per DTCN
Availability of bid documents	:	From 25.02.2025 from 10.00 hrs. to 26.03.2025 upto 15.00 hrs. in the e-procurment website (https://tendersodisha.gov.in)
Date of Pre-bid Meeting	:	04.03.2025 as per Para-7 of DTCN
Last date & time of receipt of bid	:	Upto 26.03.2025, 15.00 hrs. through online
Period of receipt of bid security	:	To be paid online along with the bid. Bank gurantees also acceptable subject to verification
Date of opening of technical bid	:	On dt.26.03.2025 at 15.30 hrs.
Date of opening of financial bid	:	To be intimated online after off-line evaluation of Technical Bid
Digital signature certificate of bidder	:	The bidder must possess compatible digital signature certificate (DSC) Class-II or III
The detail tender call notice can also be seen in the DOWR website	:	https://dowrodisha.gov.in https://octdms.in
Name & address of the OIT	:	Superintending Engineer, M.I. Division, Balangir, Women's College Chowk, Palace Line, Dist.- Balangir, Pin- 767001, E-Mail: mid_balangir@yahoo.co.in
Further details can be seen from the e-Procurement market place in	:	https

ଲୁଟ୍ ପରେ ଘରେ ନିଆଁ ଲଗାଇଦେଲେ

ବାଲୁଗାଁ,୨୨।୨(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡି ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବେଲପଡ଼ା ଗ୍ରାମ ରାସ୍ତାରେ ରହୁଥିବା ମାନସୀ ସେଠୀଙ୍କ ଘରେ ପଶି ଦୁର୍ବୃତ୍ତମାନେ ଟଙ୍କା ଏବଂ ସୁନାଅଳଙ୍କାର ଲୁଟିନେବା ସହ ଘରେ ନିଆଁ ଲଗାଇଦେଇଛନ୍ତି। ଏପରିକି ଅଶ୍ଳୀଳ ଭାଷାରେ କିଛି କାନ୍ଥରେ ଲେଖିଛନ୍ତି। ଏନେଇ ମାନସୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବେଲପଡ଼ା ଗ୍ରାମର ମାନସୀଙ୍କ ଘରେ ତାଙ୍କ ଝିଅ ଓ ଜ୍ୱାଇଁ ରୁହନ୍ତି। ଶୁକ୍ରବାର ତାଙ୍କ ଝିଅ ଜ୍ୱାଇଁଙ୍କ ସହ ଶାଶୁଘର ଗଞ୍ଜାମ ଜିଲା କୋଦଳା ଗ୍ରାମକୁ ଯାଇଥିଲେ। ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ସନ୍ଧ୍ୟାରେ ମାନସୀ ଘରେ ତାଲା ପକାଇ ସ୍ଥାନୀୟ ନିମିକ୍ଷେତା ଗ୍ରାମକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ ତାଲା ଭାଙ୍ଗି ଘରେ ପଶି ଆଲମିରାରୁ ୫୫ହଜାର ଟଙ୍କା, ୨ଟି ସୁନାଚେନ, ୩ଟି ମୁଦି ଏବଂ ଏକ ହଳ ସୁନା କାନଫୁଲ ଲୁଟିନେବା ସହ ଘରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଏକ ଖଟ ଜଳିଯାଇଛି। ଏପରିକି ଏକ ସିଲେଇ ମେଶିନ ଏବଂ ଅନ୍ୟାନ୍ୟ ଆସବାବପତ୍ର ଭଙ୍ଗାରୁଜା କରିବା ସହ ଅଶ୍ଳୀଳ ଭାଷାରେ କାନ୍ଥରେ କିଛି ଲେଖି ପଳାଇଛନ୍ତି। ଶନିବାର ଭୋର ୫ଟାରେ ମାନସୀ ପହଞ୍ଚି ଦେଖିବା ବେଳକୁ ଘର ଗ୍ରୀଲ୍ ତାଲା ଭାଙ୍ଗି ତଳେ ପଡ଼ିଥିବା ବେଳେ ଖଟରେ ନିଆଁ ଲାଗିଥିବା ସହ ଆଲମିରାରୁ ଉପରୋକ୍ତ ଅଳଙ୍କାର ଏବଂ ଟଙ୍କା ଚୋରି ହୋଇଯାଇଛି। ଖବରପାଇ ବାଲୁଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଝିଅ ଏବଂ ଜ୍ୱାଇଁ ଆସି ପହଞ୍ଚିବା ପରେ ମାନସୀ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ର ନାଥ ଗୌଡ଼ ପହଞ୍ଚି ଘଟଣାର ତଦନ୍ତ କରିବା ସହ ସାଇଣ୍ଟିଫିକ ଟିମ୍‌ର ସହଯୋଗ ଲୋଡ଼ାଯାଇଛି।

ଦୋଷୀଙ୍କୁ ୨୫ବର୍ଷ ଜେଲ

ନାବାଳିକାଙ୍କୁ ବଳାତ୍କାର ମାମଲା

ବାରିପଦା,୨୨।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରତିମା ପାତ୍ର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅଧୀନ ଟିକରଗଡ଼ିଆ ଗ୍ରାମର ସହଦେବ ମାଝିଙ୍କୁ ଦୋଷୀସାବ୍ୟସ୍ତ କରି ୨୫ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହାସହିତ ୬୦ହଜାର ଟଙ୍କା ଜରିମାନା ଅନାଦାୟ ଅଧିକ ୧ବର୍ଷ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ମାମଲା ବିବରଣୀ ଅନୁଯାୟୀ, ଜଣେ ବାପଛେଉଣ୍ଡ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ସହଦେବ ବାରମ୍ବାର ବଳାତ୍କାର କରିଆସୁଥିଲେ। ବାପାଙ୍କ ମୃତ୍ୟୁ ପରେ ନାବାଳିକାଜଣକ ନିଜ ଖୁଡ଼ୀଙ୍କ ପାଖରେ ରହିଆସୁଥିଲେ। ଘଟଣା ସମ୍ପର୍କରେ ଜଣାଇଲେ ଜୀବନରୁ ମାରିଦେବାକୁ ଧମକଚମକ ଦେଇ ବଳାତ୍କାର କରୁଥିଲେ। ତେବେ ଘଟଣା ସମ୍ପର୍କରେ ଖୁଡ଼ୀ ଜାଣିବା ପରେ ଗ୍ରାମରେ ସଭା ଡକାଇ ମାମଲାକୁ ରଫାଦଫା କରିବାକୁ କେତେଜଣ ଲୋକ ଅପଚେଷ୍ଟା କରିଥିଲେ। ଏପରିକି ଗାଁ ଲୋକେ ଅଭିଯୁକ୍ତଙ୍କୁ ଫେରାର କରିବାରେ ସହଯୋଗ ମଧ୍ୟ କରିଥିଲେ। ପରିବାର ଲୋକେ ଥାନାରେ ୨୦୨୨ ଜୁଲାଇ ୨୭ରେ ଲିଖିତ ଅଭିଯୋଗକଲା ପରେ ପୋଲିସ ଡାକ୍ତରୀମାଇନା କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୧୮ଜଣ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ନିଲମ୍ବିତ

ନାଉଗାଁ,୨୨।୨(ସୁଧା ବେହୁରା)

ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶନିବାର ଜଣେ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ଶିକ୍ଷକ ହେଲେ ରୁଦ୍ରପ୍ରସାଦ ସ୍ୱାଇଁ। ସୂଚନା ମୁତାବକ, ଫେବୃଆରୀ ୧୮ରେ ବିଦ୍ୟାଳୟରେ ଶିକ୍ଷକ ସ୍ୱାଇଁ ପାଠ ପଢ଼ାଉଥିବାବେଳେ ସମ୍ପୃକ୍ତ ଛାତ୍ରୀଙ୍କ ସହ ଅସଦାଚରଣ କରିଥିଲେ। ଏନେଇ ଛାତ୍ରୀ ଓ ତାଙ୍କ ବାପା ୧୯ ତାରିଖରେ ବିଦ୍ୟାଳୟ କାନ୍ଥରେ ଲେଖାଯାଇଥିବା ଶିଶୁ ସହାୟତା ନମ୍ବରରେ କଲ୍ କରି ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ୨୦ ତାରିଖରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ସାହୁ, ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢୀ ପୀଡ଼ିତା ଛାତ୍ରୀଙ୍କୁ ଭେଟିବା ପରେ ତଦନ୍ତ ରିପୋର୍ଟ ଦେଇଥିଲେ।

ପୋଲିସ ହାତରେ ସୁନାଚେନ୍ ଛିନ୍‌ତାଇ ଗ୍ୟାଙ୍ଗ୍

ଜବତ ସୁନା ଅଳଙ୍କାର ସହ ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

୨ ଅଭିଯୁକ୍ତଙ୍କ ସମେତ ୭ ଗିରଫ

ତାଳଚେର,୨୨।୨(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଥାନା ବାଘୁଆ ବୋଲ ଅଞ୍ଚଳର ଜଣେ ମହିଳାଙ୍କ ବେକରୁ ସୁନାଚେନ ଛିନତାଇ ମାମଲାର ତଦନ୍ତ ବେଳେ ପୋଲିସକୁ ମିଳିଛି ବଡ଼ ସଫଳତା। ଏହି ଲୁଟ୍ କରିଥିବା ୨ ଅଭିଯୁକ୍ତଙ୍କ ସମେତ ପୋଲିସ କବ୍‌ଜାରେ ପଡ଼ିଛନ୍ତି ମୋଟ ୭ ଜଣ। ଏ ନେଇ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଅନୁଗୋଳ ଏସ୍‌ପି ରାହୁଲ ଜୈନ।

ଏସ୍‌ପି କହିଛନ୍ତି, ଗତ ୧୮ ତାରିଖରେ ବାଘୁଆବୋଲ ଅଞ୍ଚଳର ଜଣେ ମହିଳା ସକାଳୁ ଘରର ଅଳିଆ ପକାଇବାକୁ ବାହାରକୁ ଯାଇଥିବା ସମୟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ମହିଳାଙ୍କୁ ଏକ ଠିକଣା ପଚାରିବା ବାହାନାରେ ସୁନା ଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଘଟଣା ବେଳର ଦୃଶ୍ୟ ସିସିଟିଭିରେ ଥିବାରୁ ଏହାକୁ ଆଧାର କରି ତାଳଚେର ପୋଲିସ ତନାଘନା ଚଳାଇଥିଲା। ଶେଷରେ ପୋଲିସ ଏହି ଛିନତାଇ ଘଟଣାରେ ୨ ଅଭିଯୁକ୍ତ ଯାଜପୁର ଜିଲା ଜେନାପୁର ଥାନ କଳଣ୍ଡା ଗ୍ରାମର ସୁବାସ ସାହୁ ଓ ଢେଙ୍କାନାଳ ଜିଲା ଗଁଦିଆ ଥାନା ମୁକୁନ୍ଦପୁର ଗ୍ରାମର ଗିରିଜା ଶଙ୍କର ସ୍ୱାଇଁଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ କଟକ ଅଞ୍ଚଳର ଜିତେନ୍ଦ୍ର ମହାରଣା ଓ ସୁରେଶ କୁମାର ଜେଠି ସୁନା କ୍ରୟ କରିଥିଲେ। ଢେଙ୍କାନାଳ ଜିଲା ପିଙ୍କୁଆ ଗ୍ରାମର ପ୍ରତାପ ଚନ୍ଦ୍ର ପଣ୍ଡା, ଯାଜପୁର ଜିଲା କବାଟବନ୍ଧ ଗ୍ରାମର ବଟକୃଷ୍ଣ ମହାରଣା ଏବଂ ଯାଜପୁର ଜିଲା କଳଣ୍ଡା ଗ୍ରାମର ଗଙ୍ଗାଧର ସାହୁ ଏଥିରେ ମଧ୍ୟସ୍ଥ ସାଜିଥିଲେ ବୋଲି ସୂଚନା ଦିଆଯାଇଛି। ଅଭିଯୁକ୍ତ ଦ୍ୱୟ ଅନେକ ଛିନତାଇ ଓ ଲୁଟପାଟ ଘଟଣାରେ ଜଡ଼ିତ ଅଛନ୍ତି।

ସୋସିଆଲ ମିଡିଆ ଅପବ୍ୟବହାର କରି ବନ୍ଧା ହେଲେ ଯୁବକ

ବାଲିଗୁଡ଼ା/କ.ନୂଆଗାଁ,୨୨।୨ (ସଞ୍ଜୟ କୁମାର ପାଣିଗ୍ରାହୀ/ କାଳିପ୍ରସାଦ ତ୍ରିପାଠୀ)

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ଫଟୋକୁ ସୋସିଆଲ ମିଡିଆ ହ୍ୱାଟ୍ସଆପ୍ ଓ ଫେସ୍‌ବୁକରେ ପୋଷ୍ଟ କରି ହଇରାଣ କରୁଥିବାରୁ ଜଣେ ଯୁବକଙ୍କୁ କ.ନୂଆଗାଁ ପୋଲିସ ଶନିବାର ଜେଲ୍ ହାଜତକୁ ପଠାଇଥିବା ଜଣାପଡ଼ିଛି। ପ୍ରକାଶ ଯେ,ଟିକାବାଲି ଥାନା ଅଞ୍ଚଳର ପ୍ରକାଶ ନାୟକଙ୍କ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଅଠେଇଶ ବର୍ଷର ପୁଅ ରାଜେନ୍ଦ୍ର ନାୟକ ୩।୧୦।୨୩ ତାରିଖରେ ଜେଣେ ଝିଅର ଆପତ୍ତି ଜନକ ଫଟୋ ମୋବାଇଲରେ ପୋଷ୍ଟ କରିଥିବାରୁ ଝିଅ ଘର ପରିବାର ପକ୍ଷରୁ କ.ନୂଆଗାଁ ଥାନାରେ ଏତଲା ଦାଏର କରାଯାଇଥିଲା। ଏତଲାକୁ ଭିତ୍ତିକରି ତତ୍କାଳୀନ ଥାନାଧିକାରୀ କୁମର ମୁଦୁଲି ତଦନ୍ତ ଭାର ଗ୍ରହଣ କରି ଏ ସଂକ୍ରାନ୍ତରେ ଥାନାରେ ଧାରା ୪୫୨,୨୯୪,୩୪, ଆଇପିସି ସହିତ ୬୭-ଏରେ କେଶ ନଂ.୧୩୪/୨୩ ଅନୁସାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଅନୁସନ୍ଧାନ ଜାରି ରଖିଥିଲେ। ତେବେ ପୋଲିସ ତଦନ୍ତରେ ଉକ୍ତ ଅବୈଧ କାର୍ଯ୍ୟରେ ସମ୍ପୃକ୍ତ ରହିଥିବା ଅନ୍ୟମାନଙ୍କୁ ମଧ୍ୟ ଖୋଜୁଥିବା ବେଳେ ମୁଖ୍ୟ ଆସାମୀ ଡ୍ରାଇଭର ରାଜେନ୍ଦ୍ର ନାୟକଙ୍କୁ ଏବେ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଅଶୋକ କୁମାର ହାଁସଦା ପ୍ରକାଶ କରିଛନ୍ତି।

ସ୍ନାଇଡର ସତୀଶ୍‌ଙ୍କୁ ରିମାଣ୍ଡରେ ନେବ ବାହାର ରାଜ୍ୟ ପୋଲିସ

ଭୁବନେଶ୍ୱର,୨୨।୨(ସତ୍ୟଜିତ୍ ରାଉତ)

ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାରେ ଆନ୍ତଃରାଜ୍ୟ ଚୋର ସତୀଶ୍ ରେଡ୍ଡୀ ଓରଫ୍ ସ୍ନାଇଡର ସତୀଶ୍ ଝାରପଡ଼ା ଜେଲରେ ରହିଛନ୍ତି। ତେବେ ସେ ଓଡ଼ିଶା ଭଳି ଅନ୍ୟ ୫ ରାଜ୍ୟରେ ଅପରାଧ ଘଟାଇଥିବାରୁ କମିଶନରେଟ୍ ପୋଲିସ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି। ସତୀଶଙ୍କୁ ୫ ଦିନିଆ ରିମାଣ୍ଡରେ ଆଣି ପାଇଥିବା ଏ ସଂକ୍ରାନ୍ତ ତଥ୍ୟକୁ ସେସବୁ ରାଜ୍ୟ ପୋଲିସକୁ ଦିଆଯାଇଛି। ଖୁବ୍‌ଶୀଘ୍ର ବାହାର ରାଜ୍ୟ ପୋଲିସ ସତୀଶ୍‌ଙ୍କୁ ରିମାଣ୍ଡରେ ନେଇ ରହିଥିବା ମାମଲାର ତଦନ୍ତ କରିବ ବୋଲି ସୂଚନା ମିଳିଛି। ସତୀଶ୍‌ଙ୍କ ନାଁରେ ୭୦ରୁ ଊର୍ଦ୍ଧ୍ୱ ମାମଲା ଥିବାବେଳେ ସେ ୧୨ଥର ଜେଲ ଯାଇଛନ୍ତି। ଶନିବାର ଡସପ ପନାକ ମିଶ୍ର ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରିମାଣ୍ଡ ବେଳେ ସତୀଶ୍‌ଙ୍କଠାରୁ ଅନେକଗୁଡ଼ିଏ ତଥ୍ୟ ହାସଲ ହୋଇଛି। ସେ କେତେ ଅପରାଧ ଘଟାଇଛନ୍ତି, କେଉଁ କେଉଁ ଅଞ୍ଚଳରେ ସକ୍ରିୟ ଅଛନ୍ତି ଆଦିକୁ ନେଇ ଏକ ସମ୍ପୂର୍ଣ୍ଣ ପଚରାଉଚରା ରିପୋର୍ଟ ପ୍ରସ୍ତୁତ ହୋଇଛି। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ତାମିଲନାଡୁ, କେରଳ ଆଦି ରାଜ୍ୟର ପୋଲିସ ଆମକୁ ଯୋଗାଯୋଗ କରିଛନ୍ତି। ବାହାର ରାଜ୍ୟ ପୋଲିସର ସ୍ପେଶାଲ ୟୁନିଟ୍‌କୁ ସତୀଶ୍ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ଉକ୍ତ ରାଜ୍ୟର ପୋଲିସ ଓଡ଼ିଶା ଆସି ସତୀଶ୍‌ଙ୍କୁ ପୁଣିଥରେ ରିମାଣ୍ଡରେ ନେଇପାରିବେ ବୋଲି ଡିସିପି ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ଜାନୁଆରୀ ୨୫ ବିଳମ୍ବିତ ରାତିରେ ନିରଞ୍ଜନଙ୍କ ନୟାପଲ୍ଲୀସ୍ଥିତ ଘରୁ ସତୀଶ୍ ଚୋରି କରିବା ପରେ ଏକ ଭଡ଼ାକାରରେ ଫେରାର ହୋଇଯାଇଥିଲେ। ଏହାପରେ କମିଶନରେଟ୍ ପୋଲିସ ୪୦୦ ସିସିଟିଭି ଫୁଟେଜ୍ ଯାଞ୍ଚ, ୫୦ ହାର୍ଡକୋର୍ ଚୋରଙ୍କ ହିଷ୍ଟ୍ରି ୪ ରାଜ୍ୟରେ ଛାନ୍‌ଭିନ କରିବାର ୧୮ ଦିନ ପରେ ଆନ୍ଧ୍ରପ୍ରଦେଶର ବିଜୟନଗରମରୁ ସତୀଶ୍‌ଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଗୋଟିଏ କାର୍, ବହୁ ସୁନା ଅଳଙ୍କାର, ମୋବାଇଲ ଫୋନ, ନଗଦ ୭ ଲକ୍ଷ ଟଙ୍କା, ଅପରାଧ ବେଳେ ବ୍ୟବହୃତ ପୋଷାକ, ଟର୍ଚ୍ଚ ଲାଇଟ୍ ଆଦି ଜବତ ହୋଇଥିଲା। ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ଶୁକ୍ରବାର ପୁଣି ଜେଲକୁ ପଠାଇ ଦିଆଯାଇଥିଲା।

ସରପଞ୍ଚଙ୍କ ପୁଅ ନିର୍ବାହୀ ଅଧିକାରୀ, ତାଙ୍କ ଭାଇ ଗିରଫ

ସରକାରୀ ଟଙ୍କା ଆତ୍ମସାତ୍

ନୂଆପଡ଼ା/କୋମନା,୨୨।୨ (ମକାରୁ ବେମାଲ/ସୋବିନ ଛତ୍ରିଆ)

ଗିରଫ ଦୁଇ ଭାଇ ସତ୍ୟବ୍ରତ ଓ ଉତ୍ତମ

ସରକାରୀ ଟଙ୍କା ଆତ୍ମସାତ୍ ଅଭିଯୋଗରେ ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ପଞ୍ଚାୟତ ସରପଞ୍ଚଙ୍କ ୨ ପୁଅ ଶନିବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। କୋରାପୁଟ ଦୁର୍ନୀତି ନିବାରଣ ବିଭାଗ ୨ ଅଭିଯୁକ୍ତଙ୍କୁ ଗିରଫ କରି ଭବାନୀପାଟଣା ଦୁର୍ନୀତି ନିବାରଣ କୋର୍ଟରେ ହାଜର କରିଛି। ସେମାନେ ହେଲେ କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ଉଦ୍ୟାନବନ୍ଧ ଗାଁର ସତ୍ୟବ୍ରତ ବରାଳ ଓ ତାଙ୍କ ଭାଇ ଉତ୍ତମ କୁମାର ବରାଳ । କଳାହାଣ୍ଡି ଜିଲା ଭବାନୀପଟଣାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୋରାପୁଟ ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକ ପି.କେ. ଦ୍ୱିବେଦୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ତାଙ୍କ ସୂଚନା ମୁତାବକ, କୁରେଶ୍ୱର ପଞ୍ଚାୟତରେ ୭ ଲକ୍ଷ ୨୦ ହଜାର ୯୮୧ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ ହୋଇଥିଲା। କୁରେଶ୍ୱର ସରପଞ୍ଚ ବିଜୟଲକ୍ଷ୍ମୀ ବରାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବରୁଣ ଦାସ କାମ ନ କରି କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ଦ୍ୱାରା ପରିଚାଳିତ ଟଙ୍କା ହଡ଼ପ କରିଥିଲେ। ସେଥିରେ ହାଇମାଷ୍ଟ ଲାଇଟ ସ୍ଥାପନ, ଷ୍ଟ୍ରିଟ୍ ଲାଇଟ୍ ମରାମତି ଆଦି କାମ ସାମିଲ ଥିଲା। ହେଲେ କୌଣସି କାମ କରା ନ ଯାଇ ସମସ୍ତ ଅର୍ଥ ଆତ୍ମସାତ୍ କରାଯାଇଥିଲା। ଏହା ଉପରେ ତଦନ୍ତ କରି ଜିଲା ପ୍ରଶାସନ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବରୁଣ ଦାସଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। କିନ୍ତୁ ଏହାର ଚେର ଲମ୍ବିଥିବା ଅଭିଯୋଗ ପାଇ କୋରାପୁଟ ଦୁର୍ନୀତି ନିବାରଣ ବିଭାଗ ତଦନ୍ତ କରିଥିଲା। ତଦନ୍ତ ପରେ ହଡ଼ପ ହୋଇଥିବା ୭ ଲକ୍ଷ ୨୦ ହଜାର ୯୮୧ ଟଙ୍କା ନିର୍ବାହୀ ଅଧିକାରୀ ବରୁଣ ଦାସଙ୍କ ବ୍ୟାଙ୍କଖାତାକୁ ଯାଇଥିବା ଜଣାପଡିଥିଲା। ପୁନଶ୍ଚ ପିଇଓ ଦାସଙ୍କ ଖାତାରୁ ୪ ଲକ୍ଷ ୨୦ ହଜାର ଟଙ୍କା ସରପଞ୍ଚଙ୍କ ପୁଅ ତଥା ସିନାପାଲି ବ୍ଲକ ଘୁଚାଗୁଡା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବ୍ରତ ବରାଳ ଓ ତାଙ୍କ ଭାଇ ଉତ୍ତମ କୁମାର ବରାଳଙ୍କ ଖାତାକୁ ଯାଇଥିବା ଜଣାପଡିଥିଲା। ଏହାପରେ କୋରାପୁଟ ଭିଜିଲାନ୍ସ ବିଭାଗ ସରପଞ୍ଚଙ୍କ ଦୁଇ ପୁଅଙ୍କୁ ଜଡ଼ାମୁଣ୍ଡା ବସ୍‌ଷ୍ଟାଣ୍ଡସ୍ଥିତ ତାଙ୍କ ଫାର୍ମ ହାଉସରୁ ଗିରଫ କରି କୋର୍ଟ ଚାଲାଣ କରିଛି।

ନାବାଳିକାଙ୍କୁ ବଳାତ୍କାର ମାମଲା ଦୋଷୀ ବାପାଙ୍କୁ ୧୨ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୨।୨(ସତ୍ୟଜିତ୍ ରାଉତ)

ନାବାଳିକା ଝିଅଙ୍କୁ ବଳାତ୍କାର ମାମଲାରେ ଭୁବନେଶ୍ୱର ଆଡହକ୍ ଅତିରିକ୍ତ ଦୌରାଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ)ର ବିଚାରପତି ସରୋଜ କୁମାର ସାହୁ ଶନିବାର ରାୟ ପ୍ରକାଶ କରିଛନ୍ତି। ଦୋଷୀ ବାପାଙ୍କୁ ୧୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟ ଅଧିକ ୫ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୋର୍ଟ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ବାପା ପାଣ୍ଡରା ଅଞ୍ଚଳରେ ପରିବାର ସହ ରହୁଥିଲେ। ସବୁଦିନ ମଦ୍ୟପାନ କରି ଘରେ ଝଗଡ଼ା କରୁଥିଲେ। ଏହାକୁ ସ୍ତ୍ରୀ ବିରୋଧ କରିବାରୁ ସେ ତାଙ୍କୁ ମାଡ଼ ମାରୁଥିଲେ। ଗତ ୨୦୨୧ ଜୁନ୍ ୧ ଅପରାହ୍ନରେ ବଡ଼ଝିଅଙ୍କୁ ନେଇ ମା' ନିକଟ ହସ୍ପିଟାଲକୁ ଯାଇଥିଲେ। ଏହି ସମୟରେ ସାନଝିଅକୁ ଘରେ ଏକୁଟିଆ ପାଇ ବାପା ବଳାତ୍କାର କରିଥିଲେ। ମା' ଘରକୁ ଫେରିବା ପରେ ପୀଡ଼ିତା ଝିଅ ବାପାଙ୍କ କାଣ୍ଡ ବିଷୟରେ ସବୁ ଖୋଲି କହିଥିଲେ। ଏହା ଜାଣିବା ପରେ ମା' ଭାଙ୍ଗିପଡ଼ିବା ସହ କି ପଦକ୍ଷେପ ନେବେ ହଠାତ୍ ନିଷ୍ପତ୍ତି ନେଇପାରି ନ ଥିଲେ। ଜୁନ୍ ୯ରେ ସେ ମହିଳା ଥାନାକୁ ଯାଇ ସ୍ୱାମୀଙ୍କ ବିରୋଧରେ ଏତଲା ଦେଇଥିଲେ। ଏନେଇ ପୋଲିସ ପୋକ୍‌ସୋ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ମାମଲା (ନଂ.୬୨/୨୦୨୧) ରୁଜୁକରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାର ବିଚାରକରି ବିଚାରପତି ୧୨ଜଣଙ୍କ ସାକ୍ଷ୍ୟ ଓ ପ୍ରଯୁକ୍ତ ଦସ୍ତାବିଜକୁ ଆଧାରକରି ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ସାସ୍‌ମଲ, ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ବଳରାମ ଦେଓ ମାମଲା ପରିଚାଳନା କରିଥିଲେ।

ଷ୍ଟିଲ ସିଟିରେ ଠିକାଦାରଙ୍କୁ ଗୁଳିମାଡ଼

**ରାଉରକେଲା,୨୨।୨(ସ

୨୪ରୁ ୬ଷ୍ଟ ଓଡ଼ିଶା ଟ୍ରାଭେଲ ବଜାର

ଭୁବନେଶ୍ୱର, ୨୨।୨ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ୪ ଦିନିଆ ଓଡ଼ିଶା ଟ୍ରାଭେଲ ବଜାର ପ୍ରଦର୍ଶନୀର ଆୟୋଜନ କରାଯାଉଛି। ଏପରିକି ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଫିକ୍କି)ର ସହଭାଗିତାରେ ଓଡ଼ିଶା ଟ୍ରାଭେଲ ବଜାରର ୬ଷ୍ଠ ସଂସ୍କରଣ ୨୦୨୫ ଫେବୃଆରୀ ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି। ଏପରିକି ଏହି ପ୍ରମୁଖ ପ୍ରଦର୍ଶନୀ ଏକ ଅଗ୍ରଣୀ ଅନ୍ତର୍ଜାତୀୟ ଭ୍ରମଣ ଗନ୍ତବ୍ୟସ୍ଥଳୀ ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ ମେ'ଫେୟାର ହୋଟେଲରେ କରାଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ରାଜ୍ୟର ସାଂସ୍କୃତିକ ଐତିହ୍ୟ, ଶାନ୍ତ ବେଳାଭୂମି, ଇକୋ-ଟୁରିଜମ୍ ଓ ଆଡେଭଞ୍ଚର ଟୁରିଜମ୍ ଅଫରିଂଗୁଡିକୁ ହାଇଲାଇଟ କରିଥିଲେ। ସେହିଭଳି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ବଲୱନ୍ତ ସିଂହ ଓଡ଼ିଶାର ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖିଥିବା ରାଜ୍ୟ ସରକାର ପର୍ଯ୍ୟଟନ ନୀତି, ପଦକ୍ଷେପ ଓ ରଣନୈତିକ ଦୃଷ୍ଟିକୋଣ ଉପରେ ମୂଲ୍ୟବାନ୍ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ପର୍ଯ୍ୟଟନ ବିଭାଗର ସଚିବ ସମର୍ଥ ବର୍ମା ୬ଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି। ଏହି ଅବସରରେ ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ବଲୱନ୍ତ ସିଂହ ଏବଂ ସଚିବ ସମର୍ଥ ବର୍ମା ଉପସ୍ଥିତ ଅଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ପ୍ରଦର୍ଶନୀରେ ଭାରତର ୩୦ରୁ ଅଧିକ ସହରର ପ୍ରାୟ ୧୦୦ ଘରୋଇ ଟୁର୍ ଅପରେଟର ଏବଂ ଅଷ୍ଟ୍ରେଲିଆ, ୟୁକେ, ଜର୍ମାନୀ, ବେଲଜିୟମ, ଦକ୍ଷିଣ ଆଫ୍ରିକା, ସ୍ପେନ୍ ଓ ସିଙ୍ଗାପୁର ଭଳି ୧୭ଟି ଦେଶରୁ ୩୦ରୁ ଅଧିକ ବିଦେଶୀ ଟୁର୍ ଅପରେଟର ଅଂଶଗ୍ରହଣ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ୭୦ଜଣ ସେଲର, ଘରୋଇ ଟୁର୍ ଅପରେଟର (ଡିଟିଓ) ଓ ବିଦେଶୀ ଟୁର୍ ଅପରେଟର (ଏଫ୍‌ଟିଓ)ଙ୍କ ମଧ୍ୟରେ ବି୨ବି ବୈଠକଗୁଡିକ ଉପରେ ଗୁରୁତ୍ୱ ଦେବ । ଏଥିସହ ଅଂଶଗ୍ରହଣକାରୀମାନେ ଭିତରକନିକା, ରଘୁରାଜପୁର, ପୁରୀ-କୋଣାର୍କ, ଡାଇମଣ୍ଡ ଟ୍ରାଏଙ୍ଗୋଲ ଭଳି ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀକୁ ଯାତ୍ରା କରିବେ। ଏହି କାର୍ଯ୍ୟକ୍ରମ ସମୟରେ ସେଲରମାନଙ୍କ ସହ ପୂର୍ବ ନିର୍ଦ୍ଧାରିତ ବୈଠକ ଧାର୍ଯ୍ୟ କରାଯାଇଛି। ଏହାବ୍ୟତୀତ ବି୨ଜି ବୈଠକ ଓ ଆଡଭେଞ୍ଚର ୱାର୍କଶପ ଉକ୍ତ କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ହେବାକୁ ଯାଉଛି। ଓଡ଼ିଶା ଟ୍ରାଭେଲ ବଜାର ୨୦୨୫ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ବିଶ୍ୱବ୍ୟାପୀ ଭ୍ରମଣକାରୀଙ୍କ ପାଇଁ ଏକ ନିଶ୍ଚିତ ଭ୍ରମଣ ଗନ୍ତବ୍ୟସ୍ଥଳୀ ଭାବେ ରାଜ୍ୟକୁ ଅବସ୍ଥାପିତ କରିବା କ୍ଷେତ୍ରରେ ଏକ ଉଲ୍ଲେଖନୀୟ କାର୍ଯ୍ୟକ୍ରମରେ ପରିଣତ ହେବା ପାଇଁ ପ୍ରସ୍ତୁତ ରହିଛି।

ରିଅଲ୍‌ମି ପିମ୍ବୀ ସିରିଜ

ନୂଆଦିଲ୍ଲୀ,୨୨।୨

ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ 'ରିଅଲ୍‌ମି'ର ବହୁ ପ୍ରତୀକ୍ଷିତ ମଡେଲ ତଥା ରିଅଲ୍‌ମି ପିମ୍ବୀ ସିରିଜ ୫ଜିର ଶୁଭାରମ୍ଭ (ଲଞ୍ଚିଂ) ନିକଟରେ ହୋଇଯାଇଛି। ଏପରିକି ଏହି ସରିଜି ଉତ୍ପାଦକୁ ଭାରତ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି। ସେହିଭଳି ବ୍ରାଣ୍ଡ କାର୍ଯ୍ୟଦକ୍ଷତା, ସ୍ଥାୟିତ୍ୱ ଏବଂ ଷ୍ଟାଇଲ ଆଦି ଦିଗ ଉପରେ ଗୁରୁତ୍ୱ ଦେବା ସହ ଏହି ସ୍ମାର୍ଟଫୋନଗୁଡିକ ମିଡ୍-ରେଞ୍ଜ ସେଗ୍‌ମେଣ୍ଟରେ ନୂଆ ବେଞ୍ଚ୍‌ମାର୍କ ସ୍ଥାପନ କରିଛି। ବିଶେଷକରି ବ୍ରାଣ୍ଡର ଉପଭୋକ୍ତାଙ୍କ ପାଇଁ ସେଗ୍‌ମେଣ୍ଟ ପ୍ରଥମ ଉଦ୍ଭାବନ ଆଣିବା ପାଇଁ ରିଅଲ୍‌ମିର ପ୍ରତିବଦ୍ଧତାକୁ ଏହା ସୁଦୃଢ଼ କରିଛି। ସେହିପରି ରିଅଲ୍‌ମି ପିମ୍ବୀ ପ୍ରୋ ୫ଜି ସେଗ୍‌ମେଣ୍ଟର ପ୍ରଥମ ସ୍ନାପ୍‌ଡ୍ରାଗନ ୭ଏସ୍ ଜେନ ୩ ଚିପ୍‌ସେଟ ଓ ଉଜ୍ଜ୍ୱଳ ଅଭିନବ ଗ୍ଲୋ-ଇନ୍-ଦ-ଡାର୍କ ଡିଜାଇନ ସହ ଆସୁଛି। ଏଥିରେ ୮୦ୱାଟ ଅଲଟ୍ରା-ଫାଷ୍ଟ ଚାର୍ଜିଙ୍ଗ ସହ ସେଗ୍‌ମେଣ୍ଟ-ଅଗ୍ରଣୀ ୬୦୦୦ଏମ୍‌ଏଏଚ୍ ଟାଇଟାନ ବ୍ୟାଟେରି ରହିଥିଲାବେଳେ ରିଅଲ୍‌ମି ପିମ୍ବୀଏକ୍ସ ୫ଜିରେ ଅନେକ ବୈଶିଷ୍ଟ୍ୟକୁ ସାମିଲ କରାଇଛି।

ମୁଥୁଟ୍ ଫାଇନାନ୍ସର ନୂତନ ଅଭିଯାନ

ନୂଆଦିଲ୍ଲୀ,୨୨।୨

ମୁଥୁଟ୍ ଫାଇନାନ୍ସର ନୂତନ ଅଭିଯାନ ତଥା ସୁନେରୀ ସୋଚ ସିଜନ ୩'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଭିଯାନ ସର୍ବଭାରତୀୟ ସ୍ତରରେ ଆରମ୍ଭ ହୋଇଯାଇଛି। ସେହିଭଳି କମ୍ପାନୀର ସୁନାରଣର ପ୍ରଚାରପ୍ରସାର ପାଇଁ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ସହ ସ୍ୱତନ୍ତ୍ର ଭାବେ ବ୍ରାଣ୍ଡର ଗୁଣବତ୍ତା ଓ ଉତ୍ପାଦ ସୁବିଧା ସମ୍ପର୍କରେ ବର୍ଣ୍ଣନା କରିବେ। ଅପରପକ୍ଷରେ ଏହି ଅଭିଯାନ ୨୦୨୫ ଫେବୃଆରୀ ୨୪ରୁ ରେଡିଓ ସିଟି ୯୧.୧ ଏଫ୍‌ଏମ୍ ଏବଂ ମିର୍ଚ୍ଚି ୯୮.୩ଏଫ୍‌ଏମ୍‌ରେ ମଧ୍ୟ ପ୍ରସାରିତ ହେବ। ବିଶେଷକରି ଆଶାୟୀ ଗ୍ରାହକଙ୍କ ଆବଶ୍ୟକତା ପୂରଣ ଏବଂ ଆର୍ଥିକ ସଶକ୍ତୀକରଣ ପାଇଁ ବ୍ରାଣ୍ଡ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏ ସମ୍ପର୍କରେ ମୁଥୁଟ୍ ଗ୍ରୁପ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକ୍‌ଜାଣ୍ଡର ଜର୍ଜ ମୁଥୁଟ୍ କହିଥିଲେ, ଆମେ ଆମର ଏହି ଅଭିଯାନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। କ୍ରମାଗତ ୨ବର୍ଷର ଉଲ୍ଲେଖନୀୟ ସଫଳତା ସହ ୩ୟ ସଂସ୍କରଣରେ ମଧ୍ୟ ଗ୍ରାହକଙ୍କ ଆବଶ୍ୟକତା ପୂରଣ ସହ ବ୍ରାଣ୍ଡର ସୁବିଧା ଓ ଆର୍ଥିକ ସହାୟତା ଗ୍ରାହକଙ୍କୁ ଯୋଗାଇଦେବା ପ୍ରତିଶ୍ରୁତିବଦ୍ଧ ଅଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

ଏଏସ୍‌ବିଏମ୍‌ରେ ଆନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର,୨୨।୨

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ଏକ ୨ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି 'ନାଭିଗେଟିଂ ଦି ଫ୍ୟୁଚର: ମ୍ୟାନେଜମେଣ୍ଟ ଷ୍ଟ୍ରାଟେଜିଜ୍ ଫର୍ ସଷ୍ଟେନେବଲ ଟ୍ରାନ୍ସଫରମେଶନ' ଶୀର୍ଷକ ବିଷୟ ଉପରେ ଗତ ୨ଦିନ ଧରି ଇମକନ୍-୨୦୨୫ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ଭିଲନିୟସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଯୁକ୍ତରାଷ୍ଟ୍ର ଆମେରିକାର ଏଡୁ-ପାର୍ଟନର୍ସ କର୍ପୋରେଶନର ସଂସ୍ଥାପକ ପ୍ରଫେସର ଡ. ଡଗ୍‌ଲାସ୍ ଗିଲ୍‌ବର୍ଟ ଯୋଗଦେଇଥିଲେ। ସେହିଭଳି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କୁଳାଧକ୍ଷ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ପୌରୋହିତ୍ୟରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

ଏହି ପରିପ୍ରେକ୍ଷୀରେ ହରିଚନ୍ଦନ ସ୍ଥାୟୀ ରୂପାନ୍ତୀକରଣ ଦିଗରେ ଓଡ଼ିଶା ସରକାର ଅଙ୍ଗୀକାରବଦ୍ଧ ଓ ବହୁ ଫଳପ୍ରସୂ ପଦକ୍ଷେପ ମାନ ହାତକୁ ନେଇଛନ୍ତି ବୋଲି ସୂଚନା ଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ଗିଲ୍‌ବର୍ଟ ତାଙ୍କ ବକ୍ତବ୍ୟରେ ଯେନ-ଜେଡ୍ ଓ ଯେନ ଆଲ୍‌ଫା ତତ୍ତ୍ୱର ଅବତାରଣାକରି ଏହା କିପରି ଭବିଷ୍ୟତ ପୃଥିବୀର ନୂତନ ତଥା ନିର୍ଣ୍ଣାତ୍ମକ ରୂପରେଖ ପ୍ରସ୍ତୁତ କରୁଛି ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। କୁଳାଧକ୍ଷ ପ୍ରଫେସର ପଟ୍ଟନାୟକ ତାଙ୍କ ଅଭିଭାଷଣରେ ସ୍ଥାୟୀ ରୂପାନ୍ତୀକରଣ ଲାଗି ତିନୋଟି ପ୍ରମୁଖ କାରଣ ଯଥା ସାହସିକ ନେତୃତ୍ୱ, ପ୍ରଭାବଶାଳୀ କାର୍ଯ୍ୟକରଣ ଓ ସମନ୍ୱିତ ଅଂଶୀଦାରୀ ଆଦି ତତ୍ତ୍ୱ ଚିହ୍ନଟ କରିଥିଲେ। ସେହିପରି କୁଳପତି ପ୍ରଫେସର ଡ. ରଞ୍ଜନ କୁମାର ବଳ ସ୍ୱାଗତ ଭାଷଣ ଦେଇଥିଲାବେଳେ ନିର୍ଦ୍ଦେଶିକା ତଥା ଇମକନ୍ ଚେୟାର ପ୍ରଫେସର ଡ. ସ୍ମାରକୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ବେଦାନ୍ତ ଗ୍ରୁପ୍‌ର ଚେୟାରମ୍ୟାନ ଅନିଲ ଅଗ୍ରୱାଲ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଅନିଲ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟରେ ପୁଞ୍ଜିନିବେଶ ବିଷୟରେ ଆଲୋଚନା କରିଛନ୍ତି।

ଜିଓ ଥିଙ୍ଗସ୍ ସହ ପ୍ୟୋର ଇଭିର ବୁଝାମଣା

ନୂଆଦିଲ୍ଲୀ,୨୨।୨

ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍‌ର ସହାୟକ ସଂସ୍ଥା ଜିଓ ଥିଙ୍ଗସ୍ ଲିମିଟେଡ୍ ଏବଂ ପ୍ୟୋର ଇଭି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ବୁଝାମଣା ଅନୁଯାୟୀ ଦେଶର ପ୍ରମୁଖ ଦୁଇଚକିଆ ବୈଦ୍ୟୁତିକ ଯାନ ନିର୍ମାତା ପ୍ୟୋର ଇଭି ତା'ର ମଡେଲରେ ସ୍ମାର୍ଟ ଡିଜିଟାଲ କ୍ଲଷ୍ଟର ଏବଂ ଟେଲିମେଟିକ୍ସକୁ ଯୋଡ଼ିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଅପରପକ୍ଷରେ ଏହି ସହଭାଗିତାର ଉଦ୍ଦେଶ୍ୟ ହେଉଛି, ଉନ୍ନତ ଆଇଓଟି ସମାଧାନ, ନିରବଚ୍ଛିନ୍ନ ସଂଯୋଗ ଏବଂ ସାମଗ୍ରିକ ଡିଜିଟାଲ ଏକତ୍ରୀକରଣର ଉପଯୋଗକରି ବ୍ରାଣ୍ଡ ଉପଭୋକ୍ତା ଅଭିଜ୍ଞତାକୁ ନୂଆ ରୂପ ଦେବ। ପ୍ୟୋର ଇଭି ତା'ର ଇଲେକ୍ଟ୍ରିକ ଦୁଇଚକିଆ ଯାନଗୁଡ଼ିକରେ ଏଣ୍ଡ-ଟୁ-ଏଣ୍ଡ ଆଇଓଟି ସଲ୍ୟୁଶନ ଅନ୍ତର୍ଭୁକ୍ତ ଥିବା ଜିଓ ଥିଙ୍ଗସ୍ ସ୍ମାର୍ଟ ଡିଜିଟାଲ କ୍ଲଷ୍ଟରର ଏକତ୍ରୀକରଣ କରିବ। ଯାହା ସେମାନଙ୍କ କାର୍ଯ୍ୟକାରିତା ଏବଂ ଇଣ୍ଟରଆକ୍ଟିଭିଟିକୁ ବଢ଼ାଇବ। ୪ଜି ସଂଯୋଗ ଦ୍ୱାରା ସକ୍ଷମ ଟେଲିମାଟିକ୍ସର ଅନ୍ତର୍ଭୁକ୍ତୀକରଣ ଦ୍ୱାରା ଗ୍ରାହକମାନେ ରିଅଲ ଟାଇମରେ ଯାନର କାର୍ଯ୍ୟଦକ୍ଷତା ନିରୀକ୍ଷଣ ଏବଂ ଅଧିକ ଦକ୍ଷ ପରିଚାଳନା ପାଇଁ ଉପଯୋଗୀ ଧାରଣା ହାସଲ କରିପାରିବେ। ଜିଓ ଥିଙ୍ଗସ୍ ୪ଜି ସ୍ମାର୍ଟ ଡିଜିଟାଲ କ୍ଲଷ୍ଟର ଆଣ୍ଡ୍ରଏଡ୍ ଓପନ ସୋର୍ସ ପ୍ରୋଜେକ୍ଟ (ଏଓଏସ୍‌ପି) ଉପରେ ଆଧାରିତ ଅବନିଓଏସ୍‌ର ବ୍ୟବହାର କରିଥାଏ। ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍‌ର ସଭାପତି ଆଶିଷ ଲୋଧା କହିଛନ୍ତି, 'ଇଲେକ୍ଟ୍ରିକ୍ ମୋବିଲିଟି କ୍ଷେତ୍ରରେ ଉଦ୍ଭାବନ ଏବଂ ଉତ୍କର୍ଷ ପ୍ରତି ଆମ ଭଳି ସମାନ ଦୃଷ୍ଟିକୋଣ ରଖିଥିବା କମ୍ପାନୀ ପ୍ୟୋର ଇଭି ସହିତ ହାତ ମିଳାଇ ଆମେ ଆନନ୍ଦିତ।

ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ 'ସାଗର କବଚ'

ଭୁବନେଶ୍ୱର,୨୨।୨

ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ଦ୍ୱାରା ପରିଚାଳିତ ୨ଦିନିଆ ସୁରକ୍ଷା ଅଭ୍ୟାସ 'ସାଗର କବଚ' ପଶ୍ଚିମବଙ୍ଗର ଉପକୂଳ ସୁରକ୍ଷା ବ୍ୟବସ୍ଥାର ପରୀକ୍ଷଣ କରାଯାଇଛି। ୨୧ ଓ ୨୨ ତାରିଖରେ ଅନୁଷ୍ଠିତ ଏହି ବ୍ୟାୟାମର ଉଦ୍ଦେଶ୍ୟ ଥିଲା ରାଜ୍ୟ ପାଇଁ ଉପକୂଳ ସୁରକ୍ଷା ମାନକ ଅପରେଟିଂ ପ୍ରଣାଳୀ (ଏସ୍‌ଓପି)କୁ ବୈଧ ୧୫୮ କି.ମି. ଦୀର୍ଘ ତଟରେ ଅନ୍ତର୍ଭୁକ୍ତ କରିବା। କୋଷ୍ଟଗାର୍ଡ କମାଣ୍ଡରଙ୍କ ଦ୍ୱାରା ସଂଯୋଜିତ ଏହି ଅଭ୍ୟାସ ହଳଦିଆସ୍ଥିତ କୋଷ୍ଟଗାର୍ଡ ଜିଲା ମୁଖ୍ୟାଳୟ ନମ୍ବର ୮ ରେ ଥିବା ରାଜ୍ୟ ଉପକୂଳ ସୁରକ୍ଷା ଅପରେଶନ ସେଣ୍ଟରରୁ ପରିଚାଳିତ ହୋଇଥିଲା। ଏଥିରେ ଆତଙ୍କବାଦୀ ଅବତରଣ ପାଇଁ ମତ୍ସ୍ୟଜୀବୀ ଡଙ୍ଗା ଚୋରି, ଚୋରା ଚାଲାଣ ରୋକୋ, ବ୍ୟାରେଜ ଚୋରି, ଅପ୍ରାକୃତିକ ବିସ୍ଫୋରକ ଉପକରଣ ଲଗାଇବା ଏବଂ ଉପକୂଳର ଭିତ୍ତିଭୂମି ଉପରେ ଆକ୍ରମଣ ଭଳି ସୁରକ୍ଷା ପରିସ୍ଥିତି ଅନୁକରଣ କରାଯାଇଥିଲା। ଏହି ବ୍ୟାୟାମରେ ଆଇସିଜି, ନୌସେନା, ପୋଲିସ, ସିଏସ୍‌ଏଫ୍, ବିଏସ୍‌ଏଫ୍ ଏବଂ କଷ୍ଟମ୍ସ ଦ୍ୱାରା ସକ୍ରିୟ ସାମୁଦ୍ରିକ ତଥା ନଦୀ ପାଟ୍ରୋଲିଂ ଅନ୍ତର୍ଭୁକ୍ତ ଥିଲା। ସାମୁଦ୍ରିକ ସୁରକ୍ଷା ବ୍ୟତୀତ ଜିଲା ପୋଲିସ ଫୋର୍ସ ଏବଂ ଜଙ୍ଗଲ ବିଭାଗ ଉପକୂଳବର୍ତ୍ତୀ ପାଟ୍ରୋଲିଂ କାର୍ଯ୍ୟ କରୁଥିବାବେଳେ ସ୍ଥାନୀୟ ମତ୍ସ୍ୟଜୀବୀ ନିରୀକ୍ଷଣ ଗୋଷ୍ଠୀ ସୁରକ୍ଷା ବାହିନୀର ସକ୍ରିୟ ହୋଇ ଗୁପ୍ତଚର ସହାୟତା ପ୍ରଦାନ କରିଥିଲେ।

ତଟରକ୍ଷୀ ବାହିନୀ ପକ୍ଷରୁ ଯାଞ୍ଚ କରାଯାଉଛି। ଏହି ଅବସରରେ ବିଭାଗୀୟ ଅଧିକାରୀ ଓ ମତ୍ସ୍ୟଜୀବୀମାନେ ଉପସ୍ଥିତ ଅଛନ୍ତି।

ତନେଇରାର ନୂତନ କଲେକ୍ସନ

ଭୁବନେଶ୍ୱର,୨୨।୨

ଦେଶର ପ୍ରମୁଖ ଗାର୍ମେଣ୍ଟସ୍ ବ୍ରାଣ୍ଡ ତଥା ଟାଟା ପ୍ରଡକ୍ଟ 'ତନେଇରା'ର ନୂତନ କଲେକ୍ସନ 'ପରିଚୟ'ର ଅନାବରଣ ଶନିବାର ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନସ୍ଥିତ ବ୍ରାଣ୍ଡର ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ହୋଇଯାଇଛି। ଅପରପକ୍ଷରେ ଏକ ୭ ଦିନିଆ ପ୍ରଦର୍ଶନୀ 'ପରିଚୟ'ର ଶୁଭାରମ୍ଭ ମଧ୍ୟ କରାଯାଇଛି। ଏହି ପ୍ରଦର୍ଶନୀ ୨୦୨୫ ଫେବୃଆରୀ ୨୮ ପର୍ଯ୍ୟନ୍ତ ଜାରି ରହିବ। ପ୍ରତିଦିନ ପୂର୍ବାହ୍ନ ୧୧ ଘଟିକାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ସବୁ ବର୍ଗର ଗ୍ରାହକଙ୍କ ପାଇଁ ଖୋଲା ରହିଛି। ଉକ୍ତ ପ୍ରଦର୍ଶନୀ ଗ୍ରାହକଙ୍କୁ ଭାରତର ସମୃଦ୍ଧ ଟେକ୍‌ଷ୍ଟାଇଲ ଐତିହ୍ୟର ଏକ ଅନନ୍ୟ ଯାତ୍ରାକୁ ନେଇଯିବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ତନେଇରା ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ତନେଇରାର ଏବିଏମ୍(ଇଷ୍ଟ) ନୀତୀଶ ପରାସରୀ ଏବଂ ବିଏ ମାଣିକ ହଂସ ଯୋଗଦେଇ ଉଭୟ କଲେକ୍ସନ ଏବଂ ପ୍ରଦର୍ଶନୀ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ବିରଳ ଐତିହ୍ୟ ହସ୍ତଶିଳ୍ପ ମାଧ୍ୟମରେ ପୌରାଣିକ ରାଣୀ ଏବଂ ଚରିତ୍ରମାନଙ୍କ ମନମୋହକ କାହାଣୀକୁ ପ୍ରକାଶକରି 'ପରିଚୟ' ଭାରତର କଳାତ୍ମକ ଐତିହ୍ୟକୁ ଉତ୍ତୋଳନ କରୁଛି। ଏଠାରେ ଶତାବ୍ଦୀ ପୁରୁଣା ବୟନ ପରମ୍ପରା ସହ ସମସାମୟିକ ଡିଜାଇନର ମିଶ୍ରଣ ଦେଖିବାକୁ ମିଳିବ।

'ତନେଇରା'ର ନୂତନ କଲେକ୍ସନସକୁ ତନେଇରାର ଏବିଏମ୍(ଇଷ୍ଟ) ନୀତୀଶ ପରାସରୀ ଏବଂ ବିଏ ମାଣିକ ହଂସ ପ୍ରଦର୍ଶିତ କରାଉଛନ୍ତି।

ଫୁର୍‌ସତ୍

ବିବାହକଲେ ନର୍ଗିସ୍ ଫକ୍ରି

ଲସ୍‌ଏଞ୍ଜେଲ୍ସ

ବଲିଉଡ୍ ଅଭିନେତ୍ରୀ ନର୍ଗିସ ଫକ୍ରି ଆମେରିକାର ଲସ୍‌ଏଞ୍ଜେଲ୍ସରେ ଦୀର୍ଘ ଦିନର ବୟଫ୍ରେଣ୍ଡ ତଥା ବିଜ୍‌ନେସମ୍ୟାନ ଟୋନି ବେଗ୍‌ଙ୍କୁ ବିବାହ କରିଛନ୍ତି। ଗତ ସପ୍ତାହରେ ୧ ସ ତାଙ୍କ ପରିବାର ଓ ନିକଟ ସମ୍ପର୍କୀୟଙ୍କ ଗହଣରେ ଲସ୍‌ଏଞ୍ଜେଲ୍ସର ଏକ ବିଳାସପୂର୍ଣ୍ଣ ହୋଟେଲରେ ଟୋନିଙ୍କୁ ବିବାହ କରିଥିବା ନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏବେ ଏହି ଦମ୍ପତି ସୁଇଜରଲାଣ୍ଡରେ ହନିମୁନ୍ କରୁଥିବା ନେଇ କୁହାଯାଇଛି। ଶନିବାର ଏହି ଦମ୍ପତି ନିଜ ବିବାହ ପରବର୍ତ୍ତୀ ପ୍ରଥମ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ରିପୋର୍ଟ ଅନୁଯାୟୀ, ୩ ବର୍ଷ ଧରି ନର୍ଗିସ ଏବଂ ଟୋନି ରିଲେଶନ୍‌ଶିପରେ ଥିଲେ। ମୂଳତଃ ଜମ୍ମୁ-କଶ୍ମୀର ନିବାସୀ ଟୋନି ଲସଏଞ୍ଜେଲ୍ସରେ ଜଣେ ସଫଳ ବ୍ୟବସାୟୀ ଏବଂ ଇନ୍‌ଭେଷ୍ଟର ଭାବେ ପରିଚିତ। ନର୍ଗିସ ଗତ କିଛିବର୍ଷ ମଧ୍ୟରେ ଦେଇଥିବା ଅନେକ ସାକ୍ଷାତ୍‌କାରରେ ଟୋନିଙ୍କ ନାଁ ନ ନେଇ ରିଲେଶନ୍‌ଶିପ୍‌ରେ ଅଛନ୍ତି ବୋଲି ସ୍ୱୀକାର କରିଥିଲେ। ଆମେରିକାରେ ରହୁଥିବା ନର୍

ଗୀତା ଧରି ଶପଥ ନେଲେ କାଶ୍ ପଟେଲ

ଆମେରିକାର ପ୍ରମୁଖ ଗୋଇନ୍ଦା ଏଜେନ୍ସି ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ଡାଇରେକ୍ଟର ଭାବେ ଶନିବାର ଭାରତୀୟ ବଂଶୋଦ୍ଭବ କାଶ୍ ପଟେଲ ଶପଥ ନେଇଛନ୍ତି। ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଭଗବଦ୍ ଗୀତା ଉପରେ ହାତ ରଖି ସେ ୯ମ ଏଫ୍‌ବିଆଇ ଡାଇରେକ୍ଟର ଭାବେ ଶପଥ ନେଇଛନ୍ତି। ହ୍ୱାଇଟ ହାଉସ୍‌ରେ ଆୟୋଜିତ ଏକ ସମାରୋହରେ ଆମେରିକୀୟ ଆଟର୍ନି ଜେନେରାଲ ପାମ ବୋଣ୍ଡି ତାଙ୍କୁ ଶପଥ ପାଠ କରାଇଛନ୍ତି।

ସଂକ୍ଷେପରେ

ଆଉ ୬ ପଣବନ୍ଦୀଙ୍କୁ ମୁକ୍ତ କଲା ହମାସ୍

ନୁସେଇରାତ୍(ଗାଜା ଷ୍ଟ୍ରିପ୍),୨୨।୨

ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ଗାଜାର ଶାସକ ହମାସ୍ ଶନିବାର ୬ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରିଦେଇଛି। ଗାଜାରେ ଦୁଇଟି ଅଲଗା ଉତ୍ସବ ମଧ୍ୟରେ ସେମାନଙ୍କୁ ରେଡ୍‌କ୍ରସ୍‌କୁ ହସ୍ତାନ୍ତର କରାଯାଇଛି। ସଶସ୍ତ୍ର ହମାସ୍ ଯୋଦ୍ଧାମାନେ ସେମାନଙ୍କୁ ମୁହଁ ଘୋଡ଼ାଇ ମଞ୍ଚ ଉପରକୁ ଆଣିଥିଲେ। ନୁସେଇରାତ୍ ସହରରେ ୩ ପଣବନ୍ଦୀ ଓମେର ୱେନ୍‌କେର୍ଟ, ଓମେର ଶେମ୍ ଟୋଭ୍ ଏବଂ ଏଲିୟା ଚୋହେନ୍‌ଙ୍କୁ ହସ୍ତାନ୍ତର କରାଯାଇଛି। ଏହା ପୂର୍ବରୁ ରାଫାହ ସହରରେ ଅନ୍ୟ ୨ ପଣବନ୍ଦୀଙ୍କୁ ରେଡ୍‌କ୍ରସ୍‌କୁ ହସ୍ତାନ୍ତର କରାଯାଇଥିଲା। ଶେଷରେ ଷଷ୍ଠ ପଣବନ୍ଦୀ ହିଶମ ଅଲ୍-ସୟେଦ ହସ୍ତାନ୍ତର କରାଯାଇଛି। ୨ ଦିନ ପୂର୍ବରୁ ହମାସ୍ ୪ ଜଣ ପଣବନ୍ଦୀଙ୍କ ମୃତଦେହ ଇସ୍ରାଏଲ୍‌କୁ ହସ୍ତାନ୍ତର କରିଥିବାବେଳେ ସେମାନଙ୍କ ମଧ୍ୟରୁ ଶିରି ବିବାସ୍‌ଙ୍କ ବଦଳରେ ଗାଜାର ଜଣେ ମହିଳାଙ୍କ ମୃତଦେହ ପଠାଯାଇଥିବା ଅଭିଯୋଗ ହୋଇଥିଲା। ଏହା ନିଷ୍ଠୁରତା ଏବଂ ଅସ୍ତ୍ରବିରତି ଚୁକ୍ତିନାମାର ଉଲ୍ଲଂଘନ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିବା ସହ ପ୍ରତିଶୋଧ ନେବେ ବୋଲି ଚେତାବନୀ ଦେଇଥିଲେ। ତେବେ ମୃତଦେହ ବିବାସ୍‌ଙ୍କର ବୋଲି ତାଙ୍କର ପରିବାର ଶନିବାର ସ୍ପଷ୍ଟ କରିଛନ୍ତି।

ଛେଳି ଚୋରି ଅଭିଯୋଗରେ ୨ ବ୍ୟକ୍ତିଙ୍କୁ ପିଟି ହତ୍ୟା

ରାଞ୍ଚି, ୨୨।୨

ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଜିଲା ଚକୁଲିଆ ଥାନା ଜୋର୍ସା ଗ୍ରାମରେ ଶନିବାର ୨ ଜଣଙ୍କୁ ଛେଳି ଚୋରି ଅଭିଯୋଗରେ ଗ୍ରାମବାସୀ ପିଟି ହତ୍ୟା କରିଛନ୍ତି। ଜୋର୍ସା ଗ୍ରାମର ଏକ ଘରେ ଉଭୟ ଛେଳି ଚୋରି କରୁଥିବା ଅଭିଯୋଗ ହୋଇଥିଲା। ଉଭୟ ଚୋରଙ୍କୁ ଗ୍ରାମବାସୀ କାବୁକରିବା ସହ ସେମାନଙ୍କୁ ନିର୍ଯ୍ୟୁକ ମାଡ଼ ମାରିଥିଲେ। ପୋଲିସ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ଦୁହିଁଙ୍କର ମୃତ୍ୟୁ ଘଟିଥିଲା। ଛେଳି ମାଲିକ ଗିରଫ ହୋଇଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

ହମାସ୍ ପଣବନ୍ଦୀ ରଖିଥିବା ୬ ଇସ୍ରାଏଲୀଙ୍କୁ ଶନିବାର ମୁକ୍ତ କରୁଥିବାବେଳେ ତେଲ୍ ଆଭିଭ୍‌ର ହୋଷ୍ଟେଜ୍‌ସ୍ ସ୍କୋୟାରରେ ପ୍ରତୀକ୍ଷାରତ ଜନସାଧାରଣ ଏହାର ପ୍ରସାରଣ ଦେଖିବା ପାଇଁ ସ୍କ୍ରିନ୍‌କୁ ଚାହିଁ ରହିଛନ୍ତି।

ଚାଇନାରେ ନୂଆ କରୋନା ଭୂତାଣୁ ଚିହ୍ନଟ

ବେଜିଂ,୨୨।୨

ମାନବକୁ ସଂକ୍ରମିତ କରାଇବାରେ ସମର୍ଥ



ଚାଇନାର ଭୂତାଣୁ ବିଜ୍ଞାନୀମାନଙ୍କର ଏକ ଟିମ୍ ବାଦୁଡ଼ିଠାରେ ଏକ ନୂଆ କରୋନା ଭୂତାଣୁ ଚିହ୍ନଟ କରିଛନ୍ତି। କୋଭିଡ୍-୧୯ ରୋଗ ସଂକ୍ରମଣ କରାଇଥିବା ଭୂତାଣୁ ଭଳି ନୂଆ ଭୂତାଣୁରେ ସମାନ ରିସେପ୍ଟର ଥିବାରୁ ଏହା ପ୍ରାଣୀ ଶରୀରରୁ ମାନବ ଶରୀରକୁ ସଂକ୍ରମିତ ହେବା ଆଶଙ୍କା ରହିଛି। କୋଭିଡ୍-୧୯ର ଉତ୍ପତ୍ତିସ୍ଥଳ କୁହାଯାଉଥିବା ବିବାଦୀୟ ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଡବ୍ଲ୍ୟୁଆଇଭି)ର ଭୂତାଣୁ ବିଜ୍ଞାନୀ ଶି ଝେଙ୍ଗାଲିଙ୍କ ନେତୃତ୍ୱରେ ଏହି ଅଧ୍ୟୟନ କରାଯାଇଛି। ବାଦୁଡ଼ିରୁ ମିଳୁଥିବା ଭୂତାଣୁ ଉପରେ ଶି ଗବେଷଣା ଚଳାଇଥିବାରୁ ସେ ବ୍ୟାଟ୍ ୱୁମ୍ୟାନ୍ ଭାବେ ଜଣାଶୁଣା। ନୂଆ ଚିହ୍ନଟ ହୋଇଥିବା ଭୂତାଣୁ ଜାପାନରେ ଚିହ୍ନଟ ହୋଇଥିବା ଏର୍‌କେୟୁଝ କରୋନା ଭୂତାଣୁ ଭଳି। ନୂଆ ଭୂତାଣୁ ମର୍ବେକୋଭାଇରସ୍ ସବ୍‌ଜିନ୍‌ସରୁ ଆସିଛି, ଯାହା ମଧ୍ୟପ୍ରାଚ୍ୟରେ ଶ୍ୱାସକ୍ରିୟାଜନିତ ରୋଗର କାରଣ ହୋଇଥିଲା। ଏହି ଭୂତାଣୁ ମାନବ ଶରୀରରେ ଥିବା ଅଙ୍ଗିଓଟେନସିନ୍ କନ୍‌ଭର୍ଟିଙ୍ଗ ଏଞ୍ଜାଇମ୍‌କୁ ବାନ୍ଧିବାରେ ସକ୍ଷମ ହୋଇଥାଏ। କୋଭିଡ୍-୧୯ ଭୂତାଣୁ ମାନବ କୋଷଗୁଡ଼ିକୁ ସଂକ୍ରମିତ ହେବାରେ ଉକ୍ତ ରିସେପ୍ଟରକୁ ବ୍ୟବହାର କରୁଥିଲା।

କଣ୍ଟେଣ୍ଟ ନିୟନ୍ତ୍ରଣ ପାଇଁ ନୂଆ ଆଇନ ଆଣିବାକୁ ଯୋଜନା

ନୂଆଦିଲ୍ଲୀ,୨୨।୨(ପି.ଟି.)

ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକରେ ପ୍ରସାରିତ କ୍ଷତିକାରକ କଣ୍ଟେଣ୍ଟଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ନୂଆ ଆଇନ ବ୍ୟବସ୍ଥାର ଆବଶ୍ୟକତା ରହିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟ ଆଇନରେ ରହିଥିବା ବର୍ତ୍ତମାନର ବୈଧାନିକ ବ୍ୟବସ୍ଥାଗୁଡ଼ିକର ଅନୁଧ୍ୟାନ କରୁଛି। ୟୁଟ୍ୟୁବ୍ କାର୍ଯ୍ୟକ୍ରମରେ ରଣବୀର ଆଲ୍ଲାହାବାଦିଆଙ୍କ ଅଶ୍ଳୀଳ ମନ୍ତବ୍ୟକୁ ନେଇ ଦେଶବ୍ୟାପୀ ବିବାଦ ସୃଷ୍ଟି ହେବା ପରେ ଅନ୍‌ଲାଇନ୍ କଣ୍ଟେଣ୍ଟଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଯାଉଥିବା ଏଥିରୁ ସୂଚନା ମିଳିଛି। ଏହି ପ୍ରସଙ୍ଗରେ ସଂସଦୀୟ କମିଟିର ପ୍ରଶ୍ନ ଉପରେ ମନ୍ତ୍ରଣାଳୟ କହିଛି,

ଡିଜିଟାଲ ପ୍ଲାଟ୍‌ଫର୍ମରେ ଅଶ୍ଳୀଳତା ପ୍ରଦର୍ଶନ ଏବଂ ହିଂସାତ୍ମକ ବିଷୟବସ୍ତୁ ପ୍ରସାରଣ ପାଇଁ ସମ୍ବିଧାନର ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାରର ଦୁରୁପଯୋଗ କରାଯାଉଥିବା ନେଇ ସମାଜରେ ଚିନ୍ତା ବଢ଼ିବାରେ ଲାଗିଛି। ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ଅଧ୍ୟକ୍ଷତାରେ ଗଠିତ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ସ୍ଥାୟୀ କମିଟିକୁ ମନ୍ତ୍ରଣାଳୟ କହିଛି, ବର୍ତ୍ତମାନର ଆଇନରେ କେତେକ ବ୍ୟବସ୍ଥା ରହିଥିବାବେଳେ କ୍ଷତିକାରକ କଣ୍ଟେଣ୍ଟଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ କଠୋର ଏବଂ ପ୍ରଭାବୀ ଆଇନ ବ୍ୟବସ୍ଥା କରିବାକୁ ଦାବି ବଢୁଛି। ଆଲ୍ଲାହାବାଦିଆଙ୍କ ମନ୍ତବ୍ୟ ପରେ ସୁପ୍ରିମକୋର୍ଟ, ବିଭିନ୍ନ ହାଇକୋର୍ଟ, ସାଂସଦ, ଜାତୀୟ ମହିଳା କମିଶନ ଭଳି ବୈଧାନିକ ସଂସ୍ଥାଗୁଡ଼ିକ ଏହି ପ୍ରସଙ୍ଗ ଉଠାଇ ଆସୁଛନ୍ତି। ତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା ସହ ସେ କ୍ଷମା ମାଗିଥିଲେ ମଧ୍ୟ ବିବାଦ ଥମିନାହିଁ। ସୁପ୍ରିମକୋର୍ଟ ତାଙ୍କୁ ଗିରଫଦାରିରୁ ସୁରକ୍ଷା ଦେଇଥିଲେ ମଧ୍ୟ ତାଙ୍କ ମନ୍ତବ୍ୟକୁ ନେଇ କଡ଼ା ଭର୍ତ୍ସନା କରିଛନ୍ତି। ୟୁଟ୍ୟୁବ୍ ଭଳି ଅନ୍‌ଲାଇନ ପ୍ଲାଟଫର୍ମଗୁଡ଼ିକୁ ନିୟନ୍ତ୍ରଣ କରିବାରେ ଆଇନରେ ଶୂନ୍ୟସ୍ଥାନ ରହିଥିବା ସର୍ବୋଚ୍ଚ ଅଦାଲତ କହିବା ସହ ଏଥିପାଇଁ ଆଇନ ଆଣିବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ। ଉପଯୁକ୍ତ ବିଚାରବିମର୍ଶ ପରେ ମନ୍ତ୍ରଣାଳୟ କମିଟି ନିକଟରେ ସବିଶେଷ ନୋଟ୍ ଉପସ୍ଥାପନ କରିବ ବୋଲି କହିଛି।

ବିବିସିକୁ ୩.୪୪ କୋଟି ଜରିମାନା କଲା ଇଡି

ନୂଆଦିଲ୍ଲୀ,୨୨।୨

ଫେମା ଉଲ୍ଲଂଘନ

ବିଦେଶ ବିନିମୟ ପରିଚାଳନା ଆଇନ (ଫେମା) ବ୍ୟବସ୍ଥାର ଉଲ୍ଲଂଘନ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ (ବିବିସି)ର ଭାରତ ଶାଖା ଉପରେ ୩.୪୪ କୋଟି ଟଙ୍କା ଜରିମାନା ଲଗାଇଛି। ଏଥିସହିତ ୨୦୨୧ ଅକ୍ଟୋବର ୧୫ରୁ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ନିୟମାବଳୀ ଅନୁପାଳନ କରିବା ତାରିଖ ପର୍ଯ୍ୟନ୍ତ ଦିନକୁ ୫,୦୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୦୨ ଗୁଜରାଟ ଦଙ୍ଗାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତଥାକଥିତ ଭୂମିକାକୁ ନେଇ ବିବିସି ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିଥିଲା। ଏହି ବହୁଚର୍ଚ୍ଚିତ ବୃତ୍ତଚିତ୍ର ୨୦୨୩ ଜାନୁଆରୀ ୧୭ରେ ପ୍ରସାରିତ ହୋଇଥିଲା। ୨୦୨୩ ଫେବୃଆରୀରେ ଆୟକର ବିଭାଗ ଅଧିକାରୀମାନଙ୍କ ଏକ ଟିମ୍ ବିବିସିର ନୂଆଦିଲ୍ଲୀ ଏବଂ ମୁମ୍ବାଇ କାର୍ଯ୍ୟାଳୟରେ ଚଢ଼ାଉ କରିବା ପରେ ମାମଲା ଦାଏର ହୋଇଥିଲା। ବିଦେଶରୁ ଆସୁଥିବା ଅର୍ଥକୁ ଭାରତରେ ବିବିସିର ଆୟ ଭାବେ ଦର୍ଶା ନ ଯିବା ସହ ଟିକସ ପୈଠ କରାଯାଉ ନ ଥିବାର ପ୍ରମାଣ ଚଢ଼ାଉ ବେଳେ ମିଳିଥିଲା। ୨୦୧୯ ସେପ୍ଟେମ୍ବରରେ ବ୍ରଡ୍‌କାଷ୍ଟିଂ କଣ୍ଟେଣ୍ଟ ସର୍ଭିସ ବର୍ଗ ଅଧୀନ ନୂଆ ଡିଜିଟାଲ ମିଡିଆ ଉପବର୍ଗ ଲାଗୁ ହେବା ପରେ ଡିଜିଟାଲ ମିଡିଆ ପାଇଁ ଥିବା ଶିଳ୍ପ ପ୍ରୋତ୍ସାହନ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ବିଭାଗର ସର୍ବାଧିକ ୨୬ ପ୍ରତିଶତ ସୀମାକୁ ବିବିସି ଉଲ୍ଲଂଘନ କରିଥିବା ଇଡି ତଦନ୍ତରୁ ଜଣାପଡ଼ିଥିଲା।

ଆମେରିକା ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ୍ ମୁଖ୍ୟ ବରଖାସ୍ତ

ୱାଶିଂଟନ୍, ୨୨।୨

ସି.କ୍ୟୁ. ବ୍ରାଉନ୍ କୁନିୟର

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଦେଶର ୩ ଶୀର୍ଷ ସୈନ୍ୟ ଅଧିକାରୀଙ୍କୁ ବରଖାସ୍ତ କରିଛନ୍ତି। ସେ ଆମେରିକାର 'ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ୍' ଚେୟାରମ୍ୟାନ ପଦରୁ ଏୟାର ଫୋର୍ସ ଜେନେରାଲ ସି.କ୍ୟୁ. ବ୍ରାଉନ୍ କୁନିୟରଙ୍କୁ ବରଖାସ୍ତ କରିଛନ୍ତି। ଏହାସହ ଚିଫ୍ ଅଫ୍ ନାଭାଲ ଅପରେଶନ୍ସ ଆଡ୍‌ମିରାଲ ଲିସା ଫ୍ରେଞ୍ଚେଟ ଏବଂ ଦେଶର ବାୟୁସେନାର ଉପ ମୁଖ୍ୟ ଜେନେରାଲ ଜିମ୍ ସ୍ଲାଇଫ୍‌ଙ୍କୁ ମଧ୍ୟ ବରଖାସ୍ତ କରାଯାଇଥିବା ନେଇ ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ ସୂଚନା ଦେଉଛନ୍ତି। ସି.କ୍ୟୁ. ବ୍ରାଉନଙ୍କ ବଦଳରେ ଆମେରିକୀୟ ବାୟୁସେନାର ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଡେନ୍ କେନ୍ 'ଜଏଣ୍ଟ ଚିଫ୍ ଅଫ ଷ୍ଟାଫ୍'ର ଚେୟାରମ୍ୟାନ ପଦ ସମ୍ଭାଳିବେ ବୋଲି ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ ସୋସିଆଲରେ ସୂଚନା ଦେଇଛନ୍ତି। ସେହିପରି ଆଗାମୀ ଦିନରେ ଆମେରିକୀୟ ସେନାରେ ବଡ଼ ଧରଣର ପରିବର୍ତ୍ତନ ହୋଇପାରେ ବୋଲି ସେ ତାଙ୍କ ପୋଷ୍ଟରେ ସଙ୍କେତ ଦେଇଛନ୍ତି। ଦେଶରେ ପ୍ରଥମ ଥର ପାଇଁ ପ୍ରଶାସନ ବଦଳିବା ପରେ ଶୀର୍ଷ ସୈନ୍ୟ ଅଧିକାରୀମାନଙ୍କୁ ବରଖାସ୍ତ କରାଯାଇଛି।

କେନ୍ଦ୍ର ୧୦,୦୦୦ କୋଟି ଦେଲେ ବି ଶିକ୍ଷାନୀତିକୁ ଗ୍ରହଣ କରିବୁ ନାହିଁ: ଷ୍ଟାଲିନ୍

ଚେନ୍ନାଇ,୨୨।୨

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଜାତୀୟ ଶିକ୍ଷାନୀତି (ଏନ୍‌ଇପି)କୁ ଜୋର୍‌ଦାର ବିରୋଧ କରିଛନ୍ତି। ଏପରିକି କେନ୍ଦ୍ର ସରକାର ତାମିଲନାଡୁକୁ ୧୦,୦୦୦ କୋଟିଟଙ୍କା ଯୋଗାଇଦେଲେ ମଧ୍ୟ ରାଜ୍ୟରେ ଏନ୍‌ଇପି ଲାଗୁ ହେବାକୁ ଦିଆଯିବ ନାହିଁ ବୋଲି ଷ୍ଟାଲିନ୍ ଶନିବାର ଦୃଢ଼ ସ୍ୱରରେ କହିଛନ୍ତି। ଶିକ୍ଷାକୁ ନୁହେଁ, ବରଂ ହିନ୍ଦୀ ଭାଷାର ବିକାଶ ପାଇଁ ଏହି ନୀତି ଅଣାଯାଇଛି। ଏହା ଆଳରେ ଜବରଦସ୍ତ ଅଣହିନ୍ଦୀ ଭାଷୀ ରାଜ୍ୟରେ ହିନ୍ଦୀ ଭାଷାକୁ ତୃତୀୟ ଭାଷା ନାଁରେ ଲଦିଦିଆଯାଉଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବଂ ସାମାଜିକ ନ୍ୟାୟ ବ୍ୟବସ୍ଥା ପ୍ରତି ଏହାର ପରିଣାମ ଗୁରୁତର ହେବ ବୋଲି ଷ୍ଟାଲିନ୍ ତାମିଲନାଡୁର କୁଡ୍ଡାଲୋରଠାରେ ଅଭିଭାବକ-ଶିକ୍ଷକ ସଂଗଠନକୁ ଉଦ୍‌ବୋଧନ ଦେଇ କହିଛନ୍ତି। ତାମିଲନାଡୁ ଦ୍ୱିଭାଷୀ ନୀତି ତାମିଲ ଏବଂ ଇଂଲିଶ ଉପରେ ଗୁରୁତ୍ୱ ଦେଇଆସିଛି। ଏନ୍‌ଇପି ଲାଗୁ ହେଲେ ତାମିଲନାଡୁ ୨,୦୦୦ ବର୍ଷ ତଳକୁ ଖସିଯିବ ବୋଲି ସେ କହିଛନ୍ତି।

ସୁଡ଼ଙ୍ଗ ଭୁଶୁଡ଼ି ୮ ଶ୍ରମିକ ଫସିଛନ୍ତି

ହାଇଦ୍ରାବାଦ,୨୨।୨



ତେଲଙ୍ଗାନାରେ ଏକ ନିର୍ମାଣାଧୀନ ସୁଡ଼ଙ୍ଗର କିଛି ଅଂଶ ଶନିବାର ଭୁଶୁଡ଼ି ପଡ଼ିବାରୁ ଏହା ତଳେ ଅନ୍ୟୂନ ୮ ଜଣ ଶ୍ରମିକ ଫସିରହିଛନ୍ତି। ନଗରକୁର୍ଣ୍ଣୁଲ ଜିଲାର ଶ୍ରୀଶୈଳମ ଡ୍ୟାମ୍ ପଛ ପାର୍ଶ୍ୱରେ ଥିବା ଉକ୍ତ ଟନେଲ୍‌ର ଲିକ୍ ମରାମତି କରିବା ପାଇଁ ଶ୍ରମିକମାନେ ଯାଇଥିବାବେଳେ ଏହା ଭୁଶୁଡ଼ି ପଡ଼ିଥିଲା। ଫସି ରହିଥିବା ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ୧୦ ମିଟର ପର୍ଯ୍ୟନ୍ତ ଟନେଲ ଭୁଶୁଡ଼ିଥିବାବେଳେ ୨୦୦ ମିଟରରୁ ଅଧିକ ଦୂର ପର୍ଯ୍ୟନ୍ତ କାଦୁଅ ମାଡ଼ିଯାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ରେଭାନ୍ତ ରେଡ୍ଡୀ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ଫୋନ୍ ଯୋଗେ କଥା ହୋଇ ଆବଶ୍ୟକ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଛନ୍ତି।

ବିନା ବିଭାଗରେ ୨୧ ମାସ ମନ୍ତ୍ରୀ

ଚଣ୍ଡିଗଢ଼, ୨୨।୨

କୁଲଦୀପ ସିଂ ଧାଲିୱାଲ

ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି(ଆପ୍) ସରକାରରେ ମନ୍ତ୍ରୀ କୁଲଦୀପ ସିଂ ଧାଲିୱାଲ ଗତ ୨୧ ମାସ ଧରି ପ୍ରଶାସନିକ ସଂସ୍କାର ବିଭାଗ ସହ ଏନ୍‌ଆର୍‌ଆଇ ବ୍ୟାପାର ବିଭାଗର ମନ୍ତ୍ରୀ ଥିଲେ। ତେବେ ପ୍ରଶାସନିକ ସଂସ୍କାର ବିଭାଗ କେବଳ କାଗଜ କଲମରେ ହିଁ ଥିଲା। ଏହି ବିଭାଗରେ କୌଣସି କର୍ମଚାରୀଙ୍କ ଆବଣ୍ଟନ କରାଯାଇ ନ ଥିଲା। ଶନିବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଜାରି ଏକ ଗେଜେଟ୍ ବିଜ୍ଞପ୍ତିରେ ଏହି ତଥ୍ୟ ସାମ୍ନାକୁ ଆସିଛି। ଧାଲିୱାଲଙ୍କୁ ଦିଆଯାଇଥିବା ପ୍ରଶାସନିକ ସଂସ୍କାର ବିଭାଗର ଅସ୍ତିତ୍ୱ ଶେଷ ହୋଇଥିବା ନେଇ ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଶନିବାରଠାରୁ ଧାଲିୱାଲ କେବଳ ଏନ୍‌ଆର୍‌ଆଇ ବ୍ୟାପାର ବିଭାଗ ସମ୍ଭାଳିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। କିଛି ଜାତୀୟ ଗଣମାଧ୍ୟମର ସୂତ୍ର ଅନୁଯାୟୀ, ପ୍ରଶାସନିକ ସଂସ୍କାର ବିଭାଗରେ କୌଣସି କର୍ମଚାରୀଙ୍କ ଆବଣ୍ଟନ କରାଯାଇ ନ ଥିବା ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ଏହି ବିଜ୍ଞପ୍ତି ସାମ୍ନାକୁ ଆସିଛି। ୨୦୨୩ ମେ'ରେ ପଞ୍ଜାବର ଆପ୍ ସରକାରର କ୍ୟାବିନେଟ ଅଦଳବଦଳ ବେଳେ ଧାଲିୱାଲଙ୍କୁ ପ୍ରଶାସନିକ ସଂସ୍କାର ବିଭାଗ ସହ ଏନ୍‌ଆର୍‌ଆଇ ବ୍ୟାପାର ବିଭାଗର ଦାୟିତ୍ୱ ଦିଆଯାଇଥିଲା। ଏହାପୂର୍ବରୁ ସେ କୃଷି ଏବଂ କୃଷକ କଲ୍ୟାଣ ବିଭାଗର ମନ୍ତ୍ରୀ ଥିଲେ। ତେବେ ଘଟଣାକୁ ନେଇ ପଞ୍ଜାବରେ ବିରୋଧୀ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଓ ଭାଜପା ପକ୍ଷରୁ ଭଗ୍‌ୱନ୍ତ ମାନ୍‌ଙ୍କ ସରକାରକୁ ସମାଲୋଚନା କରାଯାଇଛି।

ସଲ୍‌ମାନ ରଶ୍‌ଡିଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ସଲମାନ ରଶ୍‌ଡି

ମେଭିଲେ,୨୨।୨

ଖ୍ୟାତନାମା ଔପନ୍ୟାଶିକ ସଲମାନ ରଶ୍‌ଡିଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ ନ୍ୟୁଜର୍ସିର ହାଦି ମାଟାର (୨୭)ଙ୍କୁ ଶୁକ୍ରବାର ସ୍ଥାନୀୟ ଅଦାଲତ ଦୋଷୀସାବ୍ୟସ୍ତ କରିଛନ୍ତି। ବିଚାରପତି ଏପ୍ରିଲ ୨୩ରେ ଦଣ୍ଡ ଶୁଣାଇବାକୁ ଥିବାବେଳେ ମାଟାରଙ୍କୁ ୨୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇପାରେ ବୋଲି କୁହାଯାଉଛି। ୨୦୨୨ ଅଗଷ୍ଟ ୧୨ରେ ନ୍ୟୁୟର୍କରେ ଏକ ବକ୍ତବ୍ୟ କାର୍ଯ୍ୟକ୍ରମରେ ରଶ୍‌ଡିଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ମାଟାର ମଞ୍ଚ ଉପରକୁ ଉଠିଯାଇ ରଶ୍‌ଡିଙ୍କୁ ବାରମ୍ବାର ଛୁରାମାଡ଼ କରିଥିଲେ। ଫଳରେ ୭୭ ବର୍ଷୀୟ ରଶ୍‌ଡିଙ୍କ ଗୋଟିଏ ଆଖି ନଷ୍ଟ ହୋଇଯାଇଥିଲା।

ରହସ୍ୟ ଘେରରେ ଆଇଆର୍‌ଏସ୍ ଅଫିସର, ପରିବାର ସଦସ୍ୟଙ୍କ

ଚାମ୍ପିୟନ୍ସ ଟ୍ରଫିରେ ସର୍ବାଧିକ ରନ୍ ଚେଜ୍

ଇଂଲଣ୍ଡକୁ ହରାଇଲା ଅଷ୍ଟ୍ରେଲିଆ

ଲାହୋର,୨୨।୨

ଗଦ୍ଦାଫି ଷ୍ଟାଡିୟମରେ ଶନିବାର ଆଇସିସି ଚାମ୍ପିୟନ୍ସ ଟ୍ରଫିର ସର୍ବାଧିକ ରନ୍ ଚେଜ୍ ହୋଇଛି। ରେକର୍ଡର ଅଧିକାରୀ ହୋଇଛି ଅଷ୍ଟ୍ରେଲିଆ। ହାଇସ୍କୋରିଂ ମ୍ୟାଚରେ ଇଂଲଣ୍ଡକୁ ୫ ଉଇକେଟରେ ହରାଇ ଦେଇଛି ଅଷ୍ଟ୍ରେଲିଆ। ବେନ୍ ଡକେଟଙ୍କ ଶତକ ସହାୟତାରେ ଇଂଲଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୩୫୧ ରନ କରିଥିଲା। ମାତ୍ର ଜୋଶ ଇଙ୍ଗଲିସଙ୍କ ଅପରାଜିତ ଶତକ ଆଗରେ ଏହା ଫିକା ପଡ଼ିଥିଲା। ଅଷ୍ଟ୍ରେଲିଆ ୪୭.୩ ଓଭରରେ ୫ ଉଇକେଟ ବିନିମୟରେ ୩୫୬ ରନ କରି ମ୍ୟାଚ୍ ଜିତି ନେଇଥିଲା। ବିସ୍ଫୋରକ ଅପରାଜିତ ଶତକୀୟ ଇନିଂସ ଖେଳିଥିବା ଇଙ୍ଗଲିସ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏହି ବିଜୟରୁ ୨ ପଏଣ୍ଟ ସହ ଅଷ୍ଟ୍ରେଲିଆ ଗ୍ରୁପ-ବି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଡକେଟଙ୍କ ଶତକ ଓ ଜୋ ରୁଟ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ବୃହତ୍ ସ୍କୋର ଛିଡ଼ା କରିଥିଲା। ଡକେଟ ୧୪୩ ବଲରେ ୧୭ ଚୌକା ଓ ୩ ଛକା ସହିତ ୧୬୫ ରନ କରିଥିଲେ। ଏହା ଆଇସିସି ଚାମ୍ପିୟନ୍ସ ଟ୍ରଫି ଇତିହାସର ସର୍ବାଧିକ ବ୍ୟକ୍ତିଗତ ସ୍କୋର। ରୁଟ ୬୮ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ବେନ ଦ୍ୱାରଶୁଇସ ୩ ଉଇକେଟ ନେଇଥିବା ବେଳେ ଆଡାମ ଜାମ୍ପା ଓ ମାର୍କସ ଲାବୁସେନ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ। ୩୫୨ ରନର ଟର୍ଗେଟକୁ ଅଷ୍ଟ୍ରେଲିଆ ଆହୁରି ୧୫ଟି ବଲ୍ ବାକିଥାଇ ହାସଲ କରି ନେଇଥିଲା। ଇଙ୍ଗଲିସ ୮୬ ବଲରେ ୮ ଚୌକା ଓ ୬ ଛକା ସହାୟତାରେ ୧୨୦ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲେକ୍ସ କାରେ ୬୯, ମାଥ୍ୟୁ ଶର୍ଟ ୬୩, ମାର୍କସ ଲାବୁସେନ ୪୭ ଓ ଗ୍ଲେନ ମ୍ୟାକ୍ସୱେଲ ୩୨ ରନ କରିଥିଲେ। ଇଂଲଣ୍ଡ ପାଇଁ ଆଦିଲ ରସିଦ, ମାର୍କ ଉଡ, ଜୋଫ୍ରା ଆର୍ଚର ଓ ବ୍ରାଇଡନ କାର୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ୫୦ ଓଭରରେ ୩୫୧/୮(ଡକେଟ-୧୬୫, ରୁଟ-୬୮, ଦ୍ୱାରଶୁଇସ-୩/୬୬, ଲାବୁସେନ-୨/୪୧, ଜାମ୍ପା-୨/୬୪)। ଅଷ୍ଟ୍ରେଲିଆ ୪୭.୩ ଓଭରରେ ୩୫୬/୫ (ଇଙ୍ଗଲିସ-୧୨୦*, କାରେ-୬୯, ଶର୍ଟ-୬୩, ଲାବୁସେନ-୪୭, ମ୍ୟାକ୍ସୱେଲ-୩୨*, ଆଦିଲ-୧/୪୭, କାର୍ସ-୬୯/୧)।

ଶତକ ହାସଲ ପରେ ଅଷ୍ଟ୍ରେଲିଆର ଜୋସ୍ ଇଙ୍ଗଲିସ।

ୟୁପି ୱାରିଅର୍ଜର ପ୍ରଥମ ବିଜୟ

ବେଙ୍ଗାଲୁରୁ, ୨୨।୨ (ପି.ଟି.)

ଟିନେଲି ହେନ୍‌ରୀଙ୍କ ରେକର୍ଡ ସମକକ୍ଷ ଅର୍ଦ୍ଧଶତକ ଏବଂ କ୍ରାନ୍ତି ଗୌଡ଼ ଓ ଗ୍ରେସ୍ ହାରିସଙ୍କ ୪ଉଇକେଟ ସଫଳତା ସହାୟତାରେ ୟୁପି ୱାରିଅର୍ଜ ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ମ୍ୟାଚରେ ଏହି ଦଳ ୩୩ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ହେନ୍‌ରୀ ୨୩ ବଲ୍‌ରେ ୬୨ରନ କରିଥିଲେ। ସେ ୮ଛକା ଓ ଦୁଇ ଚୌକା ଲଗାଇଥିଲେ। ସେ ମାତ୍ର ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ଡବ୍ଲ୍ୟୁପିଏଲ୍ ଇତିହାସରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିବାରେ ସୋଫିଆ ଡଙ୍କଲୀ (୨୦୨୩ ସଂସ୍କରଣ)ଙ୍କ ସମକକ୍ଷ ହୋଇ ପାରିଥିଲେ। ସେତେବେଳେ ଗୁଜରାଟ ଜାଏଣ୍ଟ୍ସ ତରଫରୁ ହେଖେଳୁଥିବା ଡଙ୍କଲୀ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ରେକର୍ଡ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୟୁପି ୱାରିଅର୍ଜ ୧୭୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯.୩ ଓଭରରେ ମାତ୍ର ୧୪୪ ରନ କରିବାରେ ସମର୍ଥ ହୋଇଥିଲା। ଟୁର୍ନାମେଣ୍ଟରେ ପ୍ରଥମ ଥର ଖେଳୁଥିବା ୨୧ ବର୍ଷୀୟା ଗୌଡ଼ ଟପ୍ ଅର୍ଡରେ ଶେଫାଳୀ ବର୍ମା (୨୪), ମେଗ୍ ଲାନିଂ (୫), ଜେମିମା ରୋଡ୍ରିଗ୍ସ (୫୬) ଏବଂ ପରେ ଜେନ୍ ଜୋନାସେନ (୫)ଙ୍କୁ ଆଉଟ କରି ଦେଇଥିଲେ। ତାଙ୍କ ବୋଲିଂ ଫିଗର ୪-୦-୨୫-୪ ରହିଥିଲା। ଟୁର୍ନାମେଣ୍ଟରେ ଏହା ପୂର୍ବରୁ ଦୁଇ ଦଳ ଯେତେବେଳେ ପରସ୍ପରକୁ ଭେଟିଥିଲେ, ସେତେବେଳେ ଦିଲ୍ଲୀ ୭ ଉଇକେଟରେ ବିଜୟ ଲାଭ କରିଥିଲା।

ପୂର୍ବାଞ୍ଚଳ କ୍ରିକେଟ ଦଳ ଘୋଷିତ

ଚାମ୍ପିୟନ ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟ ଦଳ।

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ପ୍ରତିଯୋଗିତା ଶନିବାର କିଟ୍ ଷ୍ଟାଡିୟମରେ ଶେଷ ହୋଇଛି। ଏଥିରେ ୭୨ଟି ବିଶ୍ୱବିଦ୍ୟାଳୟରୁ ୧୬୦୦ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ମୋଟ ୧୨ ବିଶ୍ୱବିଦ୍ୟାଳୟ ଏଥିରେ ଭାଗ ନେଇଥିଲେ। ୪ ଭେନ୍ୟୁ କିଟ୍, ବିକାଶ କ୍ରିକେଟ ଗ୍ରାଉଣ୍ଡ, ରେଭେନ୍‌ଶା ଓ ନିମପୁର କ୍ରିକେଟ ଗ୍ରାଉଣ୍ଡରେ ୧୬ଟି ମ୍ୟାଚ ଅନୁଷ୍ଠିତ ହେବାପରେ କୋଲକାତାର ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟ, ଦରଭଙ୍ଗାର ଏଲ୍‌ଏନ୍ ମିଥିଳା ବିଶ୍ୱବିଦ୍ୟାଳୟ, ବିନୋବା ଭାବେ ଓ ପାଟଳିପୁତ୍ର ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛି। ରବୀନ୍ଦ୍ର ଭାରତୀ ଚାମ୍ପିୟନ ହୋଇଥିବାବେଳେ ପାଟଳିପୁତ୍ର ରନରଅପ୍ ଏବଂ ମିଥିଳା ତୃତୀୟ ସ୍ଥାନ ଅଧିକାର କରିଛି। ଏହି ପ୍ରତିଯୋଗିତାରେ

ଭିଜି ଟ୍ରଫି-୨୦୨୫

ପ୍ରଦର୍ଶନ ଭିତ୍ତିରେ ପୂର୍ବାଞ୍ଚଳ ଦଳ ପାଇଁ ୧୫ ଖେଳାଳି ଓ ୫ ଷ୍ଟାଣ୍ଡବାଇ ମନୋନୀତ ହୋଇଛନ୍ତି। ଏହି ପୂର୍ବାଞ୍ଚଳ ଦଳ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ତ୍ରିପୁରାର ଅଗରତଲାରେ ମାର୍ଚ୍ଚ ୧୦ରୁ ୧୬ ପର୍ଯ୍ୟନ୍ତ ହେବାକୁଥିବା ଭିଜି ଟ୍ରଫି-୨୦୨୫ରେ ଅଂଶଗ୍ରହଣ କରିବ। **ପୂର୍ବାଞ୍ଚଳ ଦଳ:** ଭାସୱାନ ଭରଦ୍ୱାଜ, ରୋହିତ ମଣ୍ଡଳ, ମଣିକାନ୍ତ, ବାସଲ୍ୟ ଯାଦବ, ସୁଦର୍ଶନ ସ୍ୱାଇଁ, ଶୁଭମ୍ ଶତ୍ରୁଜିତ, ଅନୁଜ ରଞ୍ଜନ, ଶ୍ରୀଧାମ୍ ପଲ୍, ଅମିତ ସୁନା, ମରୋଜୁ ପ୍ରଶାନ୍ତ, ଶଶାଙ୍କ ମାଲହୋତ୍ରା, ବଲୱନ୍ତ କୁମାର, ରାହୁଲ ରାମାଉଦ, ରୋନିତ ମିତ୍ର ଓ ପ୍ରଶାନ୍ତ ସିଂ। ଷ୍ଟାଣ୍ଡବାଇ: ଶ୍ଳୋକ କୁମାର, ନିଲୋତ୍ପଳ ପ୍ରତାପ, ମହମ୍ମଦ ଅଫଜଲ, ରାଜ ଗୌରବ, ଅରୁଣ କୁମାର ଯାଦବ।

ଜାତୀୟ ରେକର୍ଡ କଲେ ଦିବ୍ୟଲେଖା

ଶକ୍ତି ଉତ୍ତୋଳନ ଅବସରରେ ଦିବ୍ୟଲେଖା ମିଶ୍ର।

ଜାତୀୟ ସିନିୟର ଶକ୍ତି ଉତ୍ତୋଳନ

ଭୁବନେଶ୍ୱର,୨୨।୨ (ବିଜୟ ରଣା)

ଜଳନ୍ଧରସ୍ଥିତ ଲଭଲି ୟୁନିଭର୍ସିଟି ପରିସରରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ଦିବ୍ୟଲେଖା ମିଶ୍ର ୭୬କେଜି ଶ୍ରେଣୀରେ ବ୍ରୋଞ୍ଜ ପଦକ ଲାଭ କରିଥିବା ବେଳେ ଡେଡ୍ ଲିଫ୍ଟିଙ୍ଗରେ ୧୯୬ କେଜି ଓଜନ ଉଠାଇ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ସ୍କ୍ୱାଟ୍‌ରେ ୧୪୫ କି.ଗ୍ରା., ବେଞ୍ଚପ୍ରେସ୍‌ରେ ୭୫ କେଜି ଓ ଡେଡ୍‌ଲିଫ୍ଟିଙ୍ଗରେ ୧୯୭ କି.ଗ୍ରା. ସମେତ ମୋଟ ୪୧୬ କି.ଗ୍ରା. ଉତ୍ତୋଳନ କରି ଓଭରଅଲ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପାୱାର ଲିଫ୍ଟିଙ୍ଗ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ପି. ଶ୍ରୀନିବାସ ୫୯କେଜି ଓଜନ ଶ୍ରେଣୀର ସ୍କ୍ୱାଟ୍‌ରେ ୧୯୨.୫ କି.ଗ୍ରା. ଉତ୍ତୋଳନ କରି ବ୍ରୋଞ୍ଜ ପଦକ ପାଇଥିବା ବେଳେ ଅଭିଷେକ ସ୍ୱାଇଁ ୧୦୫ କେଜି ଓଜନ ବର୍ଗରେ ୨୮୨.୫ କେଜି ଓଜନ ଉଠାଇ ସ୍କ୍ୱାଟ୍‌ରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ତରଫରୁ କୋଚ୍ ରାକେଶ ଶତପଥୀ ଓ ଟିମ୍ ମ୍ୟାନେଜର ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ୧୬ ଜଣିଆ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ସତ୍ୟପ୍ରଜ୍ଞ ଭାରତୀୟ ପ୍ରତିନିଧି ଦଳ ମୁଖ୍ୟ

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

ଫିଡେ ଆନୁକୂଲ୍ୟରେ ବିଶ୍ୱ ଜୁନିୟର ଚେସ୍ ଚାମ୍ପିୟନଶିପ୍ ରବିବାର ମଣ୍ଟେନେଗ୍ରୋର ପେଟ୍ରୋଭାକ୍‌ରେ ଆରମ୍ଭ ହେବାକୁ

ଫିଡେ ବିଶ୍ୱ ଜୁନିୟର ଚେସ୍

ଯାଉଛି। ମାର୍ଚ୍ଚ ୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଭାରତର ବାଳିକା ଓ ବାଳକ ଚେସ୍ ପ୍ରତିଭାମାନେ ପ୍ରସ୍ତୁତ। ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ଏବଂ ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ଓପନ ବିଭାଗରେ ଭାରତରୁ ୧୨ ଖେଳାଳି ଅଂଶଗ୍ରହଣ କରିବେ। ଦ୍ୱିତୀୟ ସିଡ୍ ଗ୍ରାଣ୍ଡମାଷ୍ଟର ଜି. ପ୍ରଣବ (୨୬୧୫ ରେଟିଂ) ଭାରତୀୟ ଦଳର ନେତୃତ୍ୱ ନେବେ। ସେହିପରି ମହିଳା ଗ୍ରାଣ୍ଡମାଷ୍ଟର ରକ୍ଷିତା ରବି (୨୩୬୫)ଙ୍କ ନେତୃତ୍ୱରେ ଭାରତୀୟ ବାଳିକା ଦଳ ଖେଳିବ। ତାଙ୍କୁ ୪ର୍ଥ ସିଡ୍‌ର ମାନ୍ୟତା ମିଳିଛି। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ଜାତୀୟ କ୍ରୀଡ଼ାରେ ପଦକ ବିଜେତାଙ୍କୁ ପ୍ରୋତ୍ସାହନ

ଓଡ଼ିଶାର ପ୍ରଦର୍ଶନ ପ୍ରେରଣାଦାୟୀ: କ୍ରୀଡ଼ାମନ୍ତ୍ରୀ

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜାତୀୟ କ୍ରୀଡ଼ାରେ ପଦକ ବିଜୟୀ ଓଡ଼ିଶା ମହିଳା ସନ୍ତରଣ ଦଳକୁ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା ଓଡ଼ିଶା କ୍ରୀଡ଼ାବିତ୍‌ଙ୍କୁ ଶନିବାର କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ କ୍ରୀଡ଼ାବିତମାନଙ୍କୁ ପୁରସ୍କାର ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ୬ ଲକ୍ଷ, ରୌପ୍ୟ ପାଇଁ ୪ ଲକ୍ଷ ଏବଂ ବ୍ରୋଞ୍ଜ ପଦକ ପାଇଁ ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ''୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସର୍ବଭାରତୀୟ ସ୍ତରରେ ଓଡ଼ିଶା ୧୨ଶ ସ୍ଥାନ ହାସଲ କରି ଶ୍ରେଷ୍ଠ ୧୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି। ଆମ କ୍ରୀଡ଼ାବିତ୍‌ମାନେ ହେଉଛନ୍ତି ଆମ ଗର୍ବ ଓ ଗୌରବ। କ୍ରୀଡ଼ାର ମୌଳିକତା ହେଉଛି ବିଜୟର ଉତ୍ସାହ ରହିବା, ପରାଜୟ ଦ୍ୱାରା ନିରାଶ ନ ହୋଇ ପୁନର୍ବାର ଜିତିବା ପାଇଁ ଅନୁପ୍ରାଣିତ ହେବା। ଜାତୀୟ କ୍ରୀଡ଼ାରେ ଏହି ବିଜୟ ଓଡ଼ିଶାର ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ପ୍ରେରଣାଦାୟୀ''। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା, ବରିଷ୍ଠ ଅଧିକାରୀଗଣ ଏବଂ ବିଭିନ୍ନ କ୍ରୀଡ଼ା ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ରାଜ୍ୟ ଖବର

ଶହୀଦ ସୁଧାକରଙ୍କୁ ମୁକ୍ତିଯୁଦ୍ଧ ଅନ୍ତଃରାଷ୍ଟ୍ରୀୟ ସମ୍ମାନ

ତାଳଚେରସ୍ଥିତ ବାସଭବନରେ ସ୍ତ୍ରୀ ଉମାଦେବୀ ଗ୍ରହଣକଲେ

ଶହୀଦ ସୁଧାକର ବେହେରାଙ୍କ ସ୍ତ୍ରୀ ଉମାଦେବୀ ମୁକ୍ତିଯୁଦ୍ଧ ଅନ୍ତଃରାଷ୍ଟ୍ରୀୟ ସମ୍ମାନ ଗ୍ରହଣ କରୁଛନ୍ତି।

ତାଳଚେର,୨୨।୨(ମନୋଜ ନନ୍ଦ)

୫୪ ବର୍ଷ ତଳେ ଅର୍ଥାତ୍ ପାକିସ୍ତାନରୁ ବାଂଲାଦେଶକୁ ମୁକ୍ତ କରିବାକୁ ୧୯୭୧ ଯୁଦ୍ଧରେ ଶହୀଦ ହୋଇଥିବା ଭାରତୀୟ ଯବାନ ଅନୁଗୋଳ ଜିଲା ତାଳଚେରର ବୀରପୁତ୍ର ସୁଧାକର ବେହେରାଙ୍କୁ ଶନିବାର ମୁକ୍ତିଯୁଦ୍ଧ ଅନ୍ତଃରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ବାଂଲାଦେଶର ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ତଥା ବାଂଲାଦେଶ ସରକାରଙ୍କ ତରଫରୁ ଏବଂ ଭାରତ ସରକାରଙ୍କ ସହଯୋଗ କ୍ରମେ ଏହି ମୁକ୍ତିଯୁଦ୍ଧ ଅନ୍ତଃରାଷ୍ଟ୍ରୀୟ ସମ୍ମାନ ଶହୀଦ ସୁଧାକରଙ୍କ ସ୍ତ୍ରୀ ଉମାଦେବୀଙ୍କୁ ପୈତୃକ ବାସଭବନ ତାଳଚେର ଜେଲ୍‌ରୋଡଠାରେ ଅନୁଗୋଳ ଜିଲା ପୂର୍ବ ସୈନିକ ସଂଘର ସହଯୋଗ କ୍ରମେ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଶହୀଦ ୟୁନିଟ୍‌ରେ କାର୍ଯ୍ୟରତ ସୈନ୍ୟ ଅଧିକାରୀ ଗୋପାଳ କୃଷ୍ଣା, ଅନୁଗୋଳ ଜିଲା ପୂର୍ବ ସୈନିକ ସଂଘ ସଭାପତି ଅନିଲ କୁମାର ମହାନ୍ତି, ତାଳଚେର ହବ୍‌ର ହବ୍ ଇନଚାର୍ଜ ଆଦିତ୍ ମାହାନ୍ତି, ବିଜୟ ସାହୁ, ଦେବେନ୍ଦ୍ର ସାହୁ ଏବଂ କଣିହାଁ ହବ୍‌ର ମଧୁସୂଦନ ମହାନ୍ତିଙ୍କ ସମେତ ୬୦ରୁ ଅଧିକ ପୂର୍ବତନ ସୈନିକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ, ସାମାଜିକ କର୍ମୀ ରଞ୍ଜିତ କୁମାର ମହାପାତ୍ର, ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ସୌଭାଗିନୀ ଦେବୀ, ଚିନ୍ତାମଣି ମହାପାତ୍ର, ବଳରାମ କୁଣ୍ଡ, ସାମାଜିକ କର୍ମୀ ଜିତେନ୍ଦ୍ର ମହାପାତ୍ର, ପର୍ଶୁରାମ ଦାଶ ଏବଂ ସହରର କେତେଜଣ ବୁଦ୍ଧିଜୀବୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜଳିଗଲା ୫ ଦୋକାନ

ବ୍ରହ୍ମପୁର,୨୨।୨(ସୁବାସ ଚନ୍ଦ୍ର ପାଢ଼ୀ)

କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠି ଗ୍ରାମ ମୁଖ୍ୟ ରାସ୍ତାକଡ଼ରେ ଥିବା ୫ଟି ଦୋକାନ ଶୁକ୍ରବାର ବିଳମ୍ବିତ ରାତିରେ ଜଳିଯାଇଛି। ଜଳଖିଆ ଦୋକାନ ଭିତରେ ଥିବା ଦୁଇଟି ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଛି। କେହି ଦୁର୍ଘଟଣା ନିଆଁ ଲଗାଇଦେଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ଏହି ଅଗ୍ନିକାଣ୍ଡରେ କିଛି ବିଦ୍ୟୁତ ତାର ପୋଡ଼ିଯାଇଛି। ଅଧିକ କ୍ଷତି ଆଶଙ୍କା କରି ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ସରବରାହ ବନ୍ଦ କରି ଦେଇଥିଲା। ଫଳରେ ଗ୍ରାମବାସୀଙ୍କୁ ରାତିସାରା ଅନ୍ଧାରରେ ରହିବାକୁ ପଡ଼ିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ମୋଦିଙ୍କ ପାଖକୁ...

ପ୍ରଥମ ପୃଷ୍ଠାରୁ...

ହାର ବୃଦ୍ଧି ପାଇଁ ଆମେ ଚାହୁଁଛୁ ବୋଲି ସେ କହିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଏହି ମନ୍ତବ୍ୟ ପରେ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛି। କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଶ୍ୱେତପତ୍ର ଜାରି କରନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି। ଟ୍ରମ୍ପ୍ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏଲନ୍ ମସ୍କଙ୍କ ଅଧ୍ୟକ୍ଷତାରେ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ପକ୍ଷରୁ ଗତ ୧୬ରେ ଭାରତକୁ ୨୧ ନିୟୁତ ଡଲାର ପାଣ୍ଠି ପ୍ରଦାନକୁ ରଦ୍ଦ କରାଯାଇଛି। ମିଆମିରେ ଗୁରୁବାର ଅନୁଷ୍ଠିତ ଏଫ୍‌ଆଇଆଇ ପ୍ରିଓରିଟି ସମିଟ୍‌କୁ ସମ୍ବୋଧିତ କରି ଟ୍ରମ୍ପ୍ କହିଥିଲେ, ଭାରତରେ ମତଦାନ ହାର ବୃଦ୍ଧି ପାଇଁ ଆମେ ୨୧ ନିୟୁତ ଡଲାର ଖର୍ଚ୍ଚ କରିବାର ଆବଶ୍ୟକତା କ'ଣ? ବାଇଡେନ୍ ପ୍ରଶାସନ ବୋଧେ ଅନ୍ୟ କାହାକୁନିର୍ବାଚନରେ ଜିତାଇବାକୁ ଚାହୁଁଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ପରେ ଭାରତରେ ରାଜନୈତିକ ବୟାନବାଜି ଜୋର୍ ଧରିବାରେ ଲାଗିଛି। ୨୦୨୪ରେ ଭାରତର ଲୋକ ସଭା ନିର୍ବାଚନ

ଜନ୍ମଦିନର ଶୁଭେଚ୍ଛା

ଗୁନ୍‌ଗୁନ୍
ପରିବାରବର୍ଗ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

୧୫ ସାଙ୍ଗଠନିକ ଜିଲା, ବିଧାୟକଙ୍କ ସହ ଦଳର ସ୍ଥିତି ନେଇ ଆଲୋଚନା

ଅନ୍ୟ ଜିଲା ସହ ରବିବାର ହେବ ଚର୍ଚ୍ଚା

ଭୁବନେଶ୍ୱର, ୨୨।୨(ସୁନିତ୍ ମିଶ୍ର)

କଂଗ୍ରେସ ସଙ୍ଗଠନ କିଭଳି ମଜଭୁତ ହେବ ସେନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଏହା ଉପରେ ବିଶେଷ ଧ୍ୟାନଦେବା ଆରମ୍ଭ କରିଛନ୍ତି। କ'ଣ କରାଗଲେ ଦଳର ସ୍ଥିତି ସୁଧୁରିବ, ତା' ଉପରେ ବିଭିନ୍ନ ଜିଲାର ନେତାଙ୍କୁ ଡାକି ପିସିସି ସଭାପତି ଏବଂ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ପ୍ରଥମେ ସକାଳ ୧୦ଟାରୁ କଂଗ୍ରେସର ସମସ୍ତ ବିଧାୟକଙ୍କ ସହ ୨ ଘଣ୍ଟା ଧରି ଆଲୋଚନା ଚାଲିଥିଲା। ଦଳର ଆଭିମୁଖ୍ୟ ଏବଂ ବିଧାନସଭା ଭିତରେ ଓ ବାହାରେ କେଉଁ ପ୍ରସଙ୍ଗରେ ଦଳ ଲୋକଙ୍କ ପାଖରେ କି ପ୍ରକାର ବାର୍ତ୍ତା ପହଞ୍ଚାଇବ ସେନେଇ ଚର୍ଚ୍ଚା ହୋଇଥିଲା। ଏହି ଅବସରରେ କଂଗ୍ରେସର ଭବିଷ୍ୟତ କାର୍ଯ୍ୟପନ୍ଥା କ'ଣ ହେବା ଦରକାର ସେନେଇ ବିଧାୟକମାନେ ନିଜର ମତ ରଖିଥିଲେ। ତେବେ ବିଧାୟକଙ୍କ ବୈଠକ ପରେ ୧୫ ଜିଲାର ସଭାପତି ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଡକାଯାଇ ସେମାନଙ୍କ ସହ ଆଲୋଚନା ହୋଇଥିବା ଜଣାପଡ଼ିଛି। କଂଗ୍ରେସ ଭବନରେ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିବା ବୈଠକରେ ଭୁବନେଶ୍ୱର, ଖୋର୍ଦ୍ଧା, ଗଞ୍ଜାମର ୨ଟି ସାଙ୍ଗଠନିକ ଜିଲା, ବୌଦ୍ଧ, ନୟାଗଡ଼, ରାଉରକେଲା, ଭଦ୍ରକ, ଜଗତ୍‌ସିଂହପୁର, କନ୍ଧମାଳ, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, ଗଜପତି ଏବଂ ପୁରୀ ସାଙ୍ଗଠନିକ ଜିଲାର ସଭାପତି, ମହିଳା, ଯୁବ ଓ ଛାତ୍ର ନେତାମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇଛି। ଏହିସବୁ ଜିଲାରେ ଦଳର ସ୍ଥିତି କିପରି ରହିଛି ଏବଂ ଏହା ଆଗକୁ କେମିତ ସଜଡ଼ାଯାଇପାରିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଛି। ଦଳ କିପରି ଏହି ଜିଲାଗୁଡିକରେ ସଙ୍ଗଠିତ ହେବ ଏବଂ ସେହି ସ୍ଥାନରେ କେଉଁ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯିବା ଦରକାର ସେନେଇ ମଧ୍ୟ ଚର୍ଚ୍ଚା ହୋଇଛି।

ସୂଚନାଯୋଗ୍ୟ, କଂଗ୍ରେସ ଭବନରେ ଚା, ଜଳଖିଆଠାରୁ ଆରମ୍ଭକରି ମଧ୍ୟାହ୍ନଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଛି। ସେଠାରେ ଦଳୀୟ କର୍ମୀ ଓ ନେତାଙ୍କ ଗହଳି ମଧ୍ୟ ଦୀର୍ଘଦିନ ପରେ ଦେଖିବାକୁ ମିଳିଛି। ସେହିପରି ରବିବାର ଅନ୍ୟ ସାଙ୍ଗଠନିକ ଜିଲାଗୁଡ଼ିକର ନେତାଙ୍କ ସହ ସଭାପତି ଏବଂ ପ୍ରଭାରୀ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଭକ୍ତ ଦାସ ସଭାପତି ଦାୟିତ୍ୱ ନେବାପରେ ପ୍ରଥମେ ଭୁବନେଶ୍ୱରରୁ ଆରମ୍ଭକରି ପୁରୀ ପର୍ଯ୍ୟନ୍ତ ଏକ ସଂକଳ୍ପଯାତ୍ରା କାର୍ଯ୍ୟକ୍ରମ କରିଥିଲେ। ଏଥିରେ ଦଳର ବହୁ ନେତା ସାମିଲ ମଧ୍ୟ ହୋଇଥିଲେ।

କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବିରେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଯୁବକଂଗ୍ରେସ ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ମାହାଙ୍ଗାକୁ ବଦ୍‌ନାମ କରିଛନ୍ତି ବିଧାୟକ: ଦୀପା

ନିଶ୍ଚିନ୍ତକୋଇଲି,୨୨।୨(ଅଶୋକ କୁମାର ମହାପାତ୍ର)

ବିଧାନସଭାରେ ମଥ୍ୟା ବବୃତ୍ତ ଦେଇ ମାହାଙ୍ଗାକୁ ବିଧାୟକ ଶାରଦା ପ୍ରଧାନ ବଦ୍‌ନାମ କରିଛନ୍ତି ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପା ମଲିକ ଅଭିଯୋଗ କରିଛନ୍ତି। ମାହାଙ୍ଗାଠାରେ ଶନିବାର ଖବରଦାତା ସମ୍ମିଳନୀରେ ଦୀପା କହିଛନ୍ତି, ବିଧାନସଭାରେ ବେଶି ଭାଷଣ ଦେବାକୁ ଯାଇ ସଂସ୍କୃତିର ମାଟି ମାହାଙ୍ଗାକୁ ଲଜ୍ଜିତ କରିଛନ୍ତି ବିଧାୟକ। ଏଥିସହିତ ଦୁର୍ନୀତିର ତଦନ୍ତ ଆଳ ଦେଖାଇ ଉନ୍ନୟନ କାର୍ଯ୍ୟରେ ଶାରଦା ବାଧା ସୃଷ୍ଟି କରୁଛନ୍ତି। ନିକଟରେ ହୋଇଥିବା କାର୍ଯ୍ୟର ବିଲ୍ ନ ମିଳିବା, ନୂତନ କାର୍ଯ୍ୟ କରାଯାଉ ନ ଥିବା ଅଭିଯୋଗ ନେଇ ନିର୍ବାଚିତ ପଞ୍ଚାୟତ ସ୍ତରୀୟ ଲୋକ ପ୍ରତିନିଧି ମାନେ ଧାରଣା ଦେଇଥିଲେ। ମାତ୍ର ଏହି ଧାରଣା ଶାରଦାଙ୍କ ଇଙ୍ଗିତରେ ରଣକ୍ଷେତ୍ର ପାଲଟିଥିଲା। ସୂଚନା ଦିଆଯାଇପାରେ ଯେ, ବିଧାନସଭାରେ ବିଧାୟକ ଶାରଦା କହିଥିଲେ, ମାହାଙ୍ଗା ବ୍ଲକରେ ବହୁ ଦୁର୍ନୀତି ହୋଇଛି। ବ୍ଲକ ଅଧ୍ୟକ୍ଷା ସରକାରୀ ଫାଇଲ ନେଇଥିବାରୁ ବ୍ଲକ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜୁଛି। ଏ ସମ୍ପର୍କରେ ଦୀପା କହିଛନ୍ତି, ଯଦି ଦୁର୍ନୀତି ହୋଇଛି ତେବେ ବିଧାୟକ ଏହାର ପ୍ରମାଣ ସାର୍ବଜନୀନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

୧୯୯୭ ମହିହାରେ ବିପିଏଲ ତାଲିକାଭୁକ୍ତ ବ୍ୟକ୍ତି କିପରି ହଠାତ କୁବେର ପାଲଟି ଯାଇଛନ୍ତି ସେ ନେଇ ମଧ୍ୟ ସାରଦା ମାହାଙ୍ଗାବାସୀଙ୍କ ନିକଟରେ ସ୍ପଷ୍ଟୀକରଣ ରଖିବାକୁ ଅଧ୍ୟକ୍ଷା ଦାବି କରିଛନ୍ତି। ମାହାଙ୍ଗା ବିଧାୟକଙ୍କ ସମର୍ଥକମାନେ ଏହି ବ୍ଲକର ୩ ପଞ୍ଚାୟତରେ ସରକାରୀ ନୀତି ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି କାର୍ଯ୍ୟ କରିଛନ୍ତି । ଏହି ବ୍ଲକ ଅଧୀନସ୍ଥ କୁହୁଣ୍ଡା, ବରାହିପୁର ଓ ଉମର ପଞ୍ଚାୟତରେ କାର୍ଯ୍ୟାଦେଶ ନ ହୋଇ ବିନା ଅଟକଳରେ ବିଧାୟକଙ୍କ ସମର୍ଥକ କିପରି ଲକ୍ଷାଧିକ ଟଙ୍କାର କାର୍ଯ୍ୟ କରି ଠିକାଦାର ସାଜିଲେ ବୋଲି ଦୀପା ପ୍ରଶ୍ନ କରିଛନ୍ତି। ସରକାରୀ ଫାଇଲ ନେବା ସମ୍ପର୍କରେ ଦୀପା କହଛନ୍ତି, ବ୍ଲକର କେତେଜଣ ଅଧିକାରୀ ରାଜନୈତିକ ଚାପରେ ବହୁ କୋଟି ଟଙ୍କାର ମିଥ୍ୟା ବିଲ୍ କରିବାକୁ ଯୋଜନା କରଥିଲେ। ଏହାର ପ୍ରମାଣ ମିଳିବା ପରେ ବ୍ଲକର ଏହି ଫାଇଲ୍‌କୁ ସେ ଜବତ କରିଛନ୍ତି। ଫଳରେ ମିଥ୍ୟା ବିଲ୍ କରି ନ ପାରିବାରୁ ସାରଦା ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ସେହିପରି ଗଣତାନ୍ତ୍ରିକ ପଦ୍ଧତିରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବସିଥିବା ଧାରଣାସ୍ଥଳକୁ ରଣକ୍ଷେତ୍ରରେ ପରିଣତ କରିବା ଓ ପୋଲିସ କର୍ମୀଙ୍କୁ ମାରି ମୁଣ୍ଡ ଫଟାଇବା ପଛରେ ସାରଦାଙ୍କ ହାତ ରହିଛି ବୋଲି ଦୀପା ଅଭିଯୋଗ ଆଣିଛନ୍ତି।

ଅପରପକ୍ଷରେ ସାରଦାଙ୍କ ୩ ସମର୍ଥକ ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ କରି ଅଧ୍ୟକ୍ଷା ଦୀପାଙ୍କ ବୟାନକୁ ଖଣ୍ଡନ କରିଛନ୍ତି। ସେମାନେ ବିଧାୟକଙ୍କ ଉକ୍ତିକୁ ଉପସ୍ଥାପନ କରିବା ସହ ବ୍ଲକ ଅଧ୍ୟକ୍ଷା ଓ ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କୁ ଟର୍ଗେଟ କରି କହିଛନ୍ତି ଯେ, ସେମାନଙ୍କ ପାଇଁ ମାହାଙ୍ଗାରେ ଆଇନଶୃଙ୍ଖଳା ପରସ୍ଥିତି ସୃଷ୍ଟି ହୋଇଥିବାବେଳେ ଦୁର୍ନୀତି ବଢ଼ିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଅଚ୍ୟୁତଙ୍କ ଗିରଫ ଦାବିରେ ଯୁବକଂଗ୍ରେସର ବିକ୍ଷୋଭ

କିଟ୍‌ରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା

ଭୁବନେଶ୍ୱର, ୨୨।୨(ସୁନିତ୍ ମିଶ୍ର)

ପ୍ରଦେଶ ଯୁବକଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବି ନେଇ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଇନ୍‌ଫୋସିଟି ଥାନା ପାଖରୁ ଏକ ରାଲିରେ ଶତାଧିକ ଯୁବ କଂଗ୍ରେସ କର୍ମୀ ପତାକା ଓ ପ୍ଲାକାର୍ଡ ଧରି କିଟ୍ ଅଭିମୁଖେ ପଦଯାତ୍ରାରେ ଯାଇଥିଲେ। ସେଠାରେ ୧ ଘଣ୍ଟା ଧରି ବିକ୍ଷୋଭ ପ୍ରଦର୍ଶନ କରିବା ପରେ କିଟ୍ ପରିସରକୁ ପ୍ରବେଶ କରିବାକୁ ଯୁବକଂଗ୍ରେସର କର୍ମୀମାନେ ଉଦ୍ୟମ କରୁଥିଲାବେଳେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ରଣଜିତ ପାତ୍ର କିଟ୍‌ର ଅଚ୍ୟୁତ ସାମନ୍ତଙ୍କୁ ସମାଲୋଚନ କରିଛନ୍ତି। କିଟ୍ ପରିସରରେ ମହିଳା ଅସୁରକ୍ଷିତ। କିଟ୍ ଭିତରେ ଯେଉଁ ମୃତ୍ୟୁ ଘଟଣା ଘଟିଲା ତା'ର କାରଣ ଜଣାପଡ଼ି ନାହିଁ। ଅଚ୍ୟୁତଙ୍କ ପକେଟରେ ସମ୍ପୂର୍ଣ୍ଣ ପ୍ରଶାସନ ରହିଯିବାରୁ କିଟ୍ ପରିସରରେ ହେଉଥିବା କେଳେଙ୍କାରୀ ଓ କଳାକାରନାମା ପଦାକୁ ଆସିପାରୁ ନାହିଁ। ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ କିଟ୍‌ରେ ପଢୁଥିବା ୯୦୦ରୁ ଊର୍ଦ୍ଧ୍ୱ ନେପାଳୀ ଛାତ୍ରୀଛାତ୍ରଙ୍କୁ ଅଚ୍ୟୁତଙ୍କ ନିର୍ଦ୍ଦେଶରେ ତାଙ୍କ କର୍ମଚାରୀମାନେ ଯେଉଁଭଳି ଆଚରଣ କରିଛନ୍ତି ଏହା ଦୁର୍ଭାଗ୍ୟଜନକ। ସ୍ୱତନ୍ତ୍ର ଭାବେ ସାଇନ୍ ଡାଏ ଘୋଷଣା କରାଯାଇ ନେପାଳୀ ଛାତ୍ରୀଛାତ୍ରମାନଙ୍କୁ ବଳପୂର୍ବକ ହଷ୍ଟେଲରୁ ତଡ଼ିଦିଆଯାଇଥିଲା। ଏପରିକି ନେପାଳ ଉପରେ କିଟ୍‌ର କର୍ମଚାରୀ ଯେଉଁ ମନ୍ତବ୍ୟ ଦେଇଛନ୍ତି ଏହା ଆନ୍ତର୍ଜାତିକ ସମ୍ପର୍କକୁ କ୍ଷୁଣ୍ଣ କରିବ। ନାଟର ଗୋବର୍ଦ୍ଧନ ଅଚ୍ୟୁତ ହୋଇଥିଲା ବେଳେ ମୋହନ ସରକାର ତାଙ୍କୁ ଗିରଫ ନ କରି ତାଙ୍କ କର୍ମଚାରୀଙ୍କୁ ଗିରଫ କରିବା 'ମୋହନ-ଅଚ୍ୟୁତ' ମଧ୍ୟୁଚନ୍ଦ୍ରିକାକୁ ପ୍ରକଟିତ କରିଛି। କେବଳ ଅଚ୍ୟୁତଙ୍କୁ ବଞ୍ଚାଇବାକୁ ଯାଇ ସେଠାରେ ଅନ୍ୟ କର୍ମଚାରୀଙ୍କୁ ଗିରଫ କରାଯାଉଛି। ଏହି ଗିରଫ କେବଳ ଲୋକଦେଖାଣିଆ। କାରଣ ସେମାନଙ୍କ ବିରୋଧରେ କୋହଳ ଦଫା ଲଗାଯାଉଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଚ୍ୟୁତଙ୍କୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି। କିଟ୍ ପରିସରରେ ଏଭଳି ଘଟଣା ଘଟିବା ପରେ ବି କେନ୍ଦ୍ର ଶିକ୍ଷାମନ୍ତ୍ରୀ ନୀରବ ରହିବା ଦୁର୍ଭାଗ୍ୟଜନକ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଅଚ୍ୟୁତଙ୍କ ପ୍ରଭାବରେ ପ୍ରଭାବିତ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଯୁବ କଂଗ୍ରେସ କର୍ମୀମାନେ ଅଚ୍ୟୁତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗକୁ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

Classified Everyday
0674-2580101, 9692975378

MATRIMONIAL

GROOM WANTED

Wanted Govt. Officers Groom for Fair Khandayat girl 1998, 5'4", MSC, serving Health Officer State Govt. "Sunasansar". 9937512659. D-76244

REAL ESTATE

SALE

ଭୁବନେଶ୍ୱର ଛତାବର ଛକରୁ ୧୦୦ ମିଟର ଦୂର (ଛତାବର-ଇନ୍‌ଫୋସିସ୍ ରାସ୍ତା)କୁ ଲାଗି ଉଚ୍ଚ ବର୍ଗର ଅଧିକାରୀ, ଇଞ୍ଜିନିୟର, ବ୍ୟାଙ୍କ ମ୍ୟାନେଜର ଇତ୍ୟାଦି କ୍ରୟ କରିଥିବା ୪୬ ଫ୍ଲାଟ୍ ମଧ୍ୟରୁ ୩ ଗୋଟି ଫ୍ଲାଟ୍ ବିକ୍ରୟ କରାଯିବ। ଯୋଗାଯୋଗ- 7064055712, 9777301255 D-71596

Gharabari converted plots available near Hitech Square, Sundarpada, Bhubaneswar. For more details contact: 9437192512, 9937846404. D-3035

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ଫ୍ଲାଟ୍ ବିକ୍ରିହେବ। 9114705579. D-76238

Get most bigest asset for future investment on land/ plots in BDA proposed greater Bhubaneswar area for uncomparable return in short period. 7978701424. D-76242

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-3029

Plot selling ବାରଙ୍ଗ Rs.-545/-, ପଟିଆ, ସାମନ୍ତରାଏପୁର, ନଖରା, ଖୋରଦା, ଜଗତ୍‌ସିଂହପୁର। 8895778043. D-2961

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-3030

CONSTRUCTION

Construct your home with branded material completed start 1250/- per sqft. 9827152441 D-75599

GENERAL

SALE

Sale of Concrete Mixture a ready made Lift & Mixture with Bolero Pickup Van running condition. 8327792030. D-76420

1200sqft fully furnished office space available for rent in 2nd and 3rd floor at Omm Complex, Bomikhal, Bhubaneswar. Contact: 9880193309/ 7411536937. D-75596

Hospital commercial space used Infertility IVF Center, Chandrasekharpur, Bhubaneswar. 9437008388. D-74724

Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

Positively health benefited SPA by expert female therapist, Bapujinagar. 8018429809. D-76198

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

AFFIDAVIT

By this affidavit No.-2573 dated 24.01.2025 before the Notary Public, Sambalpur, I Richita Saha, D/o- Rajkumar Saha, R/o- Flat No.- S-201, Brijdham Society, P.O./Dist.- Sambalpur, declare that in Passport Vide No.- K4994214 my name has been wrongly entered as Ruchita Saha instead of Richita Saha. Henceforth, I shall be known as Richita Saha for all purposes. D-3041

By virtue of an affidavit sworn before Executive Magistrate, Salipur, Cuttack, dated 20.02.2025 I Basudev Swain, Address: At- Balisahi, P.O.- Salipur, P.S.- Salipur, Dist.- Cuttack, Odisha 754202, declare that I have changed my name from Basudeb Swain to Basudev Swain. Henceforth, I shall be known as Basudev Swain for all purposes. Basudev Swain D-3040

By this affidavit No.-2572 dated 24.01.2025 before the Notary Public, Sambalpur, I Chabi Saha, W/o- Rajkumar Saha, R/o- Flat No.- S-201, Brijdham Society, P.O./Dist.- Sambalpur, declare that in Passport Vide No.- K4999180 my name has been wrongly entered as Chhabirani Saha instead of Chabi Saha. Henceforth, I shall be known as Chabi Saha for all purposes. D-3042

By virtue of an affidavit sworn before C.F. No.-80, dated 21.02.2025 I, Gobinda Chandra Sahoo, Address- Khandagiri Bari, P.O.- Khandagiri, P.S.- Bharatpur, Bhubaneswar, Dist.- Khordha, Odisha, PIN-751030 declare that I have changed my son name from Raja Sahoo to Abhijeet Sahoo. Henceforth, he shall be known as Abhijeet Sahoo for all purposes. Gobinda Chandra Sahoo D-3037

By virtue of an affidavit sworn before Executive Magistrate, Puri, dated 21.02.2025, I Susamarani Jena, Address: At- Balabhadrapatana, P.O.- Palanka, P.S.- Purisadar, Dist.- Puri, Odisha 752011, declare that I have changed my name from Jhunirani Jena to Susamarani Jena. Henceforth, I shall be known as Susamarani Jena for all purposes. Susamarani Jena D-3036

I, Happy Behera, S/o- Jitendra Behera, At- Balia Panda, P.O.- Balia Panda MPL, P.S.- Balia Panda, Dist.- Puri-752001 declare by this affidavit No.- 634/2024, dtd. 29.12.2024 that now onwards I shall be known as JAGAN BEHERA for all future purposes. D-3043

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary, Bhubaneswar, dated 20.02.2025 I, Keshab Behera, At- Kunjar, P.O.- Sri Purusottampur, P.S.- Delang, Dist.- Puri, Odisha, PIN- 752016 declare that I have changed my name from Suresh Vehra to Keshab Behera. Henceforth, I shall be known as Keshab Behera for all and every purposes. D-3038

By virtue of an affidavit sworn before the Executive Magistrate, Raghunathpur, dated 18.02.2025, I, Jogendra Nath Mohanty, Age-70, S/o- Basudev Mallick of Village- Badakorkor, P.O.- Adheikul, P.S.- Raghunathpur, Dist.- Jagatsinghpur declare that now onwards I shall be known as Jogendra Nath Mohanty instead of Jogindar Mallick for all future purposes. Jogendra Nath Mohanty and Jogindar Mallick is one and same person. D-3039

I, Banita Bhoi, W/o- Santosh Bhoi, Gobindpur, Jharkata, Cuttack states by affidavit No.-1929, dt 20.02.25 before Executive Magistrate, Cuttack that I have changed my daughter name from E. Krishnabani, C/o- J. Elaya Raja to Krishna Bhoi, D/o- Santosh Bhoi. Krishna Bhoi & E. Krishnabani is one and same person. Henceforth, she will be known as Krishna Bhoi for all purposes. D-3045

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ

ୱ ଅଜୟ କୁମାର ସାହୁ
ଜୟଦୁର୍ଗା ନଗର, ଭୁବନେଶ୍ୱର

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଚରଣରେ ଭକ୍ତିପୂତ ପ୍ରାର୍ଥନା।

:ଶୋକସନ୍ତପ୍ତ:

ଆପଣଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ।

ଧ-୨୮୬୪

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM UPI
BHARAT INTERFACE FOR MONEY UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

କର୍ମକ୍ଷେତ୍ରରେ ଉତ୍ତମ ବ୍ୟବହାର

ପ୍ରତ୍ୟେକ କର୍ମଜୀବୀଙ୍କ ପାଇଁ ସେମାନଙ୍କ କାର୍ଯ୍ୟକ୍ଷେତ୍ର ଦ୍ୱିତୀୟ ଘର ସଦୃଶ । କାରଣ ଦିନର ପ୍ରାୟ ଏକ ତୃତୀୟାଂଶରୁ ଅଧିକ ସମୟ ବିତିଥାଏ ସେଠାରେ । ତେଣୁ ସେଠାରେ ସହକର୍ମୀମାନଙ୍କ ସହିତ ସମ୍ପର୍କ ଜଣେ କର୍ମଜୀବୀଙ୍କ ଜୀବନ ଉପରେ ବହୁତ ପ୍ରଭାବ ପକାଇଥାଏ । ଆଉ ଏହି ସମ୍ପର୍କ କେତେ ଭଲ ହୋଇପାରିବ ତାହା ନିର୍ଭର କରିଥାଏ ମଣିଷର ବ୍ୟବହାର ଉପରେ...

କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ବ୍ୟବହାର ଏକାଭଳି ହୋଇ ନ ଥାଏ । କାହାର କଥାବାର୍ତ୍ତା ଏବଂ ବ୍ୟବହାରରେ ଅଫିସ୍‌ର ମାହୋଲ ଖୁସିପୂର୍ଣ୍ଣ ହୋଇଯାଉଥିବା ବେଳେ ଏମିତି ବି କେହି କେହି ଥାଆନ୍ତି ଯାହାର ବ୍ୟବହାର ଏକ ନକାରାତ୍ମକ ବାତାବରଣ ସୃଷ୍ଟି କରିଥାଏ । ତେଣୁ ଅଫିସ୍‌ରେ ସମସ୍ତଙ୍କ ପ୍ରିୟଭାଜନ ହେବାକୁ ହେଲେ କାହା ସହ କେମିତି ବ୍ୟବହାର କରିବେ ତାହା ନିଜ ଉପରେ ହିଁ ନିର୍ଭର କରିଥାଏ । ତା'ଛଡା ଅଫିସ୍‌ରେ ନିଜ ଭଲ ବ୍ୟବହାର ଦ୍ୱାରା ଏକ ସକାରାତ୍ମକ ପରିବେଶ ସୃଷ୍ଟି ହେବା ଯୋଗୁ ନା କେବଳ ଜଣେ ଉତ୍ତମ ସହକର୍ମୀର ପରିଚୟ ମିଳିଥାଏ ବରଂ ଉଭୟ ଶାରୀରିକ ଏବଂ ମାନସିକସ୍ତରରେ ଫିଟ୍ ରଖିବା ସହ କାମ କରିବାର ଆଗ୍ରହ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

ସମୟ ଦିଅନ୍ତୁ: କର୍ମକ୍ଷେତ୍ରରେ ନିଜ କାମକୁ ନେଇ ସଚ୍ଚୋଟ ହୁଅନ୍ତୁ । ଯଥା ସମୟରେ ନିଜ କାମ ସମାପ୍ତ କରିବାକୁ ଚେଷ୍ଟା କରନ୍ତୁ । ହେଲେ ଏହାର ଅର୍ଥ ନୁହେଁ କେବଳ ଅଫିସ୍‌କୁ ଯାଇ ନିଜ କାମ ସାରି ଚାଲିଆସିବା ଅବା ଅତି ଆବଶ୍ୟକ ପଡ଼ିଲେ ହିଁ କାହା ସହ କଥା ହେବା । ଏଭଳି ବ୍ୟବହାର ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ । ତେଣୁ କାମ ଠିକ୍ ଭାବେ କରିବା ସହ ସହକର୍ମୀମାନଙ୍କ ସହ କଥା ହୋଇ ସୁସମ୍ପର୍କ ସ୍ଥାପନ କରନ୍ତୁ । ଆବଶ୍ୟକସ୍ଥଳେ ଅନ୍ୟକୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତୁ । ଯଦି କୌଣସି ସହକର୍ମୀଙ୍କ ସହ ଭୁଲ୍ ବୁଝାମଣା ହୋଇଯାଏ, ପ୍ରତିକ୍ରିୟା ପ୍ରକାଶ ନ କରି କିମ୍ବା ଝଗଡା ନ କରି ପ୍ରଥମେ ସିଧାସଳଖ କଥା ହୋଇ ସମାଧାନ କରିବାକୁ ଚେଷ୍ଟା କରନ୍ତୁ ।

ଅନୁକୂଳ ପରିବେଶ ସୃଷ୍ଟି କରନ୍ତୁ: କର୍ମକ୍ଷେତ୍ର ଜଣେ କର୍ମଜୀବୀଙ୍କ ପାଇଁ ଦ୍ୱିତୀୟ ଘର ଏବଂ ଏହାର କର୍ମଚାରୀ ପରିବାର ସଦୃଶ । ତେଣୁ ସବୁବେଳେ ନିଜର ଉତ୍ତମ ବ୍ୟବହାର ଏବଂ ଆଚରଣ ଦ୍ୱାରା ଅନ୍ୟମାନଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରନ୍ତୁ । କାରଣ ସମସ୍ତଙ୍କ ମଧ୍ୟରେ ବୁଝାମଣା ରହିବା ଏବଂ ପରସ୍ପରକୁ ସାହାଯ୍ୟ ମନୋବୃତ୍ତି ରହିଲେ ହିଁ କାମ କରିବା ଲାଗି ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ ।

ଖୁସି ରହିବା ଗୁରୁତ୍ୱପୂର୍ଣ୍ଣ: କାମର ଚାପ ପଡ଼ିଲେ ଧୀରେ ଧୀରେ ଏହାକୁ ସମାପ୍ତ କରିବାକୁ ଚେଷ୍ଟା କରନ୍ତୁ । ହେଲେ ଏଥିପାଇଁ ଚିଡିବା କିମ୍ବା ଅନ୍ୟ ଉପରେ ରାଗିବା ଭଳି ଆଚରଣ ଆଦୌ କରନ୍ତୁ ନାହିଁ । କାରଣ ଏହା ସଭିଙ୍କ ମନରେ ଆପଣଙ୍କ ପ୍ରତି ବଦ୍‌ରାଗୀ, ଅହଂକାରୀ ଭଳି ଭାବନା ସୃଷ୍ଟି କରିଥାଏ । ଯାହାକି ସହକର୍ମୀମାନଙ୍କୁ ଧୀରେ ଧୀରେ ଆପଣଙ୍କଠାରୁ ଦୂରେଇ ଦେଇଥାଏ । ତେଣୁ ଆବଶ୍ୟକ ସ୍ଥଳେ ସଭିଙ୍କ ସହ ହସହସ ମୁହଁରେ କଥା ହୁଅନ୍ତୁ । କାମ ସରିବା ପରେ ସମସ୍ତଙ୍କ ସହ କିଛି ସମୟ ଖୁସିରେ ବିତାନ୍ତୁ । କାରଣ ଖୁସି ମଜା କରିବା ଓ କିଛି ସମୟ ମନଖୋଲି ହସିବା ଦ୍ୱାରା ବି ଶରୀର ଓ ମନ ଉପରେ ଭଲ ପ୍ରଭାବ ପଡିଥାଏ, ଯାହାକି ଟେନ୍‌ଶନ୍ ଫ୍ରି ରଖିବାରେ ସାହାଯ୍ୟ କରିଥାଏ ।

ବିଶ୍ୱସ୍ତ ହେବା ଜରୁରୀ: କାହା ସମ୍ପର୍କରେ ଅନ୍ୟ ଆଗରେ କହିବାର ଭୁଲ ଆଦୌ କରନ୍ତୁ ନାହିଁ, ନଚେତ୍ ଏହାଦ୍ୱାରା ନା କେବଳ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିବ ବରଂ ଆପଣଙ୍କ ପ୍ରତି ଅନ୍ୟମାନେ ବିଶ୍ୱାସ ହରାଇପାରନ୍ତି । କାରଣ ସଚ୍ଚୋଟପଣିଆ ମଣିଷର ଏକ ବଡ଼ ଗୁଣ । ତେଣୁ ଅଫିସରେ ଯଦି କେହି ଆପଣଙ୍କୁ ବିଶ୍ୱାସରେ କିଛି କୁହନ୍ତି, ତେବେ ତାହାକୁ ଗୋପନ ରଖନ୍ତୁ । ଅଫିସ ରାଜନୀତିରେ ମୁଣ୍ଡ ଖେଳାନ୍ତୁ ନାହିଁ । ସର୍ବଦା ସହକର୍ମୀଙ୍କ ନିକଟରେ ବିଶ୍ୱସ୍ତ ହେବାକୁ ଚେଷ୍ଟା କରନ୍ତୁ ।

ସହଯୋଗର ହାତ ବଢାନ୍ତୁ: କାହାର ଅସୁବିଧା ସମୟରେ ସହଯୋଗର ହାତ ବଢ଼ାଇବା ଜଣେ ଭଲ କର୍ମଜୀବୀଙ୍କ ଲକ୍ଷଣ । ତେଣୁ କାହାର ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଖାନା ନେଇଯିବା କିମ୍ବା ସେଠାକୁ ଯାଇ ଦେଖାକରିବା, କାହାର ମନ ଖରାପ ଥିଲେ ବୁଝାଇବା ଏବଂ ସାନ୍ତ୍ୱନା ଦେବା, ଆବଶ୍ୟକ ଥିଲେ କାହାକୁ ଆର୍ଥିକ ସହାୟତା କରିବାକୁ କେବେ କୁଣ୍ଠାବୋଧ କରନ୍ତୁ ନାହିଁ । କାରଣ ଏହାଦ୍ୱାରା ନା କେବଳ ଅନ୍ୟଜଣେ ଉପକୃତ ହେବେ ବରଂ ଏହା ହିଁ ଆପଣଙ୍କୁ ପରବର୍ତ୍ତୀ ସମୟରେ ବେଶ୍ କାମରେ ଆସିପାରେ ।

ଉତ୍ତମ ସମ୍ପର୍କ ରଖନ୍ତୁ: ଅଫିସ୍‌ରେ କେବଳ ନିଜ ସମାସ୍କନ୍ଧଙ୍କ ସହ ମିଳାମିଶା କରିବା ଠିକ ବୋଲି ଅନେକେ ଭାବନ୍ତି । ହେଲେ ଏପରି ନ କରି ଉଚ୍ଚ ପଦସ୍ଥ ଅଧିକାରୀଙ୍କଠାରୁ ଆରମ୍ଭ କରି ନୀଚପଦସ୍ଥ ଅଧିକାରୀ ଏମିତିକି ପିଅନ ପର୍ଯ୍ୟନ୍ତ ସମସ୍ତଙ୍କ ସହ ଉତ୍ତମ ସମ୍ପର୍କ ରଖନ୍ତୁ । କାରଣ ସମସ୍ତଙ୍କ ପ୍ରତି ଭଲ ବ୍ୟବହାର ଆପଣଙ୍କୁ ପ୍ରତି ସମସ୍ତଙ୍କ ମନରେ ଏକ ଭଲ ଭାବନା ସୃଷ୍ଟି କରିଥାଏ ।

ପ୍ରଶଂସା କରିବା ଶିଖନ୍ତୁ: ନିଜର ସହକର୍ମୀଙ୍କ ଉନ୍ନତିରେ ଖୁସି ହୁଅନ୍ତୁ ଏବଂ ଭଲ କାମରେ ପ୍ରଶଂସା କରନ୍ତୁ । ଆଦୌ ଅସହିସ୍ଣୁ ହୁଅନ୍ତୁ ନାହିଁ କିମ୍ବା କେବେ କାହା ପଛରେ ସମାଲୋଚନା କରନ୍ତୁ ନାହିଁ । କାରଣ ଭଲ ବ୍ୟବହାର ହିଁ ସଭିଙ୍କ ପ୍ରିୟଭାଜନ କରାଇଥାଏ ।

ଏ ସପ୍ତାହର ପ୍ରଶ୍ନ

୧– ବ୍ରିକ୍ସ ସମ୍ମିଳନୀ ୨୦୨୫ ..... ଦେଶରେ ଆୟୋଜିତ ହେବ ?
୨– ପ୍ରେସର କୁକର୍‌ର ଉଦ୍ଭାବକ ..... ?
୩– ସ୍କଟ୍‌ଲାଣ୍ଡର ଜାତୀୟ ପଶୁ ..... ?
୪– ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସର ପ୍ରଥମ ମହିଳା ମୁଖ୍ୟ..... ?
୫– 'ବିପିନ୍: ଦି ମ୍ୟାନ୍ ବିହାଇଣ୍ଡ ଦି ୟୁନିଫର୍ମ' ପୁସ୍ତକ ..... ଲେଖିଛନ୍ତି ?

ଗତ ଥରର ଉତ୍ତର

୧ – ମିନିଷ୍ଟ୍ରି ଅଫ୍ ପାର୍ଲାମେଣ୍ଟାରି ଆଫାୟାର୍ସ
୨ – କଲିକତା
୩ – ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଅର୍ଗାନାଇଜେଶନ
୪ – କର୍ନାଟକ
୫ – ଓଡ଼ିଶା

ଉତ୍ତରଦାତା

ଶେଖ୍ ୟାକୁବ୍, ଗୋପ

ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

ଟପ୍ ୧୦

ପୃଥିବୀର ସୁନ୍ଦର ଜାତୀୟ ଉଦ୍ୟାନ

୧. ସ୍ନୋଡୋନିଆ..... ୱେଲ୍ସ
୨. ଗ୍ରାଣ୍ଡ କ୍ୟାନିୟନ..... ଆମେରିକା
୩. କ୍ରୁଗର ନ୍ୟାଶନାଲ ପାର୍କ..... ଦକ୍ଷିଣ ଆଫ୍ରିକା
୪. ଦେଓସାଇ ..... ପାକିସ୍ତାନ
୫. କାକାଡୁ ନ୍ୟାଶନାଲ ପାର୍କ..... ଅଷ୍ଟ୍ରେଲିଆ
୬. ହୋର୍ଟୋବାଗି..... ହଙ୍ଗେରୀ
୭. ଫ୍ଲିଟ୍‌ଭାଇସ୍ ଲେକ୍‌ସ..... କ୍ରୋଆସିଆ
୮. ମାଡେନ୍ ସାଲେ ନ୍ୟାଶନାଲ ହିଷ୍ଟୋରିକ୍ ପାର୍କ..... ସାଉଦି ଆରବ
୯. ସାଗରମଥା ନ୍ୟାଶନାଲ ପାର୍କ ..... ନେପାଳ
୧୦. ଇଗୁଆଜୁ ନ୍ୟାଶନାଲ ପାର୍କ ..... ଆର୍ଜେଣ୍ଟିନା, ବ୍ରାଜିଲ

ୟୁଥ୍ ଆଲର୍ଟ

ୱାଇଫାଇ ରାଉଟର କିଣୁଥିଲେ...

ବର୍ତ୍ତମାନ ଇଣ୍ଟରନେଟ୍ ବିନା କୌଣସି କାର୍ଯ୍ୟ ଚିନ୍ତାକରିବା କଷ୍ଟ ହୋଇପଡୁଛି । ଅଫିସ୍ ହେଉ ବା ଘରେ ସମସ୍ତେ ଇଣ୍ଟରନେଟ୍ ବ୍ୟବହାର କରୁଥିବାରୁ ଅନେକେ ଘରେ ୱାଇଫାଇ କନେକ୍ସନ ଲଗାଉଛନ୍ତି । ହେଲେ ଘରେ ୱାଇଫାଇ ଲଗାଇଲେ ସୁଦ୍ଧା ଭଲ ଭାବେ ନେଟ୍‌ୱର୍କ ନ ରହିବା କିମ୍ବା ସ୍ପିଡ୍ କମ୍ ରହିବା ଯୋଗୁ କେହି କେହି ବ୍ୟସ୍ତ ହେଉଥିବାର ଦେଖିବାକୁ ମିଳୁଛି । ଯଦି ଏଭଳି ସମସ୍ୟା ରହୁଛି ତେବେ ରାଉଟର କିଣିବା ବେଳେ କେତୋଟି କଥା ପ୍ରତି ଧ୍ୟାନ ଦିଅନ୍ତୁ...

▶▶ଅଧିକାଂଶ ରାଉଟର ୨.୪ ଗିଗାହର୍ଟଜ୍ ଏବଂ ୫ ଗିଗାହର୍ଟଜ୍ ଦୁଇଟି ଚ୍ୟାନେଲକୁ ସପୋର୍ଟ କରିଥାଏ । କିନ୍ତୁ ଯଦି ଆପଣ ନୂଆ କିଣୁଛନ୍ତି ତେବେ ୱାଇଫାଇ ୬ଇ ସପୋର୍ଟ ଥିବା ରାଉଟର କିଣନ୍ତୁ । ଏଥିରେ ସ୍ପିଡ୍ ଅଧିକ ରହିବା ସହ କନେକ୍ସନ ମଧ୍ୟ ଷ୍ଟେବଲ୍ ରହିଥାଏ ।

▶▶ଯଦି ୱାଇଫାଇରେ ଆଣ୍ଡ୍ରଏଡ୍ ବା ସ୍ମାର୍ଟଟିଭି ବ୍ୟବହାର କରୁଛନ୍ତି ତେବେ ୱାୟର୍ଡ ଇଥରନେଟ୍ କନେକ୍ସନ ବ୍ୟବହାର କରନ୍ତୁ । କାରଣ ଏହାକୁ ବ୍ୟବହାର କଲେ ୪କେ ଭିଡିଓ ଚାଲିବା ବେଳେ ବାରମ୍ବାର ବଫରିଙ୍ଗ୍ ସମସ୍ୟା ରହି ନ ଥାଏ । ଧ୍ୟାନ ଦିଅନ୍ତୁ ଯେପରି ନୂଆ ୱାଇଫାଇ ରାଉଟରରେ ଅତି କମ୍‌ରେ ୩ କିମ୍ବା ୪ଟି ଇଥରନେଟ୍ ପୋର୍ଟ ସୁବିଧା ରହିଥିବ ।

▶▶ଡବ୍ଲ୍ୟୁପିଏ୨ ପ୍ରୋଟୋକଲ୍ ବର୍ତ୍ତମାନ ଖୁବ୍ ପୁରୁଣା ହୋଇଗଲାଣି । ଏହା ୨୦୦୪ ମସିହାରେ ଆରମ୍ଭ ହୋଇଥିଲା । ଏହାକୁ ବ୍ୟବହାର କରିବା ବିଶେଷକରି ପବ୍ଲିକ୍ ୱାଇଫାଇରେ ସୁରକ୍ଷା ଦୃଷ୍ଟିରୁ ଠିକ୍ ନୁହେଁ । ତେଣୁ ୨୦୧୮ପରେ ଲଞ୍ଚ ହୋଇଥିବା ଡବ୍ଲ୍ୟୁପିଏ୩ ପ୍ରୋଟୋକଲ୍ ଦେଖି କିଣନ୍ତୁ । ଏହା ଆପଣଙ୍କ ରାଉଟର ଏବଂ ଡିଭାଇସ୍ ମଧ୍ୟରେ ଭଲ ଏନ୍‌କ୍ରିପ୍ସନ ଦେବ ।

▶▶ଅନେକ ରାଉଟରରେ ୟୁଏସ୍‌ବି ପୋର୍ଟ ସୁବିଧା ଥାଏ, ଯାହା ୟୁଏସ୍‌ବି ଡ୍ରାଇଭ୍ ପ୍ଲଗ୍ ଇନ୍ କରିବା ଏବଂ ନେଟ୍‌ୱର୍କ ଆକ୍ସେସ୍ କରିବାରେ ସାହାଯ୍ୟ କରିଥାଏ । ଏଭଳି ରାଉଟର କିଣିଲେ ଆପଣ ଫାଇଲ୍ ଟ୍ରାନ୍ସଫର୍ କରିବା ସହଜ ଏବଂ ଶୀଘ୍ର ହୋଇଥାଏ ।

ଜାଣନ୍ତୁ ଦୁନିଆ

ଇଣ୍ଡିଆନ୍ ରେଲ୍‌ୱେ

ଭାରତୀୟ ରେଳ ପରିବହନ ବ୍ୟବସ୍ଥା ପୃଥିବୀର ଏକ ପୁରାତନ ରେଳ ପରିବହନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ...

▶▶ଭାରତୀୟ ରେଳ ପରିବହନ ୧୮୫୩ ଏପ୍ରିଲ ୧୬ ତାରିଖରେ ଆରମ୍ଭ ହୋଇଥିଲା । ଭାରତର ପ୍ରଥମ ପାସେଞ୍ଜର ଟ୍ରେନ୍ ମୁମ୍ବାଇ ବୋରି ବନ୍ଦରଠାରୁ ଠାଣେ ପର୍ଯ୍ୟନ୍ତ ୩୪ କିଲୋମିଟର ଯାତ୍ରା କରିଥିଲା । ଏହି ପ୍ରଥମ ଟ୍ରେନ୍‌ର ଚାଳକ ଥିଲେ ସାହିବ, ସୁଲ୍‌ତାନ ଏବଂ ସିନ୍ଧ ।

▶▶ଭାରତରେ ପୃଥିବୀର ଉଚ୍ଚତମ ରେଲ୍‌ୱେ ବ୍ରିଜ୍ ରହିଛି ଜମ୍ମୁ-କଶ୍ମୀରର ଧାରଟ୍‌ରେ ଥିବା ଚେନାବ୍ ନଦୀ ଉପରେ, ଯାହାର ଉଚ୍ଚତା ନଦୀସ୍ତରଠାରୁ ୧୧୭୮ଫୁଟ୍ ।

▶▶ପୃଥିବୀର ସବୁଠାରୁ ଲମ୍ବା ପ୍ଲାଟଫର୍ମ ରହିଛି କର୍ନାଟକର ହୁବ୍‌ଲି ଜଙ୍କ୍‌ଶନ ରେଲ୍‌ୱେ ଷ୍ଟେଶନ୍‌ରେ, ଯାହାର ଲମ୍ବା ୧୫୦୭ ମିଟର । ତେବେ ଏହା ପୂର୍ବରୁ ଉତ୍ତର ପ୍ରଦେଶର ଗୋରଖପୁର ରେଲ୍‌ୱେ ଷ୍ଟେଶନ ନାମରେ ଏହି ରେକର୍ଡ ରହିଥିଲା, ଯାହାର ଲମ୍ବା ୧୩୬୬ ମିଟର ।

▶▶ୟୁନେସ୍କୋର ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ଇଣ୍ଡିଆନ ରେଲ୍‌ୱେ ସ୍ଥାନ ପାଇଛି । ବର୍ତ୍ତମାନ ଏଥିରେ ଦାର୍ଜିଲିଂ ହିମାଳୟାନ୍ ରେଲ୍‌ୱେ, ଛତ୍ରପତି ଶିବାଜୀ ଟର୍ମିନସ୍, ମୁମ୍ବାଇ, ନୀଳଗିରି ମାଉଣ୍ଟେନ୍ ରେଲ୍‌ୱେ ଏବଂ କଲ୍‌କା ଶିମ୍‌ଲା ରେଲ୍‌ୱେ ସ୍ଥାନ ପାଇଛି । ଖୁବ୍‌ଶୀଘ୍ର କାଙ୍ଗରା ଭ୍ୟାଲି ରେଲ୍‌ୱେ ଏବଂ ମାଥେରାନ୍ ଲାଇଟ୍ ରେଲ୍‌ୱେ ଏହି ଲିଷ୍ଟରେ ସାମିଲ ହେବାକୁ ଯାଉଛି ।

▶▶ମହାରାଷ୍ଟ୍ରର ନାଗପୁରଠାରେ ରହିଛି ଡାଇମଣ୍ଡ କ୍ରସିଂ ଅର୍ଥାତ୍ ଏଠାରେ ପୂର୍ବ-ପଶ୍ଚିମ ଏବଂ ଉତ୍ତର- ଦକ୍ଷିଣକୁ ଯାଉଥିବା ରେଳପଥ ଗୋଟିଏ ସ୍ଥାନରେ ଥିବାରୁ ଏକ ଡାଇମଣ୍ଡ ଆକୃତିର ଭ୍ରମ ସୃଷ୍ଟି କରିଥାଏ । ଏହି ସ୍ଥାନରେ ଟ୍ରେନ୍ ଯାଉଥିବାର ଦୃଶ୍ୟ ବେଶ୍ ଆକର୍ଷଣୀୟ । ଯେଉଁଥିପାଇଁ ରେଳ ବିଭାଗ ପକ୍ଷରୁ ଏହାର ନାମ ଡାଇମଣ୍ଡ କ୍ରସିଂ ବୋଲି ରଖାଯାଇଛି ।

▶▶ଭାରତର ସବୁଠୁ ଲମ୍ବା ରେଳପଥ ହେଉଛି କନ୍ୟାକୁମାରୀଠୁ ଦିବ୍ରୁଗଡ଼ । ଏହି ୪୧୮୯କିମି ଦୀର୍ଘ ରେଳପଥରେ ବିବେକ ଏକ୍ସପ୍ରେସ୍ ଯାତାୟାତ କରିଥାଏ । ସେହିପରି ନାଗପୁରଠାରୁ ଅଜ୍‌ନି ପର୍ଯ୍ୟନ୍ତ ୩କିମି ଲମ୍ବ ବିଶିଷ୍ଟ ରେଳପଥ ହେଉଛି ଭାରତର ସବୁଠାରୁ କ୍ଷୁଦ୍ର ରେଳପଥ ।

▶▶ଇଣ୍ଡିଆନ୍ ରେଲ୍‌ୱେର ଅଫିସିଆଲ୍ ମାସ୍କଟ୍ ହେଉଛି ହାତୀ, ଯାହାର ନାମ ଭୋଲୁ ।

▶▶ସବୁଠୁ ବିଳାସପୂର୍ଣ୍ଣ ଓ ଦାମୀ ଟ୍ରେନ୍ ପାଇଁ ମଧ୍ୟ ଇଣ୍ଡିଆନ୍ ରେଲ୍‌ୱେ ପୃଥିବୀ ପ୍ରସିଦ୍ଧ । ଏଠାରେ ରହିଛି ଦି ରୟାଲ୍ ରାଜସ୍ଥାନ ଅନ୍ ହ୍ୱିଲ୍ସ, ଦି ଗୋଲ୍ଡେନ୍ ଚାରିଅଟ୍, ଦି ମହାରାଜାସ୍ ଏକ୍ସପ୍ରେସ୍, ଦି ଡେକାନ୍ ଓଡ଼ିଶୀ ଏବଂ ପ୍ୟାଲେସ୍ ଅନ୍ ହ୍ୱିଲ୍ସ ଭଳି ୫ଟି ସୁପର ଲକ୍‌ଜୁରୀ ରୟାଲ୍ ଟ୍ରେନ୍ ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଫେବୃଆରୀ ୨୩/୨୦୨୫ Bhubaneswar, Sunday, February 23/ 2025

ଭାରତ-ପାକିସ୍ତାନ ମୁକାବିଲା ଆଜି

ଦୁବାଇ, ୨୨।୨ (ପି.ଟି.)

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ସବୁଠାରୁ ହେଭିୱେଟ ଲଢ଼େଇ ଭାରତ-ପାକିସ୍ତାନ ମୁକାବିଲା ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ଦୁବାଇ କ୍ରିକେଟ ଷ୍ଟାଡିୟମ ପ୍ରସ୍ତୁତ। ଉଭୟ ଦେଶର କ୍ରିକେଟ ପ୍ରେମୀଙ୍କ ମନରେ ନାହିଁ ନ ଥିବା ଉତ୍ସାହ। ଏଥିରେ ବିଜୟୀ ହୋଇ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ସେମିଫାଇନାଲରେ ପ୍ରବେଶ ଲକ୍ଷ୍ୟ ରଖିଛି। ମହମ୍ମଦ ରିଜୱାନଙ୍କ ପାକିସ୍ତାନ ଦଳ ପାଇଁ ଏହି ମ୍ୟାଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଭାରତ ନିକଟରୁ ହାରିଲେ ଦଳର ସେମିଫାଇନାଲ ପ୍ରବେଶ ଆଶା କ୍ଷୀଣ ହୋଇଯିବ। ତେଣୁ ଟୁର୍ନାମେଣ୍ଟରୁ ଶୀଘ୍ର ବିଦାୟକୁ ଏଡ଼ାଇବା ପାଇଁ ଏହି ଦଳ ନିଶ୍ଚିତ ଚେଷ୍ଟା କରିବ। ବାଂଲାଦେଶ ବିପକ୍ଷରେ ୬ ଉଇକେଟରେ ବିଜୟ ଫଳରେ ଭାରତର ମନୋବଳ ବହୁ ଉଚ୍ଚରେ ରହିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡଠାରୁ ୬୦ ରନରେ ହାରିବାପରେ ପାକିସ୍ତାନ ଆଶଙ୍କା ମଧ୍ୟରେ ରହିଛି।

ଦୁଇ ଉପମହାଦେଶୀୟ ଦଳ ମଧ୍ୟରେ ୨୦୧୭ ଫାଇନାଲରେ ଶେଷଥରପାଇଁ ମୁକାବିଲା ହୋଇଥିଲା। ଏଥିରେ ବିଜୟୀ ହୋଇ ପାକିସ୍ତାନ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚରୁ ପ୍ରେରଣା ହାସଲ କରି ରିଜୱାନଙ୍କ ଦଳ ଆଗାମୀ ମ୍ୟାଚରେ ଅବତୀର୍ଣ୍ଣ ହେବାକୁ ଲକ୍ଷ୍ୟ ରଖିଛି। ତେବେ ଏଥିପାଇଁ ଦଳକୁ ସବୁ ବିଭାଗରେ ଭଲ ପ୍ରଦର୍ଶନ କରିବାକୁ ହେବ। ଭାରତ-ପାକିସ୍ତାନ ମ୍ୟାଚ ସବୁବେଳେ କ୍ରିକେଟଠାରୁ ଊର୍ଦ୍ଧ୍ୱରେ ରହିଥାଏ। ଏଥିରେ ପ୍ରଶଂସକଙ୍କ ଭାବାବେଗ ଜଡ଼ିତ ରହିଥାଏ। ତେଣୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉଭୟ ଦଳର ଖେଳାଳି ଅତିରିକ୍ତ ଚାପର ବଶବର୍ତ୍ତୀ ହୋଇଥାନ୍ତି। ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଫର୍ମକୁ ଫେରୁଥିବା ସୂଚନା ମିଳିଛି। ଟସ୍ ଅର୍ଡରରେ ତାଙ୍କର ଦ୍ରୁତ ୪୧ ରନ ଭାରତକୁ ୨୨୯ ରନ ଟେଜ୍ କରିବାରେ ବିଶେଷ ସହାୟକ ହୋଇଥିଲା। ଶୁବମନ ଗିଲ୍ ୮ମ ଦିନକିଆ ଶତକ ହାସଲ କରି ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ସାଜିଥିଲେ। ଅନ୍ୟପକ୍ଷରେ ୩୨୦ ରନ ବିଜୟ ଲକ୍ଷ୍ୟକୁ ପିଛା କରୁଥିବାବେଳେ ବାବର ଆଜମଙ୍କ ୯୦ ବଲ୍‌ରୁ ୬୪ ରନ ସମାଲୋଚନାର ସରବ୍ୟ ହୋଇଥିଲା। ଆହତ ସମସ୍ୟା ଯୋଗୁ ଓପନର ଫଖର ଜମନ ଆସନ୍ତା ମ୍ୟାଚ ଖେଳିବେ ନାହିଁ। ତାଙ୍କ ସ୍ଥାନରେ ଇମାମ ଉଲ୍ ହକ୍ ଦଳରେ ସାମିଲ ହୋଇଛନ୍ତି। ତେବେ ମିଡିଲ ଅର୍ଡରରେ ଖୁସ୍‌ଦିଲ ଶାହାଙ୍କ ଆକ୍ରମଣାତ୍ମକ ୬୯ ରନ ଦଳପାଇଁ ଆଶା ସଞ୍ଚାର କରିଛି।

ପୂର୍ବ ମ୍ୟାଚରେ ବିରାଟ କୋହଲି ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ପାକିସ୍ତାନ ବିପକ୍ଷ ମ୍ୟାଚରେ ତାଙ୍କ ଉପରେ ସ୍ୱତଃ ନଜର ରହିବ। ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ତାଙ୍କଠାରୁ ପ୍ରଶଂସକ ଏକ ବଡ଼ ଇନିଂସ ଆଶା କରିବେ ନିଶ୍ଚିତ। ନ୍ୟୁଜିଲାଣ୍ଡ ବିପକ୍ଷରେ ଶାହିନ ଶାହା ଆଫ୍ରିଦୀଙ୍କ ନେତୃତ୍ୱାଧୀନ ଦଳର ବୋଲିଂ ଆକ୍ରମଣ ପ୍ରଭାବୀ ହୋଇ ନ ଥିଲା। ଅନ୍ୟପକ୍ଷରେ ଫିଟ୍ ହୋଇ ଦଳକୁ ଫେରିଥିବା ମହମ୍ମଦ ଶାମିଙ୍କ ନେତୃତ୍ୱରେ ଭାରତୀୟ ବୋଲିଂ ବାହିନୀ ଗତ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିଥିଲା। ନିଜେ ଶାମି ୫ ଉଇକେଟ ନେଇ ବିପକ୍ଷ ଦଳ ଗୁଡ଼ିକୁ ସଚେତନ କରାଇ ଦେଇଥିଲେ। ଆଇସିସିର ବଡ଼ ଟୁର୍ନାମେଣ୍ଟ ଗୁଡ଼ିକରେ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥାନ୍ତି। ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ସେ ଏକାକୀ ଲଢ଼େଇ କରିଥିଲେ। ଆଗାମୀ ମ୍ୟାଚରେ ଭାରତ ଏହାର ବିଜୟୀ କମ୍ବିନେଶନକୁ ଅପରିବର୍ତ୍ତିତ ରଖିବା ଆଶା କରାଯାଉଛି। ଏହା ହେଲେ ୩ ସ୍ପିନର କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କୁ ପୁଣି ପାକିସ୍ତାନ ବିପକ୍ଷରେ ଦେଖିବାକୁ ମିଳିବ।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ଶାମି, ଅର୍ଶଦୀପ ସିଂ, ହର୍ଷିତ ରାଣା, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ବରୁଣ ଚକ୍ରବର୍ତ୍ତୀ।

ପାକିସ୍ତାନ ଦଳ: ମହମ୍ମଦ ରିଜୱାନ (ଅଧିନାୟକ), ସଲମାନ ଅଲୀ ଆଘା, ବାବର ଆଜମ, ଫଖର ଜମନ, କମରାନ ଗୁଲାମ, ସୌଦ ଶକିଲ, ତାୟାବ ତାହିର, ଫହିମ ଅଶ୍ରଫ, ଖୁସଦିଲ ଶାହା, ଉସମାନ ଖାଁ ଅବ୍ରାର ଅହମଦ, ହାରିସ ରୌଫ, ମହମ୍ମଦ ହାସନ, ନସିମ ଶାହା, ଶାହିନ ଶାହା ଆଫ୍ରିଦୀ।



ଦୁବାଇ ଷ୍ଟାଡିୟମରେ ଶନିବାର ଅଭ୍ୟାସ ଅବସରରେ ଭାରତର ବିରାଟ କୋହଲି ଓ ପାକିସ୍ତାନର ବାବର ଆଜମ।

ଆଇସିସି ଚାମ୍ପିୟନ୍ସ ଟ୍ରଫି

(ଆଜିର ମ୍ୟାଚ)

ଭାରତ ବନାମ ପାକିସ୍ତାନ

ସ୍ଥାନ: ଦୁବାଇ,
ସମୟ: ଅପରାହ୍ନ ୨ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ସ୍ପୋର୍ଟ୍ସ୧୮

ସ୍ପିନ୍ ଉପରେ କୋହଲିଙ୍କ ଫୋକସ

ଦୁବାଇ,୨୨।୨(ପି.ଟି.)

ଭାରତୀୟ ସୁପରଷ୍ଟାର ବିରାଟ କୋହଲି ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ଲାଗି ନେଟ୍ସରେ ଝାଳବୁହା ପରିଶ୍ରମ କରିଛନ୍ତି। ଦଳ ଲାଗି ଧାର୍ଯ୍ୟ ହୋଇଥିବା ସମୟର ଏକ ଘଣ୍ଟା ପୂର୍ବରୁ କୋହଲି ନେଟ୍ସରେ ପହଞ୍ଚିଥିଲେ। ତାଙ୍କ ସହିତ ବ୍ୟାଟିଂ କୋଚ ସିତାଂଶୁ କୋଟାକ ଓ ଥ୍ରୋ ଡାଉନ ବିଶେଷଜ୍ଞ ନୁୱାନ ସେନେଭିରତ୍ନେ ଓ ଡି. ରଘୁଭେନ୍ଦ୍ର ଯୋଗ ଦେଇଥିଲେ। ଦଳର ଅନ୍ୟ ସଦସ୍ୟ ସେମାନଙ୍କର ୱାର୍ମଅପ ଆରମ୍ଭ କଲା ବେଳକୁ କୋହଲି ତାଙ୍କର ପ୍ରଥମ ନେଟ୍ସ ସେସନ ଶେଷ କରିସାରିଥିଲେ।

୩୬ ବର୍ଷୀୟ କୋହଲି ବାଂଲାଦେଶ ବିପକ୍ଷ ମ୍ୟାଚରେ ଲେଗ ସ୍ପିନର ରିଶାଦ ହୋସେନଙ୍କ ବଲରେ ଆଉଟ ହୋଇଥିଲେ। ଦିନିକିଆରେ ଲଗାତର ଷଷ୍ଠ ଥର ପାଇଁ ସେ ସ୍ପିନରଙ୍କ ବିପକ୍ଷରେ ଆଉଟ ହୋଇଥିଲେ। ପାକିସ୍ତାନ ବିପକ୍ଷ ମ୍ୟାଚରେ କୋହଲିଙ୍କୁ ଅବରାର ଅହମ୍ମଦ, ଖୁଶଦିଲ ଶାହା ଓ ସଲମାନ ଆଘାଙ୍କ ଭଳି ସ୍ପିନରଙ୍କ ସମ୍ମୁଖୀନ ହେବାକୁ ପଡ଼ିବ। ତେବେ ଶାହିନ ଶାହା ଆଫ୍ରିଦୀ, ହାରିସ ରୌଫ ଓ ନସିମ ଶାହାଙ୍କୁ ନେଇ ଗଠିତ ପେସ ଆକ୍ରମଣର ସମ୍ମୁଖୀନ ହେବା ଭାରତୀୟ ଦଳ ଲାଗି ମୁଖ୍ୟ ଚ୍ୟାଲେଞ୍ଜ ହୋଇପାରେ। କୋହଲି ଅନ୍ୟ ସାଥି ଖେଳାଳିଙ୍କଠାରୁ ଏକ ଘଣ୍ଟା ପୂର୍ବରୁ ଟ୍ରେନିଂ ଲାଗି ଆସିଥିଲେ ଏବଂ ସମସ୍ତଙ୍କ ପରେ ଗ୍ରାଉଣ୍ଡରୁ ଯାଇଥିଲେ। ନେଟ୍ସରେ ସେ ପ୍ରାୟତଃ ସ୍ପିନର ବିପକ୍ଷରେ ବ୍ୟାଟିଂ କରିଥିଲେ।

ଟସ୍ ଗୁରୁତ୍ୱପୂର୍ଣ୍ଣ ହେବ ନାହିଁ

ଦୁବାଇ,୨୨।୨(ପି.ଟି.)

ଏଠାକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ୩୦୦ରୁ ଅଧିକ ଖୁବ୍ ଭଲ ସ୍କୋର ହେବ ଏବଂ କାକର ପ୍ରଭାବ ନ ଥିବାରୁ ପଛରେ ବ୍ୟାଟିଂ କରୁଥିବା ଦଳ ଚାପରେ ରହିବ। ଭାରତୀୟ ଦଳର ଉପ ଅଧିନାୟକ ଶୁବମନ ଗିଲ୍ ପାକିସ୍ତାନ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ପୂର୍ବରୁ ଏହା କହିଛନ୍ତି। ଆଇସିସି ଇଭେଣ୍ଟରେ ଏବଂ ନିକଟ ଅତୀତରେ ପାକିସ୍ତାନ ବିପକ୍ଷରେ ଭାରତୀୟ ଦଳ ପ୍ରାଧାନ୍ୟ ବିସ୍ତାର କରିଥିବାରୁ ଏହି ମ୍ୟାଚକୁ ନେଇ ଖୁବ ଚର୍ଚ୍ଚା ହେଉଛି।

ଆମେ ନିଶ୍ଚିତ ଭାବେ ସକାରାତ୍ମକ ଓ ଆକ୍ରମଣାତ୍ମକ କ୍ରିକେଟ ଖେଳିବାକୁ ଚାହିଁବୁ। ଏହି ପିଚ୍‌ରେ ୩୦୦ରୁ ୩୨୫ ଖୁବ୍ ଭଲ ସ୍କୋର ହେବ। ମିଡିଲ ଓଭରରେ ଯେଉଁ ଦଳ ଭଲ ବ୍ୟାଟିଂ କରିବ, ସେହି ଦଳର ଜିତିବାର ଅଧିକ ସମ୍ଭାବନା ରହିବ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗିଲ୍ କହିଛନ୍ତି। କାକର ଦୁବାଇରେ ଅତୀତରେ ବଡ଼ ଭୂମିକା ଗ୍ରହଣ କରିଛି। ହେଲେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ମ୍ୟାଚରେ ଏହା ଗୁରୁତ୍ୱପୂର୍ଣ୍ଣ ହେବ ନାହିଁ। ଏ ସମ୍ପର୍କରେ ଗିଲ୍ କହିଛନ୍ତି ଯେ କାକର ନ ଥିବାରୁ ଟସ୍ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ପଛରେ ବ୍ୟାଟିଂ କରୁଥିବା ଦଳ ଅଧିକ ଚାପରେ ରହିବ।

ଭାରତୀୟ ମହିଳା, ପୁରୁଷ ଦଳ ବିଜୟୀ

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଶନିବାର ଭାରତ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମହିଳା ହକି ମ୍ୟାଚ। (ଫଟୋ: ବିକାଶ ନାୟକ)

କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଭୁବନେଶ୍ୱର, ୨୨।୨ (ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଶନିବାର ଭାରତୀୟ ମହିଳା ଓ ପୁରୁଷ ଦଳ ବିଜୟ ହାସଲ କରିଛି। ଏକ ରଟର୍ନ ଲେଗ୍ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଜର୍ମାନୀକୁ ୧-୦ ଗୋଲରେ ହରାଇ ଦେଇଛି। ୧୨ଶ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନରରୁ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ ତାରକା ଡ୍ରାଗ୍ ଫ୍ଲିକର ଦୀପିକା। ୬ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୭ ପଏଣ୍ଟ ପାଇ ଭାରତ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି।

ନେଦରଲାଣ୍ଡ୍ସ ୬, ଇଂଲଣ୍ଡ 0

ଅନ୍ୟ ଏକ ମହିଳା ବିଭାଗ ମ୍ୟାଚରେ ନେଦରଲାଣ୍ଡ୍ସ ୬-୦ ଗୋଲରେ ଇଂଲଣ୍ଡକୁ ହରାଇ ଦେଇଛି। ନେଦରଲାଣ୍ଡ୍ସ ପକ୍ଷରୁ ଭିନ ମାର୍ଜିନ ୨ୟ, ଜୋସଜେ ବର୍ଗ ୩୫, ଭାନ୍ ଡର୍ ଏଲେଷ୍ଟ ଫେ ୩୯, ଫେଲିସେ ଆଲବର୍ସ ୪୫, ଫ୍ରେଡରିକ୍ ମାଟ୍‌ଲା ୫୦ ଓ ଏଲିନେ ଜାନସେନ ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ନେସରଲାଣ୍ଡ୍ସର ଏହାଥିଲା ୬ ମ୍ୟାଚରୁ ୫ମ ବିଜୟ।

ପୁରୁଷ ବିଭାଗ ପ୍ରୋ ଲିଗ୍ ମ୍ୟାଚରେ ଭାରତ ୪-୦ ଗୋଲରେ ଆୟର୍ଲାଣ୍ଡକୁ ହରାଇ ଦେଇଛି। ଘରୋଇ ଦର୍ଶକଙ୍କ ସମର୍ଥନରେ ପୂରା ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଭାରତ। ୧୪ତମ ମିନିଟରେ ଭାରତୀୟ ଦଳର ଓଡ଼ିଶା ଖେଳାଳି ନିଲମ ସଞ୍ଜୀପ ଖେସ୍ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ଭାଗରେ ଭାରତ ୨ଟି ଗୋଲ ଦେଇଥିଲା। ୨୪ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ମନଦୀପ ସିଂ ଏବଂ ୨୮ତମ ମିନିଟରେ ଅଭିଷେକ ଏକ ଫିଲ୍ଡ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନ ୩-୦ରେ ପହଞ୍ଚି ଯାଇଥିଲା। ୩୪ତମ ମିନିଟରେ ଶମଶେର ସିଂ ଆଉ ଏକ ଗୋଲ ସ୍କୋର କରିଥିଲେ। ୬ ମ୍ୟାଚରୁ ୪ର୍ଥ ବିଜୟ ସହ ଭାରତ ୧୨ ପଏଣ୍ଟ ପାଇ ଟେବୁଲର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି।

ଆୟର୍ଲାଣ୍ଡ ବିପକ୍ଷରେ ବିଜୟରେ ଉଲ୍ଲସିତ ଭାରତୀୟ ପୁରୁଷ ହକି ଦଳ।

କଳିଙ୍ଗ ଷ୍ଟାଡିୟମରେ ବଲ୍ ପାଇଁ ନେଦରଲାଣ୍ଡ୍ସ ଓ ଇଂଲଣ୍ଡ ମହିଳା ହକି ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ

କମିଶନରେଟ୍ ପୋଲିସ ବିଜେତା

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୧୦ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ଏକ ପ୍ରଦର୍ଶନୀ ମ୍ୟାଚରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟସ ଆସୋସିଏଶନ (ଓସ୍‌ଜା) ବିପକ୍ଷରେ କମିଶନରେଟ୍ ପୋଲିସ ବିଜୟୀ ହୋଇଛି। ସତୀଶ ରାଓଙ୍କ ଶତକ ସହାୟତାରେ ପୋଲିସ ଟିମ୍ ନିର୍ଦ୍ଧାରିତ ୧୬ ଓଭରରେ ୨ ଉଇକେଟ ହରାଇ ୨୧୨ ରନ କରିଥିଲା। ସତୀଶ ୧୧୧ ରନକରି ଅପରାଜିତ ରହିଥିବାବେଳେ ଅଧିନାୟକ ସଞ୍ଜୀବ ଶତପଥୀ ୩୮ ଓ ସ୍ମୃତି ୨୯ ରନ କରିଥିଲେ। ବିପକ୍ଷ ଦଳର ବିମଳ କୁମାର ରାଉଳ ୨ଟି ଯାକ ଉଇକେଟ ନେଇଥିଲେ। ଜବାବରେ ଓସ୍‌ଜା ଦଳ ୧୫.୫ ଓଭରରେ ୯୨ ରନରେ ସମସ୍ତ ଉଇକେଟ ହରାଇଥିଲା। ଦୀପ୍ତି ରଞ୍ଜନ ସାମଲ ୨୭, ପ୍ରଫୁଲ୍ଲ ସାହୁ ୨୬ ଓ ତୁଷାର ସେନାପତି ୨୩ ରନ କରିଥିଲେ। ଶତକୀୟ ଇନିଂସ ପାଇଁ ସତୀଶଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓସ୍‌ଜା ସଭାପତି ସନ୍ଦିପ ମିଶ୍ର ଓ ସମ୍ପାଦକ ସୁରେଶ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଭାଜପା ନେତା ସମୀର ମହାନ୍ତି, ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି କୁନ୍ଦନ ରଥ, ଟୁର୍ନାମେଣ୍ଟ କମିଟି ସହ ଅଧ୍ୟକ୍ଷ ଅଶୋକ ପାତ୍ର, ଭୁବନେଶ୍ୱର ବାର୍ ସମ୍ପାଦକ ଦୀପକ ଦାସ, ଯୁଗ୍ମ ସମ୍ପାଦକ ଅନ୍ତର୍ଯାମୀ ବିଶ୍ୱାଳ, ଟୁଲିଆ ଚୌଧାରୀ, ନିହାର ସେଠୀ, ବିଶ୍ୱରଞ୍ଜନ ମହାନ୍ତି, ରାଜ କିଶୋର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ପ୍ରଦର୍ଶନୀ ମ୍ୟାଚରେ ବିଜୟୀ କମିଶନରେଟ ପୋଲିସ ଦଳ ଅତିଥିଙ୍କ ସହ।

ଜାତୀୟ ସିନିୟର କବାଡ଼ି

ସର୍ଭିସେସ୍ ଓ ପଞ୍ଜାବ ସେମିଫାଇନାଲରେ

କଟକ,୨୨।୨(କାର୍ତ୍ତିକ ସାହୁ)

ଓଡ଼ିଶା କବାଡ଼ି ସଂଘ ଦ୍ୱାରା ଆୟୋଜିତ ତଥା ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା ୭୧ତମ ଜାତୀୟ କବାଡି ଚାମ୍ପିୟନଶିପ୍ ୨୦୨୫ର ତୃତୀୟ ଦିବସରେ ପ୍ରିକ୍ୱାର୍ଟର ଏବଂ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଛି।

ସୂଚନାନୁସାରେ, ପ୍ରିକ୍ୱାର୍ଟର ମ୍ୟାଚରେ ତାମିଲନାଡୁକୁ ହରିୟାଣା ୫ ପଏଣ୍ଟରେ, ମଧ୍ୟପ୍ରଦେଶକୁ ଭାରତୀୟ ସର୍ଭିସେସ ଦଳ ୩୫ ପଏଣ୍ଟରେ, ବିହାରକୁ ପଞ୍ଜାବ ୨୯ ପଏଣ୍ଟରେ, ଓଡ଼ିଶାକୁ ମହାରାଷ୍ଟ୍ର ୨୩ ପଏଣ୍ଟରେ, କର୍ନାଟକକୁ ଭାରତୀୟ ରେଳ ୨୧ ପଏଣ୍ଟରେ, ହିମାଚଳ ପ୍ରଦେଶକୁ ରାଜସ୍ଥାନ ୧ ପଏଣ୍ଟରେ, ତେଲଙ୍ଗାନାକୁ ଉତ୍ତର ପ୍ରଦେଶ ୨୩ ପଏଣ୍ଟରେ, ଚଣ୍ଡିଗଡ଼କୁ ଗୋଆ ୧୨ ପଏଣ୍ଟରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି।

ସେଇଭଳି ସନ୍ଧ୍ୟାରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭାରତୀୟ ସର୍ଭିସେସ ଦଳ ହରିୟାଣାକୁ ୧୧ ପଏଣ୍ଟରେ, ପଞ୍ଜାବ ମହାରାଷ୍ଟ୍ରକୁ ୯ ପଏଣ୍ଟରେ ପରାସ୍ତ କରି ସେମିଫାଇନାଲକୁ ଯାଇଛି। ସମସ୍ତ ମ୍ୟାଚ ଚିତ୍ତାକର୍ଷକ ଓ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲାବେଳେ ଦର୍ଶକମାନେ ଉତ୍କଣ୍ଠାର ସହ ଉପଭୋଗ କରିଥିଲେ।

ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଗକୁ ଓଡ଼ିଶା ଆହୁରି ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ା କରିବା ପାଇଁ ଆଗଭର ହେବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଡିସିପି ଜଗମୋହନ ମୀନା, ବିଧାୟିକା ସୋଫିଆ ଫିରଦୋଶ, ରୁଚି ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ଅଭିନେତା ଶ୍ରୀତମ ଦାସ, ଯୁବନେତା ସତ୍ୟବ୍ରତ ମିଶ୍ରଙ୍କ ସମେତ ଅନ୍ତର୍ଜାତୀୟ ଓ ଜାତୀୟ ସଂଘର ପ୍ରତିନିଧିମାନେ ଯୋଗଦେଇ ଓଡ଼ିଶାର ଆୟୋଜନକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଓଡ଼ିଶା ସମସ୍ତଙ୍କ ପାଇଁ ଉଦାହରଣ ହୋଇରହିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ସବୁ ରାଜ୍ୟର କବାଡି ସଂଘ ସଭାପତି, ସଂପାଦକ, ମ୍ୟାଚ ରେଫରି ଓ ଅଫିସିଆଲମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସଂଘର ଯୁଗ୍ମ ସଂପାଦକ ସୂର୍ଯ୍ୟକାନ୍ତ ମହାନ୍ତିଙ୍କ ସମେତ ବୀରେନ୍ଦ୍ର ସ୍ୱାଇଁ, ପଦ୍ମଚରଣ ପ୍ରଧାନ, ଜ୍ଞାନରଞ୍ଜନ ବେହେରା, ପ୍ରକାଶ କୁମାର ସାହୁ, କେ. ମାଧବ ରାଓ, ସରୋଜ ସେଠୀ, ସତ୍ୟପ୍ରକାଶ ଦାସ, ରାମଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲାସ ବେହୁରା, ସୌମ୍ୟଜିତ୍ ପରିଡ଼ା, ଜ୍ଞାନରଞ୍ଜନ ରାୟ, ସନ୍ତୋଷ ନାୟକ, ପତିତପାବନ ପଣ୍ଡା, ଅମୃତରଂଜନ ଦାଶ, ପ୍ରଦୀପ ସାହୁ, ଦୀପ୍ତି ଓ ପ୍ରଶ୍ନରଞ୍ଜନ ବେହେରା ଉପସ୍ଥିତ ଥିଲେ।

ରେଲୱେ-କର୍ନାଟକ ମ୍ୟାଚର ଏକ